ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ନଭେମ୍ବର ୨୦୨୩ ସଂଖ୍ୟା

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଦୂରଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଦୀପାବଳୀ ପର୍ବ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **ଗଳ୍ପ ବିଭାଗ** | | **୨୫** |
| ଅନେକ କଳାଛାଇ - ୭ | ଅଶୋକ ବିଶ୍ୱାଳ | ୨୬ |
| କାଳୀଙ୍କ କରୁଣା ନ ହେଉ ଊଣା | ସୁନନ୍ଦା ମହାନ୍ତି | ୪୧ |
| ବ୍ରେସଲେଟ୍ ଓ ବହିର କାହାଣୀ | ରଘୁନାଥ ଧଳସାମନ୍ତ | ୪୪ |
| ବସନ୍ତ ଦାଦା | ବାସନ୍ତୀ ମଞ୍ଜରୀ ହନୁମାନ | ୪୮ |
| ମାଟି ପିତୁଳା | ରୁଦ୍ରକାନ୍ତ ରାଉତରାୟ | ୫୩ |
| **କବିତା ବିଭାଗ** | | **୬୪** |
| କିଏ ତୁମେ ପ୍ରିୟତମ | ଶିବ ନାରାୟଣ ଦାଶ | ୬୫ |
| ଆମ ଗାଁ (୪) | ସ୍ୱର୍ଗତ ମାୟାଧର ଦାଶ | ୬୭ |
| ହୋ ଭଗତେ | ପ୍ରଶାନ୍ତ କୁମାର ନାଥ | ୭୨ |
| ନୀଳାଚଳ ନିବାସୀ | ସତ୍ୟ ନାରାୟଣ ମିଶ୍ର | ୭୫ |
| ନୀଳ ଆଉ ଖାଲି ନୀଳ | ଆଶୁତୋଷ ମେହେର | ୭୬ |
| ବାଲି | ଶିବ ପ୍ରସାଦ ଚାନ୍ଦ | ୭୭ |
| ମାଆ ପରି କିଏ ହେବ | ନୀଳମଣି ଚାନ୍ଦ | ୭୮ |
| କୁଆଁର ପୂନେଇଁ | ହରେରାମ ପଣ୍ଡା | ୭୯ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମହାନଦୀ | ସୁହଂସ ଭୋଇ | ୮୧ |
| ନୀରବ ବେଦନା | ଦେବାର୍ଚ୍ଚନ ମେହେର | ୮୨ |
| ଭାରି ବଢ଼ିଆ | ରବିନାରାୟଣ ମିଶ୍ର | ୮୩ |
| ଅକବି ମଣିଷ | ଶିଶିର କୁମାର ପଣ୍ଡା | ୮୪ |
| ସମୟ | ସୁରାତ୍ରୀ ପ୍ରଧାନ | ୮୫ |
| ତମେ ମୋତେ କଥା ଦେଇଥିଲ ମାନୀ | ବିଶ୍ୱନାଥ କର | ୮୬ |
| କ'ଣ ହେଲା କି ? | ନିରଞ୍ଜନ ସାହୁ | ୮୯ |
| ସେଇ ଅନ୍ଧାର | କୀର୍ତ୍ତନ ସାହୁ | ୯୦ |
| ଶେଷ କଥା | ବିନୟ ମହାପାତ୍ର | ୯୨ |
| ସ୍ମାଇଲ୍ ଖୋଜୁଛି ନିଦ ମାଉସୀ | ରଞ୍ଜିତା ରାଉଳ | ୯୬ |
| ଅନ୍ତିମ ପ୍ରେମ | ପ୍ରଭାସ କୁମାର ମହାପାତ୍ର | ୯୮ |
| ଦେବୀ ଦଶଭୁଜା | ବିକାଶ କୁମାର ହୋତା | ୯୯ |
| ଜଗତେ ନଥାନ୍ତା ଦୁଃଖ | ଦାସ କମଳ କୁମାର | ୧୦୧ |
| ବାପା ହେବାପରେ | ବିଶ୍ୱଜିତ ନାୟକ | ୧୦୨ |
| ରାତିର ଅନ୍ଧକାର | ପ୍ରଗନ୍ କୁମାର ପାତ୍ର | ୧୦୩ |
| ଆସକ୍ତି ହରିଲେ ମିଳିବ ସୁଖ | ପଙ୍କଜ କୁମାର ମଙ୍ଗଳ | ୧୦୪ |
| ଚାଲିଗଲ ଯେବେ ତୁମେ | ବର୍ଷାରାଣୀ ମହାମଲ୍ଲିକ | ୧୦୬ |
| ଜୟ ମାଆ ଶ୍ୟାମାକାଳୀ | ନଳିନୀ ଦାଶ | ୧୦୮ |
| ଆତ୍ମା | ବିନୟାନନ୍ଦ ବସ୍ତ୍ରସ୍ୟ | ୧୧୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପ୍ରେମ ଯାତନା | ଜୟଦେବ ମାଝୀ | ୧୧୩ |
| ମାଆ | ସରୋଜିନୀ ମିଶ୍ର | ୧୧୪ |
| ଷଠି ଘର ମୋର କେଡ଼େ ସୁନ୍ଦର | ତ୍ରିନାଥ ନନ୍ଦୀ | ୧୧୬ |
| ବାପା | ସୀମା କାନୁନ୍‌ଗୋ | ୧୧୮ |
| ସବୁଠୁ ଭଲ ମୋ ବାପା | ହିମାଂଶୁ ଶେଖର ବିଶ୍ୱାଳ | ୧୧୯ |
| ସବୁଠୁ ଭଲ ମୋ ବାପା | ଅହଲ୍ୟା ଦାଶ | ୧୨୧ |
| ଧର୍ମର ସାରଥୀ | ରଞ୍ଜନ କୁମାର ପଣ୍ଡା | ୧୨୩ |
| ଅଭୁଲା ସ୍ମୃତି | ନନ୍ଦିତା ବଢ଼ାଇ | ୧୨୪ |
| ଭାବ ବୁଝିଗଲେ ମନ ପାଇଗଲ | ତାରା ପ୍ରସାଦ ଜେନା | ୧୨୫ |
| ନାରୀ ତୁ ଗୃହଲକ୍ଷ୍ମୀ | ସ୍ୱାଗତିକା ସାହୁ | ୧୨୭ |
| ତୀର୍ଥଭୂମି | ବନ୍ଦନା ମହାପାତ୍ର | ୧୨୯ |
| ଖାଣ୍ଟି ଗୁଆଘିଅ | ଚିତ୍ରାରାଣୀ ପାତ୍ର | ୧୩୦ |
| ଭଗ୍ନ ସ୍ତମ୍ଭ | ଉମାକାନ୍ତ ଦାସ | ୧୩୨ |
| ଧେତ୍ ତୁମେ ବଡ଼ ଦୁଷ୍ଟ | ସତ୍ୟ ନାରାୟଣ ସାହୁ | ୧୩୪ |
| ଧେତ୍ ତୁମେ ବଡ଼ ଦୁଷ୍ଟ | ଦେବେନ୍ଦ୍ର ନାୟକ | ୧୩୫ |
| ଧେତ୍ ତୁମେ ବଡ଼ ଦୁଷ୍ଟ | ନୂତନ କୁମାର ବେହେରା | ୧୩୬ |
| ଧେତ୍ ତୁମେ ବଡ଼ ଦୁଷ୍ଟ | ରାଧାଶ୍ୟାମ ମହାନ୍ତି | ୧୩୮ |
| କିଣି କି ପାରିବ ସୁଖ ଶରଧା | ଡାନଶ୍ରୀ ପାଣିଗ୍ରାହୀ | ୧୩୯ |
| କିଣି କି ପାରିବ ସୁଖ ଶରଧା | ଗୀତାଞ୍ଜଳୀ ଭୂୟାଁ | ୧୪୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କିଣି କି ପାରିବ ସୁଖ ଶରଧା | କୁମୁଦିନୀ ପତି | ୧୪୧ |
| କିଣି କି ପାରିବ ସୁଖ ଶରଧା | ରଶ୍ମିତା ରାଉଳ | ୧୪୩ |
| ନିଃସଙ୍ଗ ଜୀବନ | ଲତା ବେହେରା | ୧୪୫ |
| ନିଃସଙ୍ଗ ଜୀବନ | ସୁବାସ ଚନ୍ଦ୍ର ତାରିଣୀ | ୧୪୭ |
| ହୁଅନ୍ତି କି ଶିଶୁଟିଏ | ବୀରେନ୍ଦ୍ର କୁମାର ସାହୁ | ୧୪୯ |
| କବିତାର ଜନ୍ମ | ଭାରତୀ ହୋତା | ୧୫୦ |
| ହୋଇପାରେନି ସେ କାହାଠି ଋଣୀ | ବିନୋଦିନୀ ଦାଶ | ୧୫୨ |
| ମୁଁ ବଞ୍ଚିବି | କିରନ୍ ସ୍ୱାଇଁ | ୧୫୪ |
| ଅନନ୍ତ ପ୍ରେମ | ବିଶ୍ୱ ରଞ୍ଜନ ମହାନ୍ତି | ୧୫୫ |
| ଜନ୍ମ ଓ ମୃତ୍ୟୁ | ଡଃ ମନୋରଞ୍ଜନ ବିଷୋୟୀ | ୧୫୬ |
| ବେସାହାରା ମୁଁ ଯେ... | ତୃପ୍ତିମୟୀ ଭୋକ୍ତା | ୧୫୭ |
| ଅବୁଝା | ଅମୃତନାରାୟଣ ଶତପଥୀ | ୧୫୮ |
| ପଞ୍ଝ ରଣ | ଦଣ୍ଡାସି ପ୍ରଧାନ | ୧୫୯ |
| ଚର୍ଚ୍ଚା | ଶ୍ରୀକ୍ଷେତ୍ର ସୁନ୍ଦର | ୧୬୧ |
| ମାଆ କହୁଥିଲା | ସାଇଶ୍ରୀ ସୌମିତ୍ରୀ ହରପ୍ରସାଦ | ୧୬୨ |
| ସମ୍ପର୍କ ରଖନାହିଁ | ଆଶୁତୋଷ ଦେବୀପ୍ରସାଦ ରାଉତ | ୧୬୩ |
| **ଲୋକଭାଷା ବିଭାଗ** | | **୧୬୭** |
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୧୬୮ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଗଣତନ୍ତ୍ର ଇହାଛିନ୍ ମୁର୍ଦାର୍ ଆଏ | ସୁନୀଲ କୁମାର ଅଗସ୍ତି | ୧୭୧ |
| **ପ୍ରବନ୍ଧ ବିଭାଗ** | | **୧୭୩** |
| ନବରାତ୍ରର ନବମାତୃକା | ବିଶ୍ୱେଶ୍ୱର ମାଝୀ | ୧୭୪ |
| ଭାରତ ମଣ୍ଡପମ୍‌ରୁ ପ୍ରଭାବୀ ବାର୍ତ୍ତା | ସଞ୍ଜୀବ କୁମାର ଦାସ | ୧୭୮ |
| କବୟିତ୍ରୀ ସୁଭଦ୍ରା କୁମାରୀ ଚୌହାନ୍ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୮୩ |
| ଖୋଜି ପାଇବାର ମଣି ଉପନ୍ୟାସ "କୁନିବଣି" | କୁଞ୍ଜ ବିହାରୀ ସାହୁ | ୧୮୭ |
| ଦୁର୍ଗାଙ୍କ ଅନ୍ୟରୂପ ନାରୀ... | ପ୍ରଭାସ କୁମାର ମହାପାତ୍ର | ୨୦୭ |
| ଭସାଣି ଚିହ୍ନାର | ବାଦଲ ପଲେଇ | ୨୧୦ |
| ଓଡ଼ିଆ ଭାଷାର ବିକାଶ ଓଡ଼ିଶାର ବିକାଶ | ତନିଶା ବିଷୋଇ | ୨୧୫ |
| ବନ୍ଦେ ଉତ୍କଳ ଜନନୀ | ସଂଯୁକ୍ତା ସାହୁ | ୨୧୮ |
| ବନ୍ଦେ ଉତ୍କଳ ଜନନୀ | ଜନରଞ୍ଜନ ପ୍ରଧାନ | ୨୨୦ |
| ବନ୍ଦେ ଉତ୍କଳ ଜନନୀ | ସବିତା ଜେନା | ୨୨୪ |
| ବନ୍ଦେ ଉତ୍କଳ ଜନନୀ | ପୁଷ୍ପଲତା ମିଶ୍ର | ୨୨୭ |
| ବନ୍ଦେ ଉତ୍କଳ ଜନନୀ | ରୀନା ସେଠୀ | ୨୩୨ |
| ବନ୍ଦେ ଉତ୍କଳ ଜନନୀ | ନଳିନୀପ୍ରଭା ମିଶ୍ର | ୨୩୪ |
| ହରେକୃଷ୍ଣ ମହତାବ | ଆଶୁତୋଷ ନାୟକ | ୨୩୭ |
| ବିଧାନ ସୌଧ - ଲୋକସେବା ଭବନ | ପଙ୍କଜ କୁମାର ପାଣିଗ୍ରାହୀ | ୨୪୩ |
| ମୋ ଅଞ୍ଚଳର କଳାକୃତି | ଗୌରୀ ପଣ୍ଡା | ୨୪୯ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କୁନି ପ୍ରତିଭା "ଶେଖର" | ରାମଚନ୍ଦ୍ର ପ୍ରଧାନ | ୨୫୨ |
| ଜୀବନର ଅର୍ଥ କଣ | ଅସିତ ମହାନ୍ତି | ୨୫୫ |
| ନାମ | ଗୌତମ ନାୟକ | ୨୫୮ |
| ବିଫଳତାର ଜୀବନ ଉଆଁସ | ବିଜୟ କୁମାର ସାହୁ | ୨୬୧ |
| ବିଶେଷ ସୂଚନା | | ୨୬୩ |



Amazon Music · AntennaPod · Anytime Player · Apple Podcasts · Bullhorn · Castamatic · Castbox · Castro · Curiocaster · Fountain

Goodpods · Google Podcasts · Apple iTunes · Listen Notes · Moon FM · Overcast · Player FM · Pocket Casts · Podbean · Podcast Addict

Podcast Index · Podcast Guru · Podcast Republic · Podchaser · Podfriend · Podknife · podStation · Podverse · Sonnet · Spotify

Steno.fm · Subscribe on Android · Subscribe by email · RSS feed

ଆହ୍ୱାନ ଇ-ପତ୍ରିକାର ପ୍ରତିଷ୍ଠିତ ପୋଡ଼କାଷ୍ଟ ସେବା ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ନିଜ ଲିଖିତ କୃତିକୁ ଅପଲୋଡ୍ କରିବାକୁ ଚାହୁଁଛନ୍ତି କି ? ଆମ ସହ ହ୍ୱାଟସ୍ଆପ୍ ଦ୍ୱାରା ସମ୍ପର୍କ କରନ୍ତୁ । ବିଶେଷ ସୂଚନା ପାଇଁ ବିବରଣୀ ପୁସ୍ତିକା ଆମ ସାଇଟ୍ www.aahwaan.com ରୁ ଡାଉନଲୋଡ୍ କରନ୍ତୁ କିମ୍ବା ହ୍ୱାଟସ୍ଆପ୍ ମାଧ୍ୟମରେ ପ୍ରାପ୍ତ କରନ୍ତୁ ।

ବି.ଦ୍ର.: ଏହା ଏକ ଦେୟଯୁକ୍ତ ସେବା ଅଟେ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

**https://www.youtube.com/@aahwaan**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଶ୍ରଦ୍ଧେୟ ପାଠିକା ପାଠକ ତଥା ସାହିତ୍ୟିକ ମାନଙ୍କୁ ସଶ୍ରଦ୍ଧ ସମ୍ମାନ ଜଣାଇ ଉପସ୍ଥାପନ କରୁଛି ଚଳିତ ମାସର ଆହ୍ୱାନ ଇ-ପତ୍ରିକାର ଏହି ସଦ୍ୟତମ ସଂସ୍କରଣ । ବର୍ଷର ସବୁଠାରୁ ଅଧିକ ଉତ୍ସବମୁଖର ସମୟରେ ଆହ୍ୱାନ ପତ୍ରିକାର ପ୍ରକାଶନ ଆପଣ ମାନଙ୍କୁ ଅଧିକ ଆମୋଦିତ କରିବ ଏବଂ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଆପଣଙ୍କ ଆକର୍ଷଣକୁ ଅଧିକ କରିବ ବୋଲି ଆଶା ନେଇ ଏହି ସଂସ୍କରଣ ଉପସ୍ଥାପିତ । ବାର୍ଷିକ ପାର୍ବଣର ପର୍ବ ଦଶହରା ସଦ୍ୟ ସମାପିତ ହୋଇଥିବା ବେଳେ ଆଉ ଅଳ୍ପଦିନ ପରେ ଆଲୋକର ପର୍ବ ଦୀପାବଳୀ ତଥା କାଳୀ ପୂଜା ଆୟୋଜିତ ହେବାର ସମୟ ଉପନୀତ । ବିଶ୍ୱରେ ଯୁଦ୍ଧର ବିଭୀଷିକା ବ୍ୟାପ୍ତ ହେଉଥିବା ସମୟରେ ଦିନିକିଆ ଦୀପାବଳୀ ସମୟରେ କିନ୍ତୁ ବାଣ ଫୁଟାଇବାକୁ ବାରଣ କରିବା ଉଦ୍ଦେଶ୍ୟରେ ବୁଦ୍ଧିଜୀବି ମାନେ ନୁଆ ନୁଆ ଉପଦେଶ ଉପସ୍ଥାପନ କରିବାକୁ ଆଗେଇ ଆସିଲେଣି । ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହିଭଳି ଅନେକ ପୋଷ୍ଟ ଦେଖା ଦେଲାଣି । ଋଷିଆ ୟୁକ୍ରେନ୍ ଯୁଦ୍ଧ, ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍ ଏବଂ ହମାସ୍ ଯୁଦ୍ଧରେ ବ୍ୟବହାର ହେଉଥିବା ଯୁଦ୍ଧାସ୍ତ୍ର ଗୁଡ଼ିକରୁ ନିର୍ଗତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉଥିବା ଧୁଆଁରେ ଥିବା ମୌଳିକ ଉପାଦାନ ହୁଏତ ଅମ୍ଳଜାନ ହିଁ ହୋଇଥିବ, ନହେଲେ ସେମାନଙ୍କୁ ଯୁଦ୍ଧରୁ ବିରତ ରହିବା ପାଇଁ କେହି ଉପଦେଶ ଦେବାର ଶୁଣାଯାଉ ନାହିଁ । ହେଲେ ଆନନ୍ଦ ଉଲ୍ଲାସର ଦିନିକିଆ ପର୍ବ ଦୀପାବଳୀ ସମୟରେ ସମସ୍ତଙ୍କୁ ଶ୍ୱାସରୋଗ ହେଇ ଯାଉଛି । ଅବଶ୍ୟ ଅତ୍ୟଧିକ ମାତ୍ରାରେ ବାଣ ଫୁଟାଇବା ଯେ କ୍ଷତିକାରକ ତାହା ଆମେ ବି ମାନୁ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଶତାବ୍ଦୀ ଶତାବ୍ଦୀ ଧରି ଚାଲି ଆସୁଥିବା ପ୍ରଥାକୁ ସମ୍ପୂର୍ଣ୍ଣ ଭାବରେ ଅବହେଳିତ କରିବା ! ପ୍ରଥା ସମ୍ମତ ପ୍ରଚଳିତ ମାନ୍ୟତା ହିସାବରେ ଆମକୁ ଆମ ପର୍ବ ପାଳନ କରିବାକୁ ହେବ । ଏଥିପାଇଁ ଅନ୍ୟମାନଙ୍କ ଉପଦେଶ ଶୁଣିବା ଅପେକ୍ଷା ନିଜ ଉପରେ ବିଶ୍ୱାସ ରଖିବା ଉଚିତ ।

ବର୍ତ୍ତମାନ ଭାରତର ରାଜଧାନୀ ନୁଆଦିଲ୍ଲୀର ବାୟୁ ସବୁଠାରୁ ଅଧିକ ଖରାପ ହୋଇଯାଇଛି ବୋଲି କୁହାଯାଉଛି । ବିଗତ କିଛି ବର୍ଷ ହେବ ଏହି ଭଳି ପରିସ୍ଥିତି ବର୍ଷର ଏହି ସମୟରେ ହିଁ ଦେଖା ଦେଉଛି । ବାୟୁମଣ୍ଡଳ ପ୍ରଦୁଷିତ ହେବାଫଳରେ ଲୋକମାନଙ୍କୁ ଅଯଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଦିଲ୍ଲୀ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଶ୍ୱାସ ରୋଗୀଙ୍କ ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଇଛି । ଶୁଣାଯାଉଛି ଯେ କାଳେ ବାୟୁମଣ୍ଡଳରେ ଧୂଳିକଣାର ମାତ୍ରା ଏତେ ବଢ଼ି ଯାଉଛି ଯେ ପ୍ରାୟତଃ ମଧ୍ୟାହ୍ନ ପର୍ଯ୍ୟନ୍ତ ଦୂର ଦୂର ପର୍ଯ୍ୟନ୍ତ କିଛି ଦୃଶ୍ୟମାନ ହେଉନାହିଁ । ଚାରିଆଡ଼େ ଘନ କୁହୁଡ଼ି ଭଳି ପ୍ରତୀତ ହେଉଛି । ଶ୍ୱାସ ନେବା ମଧ୍ୟ କଷ୍ଟଦାୟକ ହୋଇ ଯାଉଛି । ଏହି ପରିସ୍ଥିତିପାଇଁ ଉତ୍ତର ଭାରତର କୃଷକମାନେ ଦାୟୀ ବୋଲି ଅନେକ ଗବେଷକ ମତ ଦେଇଛନ୍ତି । ସାଧାରଣତଃ ଶୀତଦିନ ପୂର୍ବରୁ ପଞ୍ଜାବ ଓ ହରିଆନା ଆଦି ରାଜ୍ୟରେ ଶସ୍ୟ ଉତ୍ପାଦନ ସରି ଆସୁଥିବା ବେଳେ ବଳକା ଥିବା ପାଳ ଆଦି ପଦାର୍ଥକୁ ସେମାନେ ନିଆଁ ଲଗାଇ ଦିଅନ୍ତି । ଏହି ନିଆଁର ଧୁଆଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପବନ ସଂସ୍ପର୍ଶରେ ଉଡ଼ି ଆସି ଦିଲ୍ଲୀ ଅଞ୍ଚଳକୁ ଅନ୍ଧକାରରେ ଭରିଦିଏ ।

ଅତୀତରେ ଦିଲ୍ଲୀର ଶାସନରେ ଥିବା ଆମ ଆଦମୀ ପାର୍ଟି ପଞ୍ଜାବ କୃଷକ ମାନଙ୍କ ଦ୍ୱାରା ହେଉଥିବା ଏହି କାର୍ଯ୍ୟକୁ ଘୋର ନିନ୍ଦା କରୁଥିଲେ ଏବଂ ଏଥିପାଇଁ ସରକାରଙ୍କୁ ବାରମ୍ବାର ଚେତାବନୀ ଦେଉଥିଲେ, ହେଲେ ବିଗତ ବିଧାନ ସଭା ନିର୍ବାଚନରେ ପଞ୍ଜାବରେ ଆମ୍ ଆଦମୀ ପାର୍ଟି ବହୁମତ ପାଇବା ପରେ କିନ୍ତୁ ପରିସ୍ଥିତି ବଦଳି ଗଲା । ଏବେ ଆମ୍ ଆଦମୀ ପାର୍ଟି ଦିଲ୍ଲୀର ଅବ୍ୟବସ୍ଥା ପାଇଁ ପଞ୍ଜାବକୁ ଦୋଷୀ ବୋଲି କହୁନାହିଁ । କିନ୍ତୁ ଏହିଭଳି ସମସ୍ୟାର ସମାଧାନ ନ କରାଗଲେ ଭବିଷ୍ୟତରେ ଏହା ଅଧିକ କ୍ଷତି କରିବ ।

ବିଗତ ବର୍ଷ ମାନଙ୍କରେ ଦିଲ୍ଲୀ ସରକାର ଏହିଭଳି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଅନେକ ପଦକ୍ଷେପ ନେଇଥିଲେ । ଯେଉଁଭଳି ରାସ୍ତାରେ ଗାଡ଼ି ବା ଯାନବାହାନ ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇ ଦିଆଯାଇଥିଲା । ସେଭଳି ବାୟୁ ପ୍ରଦୁଷଣକୁ ବନ୍ଦ କରିବାପାଇଁ କୋଡ଼ିଏ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଯନ୍ତ୍ରାଂଶ ସ୍ଥାପନ କରାଯାଇଥିଲା । ସେ ସବୁ ଏବେ ଅବଶ୍ୟ କାମ କରୁନାହିଁ । ତେଣୁ ସ୍ଥାନୀୟ ସରକାର ଯଦି ଏହି ବିଷୟରେ ଅଧିକ ଗମ୍ଭୀରତାର ସହ ଚିନ୍ତା କରିବେ ନାହିଁ, ତା ହେଲେ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର ଯେ ବିଷାକ୍ତ ବଳୟରେ ଘେରି ହୋଇଯିବ ତାହା କହିଲେ ଭୁଲ ହେବ ନାହିଁ । ଏଥିପାଇଁ କଠୋର ପଦକ୍ଷେପ ନେବା ସହ କୃଷକ ମାନଙ୍କୁ ଅଧିକ ଶିକ୍ଷିତ କରାଇବା, ଏହି ବାବଦରେ ସେମାନଙ୍କୁ ସଚେତନ କରିବା ସହ କୃଷି ପରବର୍ତ୍ତୀ ସମୟରେ ବଳକା ରହୁଥିବା ପଦାର୍ଥର ସୁବିନିଯୋଗ ପାଇଁ ଗବେଷଣା କରାଯିବାର ଆବଶ୍ୟକତା ରହିଛି ।

ବିଗତ ସପ୍ତାହର ଖବର ଯାହା ସମୁଦାୟ ଦେଶକୁ ଆଚମ୍ବିତ କରିଥିଲା ତାହା ହେଉଛି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଦ୍ୱାରା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିବାଲଙ୍କୁ ସମନ ଜାରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବା ଏବଂ ସେ ଏହାକୁ ପ୍ରତ୍ୟାଖ୍ୟାନ କରିବା । ସୂଚନାଯୋଗ୍ୟ ଯେ ଦିଲ୍ଲୀ ସରକାର ନେଇଥିବା କିଛି ନିଷ୍ପତ୍ତି ଅତୀତରେ ମଦ ବ୍ୟାପାରୀମାନଙ୍କୁ ମାଲେମାଲ୍ କରି ଦେଇଥିଲା ବୋଲି ଇଡ଼ି ସୂଚନା ଦେଇ ଅଦାଲତର ଦ୍ୱାରସ୍ଥ ହୋଇଥିଲା ଏବଂ ଏହି ମାମଲାରେ ଜଡ଼ିତ ଥିବା ଦିଲ୍ଲୀର ଶିକ୍ଷା ମନ୍ତ୍ରୀ ମନିଷ ଶିଷୋଦିଆ ଏବଂ ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂଙ୍କୁ ତଦନ୍ତ ପରିସରକୁ ଆଣିବା ପରେ ଗିରଫ କରିଥିଲା । ଏହି ଗିରଫଦାରୀ ପରେ ସେମାନଙ୍କୁ ଜାମିନ ଆଜିପର୍ଯ୍ୟନ୍ତ ମିଳି ପାରିଲା ନାହିଁ । ଏବଂ ଏହି ମାମଲାର ଶୁଣାଣୀ କରୁଥିବା ଅଦାଲତର ବେଞ୍ଚ ମନ୍ତବ୍ୟ ଦେଇଥିଲେ ଯେ ଏହି ସ୍କାମରେ ଅନ୍ୟୁନ ତିନିଶହ କୋଟିରୁ ଅଧିକ ଟଙ୍କା ହେରଫେର ହୋଇଥିବାର ପ୍ରତ୍ୟକ୍ଷ ପ୍ରମାଣ ମିଳିଛି । ଏବଂ ଯେହେତୁ ଏହି ଅର୍ଥ ଆମ ଆଦମୀ ପାର୍ଟି ବ୍ୟବହାର କରିଛନ୍ତି ତେଣୁ ସମୁଦାୟ ପାର୍ଟିକୁ ହିଁ ଏହି ମାମଲାରେ ସମନ ଜାରି କରାଯାଉ ।

ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ନିଜକୁ ବଞ୍ଚାଇ ଆସିଥିବା କେଜରିବାଲ୍ ଙ୍କୁ ଯେତେବେଳେ ଇଡ଼ି ସମନ ଜାରୀ କରିଥିଲା, ସେତେବେଳେ ସମଗ୍ର ଦେଶରେ ଏହି ଖବର ପ୍ରସାର ହୋଇଥିଲା ଯେ ନଭେମ୍ବର ଦୁଇ ତାରିଖରେ କେଜରିବାଲ୍ ଜେଲ୍ ଯିବେ । କାରଣ ଏହାପୂର୍ବରୁ ଇଡ଼ି ଯେଉଁମାନଙ୍କୁ ଜେରା କରିଥିଲା, ସେମାନଙ୍କ ଜେରା ସରିବା ପରେ ପରେ ହିଁ ସେମାନଙ୍କୁ ଗିରଫ କରାଯାଇଥିଲା । ହେଲେ ବର୍ତ୍ତମାନର ଭାରତୀୟ ରାଜନୈତିକ ପରିପ୍ରେକ୍ଷୀରେ ସବୁଠାରୁ ଧୂର୍ତ୍ତ ଯଦି କେହି ଥାଏ ତାହେଲେ ସେ ଦିଲ୍ଲିର ମୁଖ୍ୟମନ୍ତ୍ରୀ କେଜରିବାଲ ଏହା ନିର୍ବିବାଦରେ ସମସ୍ତେ ମାନିବେ । ନିଜେ କହିଥିବା କଥାକୁ ହିଁ ନିଜେ ଭୁଲ ବୋଲି ପ୍ରମାଣିତ କରିବାରେ ସେ ଯେମିତି ସିଦ୍ଧହସ୍ତ । ଅତୀତରେ ସେ ଯେତେବେଳେ ଆନ୍ନା ହଜାରେଙ୍କ ସହ ମିଶି ଭ୍ରଷ୍ଟାଚାର ଉନ୍ମୁଳନ ପାଇଁ ଆନ୍ଦୋଳନ ଚଳାଇଥିଲେ, ସେତେବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଦେଶର କୌଣସି ରାଜନୈତିକ ଦଳକୁ ଭ୍ରଷ୍ଟାଚାର ମୁକ୍ତ ବୋଲି କହିନଥିଲେ । ପ୍ରତ୍ୟେକ ଦଳ ଏବଂ ଦଳର ମୁଖିଆ ମାନଙ୍କୁ ଭ୍ରଷ୍ଟାଚାରୀ ବୋଲି କହିବା ସହ ଦାବୀ କରିଥିଲେ ଯେ ଆମକୁ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଦେଇ ଦିଆଯାଉ ଆମେ ସମସ୍ତଙ୍କୁ ଗିରଫ କରି ତଦନ୍ତ କରିବୁ । ହେଲେ ଏବେ ସେ ସେଇ ସମସ୍ତ ବ୍ୟକ୍ତିଙ୍କ ସହ ମିଶୁଛନ୍ତି ଏବଂ ସେମାନଙ୍କ ସହ ଗଠବନ୍ଧନ ବି କରୁଛନ୍ତି । ଏହାକୁ ହିଁ କହନ୍ତି, ଛେପ୍ ପକେଇ ଚାଟିବା । ସେ ଯାହେଉ, ତାଙ୍କର ଚାଲି ଓ ଚରିତ୍ର ଯେ ସନ୍ଦେହାସ୍ପଦ ଏଥିରେ ଦ୍ୱିମତ ନାହିଁ । କରୋନା ମୁକାବିଲା ସମୟରେ ବ୍ୟାପକ ଅବ୍ୟବସ୍ଥା ପାଇଁ ସେ କେନ୍ଦ୍ର ସରକାର ତଥା ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଥିଲା । ସେହିଭଳି ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଆବାସକୁ ନବୀକରଣ ପାଇଁ ପଇଁଚାଳିଶି କୋଟି ଟଙ୍କା ଖର୍ଚ୍ଚ କରିବା, ତଥା ଆବାସ ଚତୁପାର୍ଶ୍ୱରେ ଥିବା ଅନେକ ପୁରୁଣା ବୃକ୍ଷକୁ କାଟିବା ପାଇଁ ସେ ଏବେ ଅଦାଲତରେ ଉତ୍ତରଦାୟୀ ରହିଛନ୍ତି । ନିଜକୁ ସ୍ୱଷ୍ଟ ଓ ଭ୍ରଷ୍ଟାଚାର ମୁକ୍ତ ବୋଲି ଘୋଷଣା କରୁଥିବା କେଜରିବାଲ୍ ଯେ କେତେ ଭ୍ରଷ୍ଟାଚାର କରିଛନ୍ତି ତାହା ଗୁଗୁଲ୍ କରିଲେ ଆପଣ ବି ଜାଣି ପାରିବେ ।

ବର୍ତ୍ତମାନର ପ୍ରକରଣରେ ପ୍ରବର୍ତ୍ତନ ନିର୍ଦେଶାଳୟ କେଜରିବାଲକୁ ଦିଲ୍ଲୀର ମଦ କାଣ୍ଡ ବିଷୟରେ ଜେରା କରିବାପାଇଁ ସମନ ଜାରି କରିଥିଲେ, ଏବଂ ପ୍ରାୟ ଅଧିକାଂଶ ଲୋକ ଜାଣିଥିଲେ ଯେ ସମ୍ଭବତଃ ସେ ଜେଲ୍ ଯାଇ ପାରନ୍ତି । କିନ୍ତୁ ଧୂର୍ତ୍ତ କେଜରିବାଲ ଠିକ୍ ନଭେମ୍ବର ଦୁଇ ତାରିଖରେ ହିଁ ଇଡ଼ିକୁ ନିଜ ତରଫରୁ ସମନ ଜାରି କରିଦେଇ ଲେଖିଦେଲେ ଯେ ସେ ଯାଇ ପାରିବେ ନାହିଁ । କାରଣ ସେ ଆମ୍ ଆଦମୀ ପାର୍ଟିର ଷ୍ଟାର୍ ପ୍ରଚାରକ ଏବଂ ବର୍ତ୍ତମାନ ପାଞ୍ଚଟି ରାଜ୍ୟରେ ନିର୍ବାଚନ ଅଛି, ତେଣୁ ସେ ଏବେ ଯାଇ ପାରିବେ ନାହିଁ । ଅର୍ଥାତ ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ବି ଦୋଷୀ ନୁହଁ । ଏହା କେଉଁଭଳି କଥା, ଚିନ୍ତା କରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖନ୍ତୁ । ଦେଶର ଏକ ପ୍ରମୁଖ ଭ୍ରଷ୍ଟାଚାର ବିରୋଧୀ ସଂସ୍ଥା ଆପଣଙ୍କୁ ଜେରା କରିବା ପାଇଁ ସମନ ଜାରୀ କରୁଛନ୍ତି ଆଉ ଆପଣ କହୁଛନ୍ତି କଣ ନା ଆପଣ ଜଣେ ଷ୍ଟାର୍ ପ୍ରଚାରକ ତେଣୁ ଆପଣ ଯାଇ ପାରିବେ ନାହିଁ । ଏହିଭଳି ଉତ୍ତର ଜଣେ ସାଧାରଣ ନାଗରିକ ଦେଇ ପାରିବ କି ? ଆପଣଙ୍କୁ ଗିରଫ କରିବାପାଇଁ ଆସିଥିବା ପୋଲିସକୁ ଆପଣ ଏହିଭଳି କହି ଫେରେଇ ଦେଇ ପାରିବେ କି ? ଆପଣ କଣ ଗେରୁମୁଣ୍ଡି ସାଆନ୍ତ ? ଆପଣଙ୍କୁ ଇଡ଼ି ସମନ ଜାରୀ କରିଛି ଅର୍ଥାତ ଆପଣ କୌଣସି ସ୍କାମ୍‌ରେ ଅନ୍ତର୍ଭୁକ୍ତ ଅଛନ୍ତି । ଯଦି ଆପଣ ନିଜକୁ ସ୍ୱଚ୍ଛ ବୋଲି କହୁଛନ୍ତି ତାହେଲେ ଭଦ୍ରତାର ସହିତ ଆପଣ ଯାଇଥାନ୍ତେ ଆଉ ଇଡ଼ିର ସମସ୍ତ ପ୍ରଶ୍ନର ଉତ୍ତର ଦେଇ ନିଜକୁ ଦୋଷମୁକ୍ତ ବୋଲି ପ୍ରମାଣ କରିଥିଲେ ଦେଶର ନିରୀହ ଜନତା ମଧ୍ୟ ଆପଣଙ୍କ ଗୁଣଗାନ କରିଥାନ୍ତା, କିନ୍ତୁ ଆପଣ ଯେଉଁଭଳି ଭାବରେ ବ୍ୟବହାର କଲେ, ସେଥିରୁ ଏହା ସ୍ପଷ୍ଟ ଜଣାପଡୁଛି ଯେ ଆପଣ ଦୋଷ କରିଛନ୍ତି । ତେଣୁ ନିଜର ଗିରଫ ହେବାର ସମ୍ଭାବନାକୁ ଟାଳିବା ପାଇଁ ଏଣ୍ଟୁତେଣ୍ଟୁ କଥା ଲେଖି ବାହାବା ନେଉଛନ୍ତି । ଲୋକଙ୍କୁ ଜଣାଇବାକୁ ଚାହୁଁଛନ୍ତି ଯେ କେନ୍ଦ୍ର ସରକାର ମୋର କିଛି କରି ପାରିବେ ନାହିଁ । କିନ୍ତୁ ଆପଣ ଭୁଲି ଯାଉଛନ୍ତି ଯେ ଆପଣ ହିଁ ଦିନେ କହିଥିଲେ ଯେ ଯଦି କୌଣସି ନେତା ବା ମନ୍ତ୍ରୀ ଭ୍ରଷ୍ଟାଚାର ଆରୋପରେ ଆରୋପିତ ହୁଅନ୍ତି, ତେବେ ସେ ତୁରନ୍ତ ନିଜ ପଦରୁ ଇସ୍ତଫା ଦେଇ ତଦନ୍ତ କରୁଥିବା ସଂସ୍ଥା ସହ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିବା ଉଚିତ । ହେଲେ ଯେତେବେଳେ ନିଜ ଉପରେ ଆଙ୍ଗୁଠି ଉଠିଲା ସେତେବେଳେ ଆପଣ ନାଟକ କରୁଛନ୍ତି । ଯଦି କେଜରିବାଲଙ୍କୁ ଗିରଫ କରାଯାଏ ତାହେଲେ ଏହା ବିଶ୍ୱର ପ୍ରଥମ ଘଟଣା ହେବ ଯେଉଁଠି ଭ୍ରଷ୍ଟାଚାର ବିରୋଧକୁ ମୁଖ୍ୟ ଆୟୁଧ କରି ଜନମତ ପାଇଥିବା ଜଣେ ନେତାଙ୍କୁ ଭ୍ରଷ୍ଟାଚାର ପାଇଁ ଗିରଫ କରାଯିବ । ଏବଂ ସେ ଯେଉଁଭଳି ଭାବରେ ନିଜର ସମନକୁ ଅବମାନନା କରିଛନ୍ତି ଏଥିରୁ ସ୍ପଷ୍ଟ ପ୍ରମାଣିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଉଛି ସେ ଏହି ମଦ ସ୍କାମ୍ ବିବରଣୀର ପ୍ରମୁଖ କାରପଟଦାର୍ ଅଟନ୍ତି । ସ୍ୱଚ୍ଛ ଓ ସତ୍ୟବାଦୀ ବ୍ୟକ୍ତି କେବେ ପଳାତକଙ୍କ ପରି ବ୍ୟବହାର କରେନାହିଁ ।

ବର୍ଷ ୨୦୨୪ ଯେମିତି ଯେମିତି ପାଖେଇ ଆସୁଛି, ସେମିତି ଭାରତୀୟ ରାଜନୈତିକ ପ୍ରେକ୍ଷାପଟରେ ନୂଆ ନୂଆ ନାଟକ ସବୁ ଅବତାରଣା ହେବାକୁ ଲାଗିଛି । ମୋଦୀଙ୍କ ବିରୋଧ କରି ଛବିଶି ଗୋଟି ରାଜନୈତିକ ଦଳ ଗଠନ କରିଥିବା ଇଣ୍ଡି ଗଠବନ୍ଧନ ଏବେ ଏହାର ସ୍ଥିତି ପାଇଁ ଯୁଝୁଛି । ଓଡ଼ିଆରେ କଥାଟିଏ ଅଛି, ବହୁଲୋକରେ ମୂଷା ମରେ ନାହିଁ, ଠିକ୍ ସେଇଭଳି ଗୋଟିଏ ତୁଠରେ ହରିଣ, ସମ୍ବର, ଜିଆଦ, କୁଟୁରା, ଆଉ ଭଳିକି ଭଳି ପ୍ରାଣୀ ଥିଲେ ସୁଦ୍ଧା ସିଂହକୁ ସେମାନେ ଆଦୌ ମୁକାବିଲା କରି ପାରିବେ ନାହିଁ । ନରେନ୍ଦ୍ର ମୋଦୀ ନିଜର ଦୁଇଟି ଶାସନ କାଳରେ ଯେଉଁ ଭଳି ପରିବର୍ତ୍ତନ ଆଣିଛନ୍ତି, ବିଶ୍ୱରେ ଭାରତର ଛବିକୁ ଯେମିତି ଚମକାଇଛନ୍ତି, ସେଇଭଳି ଉନ୍ନତି ଆଗରୁ କେବେ ଦେଖିବାକୁ ମିଳିନଥିଲା । ବାସ୍ତବିକ ଭାରତକୁ ବିଶ୍ୱଗୁରୁର ମର୍ଯ୍ୟାଦା ଯଦି କେହି ଆଣି ଦେଇ ପାରେ ତାହେଲେ ସେ ହେଉଛନ୍ତି ଭାରତର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ । ଜି-୨୦ ସମ୍ମିଳନୀ ସମୟରେ ଭାରତର ବାସ୍ତବିକ ସ୍ଥାନ ସମଗ୍ର ବିଶ୍ୱ ଜାଣି ଦେଇ ପାରିଥିଲା । ଏହାପରେ ପରେ କାନାଡ଼ାର କୂଟନୈତିକ ଚାଲ ହେଉ ବା ଇସ୍ରାଏଲ୍ ହମାସ ଯୁଦ୍ଧ ହେଉ, ପ୍ରତ୍ୟେକ ସ୍ଥାନରେ ଭାରତକୁ ଯେଉଁଭଳି ସମ୍ମାନ ମିଳିଛି ତାହା ଅବିଶ୍ୱସନୀୟ ।

ବର୍ତ୍ତମାନ ଦେଶର ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ବିଗୁଲ୍ ବାଜି ସାରିଲାଣି । ଏହି ସମୟରେ ପ୍ରତ୍ୟେକ ରାଜନୈତିକ ଦଳ ନିଜର ପ୍ରତିପତ୍ତି ପ୍ରଦର୍ଶନ ପାଇଁ ପ୍ରଚେଷ୍ଟାରତ । ଯଦିଓ ଇଣ୍ଡି ଗଠବନ୍ଧନରେ ସମସ୍ତେ ଏକତ୍ରିତ କିନ୍ତୁ ରାଜ୍ୟସ୍ତରୀୟ ନିର୍ବାଚନ ସମୟରେ ପରସ୍ପର ବିରୋଧରେ ପ୍ରତ୍ୟାଶୀ ଉପସ୍ଥାପନ କରିବା ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବ । ଯେଉଁ ଦଳ ଏବେ ସବୁ ପରସ୍ପର ବିରୋଧୀ ମନ୍ତବ୍ୟ ଦେଇ ବିଧାନସଭା ନିର୍ବାଚନ ଜିତିବାର ପ୍ରଚେଷ୍ଟା କରିବେ, ସେମାନେ ଲୋକସଭା ନିର୍ବାଚନ ସମୟରେ ଏକତ୍ରିତ ହେଲେ ଲୋକଙ୍କ ପାଇଁ ସଠିକ୍ ନେତା ନିର୍ବାଚନ କରିବା କଷ୍ଟକର ହେବ, ଏବଂ ଏହା ଭାଜପାକୁ ସୁହାଇବ ବୋଲି ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି ।

ଗତ ଦିନରେ ମଧ୍ୟପ୍ରଦେଶରେ ଆୟୋଜିତ ଏକ ରାଜନୈତିକ ସଭାରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିବାଲ ନିଜ ବକ୍ତବ୍ୟରେ କହିଥିଲେ ଯେ, ଦିଲ୍ଲୀରେ ଆଗରୁ କେବଳ ଦୁଇଟି ଦଳ ଥିଲେ (କଂଗ୍ରେସ୍ ଓ ଭାଜପା) । ଉଭୟ ଦଳ ଦିଲ୍ଲୀକୁ ପାଞ୍ଚ ପାଞ୍ଚ ବର୍ଷପାଇଁ ଲୁଣ୍ଠନ କରିବା କାର୍ଯ୍ୟ କରୁଥିଲେ । ପ୍ରତ୍ୟେକ ନିର୍ବାଚନରେ ଏହି ଦଳମାନେ ପରସ୍ପରକୁ ହରାଉଥିବା ସତ୍ତ୍ୱେ ଦିଲ୍ଲୀର ଜନତାଙ୍କୁ କୌଣସି ସୁଫଳ ମିଳୁନଥିଲା । ଏହିଭଳି ମନ୍ତବ୍ୟ ଦେଇ ସେ ପ୍ରତ୍ୟକ୍ଷ ଭାବରେ କଂଗ୍ରେସକୁ ଭ୍ରଷ୍ଟାଚାରୀ ବୋଲି ଜଣାଇଛନ୍ତି । ଅପରପକ୍ଷରେ ସେ ଇଣ୍ଡି ଗଠବନ୍ଧନରେ ରହି କଂଗ୍ରେସକୁ ସମର୍ଥନ କରୁଛନ୍ତି ବୋଲି ଜଣାଇଛନ୍ତି ! ଏହା କେଉଁ ଭଳି ରାଜନୀତି ତାହା ଅନ୍ତତଃ ଆମ ପକ୍ଷେ ଜାଣିବା ସମ୍ଭବ ନୁହେଁ । ଲୋକସଭା ନିର୍ବାଚନ ସମୟରେ ଆସନ ସଂଖ୍ୟା ସ୍ଥିର କରିବା ସମୟରେ ଏହି ସବୁ ଦଳ ଏକମତ ହୋଇ ପାରିବେ ତ ? ବର୍ତ୍ତମାନ ପଞ୍ଜାବରେ ଆମ୍ ଆଦମୀ ପାର୍ଟି ଶାସନ କରୁଥିବା ବେଳେ କଂଗ୍ରେସ ମୁଖ୍ୟ ବିପକ୍ଷଦଳ ରହିଛି ଏବଂ ଉଭୟ ପାର୍ଟି ମଧ୍ୟରେ ପ୍ରାୟତଃ ଛକାପଞ୍ଝା ଚାଲିଛି । ଏହି ସ୍ଥଳରେ ଲୋକମାନେ ଉଭୟ ଦଳ ଉପରେ ଆସ୍ଥା ଜାହିର କରି ପାରିବେ ତ ?

ଉତ୍ତର ପ୍ରଦେଶର ବିରୋଧୀ ଦଳ ସମାଜବାଦୀ ପାର୍ଟି ପ୍ରମୁଖ ଅଖିଳେଶ ଯାଦବ ନିଜ ଦଳୀୟ କର୍ମୀ ଏବଂ ସାଧାରଣ ଜନତାଙ୍କୁ ଭାଷଣ ଦେଇ କହିଲେ ଯେ, ଜାତିଗତ ଜନଗଣନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇଁ ସେମାନେ ସବୁ ପ୍ରକାର ଦାବୀ କରୁଥିବା ବେଳେ ବର୍ତ୍ତମାନ କଂଗ୍ରେସ ଦଳ ସେମାନଙ୍କ ସବୁ ପ୍ରଚେଷ୍ଟାକୁ ନିଜର ବୋଲି କୁହାଇବା ଉଦ୍ଦେଶ୍ୟରେ ଜାତିଗତ ଜନଗଣନା ପାଇଁ ଦାବୀ କରୁଛି । ଏଭଳି ସ୍ଥଳରେ କଂଗ୍ରେସର ରାଜନୀତି ଦ୍ୱାରା ଭ୍ରମିତ ନ ହେବାପାଇଁ ସେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ କଂଗ୍ରେସ ଆଦୌ ଜନସମର୍ଥନ ପାଇବ ନାହିଁ । ସେହିଭଳି ବିଗତ ଦିନରେ ଉତ୍ତର ପ୍ରଦେଶରେ ଆସନ ବୁଝାମଣା ଅଟକଳ ଅସମାହିତ ହୋଇ ପଡ଼ିଛି । ଉଭୟ ଦଳ ନିଜ ନିଜ ଜିଦରେ ଅଟଳ ରହିଛନ୍ତି । ଏଭଳି ପରିସ୍ଥିତିରେ କିଭଳି ଏହି ସବୁ ଦଳ ନିଜ ନିଜ ମତଭେଦ ଭୁଲାଇ ଏକମତ ହେବେ ତାହା ଦେଖିବାକୁ ରହିଲା । ଏହି ସବୁ ଦଳର ଏତାଦୃଶ କାର୍ଯ୍ୟକଳାପ ହିଁ ଇଣ୍ଡି ଗଠବନ୍ଧନକୁ ଆଶାତୀତ ସଫଳତା ଆଣିଦେବ ନାହିଁ, ଏଥିରେ ଦ୍ୱିମତ ନାହିଁ ।

ମଧ୍ୟପ୍ରାଚ୍ୟର ଦେଶ ଇସ୍ରାଏଲ୍ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ବିରୋଧରେ ଇସ୍ରାଏଲ୍ ଆରମ୍ଭ କରିଥିବା ଯୁଦ୍ଧ ବର୍ତ୍ତମାନ ଏକ ଭୟଙ୍କର ସ୍ଥିତିରେ ପହଞ୍ଚିଛି । ହମାସ ନାମକ ଏକ ଆତଙ୍କବାଦୀ ସଂଗଠନର ଆକ୍ରମଣ ବିରୋଧରେ ଇସ୍ରାଏଲ୍ ଗାଜା ଅଞ୍ଚଳକୁ ଧ୍ୱଂସସ୍ତୁପରେ ପରିଣତ କରି ସାରିଲାଣି । ଏହି ସମୟରେ ଅନେକ ମୁସଲିମ୍ ଦେଶ ହମାସର ସମର୍ଥନରେ ଆସିବେ ବୋଲି କୁହାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି ଦେଶ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଏଥିରେ ମଧ୍ୟସ୍ଥତା କରିବାକୁ ଆଗେଇ ଆସି ନାହାନ୍ତି । ଆଶ୍ଚର୍ଯ୍ୟର କଥା ଗାଜା ଅଞ୍ଚଳର ଅଧିବାସୀମାନେ ଏବେ ଅନ୍ୟ ଦେଶରେ ଶରଣାର୍ଥୀ ଭାବରେ ପ୍ରବେଶ କରିବାକୁ ଅପେକ୍ଷା କରିଥିବା ବେଳେ କୌଣସି ଗୋଟିଏ ବି ମୁସଲିମ୍ ଦେଶ ସେମାନଙ୍କୁ ନେବା ପାଇଁ ଇଚ୍ଛା ପ୍ରକଟ କରି ନାହାନ୍ତି । ଗାଜା ସଂଲଗ୍ନ ଇଜିପ୍ଟ ମଧ୍ୟ ନିଜ ଦେଶର ସୀମାକୁ ସିଲ୍ କରିଦେଇଛି । ଅତୀତରେ ଏହି ଦେଶର ଅଧିବାସୀଙ୍କୁ ନିଜ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଶରେ ଶରଣ ଦେଇ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିବା ଇଜିପ୍ଟ ବର୍ତ୍ତମାନ ଆଉ ପାଲେଷ୍ଟାଇନ୍ ନାଗରିକଙ୍କୁ ସହାୟତା କରିବା ସପକ୍ଷରେ ନାହିଁ । ତେଣେ ମୁସଲିମ୍ ଦେଶ ମାନଙ୍କ ମଧ୍ୟରେ ପ୍ରମୁଖ ସାଉଦୀ ଆରବ ଭଳି ଦେଶ ନିରବ ଦର୍ଶକ ହୋଇ ରହିଛନ୍ତି ।

ଗତ କାଲି ଇସ୍ରାଏଲ୍ ସେନାବାହିନୀ ତରଫରୁ ଜାରି କରାଯାଇଥିବା କିଛି ଭିଡ଼ିଓ ଓ ଛବିରେ ଦେଖାଯାଇଛି ଯେ ହମାସର ଆତଙ୍କବାଦୀ ମାନେ ଗାଜା ଅଞ୍ଚଳରେ କିଛି ପ୍ରମୁଖ ହାସପାତାଳ, ସ୍କୁଲ, ଖେଳ ପଡ଼ିଆ ଆଦିରେ ନିଜର ଲଞ୍ଚ୍ ପ୍ୟାଡ୍ ନିର୍ମାଣ କରିଛନ୍ତି । ସାଧାରଣତଃ ଏହି ସବୁ ଅଞ୍ଚଳରେ ଜନସାଧାରଣ ଅଧିକ ମାତ୍ରାରେ ରହୁଥିବା ହେତୁ ଏହି ସବୁ ଅଞ୍ଚଳ ଉପରେ ଇସ୍ରାଏଲ୍ ଆକ୍ରମଣ କରିବ ନାହିଁ, ଆଉ ଯଦି ବା କରିବ ତା'ହେଲେ ସେମାନେ ଗଣସଂହାର କରୁଛନ୍ତି ବୋଲି କହି ହମାସ ବିଶ୍ୱ ଦରବାରରେ ସମର୍ଥନ ଜୁଟାଇବ ବୋଲି ଆଶା କରୁଛି । ଇସ୍ରାଏଲ୍ ଏହିଭଳି ଅଞ୍ଚଳ ଉପରେ ଆକ୍ରମଣ କରୁଛି ବୋଲି ବିଶ୍ୱର କିଛି ପ୍ରମୁଖ ସମ୍ବାଦପତ୍ର ଲେଖାମାନ ଛାପିବା ପରେ ଗତକାଲି ଆଇଡିଏଫ୍ (ଇସ୍ରାଏଲ୍ ଡିଫେନ୍ସ୍ ଫୋର୍ସ୍) ପ୍ରେସ ବାର୍ତ୍ତାରେ ଭିଡ଼ିଓ ଓ ଛବି ଦେଖାଇ କହିଛନ୍ତି ଯେ ହମାସ ନିଜକୁ ସୁରକ୍ଷିତ ରଖିବା ପାଇଁ ଏହିଭଳି ଜନବହୁଳ ଅଞ୍ଚଳ ସବୁକୁ ବ୍ୟବହାର କରୁଛି । ତେଣୁ ଆଗରୁ ହିଁ ଲୋକମାନଙ୍କୁ ଗାଜାର ଉତ୍ତର ଭାଗରୁ ଅନ୍ୟ ଆଡ଼କୁ ଯିବାକୁ ସେମାନେ ନିର୍ଦ୍ଦେଶ ଦେଇଥିଲେ । ହମାସ ନାମକ ଏହି ସଂଗଠନକୁ ସମ୍ପୂର୍ଣ୍ଣ ଧୂଳିସାତ ନ କରିବା ପର୍ଯ୍ୟନ୍ତ ଇସ୍ରାଏଲର ଯୁଦ୍ଧ ଜାରୀ ରହିବ ବୋଲି ଘୋଷଣା କରିଛି । ବିଶ୍ୱର ଅନେକ ପ୍ରମୁଖ ଦେଶ ଏହି ଯୁଦ୍ଧରେ ଇସ୍ରାଏଲ୍ ସମର୍ଥନରେ ଆସିଛନ୍ତି ।

ବର୍ତ୍ତମାନ ବିଶ୍ୱକପ କ୍ରିକେଟ୍ ସମଗ୍ର ଦେଶର ଖେଳପ୍ରେମୀଙ୍କୁ ଏକ ପ୍ରକାର ଉଷ୍ମତା ଅବସ୍ଥାକୁ ନେଇ ଯାଇଛି । ପ୍ରତ୍ୟେକ ମ୍ୟାଚ ଏକୁ ଆରେକ ବଳି ହେଉଥିବା ବେଳେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାରତୀୟ ଦଳ ଅପରାଜେୟ ଅଛନ୍ତି । ବର୍ତ୍ତମାନ ଭାରତ ଦଳର ମନୋବଳ, କ୍ରିକେଟରେ ପ୍ରଦର୍ଶନ ସର୍ବଶ୍ରେଷ୍ଠ କହିଲେ ଅତ୍ୟୁକ୍ତି ହେବ ନାହିଁ । ପାରମ୍ପାରିକ ପ୍ରତିଦ୍ୱନ୍ଦୀ ପାକିସ୍ତାନକୁ ହରାଇବା ସହ ଭାରତ ଏବେ ସୁଦ୍ଧା ଆଠଗୋଟି ମ୍ୟାଚ ଖେଳି ଅପରାଜେୟ ରହିଛି । ଏହା ସହିତ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଥମ ଦଳ ଯାହା ସେମି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

ପାକିସ୍ତାନ ସହ ଖେଳିବା ସବୁବେଳେ ଭାରତୀୟ ଉପଦ୍ୱୀପରେ ଉଷ୍ମ ବାତାବରଣ ସୃଷ୍ଟି କରିଥାଏ । ଚଳିତ ସଂସ୍କରଣରେ ଭାରତ ପାକିସ୍ତାନ ଦଳକୁ ୧୯୧ ରନରେ ସୀମିତ କରିବା ସହ ମାତ୍ର ତିନି ବିକେଟ୍ ହରାଇ ୧୯୨ ରନ୍ (୪୧ ଓଭରରେ) ସଂଗ୍ରହ କରି ବିଜୟୀ ହୋଇଥିଲା । ଆଫଗାନିସ୍ଥାନ୍ ବିପକ୍ଷରେ ଆଠ ବିକେଟରେ (୩୫ ଓଭରରେ ୨୭୩) ବିଜୟ, ବାଙ୍ଗଲାଦେଶ ବିପକ୍ଷରେ ସାତ ବିକେଟରେ (୪୧ ଓଭରରେ ୨୬୧) ବିଜୟ, ନ୍ୟୁଜିଲାଣ୍ଡ ବିପକ୍ଷରେ ଛଅ ବିକେଟରେ (୪୮ ଓଭରରେ ୨୭୪) ବିଜୟ, ଇଂଲଣ୍ଡ ଦଳକୁ ୧୨୯ରେ ସୀମିତ କରି (ଭାରତ ୨୨୯ ରନ), ଶ୍ରୀଲଙ୍କା ଦଳକୁ ମାତ୍ର ୫୫ ରନରେ ସୀମିତ କରି (ଭାରତ ୩୫୭ ରନ୍), ଦକ୍ଷିଣ ଆଫ୍ରିକା ଦଳକୁ ମାତ୍ର ୮୩ ରନରେ ସୀମିତ କରି (ଭାରତ ୩୨୬ ରନ୍) ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଛଅ ବିକେଟରେ (୪୧ ଓଭରରେ ୨୦୧ ରନ) ବିଜୟ ଭାରତକୁ ଅପରାଜେୟ କରିଛି ।

ଏହି ଟୁର୍ଣ୍ଣାମେଣ୍ଟର ସଦ୍ୟ ସମାପ୍ତ ହୋଇଥିବା ଦକ୍ଷିଣ ଆଫ୍ରିକା ବନାମ ମ୍ୟାଚରେ ଭାରତୀୟ ଖେଳାଳୀ ବିରାଟ୍ କୋହଲି ୪୯ତମ ଶତକ ସ୍କୋର୍ କରି ମହାନ ଖେଳାଳୀ ସଚିନ୍ ତେନ୍ଦୁଲକରଙ୍କ ସମକକ୍ଷ ହେବାର ଗୌରବ ଅର୍ଜନ କରିଛନ୍ତି । ଭାରତୀୟ ଦଳର ପରାକ୍ରମ ଏବଂ ବିଜୟୀ ହେବାର ବେଗକୁ ଦେଖି ପାରମ୍ପାରିକ ପ୍ରତିଦ୍ୱନ୍ଦୀ ପାକିସ୍ତାନରେ କିନ୍ତୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନଙ୍କ ଦଳକୁ ନେଇ ଅନେକ ହତୋତ୍ସାହିତ କରିବା ଭଳି ମନ୍ତବ୍ୟ ଦେଖିବାକୁ ମିଳିଛି । ଶୁଣାଯାଉଥିଲା ଯେ କାଳେ ପାକିସ୍ତାନ କ୍ରିକେଟ୍ ଦଳକୁ ବିଗତ କେତେ ମାସ ହେଲା ଦରମା ମିଳିନାହିଁ । କେହି କେହି କହିବାର ଶୁଣାଯାଉଛି ଯେ ସେମାନେ କାଳେ ଭାରତରେ ଗୋମାଂସ ଏବଂ ବିରିୟାନୀ ନ ମିଳିବାର ଅଭିଯୋଗ ବି କରିଛନ୍ତି । ଆଗାମୀ ୧୫ ତାରିଖ ଦିନ କୋଲକାତା ସ୍ଥିତ ଇଡେନ୍ ଗାର୍ଡେନ୍ ମଇଦାନରେ ପ୍ରଥମ ସେମିଫାଇନାଲ୍ ଖେଳାଯିବ । ଏଥିରେ ଭାରତ ବିପକ୍ଷରେ ମ୍ୟାଚ ତାଲିକାରେ ଚତୁର୍ଥ ସ୍ଥାନରେ ଥିବା ଦଳ ଖେଳିବେ ।

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ରୁଗ୍ଣ ଅବସ୍ଥାରେ ଥିବା ସମୟରେ, ଯେତେବେଳେ ବହିରାଗତ ଚଳଚ୍ଚିତ୍ରର ଚାହିଦା ସମ୍ପୂର୍ଣ୍ଣ ରାଜ୍ୟରେ ବଢ଼ିବାକୁ ଲାଗିଥିଲା, ସେଇ ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଆ ସିନେମା ଦମନ ସର୍ବଭାରତୀୟ ସ୍ତରରେ ଆଦୃତି ଲାଭ କରିଲା ଏବଂ ପରେ ପରେ ନୂଆ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ମାନେ ଏହି ଭଳି ଚଳଚ୍ଚିତ୍ର ନିର୍ମାଣ ପାଇଁ ଉତ୍ସାହିତ ହେଲେ । କିନ୍ତୁ ବିଗତ ଦିନର ଘଟଣା ଏହି ଶିଳ୍ପକୁ ଉନ୍ନତି ପରିବର୍ତ୍ତେ ଅବନତି ଆଡ଼କୁ ଟାଣି ନେଉଥିବା ଭଳି ମନେ ହେଉଛି ।

ଦଶହରା ହେଉଛି ବର୍ଷର ଏହିଭଳି ସମୟ ଯେତେବେଳେ ହାତଗଣତି କିଛି ପ୍ରଯୋଜକ ବ୍ୟୟବହୁଳ ଚଳଚ୍ଚିତ୍ର ମୁକ୍ତିଲାଭ କରାନ୍ତି, କାରଣ ଲୋକମାନେ ଛୁଟିର ସଦବ୍ୟବହାର କରି ସପରିବାର ସିନେମା ଦେଖିବା ପସନ୍ଦ କରନ୍ତି । ଚଳିତ ବର୍ଷ ମଧ୍ୟ ଏହିଭଳି କିଛି ଓଡ଼ିଆ ସିନେମା ନିର୍ମାଣ ହୋଇଥିଲା, କିନ୍ତୁ ଶୁଣାଗଲା ଯେ ଓଡ଼ିଆ ସିନେମା 'ରାମ'କୁ କାଳେ ସମ୍ବଲପୁରରେ ବିରୋଧ କରାଗଲା ଆଉ ଏହାର ପ୍ରଦର୍ଶନ ବନ୍ଦ କରି ଦିଆଗଲା । ଏହା ପଛରେ କାଳେ ସିନେମା ଅଭିନେତା ମନୋଜ ମିଶ୍ରଙ୍କ ହାତ ରହିଛି ବୋଲି ଦର୍ଶାଇ, ଓଡ଼ିଆ ସିନେମା ପ୍ରଯୋଜକ ସଂଗଠନ ଶ୍ରୀ ମିଶ୍ରଙ୍କୁ ଦୁଇବର୍ଷ ପାଇଁ ଓଡ଼ିଆ ସିନେମାରୁ ବାସନ୍ଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଦେଲେ । ମନୋଜ ମିଶ୍ର ଅଭିନୀତ ମାଇଣ୍ଡ ଗେମ୍ ଚଳଚ୍ଚିତ୍ରକୁ ପୂର୍ବ ଓଡ଼ିଶାରେ ପ୍ରଦର୍ଶନ ହେତୁ ପରଦା ମିଳିଲା ନାହିଁ । ଏହାପରେ ଏହି ଘଟଣାକୁ କେନ୍ଦ୍ରକରି ଆଞ୍ଚଳିକ ବୈଷମ୍ୟବାଦର ଉପସ୍ଥାପନା ହେଲା ଏବଂ ପଶ୍ଚିମ ଓଡ଼ିଶାରେ ଓଡ଼ିଆ ସିନେମାକୁ ଚଳାଇ ଦିଆଯିବ ନାହିଁ ବୋଲି କୋଶଳ ସଂଗଠନ ପକ୍ଷରୁ ଘୋଷଣା କରାଗଲା । ଶୁଣାଯାଉଛି ଯେ ଜିତୁ ମଙ୍ଗରାଜ ଏବଂ ମନୋଜ ମିଶ୍ରଙ୍କ ବ୍ୟକ୍ତିଗତ ଶତ୍ରୁତା ଏବେ ତିକ୍ତ ରୂପ ଧାରଣ କରିଛି ଏବଂ ଏହା ଆମ ସିନେମା ଶିଳ୍ପ ପାଇଁ ଆଦୌ ଶୁଭଙ୍କର ନୁହେଁ ।

ଓଡ଼ିଆ ସିନେମା ଶିଳ୍ପର ସ୍ଥିତି ବର୍ତ୍ତମାନ ବେହାଲ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦ୍ରୁତ ଶିଳ୍ପାୟନର ଦଉଡ଼ରେ ସାମିଲ ହେଉଥିବା ଓଡ଼ିଶା ଯେ ଚଳଚ୍ଚିତ୍ର ଶିଳ୍ପ ପ୍ରତି ଆଦୌ ସଚେତନ ନୁହେଁ, ଏହା ସମସ୍ତେ ଜାଣିଛନ୍ତି । ଓଡ଼ିଆ ସିନେମାର ପ୍ରମୁଖ ଚେହେରା ଯେତେ ସମସ୍ତେ ବର୍ତ୍ତମାନ ଶାସକ ଦଳ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସଂଶ୍ଳିଷ୍ଟ ହେବା ସତ୍ତ୍ୱେ କେହି ବି ଏହି ଶିଳ୍ପର ଉନ୍ନତି ପାଇଁ କିଛି ପଦକ୍ଷେପ ନେଉ ନାହାନ୍ତି, ତାହା ଦୃଶ୍ୟମାନ ।

ବିଗତ ଶତାବ୍ଦୀର ଅଶି ଦଶକରେ ଓଡ଼ିଆ ସିନେମାକୁ ଶିଳ୍ପର ମାନ୍ୟତା ଦିଆଯାଇଥିଲା । ସେଇ ସମୟରେ ସିନେମାର ପ୍ରାଧାନ୍ୟ ଏତେ ଥିଲା ଯେ ଓଡ଼ିଶାରେ ଅନେକ ସିନେମା ହଲ୍ ନିର୍ମାଣ ହେବା ସହ ପ୍ରଯୋଜନା ସଂସ୍ଥା ସବୁ ଉଧେଇ ଥିଲେ । ଅନେକ ସିନେମା ନିର୍ମାଣ ହେଇଥିଲା ଯାହା ଜାତୀୟ ସ୍ତରରେ ମଧ୍ୟ ଲୋକଙ୍କୁ ଆକୃଷ୍ଟ କରିଥିଲା । ସିନେମା ନିର୍ମାଣ ପାଇଁ କଳିଙ୍ଗ ଷ୍ଟୁଡ଼ିଓ କାର୍ଯ୍ୟକ୍ଷମ ହେବାପରେ ସିନେମା ନିର୍ମାଣ ବହୁତ ବୃଦ୍ଧି ପାଇଥିଲା ।

ମହାବାତ୍ୟା ପରେ ଯେଉଁ କ୍ଷତି ସମଗ୍ର ଓଡ଼ିଶାକୁ ହେଲା ତାହାର ପ୍ରଭାବ ସିନେମା ଶିଳ୍ପ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ ମଧ୍ୟ ଦେଖାଗଲା । ଭାଙ୍ଗିଯାଇଥିବା ସିନେମା ହଲ୍ ସବୁ ସରକାରୀ ସହାୟତାକୁ ଆଶା କରି କରି ବନ୍ଦ ହୋଇଗଲେ । ଓଡ଼ିଆ ଭାଷାରେ ସିନେମା ନିର୍ମାଣ କରିବା ଅପେକ୍ଷା ଅନ୍ୟ ଭାଷାର ସିନେମାକୁ ନକଲ କରି ସିନେମା ସବୁ ନିର୍ମାଣ କରାଗଲା । ପାରମ୍ପରିକ ସିନେମା ପ୍ରଯୋଜକ ମାନେ ଆଉ ସିନେମା ନିର୍ମାଣ ପାଇଁ ମନୋନିବେଶ କରିଲେ ନାହିଁ, କିନ୍ତୁ ଅର୍ଥ ଲାଭ ଆଶାରେ କିଛି ନୁଆ ପ୍ରଯୋଜକ ସିନେମାକୁ ବଞ୍ଚାଇ ରଖିଲେ । ତେଣେ ଅଣଓଡ଼ିଆ ଚଳଚ୍ଚିତ୍ରର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବା ଫଳରେ ଓଡ଼ିଶାର ସିନେମା ହଲ୍ ମାଲିକ ମାନେ ଓଡ଼ିଆ ସିନେମାକୁ ପ୍ରାଧାନ୍ୟ ଦେଲେ ନାହିଁ । ଏକ ସମୟରେ ଓଡ଼ିଶାରେ ତିନିଶହରୁ ଅଧିକ ସିନେମା ହଲ ଥିବା ବେଳେ ଏବେ ଶହେ ପାଖାପାଖି ହଲ୍ ହିଁ ରହିଛି, ଏବଂ ଅଧିକାଂଶ ହଲ ଅଣଓଡ଼ିଆ ସିନେମା ପାଇଁ ରିଜର୍ଭ ରହୁଛି । ଏହି ଭଳି ସମୟରେ ଆମେ ଓଡ଼ିଆ ସିନେମା ଶିଳ୍ପର ଉନ୍ନତି ବିଷୟରେ ଚିନ୍ତା କରିବା ପରିବର୍ତ୍ତେ ଆଞ୍ଚଳିକ ବୈଷମ୍ୟ ଓ ଗଣ୍ଡଗୋଳ କରିଦେଇ ନିଜ ସମ୍ମାନ ହାନୀ କରୁଛେ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆଶା କରୁଛି ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ଆପଣଙ୍କୁ ଭଲ ଲାଗିବ । ଏହି ସଂସ୍କରଣରେ ପ୍ରକାଶିତ କାହାଣୀ ଓ ପ୍ରବନ୍ଧ ଯଦି ଆପଣ ଆମ ପୋଡ଼କାଷ୍ଟରେ ଶୁଣିବାକୁ ଚାହାନ୍ତି ବା ୟୁଟ୍ୟୁବରେ ଶୁଣିବାକୁ ଚାହୁଁଥାନ୍ତି ତା ହେଲେ ଆମ ସହ ଯୋଗାଯୋଗ କରନ୍ତୁ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନେକ କଳାଛାଇ - ୭



ଅଶୋକ ବିଶ୍ୱାଳ

ଚାଥାମ ଦ୍ୱୀପର ଫୁସଫୁସ କରୁଥିବା ଶେଡମାନ-୫

ଅବିନାଶକୁ ଲାଗିଲା ଗଣ୍ଡି ସବୁ ଗଛ ହୋଇ ଠିଆ ହୋଇଯାଇଛି ଆଉ ମୂଳରେ ନାମ ଫଳକମାନ ଅଛି । ସବୁ ଫଳକରେ ଆତ୍ମାର ବିଳାପ ଥିଲା, ସେଥିରେ ସେମାନଙ୍କ ଉପରେ କିଛି କବିତାରେ ଲେଖା ହୋଇଥିଲା । ଗଛ ସବୁ ବାହରପଟକୁ, ସମୁଦ୍ର ଆଡକୁ ମୁହଁ କରି ଠିଆହୋଇଛି । ଆଉ ଝୁଲୁଛି ୮୭ଟି ଅଥର୍ବ ଶରୀର । ତା' ମନର ବିଳାପ ଥୟ ଧରୁ ନଥିଲା । ଆକାଶରେ କିଛି ବଦଳିନି । ଶାନ୍ତି ସେଇଠି, ସମାପ୍ତି ସେଇଠି । ସମୁଦ୍ର ପାଣିରେ ଲହଡି ସେମିତି ଗର୍ଜି ଭାଙ୍ଗିପଡୁଛି । ଗଛରେ ଫୁଟିଛି ଅସଂଖ୍ୟ ଫୁଲ, ଝରି ପଡୁଛି ପ୍ରତିଟି ଫଳକ ଉପରେ । ଗଛ ତଳେ ସେହି ଜଙ୍ଗଲୀ ଫୁଲକୁ ଗୋଟାଇ, ଜଙ୍ଗଲୀ ଗଛର ପତ୍ର ଫୁଲକୁ ନେଇ କେହି ପୁଷ୍ପଗୁଚ୍ଛମାନ କରି ପ୍ରତି ଗଛମୂଳରେ ରଖିଦେଇଛି । ପ୍ରଜାପତିମାନ ଏ ଫୁଲ ଗୋଛାରୁ ସେ ଫୁଲ ଗୋଛାକୁ ଉଡି ଯାଉଛନ୍ତି ।

ବୁଢା ବହୁତ ସମୟ ଚୁପକରି ଠିଆହୋଇ ରହିଲେ ଆଉ ଅବିନାଶ ପ୍ରତି ଧାଡିକୁ କିଛିବାର ପଢିଚାଲିଲା । ତା' ମୁହଁରୁ ଝାଳ ବାହାରି ଆସୁଥିଲା । ଏତେ କଥା ଲେଖା ଅଛି ହୃଦୟର । ଶେଷଆଡକୁ ତା' ଆଖି ଭାରି ହୋଇ ଆସିଲା । ସେ ସେହି ମହାନ ୮୭ ଆତ୍ମା ପାଇଁ ନିଜ ଆଖି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଦ କରିଦେଲା । ତା'ହେଲେ ଏଇ ଆଣ୍ଡାମାନର ସମୁଦ୍ରକୂଳରେ ଫୁଲ ହୋଇ ଏକା ସମୟରେ ଝାଉଁଳି ଝରିପଡିଥିଲେ ୮୭ଟି ମଣିଷ । ସେ ଚାଥାମର ସମୁଦ୍ରକୂଳରେ ଟିକେ ଚାଲିଲା । ବୁଢା ନିଜ କାଠ ଗଣ୍ଡିର ଢେର ଛାଡି ଆସିଲେନି । ଅବିନାଶର ଛାତି ଭିତରଟା ରୁନ୍ଧି ହୋଇଥିଲା । ସେ କିଛି ତାଜା ଶ୍ୱାସ ନେବାକୁ ଚାହୁଁଥିଲା । ପାଖର ସମୁଦ୍ର ଭିତରୁ ସେ କିଛି ଆହ୍ୱାନ ଶୁଣୁଥିଲା ।

ଅବିନାଶ ଭାବୁଥିଲା ମଣିଷ ମାତ୍ରକେ ଏକ ଏକ ସ୍ମୃତି । ଏକ ଏକ ଚିହ୍ନ । ଏକ ଏକ ଦିଗର ସଙ୍କେତ । ଦିଗ ଖୋଜିବାର ଅଛି । ଆଗରେ ଅଛି ପାହାଡ । ବୃକ୍ଷରେ ଭରିଯାଇଛି । ସେଇ ପାହାଡମାନଙ୍କ ଉପରୁ ଖୋଜିନିଅ ନିଜ ଜୀବନ ଦର୍ଶନ । କେହି କୁଆଡେ ଚାଲିଯାଇ ନାହାନ୍ତି । ସେମାନେ ଅପେକ୍ଷା କରି ରହିଛନ୍ତି । କାହାର ହୃଦୟର ଦରଦୀ ଛୁଆଁରେ ସେମାନେ ଜୀବନ ପାଇବେ ? ସତରେ ସେମାନେ ଆଉଥରେ ଜୀବନ୍ତ ହୋଇଯାଆନ୍ତେ କି ? ସେମାନଙ୍କ ଗର୍ବିତ ଚେହେରାମାନ କୁଳରେ ଶୋଭପାଆନ୍ତା କି ?

ଅବିନାଶ ଏକ ଲମ୍ବା ନିଃଶ୍ୱାସ ନେଲା । ପରେ ନିଜ ମନକୁ ହାଲୁକା କରିବା ପାଇଁ ନୂଆ କିଛି ଦେଖିବାକୁ ଚାହିଁଲା । ଆଉ କାରଖାନାର ଉପର ତଳକୁ ଏକ କାଠ ଶିଡିରେ ଚଢ଼ି ପହଞ୍ଚିଗଲା । ବୁଢା ଆସିଲେନି । ଏକ ବିଶାଳ ବ୍ୟାଣ୍ଡ ଶ ବା ଆରିପାତି ଗୋଲ ହୋଇ ମରାମତି ପାଇଁ ଲଗାଯାଇଥିଲା । ଦୁଇଟିପ ଲମ୍ବା ଦାନ୍ତମାନ ଏକ ବଡ଼ ଶାର୍କର ଦାନ୍ତ ଭଳି ଧାରୁଆ ଆଉ ତୀକ୍ଷ୍ଣ ଥିଲା । ଏଭଳି ଆରାରେ କଟିଯାଉଛି ବିରାଟ ବିରାଟ କାଠଗରମାନ । ଗଛର ସ୍ମୃତି ଆଉ ଏକ ନୂଆ ରୂପରେ ପ୍ରକାଶ ପାଇବ । ସେ କୋଠରୀରରେ ଅନେକ ଏମିତି ଆରିପାତି ପଡିଥିଲା । ସେଇଠୁ ଚାଥାମର ମୁଖ୍ୟ ଆରା ମେସିନ ହଲ ଦେଖି ହେଉଥିଲା । ବିଭିନ୍ନ ପ୍ରକାରର ଆରି । କିନ୍ତୁ ଖାଲି ହଲ । କେହି କୁଆଡେ ନାହାନ୍ତି । ଏତେ ବଡ଼ ଶେଡ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଆଖି ପାଇବନି । ଏଇଠି କାଠ ଚିରା ଶିଫଟରେ ବନ୍ଦ ନହୋଇ ଚିରା ଚାଲୁଥାଏ । କାଠଗର ନିଜର ରୂପ ହରାଇ ବସେ । ପ୍ରଥମେ ବଡ଼ ସାଇଜର ବିମ ଆଉ ତା'ପରେ ସେ ବିମରୁ ଦରକାର ସାଇଜର କାଠ ପଟା ବାହାର କରାଯାଏ । ବିରାଟ ବିରାଟ ଆକାରର ଯାନ୍ତ୍ରିକ ଆରା ସବୁ ନିର୍ଜ୍ଜୀବ ହୋଇ ପଡିଥିଲା । ଦିନରେ ଏଇଠି କେତେ ଯେ ଲୋକ କାମ କରନ୍ତି ? ଏକ ଲାଇନ ହୋଇ କାଠଗରରୁ ବିମଆଉ ସେଥିରୁ ପଟା ତିଆରି ହୋଇଯାଏ । ଉପରେ ଉଜ୍ଜ୍ୱଳ ବିଦ୍ୟୁତ ବଲ୍ବ ଜଳୁଛି ।

ସେ ନିଜ ଚାରିପାଖେ କାହାର ଉପସ୍ଥିତି ହଠାତ୍ ଅନୁଭବ କଲା । ତା'କୁ ଅକସ୍ମାତ ପକ୍ଷୀର ଡାକ ଶୁଣାଗଲା । କିଏ ଅବିନାଶ ଅବିନାଶ ବୋଲି ଅତି ଧିର କଣ୍ଠରେ ଡାକୁଥିଲା । ତା'କୁ କିଛି ଲୋକଙ୍କ ଦୌଡିବାର ଶବ୍ଦ ଶୁଣାଯାଉଥିଲା । କିଛି ଲୋକ ନିଜ ଭିତରେ ହସାହସି ହେଉଛନ୍ତି । ତା'କୁ ଚିରା କାଠର ସୁଗନ୍ଧ ଆସୁଥିଲା । କାଠ ଚିରିଗଲେ ଏକ ମଧୁର ସୁଗନ୍ଧ ଆସେ । ଏଇ କାଠରୁ ପରା ଝୁଣା ମିଳେ । ମାଟିରୁ ଗଛ ଯେମିତି ସୁଗନ୍ଧକୁ ନିଜ ଭିତରେ ସାଇତି ରଖିଥାଏ । ତା' ଉପରେ କରତଗୁଣ୍ଡ ଛିଟିକି ପଡ଼ିବାର ଅନୁଭବ କରୁଥିଲା । ବଡ଼ କାଠଗରଟିଏ ଚିରା ହୋଇସାରି ବିମ ବିଯାଇଛି । ସେଥିରୁ କାଠ ପଟା ଚିରା ହେବ । ଆପ୍ରନ ଲଗାଇ ମେସିନ ଅପରେଟର ଆରାର ପୋଜିସନ ଆଡଜଷ୍ଟ କରୁଛି । ତା'ପରେ ମୋଟା କାଠ ପଟାଟିକୁ ସେ ଆରାକୁ ନେଉଛି । ଆଉ ଜଣେ ଲୋକ କାଠ ପଟାକୁ ଧରବାକୁ ସାହାର୍ଯ୍ୟ କରୁଛି ଆଉ ପଟା ସାଇଜ ହୋଇ ବାହାରି ଆସୁଛି । ସବୁଆଡେ କରତଗୁଣ୍ଡ ଛିଟିକି ପଡୁଛି । ଅବିନାଶ ମୁଣ୍ଡ ହଲାଇଦେଲା । ଓଃ, ଏବେ ସମୟ ହୋଇନି । ତା'କୁ ବାଷ୍ପ ଚାଳିତ ମେସିନର ଶବ୍ଦ ଶୁଣାଯାଉଥିଲା । କ'ଣ ପାଇଁ ଚାଲୁଛି କେଜାଣି ? ମେନ ସୁଇଚ ବନ୍ଦ ବୋଧେ ହୋଇନି । ନାଃ । ବାଷ୍ପ ଚାଳିତ ମେସିନକୁ ବନ୍ଦ କରିବା କଷ୍ଟ । ଚାଲୁଥାଉ । ଆଉ ସିଫ୍ଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଲୋକେ ଆସିବେ । ଆରେ, ଆଜିକାଲି ତ ବାଷ୍ପ ଚାଳିତ ମେସିନ ଚାଲୁନି । ତା'କୁ ଆରା ଶବ୍ଦ ଆଉ ବାଷ୍ପର ସଁ ସଁ ଶବ୍ଦ ମଝିରେ ମଝିରେ ଶୁଣାଯାଉଥିଲା । ସେ କିଛି ବୁଝିପାରିଲାନି । କେବଳ, ଶବ୍ଦ ଆଉ ଅନୁଭବ । ପୁରୁଣା କାରାଖାନାଟା ଜୀବନ୍ତ ହୋଇଗଲା ନା କ'ଣ ? ଅବିନାଶ କିଛି ସମୟପାଇଁ ଉଜ୍ଜ୍ୱଳ ବିଦ୍ୟୁତ ବଲବକୁ ଚାହିଁରହିଲା । ତା' ଆଖି ଝଲସି ଯାଉଥିଲା । ସେ ନିଜ ଭିତରେ ଏକ ଲମ୍ବା ବିସ୍ମୃତିର ଅନୁଭବ କରୁଥିଲା । ସ' ମିଲର ସବୁଠାରୁ ବଡ଼ ଶେଡର ବିସ୍ମୃତି, ବହୁତ କିଛି ତା' ଭିତରେ ଏକା ସାଙ୍ଗରେ ଘଟିଯାଉଛି ।

ଅନେକ ସମୟପରେ ଅବିନାଶ ବୁଢା ବସିଥିବା ଜାଗାକୁ ଫେରି ଆସିଲା । ସେଇଠୁ ସମୁଦ୍ର ଦେଖାଯାଉଥିଲା । ସେ ନିଜ ଭିତରେ ଏକ ଲମ୍ବା ତରଙ୍ଗ ଅନୁଭବ କରୁଥିଲା । ଆଣ୍ଡାମାନ ସମୁଦ୍ରକୂଳର ଲମ୍ବା ତରଙ୍ଗ । ସେ ଲହଡିର ଶୃଙ୍ଗମାନଙ୍କରେ ଶତ ଶତ ତାରକା ଯେମିତି ଫୁଟୁଉଠୁଛି । ବୁଢା ଅବିନାଶକୁ ଏକ ଲୟରେ ଅନାଇଲେ । ତାଙ୍କ ମୁହଁ ଧୂଳିଆ ପରିବେଶ ଭିତରେ ଉଜ୍ଜ୍ୱଳ ଦେଖାଯାଉଥିଲା । ତାଙ୍କ ଆଖି ଶେଡରେ ଲଗାଯାଇଥିବା କାଠ ଫାଳମାନଙ୍କୁ ବାରମ୍ବାର ଚାଲିଯାଉଥିଲା । ଆଉ ତାଙ୍କ ଆଖି ଯେଉଁଠି ଲାଗୁଥିଲା ସେଇଠି କିଛି ଫଡଫଡ ହେଲା ଭଳି ଲାଗୁଥିଲା । ଦୃଷ୍ଟି ସେଠୁ ବୁଲିଗଲାପରେ ସେ ଜାଗା ଆପେ ନିଶବ୍ଦହୋଇଯାଉଥିଲା । ଅବିନାଶ ଆଗରେ ସବୁଠାରେ କିଛି କିଛି ଫଡଫଡ ହେଲା ।

ଆଉ ବସି ହେଉନି ।- ବୁଢା କହିଲେ । ତାଙ୍କ ହାତ ଝୁଲି ପଡିଥିଲା । ମୁଣ୍ଡ ତଳୁଆ ହୋଇଯାଇଥିଲା । ସେ ମୁଣ୍ଡକୁ ହଲାଇ ହଲାଇ ଚାଲିଲେ ଆଉ ଅବିନାଶ ତାଙ୍କ ପଛେ ଚାଲିଲା । ସେ ରାସ୍ତାରେ ନଯାଇ ସ' ମିଲର ତଳେ ତଳେ ଚାଲିଲେ । ଏକ ଉଚ୍ଚ ପ୍ଲାଟଫର୍ମ ଉପରେ ସ' ମିଲ ତିଆରି ହୋଇଛି । ମୋଟା ମୋଟା କାଠର ଖୁଣ୍ଟମାନ କରାଯାଇ ଉପରେ ତକ୍ତା ରଖି ଏକ ମୋଟା ଛାତ କରାଯାଇଛି । ତଳେ ସୁଡଙ୍ଗ, ଉପରେ କାମ ଚାଲେ । ସେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାତତଳେ ଚାଲିବାକୁ ଲାଗିଲେ । ତଳଟା ଅନ୍ଧାରୁଆ ଦେଖାଯାଉଥିଲା ଆଉ କେଉଁ ଶେଷରେ ଯାଇ ଆଲୋକ ଥିଲା, ସେଇଠି ବୋଧେ ପୁଣି ବାହାରକୁ ରାସ୍ତା ଖୋଲିଯାଇଛି । ଏମିତି ତଳେ ଚାଲିକରି ଯିବା ଏକ ବଡ଼ ଅନୁଭୂତି ।

ଏମିତି ଯାଉଛନ୍ତି ଯେ ?- ଅବିନାଶ ଶେଷରେ ପଚାରିଦେଲା । ଚାଲୁଚାଲୁ ତା' ମୁଣ୍ଡ ଯେମିତି କେଉଁଥିରେ ନବାଜେ ସେ ସେଥରପାଇଁ ସାବଧାନ ଥିଲା ।

ସୁ-ଉ-ଉ ।– ବୁଢା କହିଲେ ଆଉ ଓଠରେ ଆଙ୍ଗୁଳି ରଖିଦେଲେ ।

ଏଇଟା ସବୁଠାରୁ ସୁରକ୍ଷିତ ରାସ୍ତା । କେହି ଜାଣିପାରିବେନି ।- ଅବିନାଶର କାନରେ କହିଲେ ।

ଅବିନାଶ କିଛି ବୁଝିପାରିଲାନି । ଏମିତିଆ ସୁରକ୍ଷିତ ରାସ୍ତାରେ ଆସିବା ଦରକାର କ'ଣ ? କାହାକୁ ଲୁଚିବାର ଅଛି କି ? ନା କେଉଁ ଶତ୍ରୁ ଆକ୍ରମଣ ହେଉଛି ? କିନ୍ତୁ ବୁଢାଙ୍କ ପଛରେ ଚାଲିଲା । ଏଠି ଲୁଚିବାକୁ ବହୁତ ଜାଗା ଅଛି । କିଏ ହଠାତ୍ ଉପସ୍ଥିତି ଜାଣିପାରିବନି ଆଉ ଅନାୟସରେ ଶତ୍ରୁ ଉପରେ ଆକ୍ରମଣ କରିହେବ । ଚାଥାମରେ ଯେତେବେଳେ କଇଦୀମାନେ ପ୍ରଥମେ କାମ କରୁଥିଲେ ଏମିତି ଏକ କାରଖାନା ଥାଆନ୍ତା କି ? ସେମାନେ ସହଜରେ ଏଇଠୁ ଇଂରେଜମାନଙ୍କୁ ଅତର୍କିତ ଆକ୍ରମଣ କରିପାରିଥାନ୍ତେ । ସେମାନେ ତ ସିପାହୀ ବିଦ୍ରୋହର ସୈନ୍ୟ । ତେଣୁ ସବୁପ୍ରକାର ଆକ୍ରମଣ ସେମାନଙ୍କୁ ଆସୁଥିବ । ଇଂରେଜମାନଙ୍କୁ ସେମାନେ କାବୁ କରିଦେଇ ପାରିଥାନ୍ତେ ଆଉ ଏକ ନୂଆ ଶାସନ ବୋଧହୁଏ ଆଣ୍ଡାମାନରେ ଆରମ୍ଭ ହୋଇଥାନ୍ତା ।

ତା'ପରେ ସେମାନେ ବାହାରି ଆସିଲେ । ପାଖରେ ଏକ ତେନ୍ତୁଳି ଗଛ । ସେଥିରେ ବହୁତ ତେନ୍ତୁଳି ଝୁଲୁଥିଲା । ଗୋଟାଏ କଡରେ ଏକ ବଡ଼ ଖାଲରେ ପାଣି ଥିଲା ଆଉ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ପରେ ଇଷ୍ଟ ହିଲର କୁଦ । ସେ ତେନ୍ତୁଳି ଗଛ ଭିତରୁ ବହୁ ପକ୍ଷୀ ଡାକୁଥିଲେ । ଏକ ବୁଲବୁଲ ପାଣି ଚାରିପାଖେ ଲାଗିଥିବା ବାଡା ଉପରେ ବସି ରହିଥିଲା ଆଉ ମାଛରଙ୍କା ପକ୍ଷୀଟିଏ ଚୁପଚାପ ବସି ପାଣିକୁ ଲକ୍ଷ୍ୟ କରୁଥିଲା । ପାଖରେ ଭଙ୍ଗାତୁଟା କିଛି ଜିନିଷ ଏଣେତେଣେପଡିଥିଲା । ଆଉ ସେ ସେମିତି ରାସ୍ତା ଦେଇ ଆଗକୁ ଚାଲିଲେ, ଆଉ ସିଧା ବାହାରି ପଡିଲେ ଚାଥାମର ଅନ୍ୟପଟେ । ସେପଟେ ଚାଥାମ ପୋଲ ଦେଖାଯାଉଥିଲା । ସିଧା ଦେଖିଲେ ଦୁଇପଟେ ଭୂମି, ବାମ ପଟେ ଦକ୍ଷିଣ ଆଣ୍ଡାମାନର ପାହାଡମାନ ଆଉ ଡାହାଣ ପଟେ ପୋର୍ଟବ୍ଲେଆରର ଉଚ୍ଚ ଭୂମି ଆଉ କୁଦମାନ ଆଉ ଫୋନିକ୍ସ ବେ ଅଞ୍ଚଳ, ମଝିଟା ସମୁଦ୍ରକୁ ଖୋଲିଯାଇଛି । ବାହାର ସମୁଦ୍ରରୁ ପବନକୁ ଦୁଇପଟ ଭୂମି ଅଟାକାଇ ଦେବ ଆଉ ଜାହାଜକୁ ପ୍ରାକୃତିକ ବିପତ୍ତିରୁ ସୁରକ୍ଷା ଦେବ । ଆକାଶରେ ଧଳା ମେଘ ଦେଖାଯାଉଥିଲା, ମେଘ ପଛରେ ଚକମକିଆ ଲାଲ ସୁନେଲୀ ରଙ୍ଗର ଧାର ଥିଲା । ଜାହାଜ ସବୁ ଯେମିତି ଆକାଶରେ ଲାଲ ସୁନେଲୀ ଦେଶକୁ ଭାସିଯାଉଛନ୍ତି ।

ଏଜାଗାରେ ତାଜା ପବନ ମିଳେ । ବେଳେବେଳେ ମୁଁ ଆସି ଏଇଠି ନିଃଶ୍ୱାସ ନିଏ ।-ବୁଢା କହିଲେ ।

ଅବିନାଶକୁ ବାହାରର ଦୃଶ୍ୟ ଭଲ ଲାଗିଲା । ଛୋଟ ଛୋଟ ଢେଉ । ସବୁ ନାଚୁଛି ଆଉ ଆକାଶରେ ଅପୂର୍ବ ଦୃଶ୍ୟ ଗଢି ତୋଳୁଛି । ଛୋଟ ଖୋଲା ସମୁଦ୍ରରୁ ସିଧା ପବନ ଆସି ମୁହଁରେ ବାଜୁଛି । ଜଳକଣା ଭରା ପବନ କେମିତି ମନକୁ ହାଲୁକା କରିଦେଉଛି । ଆଉ ଆକାଶରେ ବଉଦର ଉଜ୍ୱଳ ଧାର ତ ମନରେ ଏମିତି ଏକ ସିଂହାସନ ଗଢି ତୋଳୁଛି ।

କାଠଗରମାନଙ୍କ ଭିତରୁ ଗରମ ବାମ୍ପ ଭରା ପବନ ବେଳେବେଳେ ବୋହିଆସେ । ଛାତିଟା ରୁଦ୍ଧି ହୋଇଯାଏ ।-ବୁଢା କହିଲେ । ତା'ପରେ ଆଖି ବନ୍ଦ କରି ଲମ୍ବା ନିଃଶ୍ୱାସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନେଲେ । ଅବିନାଶ ମଧ୍ୟ ତାଙ୍କ ଦେଖାଦେଖି ଲମ୍ବା ନିଃଶ୍ୱାସ ନେଉଥିଲା । ସତରେ ଲମ୍ବା ତାଜା ନିଃଶ୍ୱାସ ନେଲେ ମନ ହାଲୁକା ଲାଗେ । ପବନ ଛାତିରେ ଭରିଗଲାରୁ ତା’ ଦେହ ହାଲୁକା ହୋଇଗଲା । ପବନରେ ସେ ଯେମିତି ଭାସି ଯାଉଛି । ଏପଟ ଚାଥାମରେ ପବନ ବହୁତ ତାଜା ନିଶ୍ଚିତ ।

ଅବିନାଶ ଡାହାଣକୁ ଅନାଇଲା । ପଶ୍ଚିମ ପଟରେ ଚାଥାମ ବ୍ରିଜ ଦେଖାଯାଉଥିଲା । ସେପଟେ ହାଡୋ ଜେଟି । ସିମେଣ୍ଟ ଜେଟି । ବଡ଼ ଜାହାଜ କିଛି ଠିଆ ହୋଇଥିଲା ଆଉ କିଛି ଛୋଟ ଜାହାଜ ଥିଲା । ପଶ୍ଚିମ ଆକାଶ ଅପୂର୍ବ ଦିଶୁଥିଲା । ସଂନ୍ଧ୍ୟା ହୋଇନି । କିନ୍ତୁ ପଶ୍ଚିମ ଆକାଶରେ ଅରୁଣିମା ଆସିଲାଣି । ତଳ ଜଙ୍ଗଲ ଭରା ଉଚ୍ଚ ଭୂମି କଳା ପଡି ଆସିଲାଣି ଆଉ ଆକାଶରେ ଲାଲ୍ ରଙ୍ଗର ରାଜୁତି ଆରମ୍ଭ ହୋଇଗଲାଣି । ମେଘର ଶିଖରରେ ଲାଲ୍, କଳା, ସୁନେଲୀ ନୀଳ ରଙ୍ଗର ଛଟାମାନ ପଡିଆସିଲାଣି । ଆକାଶ ଏତେ ରଙ୍ଗ ସତରେ ଧରିପାରେ ? ବୁଢା ନିଶ୍ଚିତ ଭାବେ ଏକ ଭଲ ଜାଗାକୁ ଆସି ନିଃଶ୍ୱାସ ନେଉଛନ୍ତି । ଆପେଆପେ ମନରେ ଯେମିତି ରଙ୍ଗ ବୋଳିହୋଇଯାଉଛି ।

ଅପୂର୍ବ ଦୃଶ୍ୟ ।- ଅବିନାଶ ମକୁ ମନ କହି ଉଠିଲା । ତା’ ଆଖି ଚାଥାମ ପୋଲ ପରେ ଆକାଶରେ ଲାଗି ରହିଥିଲା ।

ଆକାଶ ବହୁତ ଦୀର୍ଘ, ସୀମାହୀନ ଲାଗୁଛି ।- ବୁଢା କହିଲେ ।

ଅବର୍ଣ୍ଣନୀୟ । ତଳେ ଚାଥାମ ବ୍ରିଜରେ ଲୋକଙ୍କ ଯିବା ଆସିବା ସରୁନି, ଆଉ ଆକାଶରେ ଦୃଶ୍ୟର ମହାର୍ଘ୍ୟତା କମୁନି । ତଳେ ଜାହାଜମାନ ପ୍ରସ୍ତୁତ ହୋଇଛି କେଉଁ ଅଜଣା ଦେଶକୁ ଭାସିଯିବା ପାଇଁ ।- ଅବିନାଶ କହିଲା ।

ପୋଲ୍ ବି ବହୁ ପୁରୁଣା ହୋଇଗଲାଣି ।- ବୁଢା କହିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଢା ଲୋକମାନେ ପ୍ରକୃତିର ଅବର୍ଣ୍ଣନୀୟ ରୂପକୁ ଅନୁଭବ ନକରି ସବୁବେଳେ ଅତୀତକୁ ଖୋଜନ୍ତି ନା କ'ଣ? ଲାଲ ରଙ୍ଗର ଭିନ୍ନତାକୁ କ'ଣ ପାଇଁ ଜାଣିପାରୁନାହାନ୍ତି? ଆଉ ତଳକୁ ଆଖି ଓହ୍ଲାଇ ଆସୁଛି । ଯାହାହେଉ ଅବିନାଶ ହାଡୋ ସହ ଲାଗିଥିବା ସିମେଣ୍ଟ ପୋଲକୁ ଅନାଇଲା । ଏକ ସରୁଆ ସିମେଣ୍ଟ ପୋଲ । ବାମ ଆଡକୁ ଧିରେ ସମୁଦ୍ର ବଡ଼ ହୋଇଯାଇଛି । ଡାହାଣକୁ ଦୂରରେ ରସ ଆଇଲାଣ୍ଡ ପରେ ଖୋଲା ସମୁଦ୍ର । ଆଉ ଡାହାଣ ଆଡକୁ ଅନ୍ୟ ଜେଟି ଆଉ ଉପସାଗର ଭିତରକୁ ବୁଲିଯାଇଛି । ସେପଟେ ସମୁଦ୍ର ଅପେକ୍ଷାକୃତ ଶାନ୍ତ । ପୋଲର ଧାରରେ ଠିଆହୋଇ କିଛି ଲୋକ ମାଛ ଡୋରି ତଳକୁ ପକାଉଛନ୍ତି ଆଉ ସୂତା ଗୁଡାଉଛନ୍ତି । ମାଛମାନ କାହା କାହା ଥୋପରେ ଲାଗିଯାଉଛି । କିଛି ଯାତ୍ରୀବାହୀ ବସ ଚାଥାମର ଜେଟିରୁ ଲୋକ ନେଇ ସହରକୁ ଯାଉଛି । କିଛି ଲୋକ ନିଜ ନିଜ ବାଇକରେ ଯାଉଛନ୍ତି । ଚଳଚଞ୍ଚଳ ହୋଇଉଠିଛି ଚାଥାମର ଏହି ବ୍ରିଜ । ଏ ପୋଲ ନଥିଲେ ଚାଥାମକୁ ଯିବା ଆସିବାରେ ଅସୁବିଧା ହୁଅନ୍ତା । ବୁଢା କିଛି ସମୟ ପୋଲକୁ ଅନାଇ ରହିଲେ ।

ଅନେକ ବଦଳି ଗଲାଣି । ପ୍ରଥମରୁ ସିମେଣ୍ଟ ପୋଲ ନଥିଲା ।- ବୁଢା କହିଲେ ।

ଅବିନାଶ ଭାବିଲା ସିମେଣ୍ଟ କାମ କେଉଁ ଦ୍ୱୀପରେ ପ୍ରଥମରୁ ଥିଲା କି ? ସବୁ କାମ କାଠରେ ହେଉଥିଲା, ଘର, ବାଡ, ଆସବାବ ପତ୍ର ସବୁ । ତେଣୁ କାଠର ପୋଲ ଥିବ । କାଠର ପୋଲ ଏତେ ଓଜନ ନେଇପାରିବ କି ନାହିଁ କିଏ ଜାଣେ? ଆଉ ଏ ଲୁଣା ପାଣିରେ କାଠ କ'ଣ ଠିଆ ହୋଇପାରିବ? କାଠ ତ ବର୍ଷକରେ ସଢିଯିବ । ଆଉ ଇଂରେଜମାନେ ଜାଣିକି ତ ଚାଥାମକୁ ବାଛିଥିଲେ । ଏକ ଦ୍ୱୀପ, ସହଜରେ ଗ୍ରେଟ ଆଣ୍ଡାମାନିଜମାନେ ଆକ୍ରମଣ କରିପାରିବେନି ଆଉ କଇଦୀମାନେ ଖୋଲା ବନ୍ଦୀଶାଳାରୁ ପଳାଇ ପାରିବେନି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜଣାଶୁଣା କଥା । ବୁଢା କହି ନକହିଥିଲେ ଅବିନାଶ ସେମିତି ଦଣ୍ଡେ ପ୍ରକୃତିର ଅବର୍ଣ୍ଣନୀୟ ଦୃଶ୍ୟକୁ ଅନାଇ ରୁହନ୍ତା । ମେଘମାନ ଭାସିଯାଉଛନ୍ତି ଦୂରକୁ, ଆଉ ସେ କାହିଁ ଦୂରକୁ ଚାଲିଯାଇଥାନ୍ତା । ନିଜକୁ ଅପରୂପ ସ୍ୱର୍ଗ ଉଦ୍ୟାନରେ ଆବିଷ୍କାର କରିଥାନ୍ତା ।

କାଠ ପୋଲର ଖୁଣ୍ଟ ହେଉଥିଲା ସି ମହୋଗ୍ନା ଗଛରେ ।- ବୁଢା କହିଲେ । ତାଙ୍କୁ ଲାଗୁଥିଲା ଅବିନାଶର ମନ ତାଙ୍କ ମନ ଭଳି କେବଳ କାଠ ଜିନିଷ ଆଉ ତା'ର ଦୈନନ୍ଦିନ ମୂଲ୍ୟକୁ ଦେଖୁଛି ।

ଅବିନାଶ ନିଜ ମନକୁ ତଳକୁ ଓହ୍ଲାଇ ନେଇ ଆସି ଓଠରେ ନିର୍ଜ୍ଜୀବ ଭାବରେ କହିଲା- ହେଉଥିବ ।

କିଛି କାଠ ବହୁଦିନ ଯାଏ । ଏମିତି ବି ଅବିନାଶ ଦେଖିଛି ଡ୍ରିଫ୍ଟଉଡ୍ ବର୍ଷ ବର୍ଷ ଧରି ସମୁଦ୍ର କୂଳରେ ପଡିରହିଥାଏ । ତେଣୁ କାଠ ବେଶ ଶକ୍ତ ଥିବ । ମଣିଷ କାଠ କଳରେ କାମ କଲେ କେବଳ କାଠ କାଠ ହୋଇ ଭାବିହେଉଥାଏ ନା କ'ଣ ? ହେଉ ଯାହା କହୁଛନ୍ତି କୁହନ୍ତୁ । କିଛି ନୂଆ ତ କହିବେ ।

ତମେ ହାତ ଟଣା ଆରାରେ ଏ କାଠ ସହଜରେ କାଟିପାରିବନି, ଏମିତି କି ମେସିନ ଆରା ମଧ୍ୟ ସହଜରେ କାଟି ପାରିବନି । ସି ମହୋଗ୍ନା ଖୁଣ୍ଟ ଅଶୀରୁ ଶହେ ବର୍ଷ ଯାଏ ।- ବୁଢା କହିଲେ ।

ଅବିନାଶ କାନକୁ ବିଶ୍ୱାସ କରିପାରିଲାନି । ଶହେ ବର୍ଷ । ଲୁହା, ବା ସିମେଣ୍ଟ ଖୁଣ୍ଟ ଏତେ ଦିନ ଯିବ କି ନାହିଁ ସନ୍ଦେହ । କାଠ ତାହେଲେ ଲୁହାଠାରୁ ଶକ୍ତ । ଅବିଶ୍ୱାସନୀୟ । ଅବିନାଶ ଆଣ୍ଡାମାନର ଉପକୂଳ କଥା ମନେ ପକାଉଥିଲା । ଆଗରେ ବାଲି, ବା ସାମାନ୍ୟ ପଥରୁଆ ଉପକୂଳ । ତା'ପରେ ବିଶାଳ ସି ମହୋଗ୍ନା ଗଛ ଛତା ପରି ଠିଆ ହୋଇଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଧାରେ ମୋଟେ ଡାଳ ନାହିଁ । ମୁଣ୍ଡ ଉପରେ ଡାଳ ଲମ୍ବା ମେଲିଯାଇଛି । ଅନ୍ୟ ସବୁ ଗଛ ଉପରକୁ ଉଠି ମୁଣ୍ଡ ଟେକିଛି ଏ ଗଛ । ଦୂରରୁ କୂଳ ସୁନ୍ଦର ଦେଖାଯାଉଛି ।

ଏ ଗଛର ଖୁଣ୍ଟକୁ ଦେଖିଲେ ଆପେ ପୁରୁଣା କଥା ମନେ ପଡିଯାଏ । ମଣିଷ ଜୀବନର ଆରମ୍ଭରୁ ଶେଷ । ସବୁ ଯେମିତି ଏ ଖୁଣ୍ଟରେ ଲେଖାଥାଏ ।- ବୁଢା କହିଲେ ।

ଅବିନାଶ ଭାବିଲା ସତ କଥା । ନିଜ ଘରେ ବି କେଉଁ ଜିନିଷକୁ ତିଆରି କରି ରଖିଲେ, ସବୁବେଳେ ପ୍ରଥମ ଦିନମାନ କଥା ମନେ ପଡିଯାଏ । ସେଦିନ ଆସିଲା ବେଳେ କେମିତି ସମୟ ଥିଲା, କେମିତି ଘର ହେବ ତାହା, ଲୋକଙ୍କର ମନ ଥିଲା । ସବୁ ଆପେ ମନେ ପଡିଯାଏ । କିଛି ତିଆରି ହୋଇଗଲଲେ ମନ ଯେମିତି ସେଥିରେ ଲାଗିଯାଏ । ସେଇଟା ଅନ୍ୟ କେହି ଏତେ ଜାଣି ପାରନ୍ତିନି, କିଛି କିନ୍ତୁ ଅନୁଭବ କରି ନିଅନ୍ତି । କିନ୍ତୁ ଯାହା ଆଗରେ ଏ କଥା ଘଟିଯାଇଥାଏ, ତା'ର ସବୁ ମନେପଡିଯାଏ । ଏ ବୁଢା ତାହାହେଲେ କେତେ ଦିନର କଥା ମନେ ରଖିଛନ୍ତି କେଜାଣି ? ବୁଢାମାନଙ୍କୁ ସମ୍ମାନ ଦେଇ ସେମାନଙ୍କ କଥା ଶୁଣିଲେ ମନକୁ ମନ ଅତୀତ ଜୀବନ୍ତ ହୋଇଉଠେ ।

ଆଉ ଦିନେ ଏ ପୋଲକୁ ବି ପାଣି ବୁଡାଇ ଦେଇଥିଲା ।-ବୁଢା କହିଲେ । ତା'ପରେ ସେ ସୁନାମୀ କଥା ବର୍ଣ୍ଣନା କଲେ । ସୁନାମୀରେ ପାଣି ଉଠି ପୋଲକୁ ବୁଡାଇ ଦେଇଥିଲା, ଚାଥାମର ତଳୁଆ ଅଞ୍ଚଳ ପାଣିରେ ଭରିଯାଇଥିଲା । କିନ୍ତୁ ଦୁଇଟା କୁଦ ଥିବାରୁ ମିଲର ଲୋକେ ବଞ୍ଚି ଯାଇଥିଲେ । ଯାଗରେ ସୁବିଧାଜନକ ।

ବୁଢା ସୁନାମୀ ଆଉ ପାଣି କଥା ବର୍ଣ୍ଣନା କରି ଅବିନାଶର ମନକୁ ଚାଥାମ ଭିତରକୁ ଟାଣିଆଣୁଥିଲେ । ଅବିନାଶ ନିଜ ମନକୁ ସ୍ଥିର ନକରିପାରି କେବେ ଅତୀତ, କେବେ ବର୍ତ୍ତମାନକୁ ଲମ୍ଫ ଲଗାଉଥିଲା । ତା' ମନଟା ବୁଢାଙ୍କ କଥାଠାରୁ କେତେ ହଜାରଗୁଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜୋରରେ ଦୌଡୁଥିଲା । ଚାଥାମ ସୁବିଧାଜନକ ଜାଗା ନିଶ୍ଚୟ ପୁରୁଣା ଦିନମାନଙ୍କରେ ଇଂରେଜମାନେ ସୁରକ୍ଷାକୁ ପ୍ରାଥମିକତା ଦେଇଥାନ୍ତି ସବୁଠାରେ । ସେମାନଙ୍କର ଏଇ ସୁରକ୍ଷା ବଳୟର ଶ୍ରେଷ୍ଠତା ହେତୁ ସେମାନେ କିଛି ଅତୀତର ଶତାବ୍ଦୀରେ ଅଜେୟ ହୋଇ ରହିଥିଲେ । କେହି ସେମାନଙ୍କ ସୁରକ୍ଷାକୁ ସହଜରେ ଭେଦ କରିପାରୁନଥିଲେ । ଅଣ୍ଡାମାନର ପ୍ରଥମ ଦିନମାନଙ୍କର କଥା । ପେନାଲ ସେଟଲମେଣ୍ଟ ମୁଖ୍ୟତଃ ପୋର୍ଟବ୍ଲେଆର ବନ୍ଦର ଚାରିପାଖ ଅଞ୍ଚଳ ଯଥା ଚାଥାମ, ରସ ଦ୍ୱୀପ, ଭାଇପର ଦ୍ୱୀପ ଆଉ ପୋର୍ଟ ବ୍ଲେଆର ଭୂମିର କିଛି ଅଞ୍ଚଳ ନେଇ ଗଢି ଉଠିଲା । ପେନାଲ ସେଟଲମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ ଥିଲା କଇଦୀମାନଙ୍କୁ ଦଣ୍ଡ ଠିକଭାବେ ମିଳୁ ଆଉ ସେମାନେ ଦୃଢ ଶୃଙ୍ଖଳା ଭିତରେ ରୁହନ୍ତୁ । ପହଞ୍ଚିବା ପରେପରେ କଇଦୀମାନେ ମୁଖ୍ୟତଃ ଜଙ୍ଗଲ ସଫା କରିବା ଆଉ ଘର ତିଆରି କାମରେ ନିୟୋଜିତ ହେଲେ । ସିପାହୀ ହେବାହେତୁ ସେମାନେ କଠିନ ପରିଶ୍ରମରେ ଅଭ୍ୟସ୍ତ ଥିଲେ । କିନ୍ତୁ ପେନାଲ ସେଟଲମେଣ୍ଟର ଏମିତି ପରିଶ୍ରମ ସେମାନଙ୍କ ହାଡ ଭାଙ୍ଗି ଦେଉଥିଲା । ସେମାନଙ୍କୁ ଅମାନୁଷିକ ଯାତନା, ଲାଂଛନା ଭୋଗିବାକୁ ପଡୁଥିଲା ।

ଏଇଟା ଅନ୍ୟାୟ ।- ଅବିନାଶ ମୁହଁରୁ ଶବ୍ଦ ଦୁଇଟି ମନକୁ ମନ ବାହାରି ଆସିଥାନ୍ତା । ସେମାନେ ବନ୍ଦୀ ନିଶ୍ଚୟ, କିନ୍ତୁ ଚୋର, ଅପରାଧୀ ନୁହନ୍ତି । ସେମାନେ ନିଜ ଦେଶ ସ୍ୱାଧୀନ କରିବାକୁ ଚେଷ୍ଟା କରିଥିଲେ । ବ୍ରିଟିଶମାନଙ୍କ କବଳରୁ ନିଜର ମୁକ୍ତି ଚାହିଁଥିଲେ । ଏକ ପରାଜିତ ଯୋଦ୍ଧା ସେମାନେ । ଆଉ ପରାଜିତ ଯୋଦ୍ଧାକୁ ସାଧାରଣ ଅପରାଧି ଭଳି ଦଣ୍ଡଦେବା ଅନ୍ୟାୟ । ସେମାନଙ୍କୁ ଏକ ଯୋଦ୍ଧାର, ଏକ ସୈନିକର ସମ୍ମାନ ମିଳିବା ଉଚିତ । ନହେଲେ ଆଗକୁ ଯୋଦ୍ଧା ବାହାରିବେ କେମିତି ? ଅବିନାଶ ନିଜର ଅଜସ୍ର ପ୍ରଶ୍ନ ଭିତରେ ନିଜକୁ ବୁଝାଇଲା । ପେନାଲ ସେଟଲମେଣ୍ଟରେ ଜଣେ କ'ଣ ଆଶା କରିବ ? କିଏ ଜେଲରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖନ୍ତା, ଖାଇବା ପିଇବାକୁ ଦେଇ ଗେହ୍ଲାରେ ପୋଷା ପଶୁଭଳି ପାଳନ୍ତା । ବ୍ରିଟିଶ ନିୟମ ତା' କହୁନଥିଲା । ସେମାନେ ଲକ୍ଷ୍ୟ ପାଇଁ କାମ କରନ୍ତି । ସେ ଲକ୍ଷ୍ୟରେ ମଣିଷ, ପଶୁ, ଜଳ, ମାଟି, ଭୂମି ଏକ ଏକ ପାତ୍ରମାତ୍ର । ବୁଝିନେବା ଦରକାର ।

ଅବିନାଶ ବୁଢାଙ୍କ ମୁହଁରେ ଏକ ମଳିନ ହସ ଦେଖୁଥିଲା । ବୁଢା ନିଜ ଦେହକୁ ଅନାଇଲେ । ଚମ, ମାଂସପେଶୀ ସବୁ ଶିଥିଳ ପଡିଗଲାଣି । ଅବିନାଶ କିନ୍ତୁ ବୁଢାଙ୍କୁ ନଅନାଇ ନିଜ ଭାବନାରେ ବ୍ୟସ୍ତ ଥିଲା । ବାହାରୁ ଆସିଥିବା ଲୋକର ଭାବନା ଥିଲା ତ । ସବୁ ଅଲଗା ଅଲଗା ଲାଗିବ । ଆଣ୍ଡାମାନ ସହ କେମିତି ହଠାତ୍ ମିଳିବ ।

ଅବିନାଶ ଇଛା ହେଉଥିଲା କାମ କରାଉଥିବା ଇଂରେଜମାନଙ୍କୁ କୁହନ୍ତା, ଆରେ ତୁମେମାନେ ପଣିଷ ନୁହଁ ପଶୁ । କିନ୍ତୁ ଅବିନାଶ ଏବେକା ଦୁନିଆ ହିସାବରେ ଭାବୁଥିଲା । ମୁହୁର୍ତ୍ତକରେ ଖବର ସବୁଆଡକୁ ଚାଲିଯାଉଛି । ଯଦି ଖବର ନଯାଆନ୍ତା, ତେବେ କ'ଣ ଘଟୁଛି କେହି ଜାଣିପାରନ୍ତେନି । ଯଦିବା ଜାଣନ୍ତେ ଆଲୋଚନା ସହଜରେ କରିପାରନ୍ତେ ନାହିଁ । ଏବେକାର ବେଳ ହିସାବରେ କହିଦେବା ଅତି ସହଜ । ଆଉ ଅବିନାଶ ଏବୋକର ଦୁନିଆର ମଣିଷ ।

ତଥାପି ସେ ଭାବୁଥିଲା ଏକ ଲକ୍ଷ୍ୟ ଆଗରେ ସମସ୍ତେ ସମାନ । ଇଂରେଜମାନେ ଅନ୍ୟଜାଗାରେ ଭିନ୍ନ ବ୍ୟବହାର କରିଥିଲେ କି ? ସେମାନେ ୱେଷ୍ଟ ଇଣ୍ଡିଜକୁ ନିଗ୍ରୋ କ୍ରୀତଦାସମାନ ଆଫ୍ରିକାରୁ ନେଇଯାଇଥିଲେ । ସେମାନଙ୍କ ଲକ୍ଷ୍ୟ ଯେ ଥିଲା ଅଧିକାର । ବିଜୟୀ ଆଉ ପରାଜୟୀ ମଧ୍ୟରେ ଭିନ୍ନତାକୁ କାର୍ଯ୍ୟ ମାଧ୍ୟମରେ ପ୍ରତିପାଦନ କରାଉଛି । ସବୁ ଜାଗାରେ ସେମାନେ ସେଇଆ କରିଛନ୍ତି । ସେମାନଙ୍କ ପାଇଁ ବହୁତ ଅଲଗା ନଥିଲା ଆଣ୍ଡାମାନ । ସବୁଠି ବିସ୍ତାରବାଦ ଅଛି । ଏଣେ ବୁଢା ଅବିନାଶ ଆଡକୁ ସ୍ଥିର ଦୃଷ୍ଟିରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନାଇ ରହିଥିଲେ । ଅବିନାଶ ବୁଢାଙ୍କର ସ୍ଥିର ଚକ୍ଷୁକୁ ଦେଖି ନିଜ ଭିତରେ ଭାବନାକୁ କମ୍ପନଶୂନ୍ୟ କଲା ।

ଏଇଠି କାମ କରିକରି ଚମ ଶିଥିଳ ହୋଇଆସିଲାଣି । ଆଣ୍ଡାମାନର ପ୍ରତି ଘର ଦିନେ କେଉଁ ନା କେଉଁ ହିସାବରେ ଏ ଜାଗା ସହ ଯୋଡାଥିଲା । ଏଠି କାମ ବନ୍ଦ ହେଉନଥିଲା । ବଢି ସକାଳୁ କାମ ଆରମ୍ଭ ହୁଏ । ଗଭୀର ରାତିରେ ତ ଆଗରୁ କାମ ଚାଲୁଥିଲା । ସାରା ଦ୍ୱୀପକୁ କାଠ ଯୋଗାଇବା ଆଉ ବାହରକୁ ରପ୍ତାନୀ କିଛି କମ କାମ ନଥିଲା । ଆଜି ତୁମକୁ ଗଭୀର ରାତିରେ ଲୋକଙ୍କ ଯିବା ଆସିବା ଜଣାଯିବ ।-ବୁଢା କହିଲେ ।

ଅବିନାଶ ଟିକେ ଚମକି ପଡିଲା । ବୁଢା କ'ଣ କହୁଛନ୍ତି, ଗଭୀର ନିସ୍ତବ୍ଧ ରାତିରେ ଲୋକଙ୍କ ଚଳପ୍ରଚଳ ଜଣାଯାଉଛି । କ'ଣ ପ୍ରେତଗ୍ରସ୍ତ ଇଲାକା ନା କ'ଣ ? ତା'କୁ ତ ମେସିନ ଘର ଭିତରେ କିଛି ଅଲଗା ଅନୁଭୂତି ହୋଇଥିଲା । ଆଜିକାଲି ରାତିରେ କାମ ଚାଲୁନି । କିନ୍ତୁ ସ' ମିଲରେ ଗହଳ ଚହଳ କ'ଣ ରାତିରେ ହେଉଥିବ । ତା'ର ଏମିତି ଦେଖିବାକୁ ଭାରି ଇଚ୍ଛା ଥିଲା । କିନ୍ତୁ ଏବେ ସମୟ ହୋଇନି ଆଉ ରାତିରେ ରହିବାକୁ ଅନୁମତି ମିଳିବ କି ନାହିଁ କିଏ ଜାଣେ ? ରାତିରେ ଚାଲୁଥିବା ପାଦଶବ୍ଦଗୁଡାକ ଯଦି ସେଇ ପ୍ରଥମ ଦିନମାନଙ୍କର ହୋଇଥିବ ? ତାହେଲେ ବହୁତ କିଛି ଅଭିନୟ ଆଖିଆଗରେ ହୋଇଯିବ ।

ଆଉ ଘଡିଏ ଦୁଇଘଡିରେ ସଂଧ୍ୟା ହୋଇଯିବ । ଅବିନାଶ ପ୍ରଥମ ଦିନର କାମସବୁକୁ ପୁଣି ମନେ ପକାଇଲା । ପେନାଲ ସେଟଲମେଣ୍ଟରେ କାମ ଜୋରରେ ଲାଗି ରହିଲା । କାଠ କାଟିବା, କାଠ ବୋହିବା, ଜମି ସମତଳ କରିବା ଆଦି କାମ ବହୁତ କଠିନ ଥିଲା । କିନ୍ତୁ ସମସ୍ୟା ହେଲା ପାଣିର । ଆଉ ଏ ଭିତରେ ନିଶ୍ଚୟ କରାଗଲା ପେନାଲ ସେଟେଲମେଣ୍ଟର ହେଡକ୍ୱାର୍ଟର୍ସ କୁ ରସ ଆଇଲାଣ୍ଡକୁ ଉଠାଇ ନିଆଯିବ । ସେଇଟା ହେବ ଆଣ୍ଡାମାନର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶାସନର ମୁଖ୍ୟ କାର୍ଯ୍ୟାଳୟ । ଚାଥାମଠାରୁ ମଧ୍ୟ ବେଶି ଦୂର ନୁହେଁ, ପ୍ରାୟ ୩-୪ କିମି ଦୂରରେ ପୋର୍ଟବ୍ଲେଆର ମୁଖ୍ୟ ଭୂମିର ମୁହଁରେ ଥିଲା ରସ ଦ୍ୱୀପ । ଏହା ଏକ ଛୋଟ ଦ୍ୱୀପ, ପ୍ରାୟ ୭୦ ଏକର ଜମିରେ ବ୍ୟାପ୍ତ ଥିଲା ଆଉ ଗଛରେ ଭରିଯାଇଥିଲା । ବିଶାଳ ବୃକ୍ଷ ସବୁଆଡେ । କେଉଁଠି ଟିକେ ସମତଳ ଭୂମି ନଥିଲା । ସେ ଗଛକୁ କାଟି ପେନାଲ ସେଟଲମେଣ୍ଟର ମୁଖ୍ୟ ଅଫିସ ତିଆରି ହେବ । ଆଉ ଏହି ମୁଖ୍ୟ କାର୍ଯ୍ୟାଳୟ ୧୯୪୫ ମସିହା ପର୍ଯ୍ୟନ୍ତ ଚାଲିଲା । ସେ ଭିତରେ ଥିଲା ଚିଫ କମିଶନରଙ୍କ ବଙ୍ଗଳା, ସରକାରୀ ଦପ୍ତରମାନ, ବାସଗୃହମାନ, ଏକ ଦୁର୍ଗ, ଡାକ୍ତରଖାନା, କ୍ଲବଘର, ଚର୍ଚ୍ଚ ଆଦି ।

ଅବିନାଶ ଭାବିଲା ବୁଢା ରସ ଦ୍ୱୀପ ଆଉ ଅନ୍ୟସ୍ଥାନ ଉପରେ କହିଲେ କେତେ ଭଲ ହୁଅନ୍ତା । ବୋଧହୁଏ ସେପଟେ କାମ କରିନାହାନ୍ତି । ଚାଥାମରେ କେବଳ ଜୀବନ କାଟିଛନ୍ତି । କାରଖାନାର ଶ୍ରମିକମାନେ କାମ କଲାବେଳେ ଜାଗା କଥା, ପରିବାର କଥା, ଏମିତି ବହୁତ କଥା ହୁଅନ୍ତି । ସେମାନଙ୍କର ଜୀବନ ମେସିନ ଚାରିପାଖେ ବୁଲୁଥାଏ । ବୁଢା କେବଳ ଚାଥାମ କଥା କହୁଥିଲେ । କାରଖାନାର ଶ୍ରମିକମାନଙ୍କର କାରଖାନା ସହ ଯାହା କିଛି ଘଟିଛି ତାହା ଯେମିତି ନଖ ଦର୍ପଣରେ ଥାଏ । ସେମିତି କିଛି ଦେଖିଲେ ତା' ଉପରେ ଘଣ୍ଟାଏ ଅନର୍ଗଳ କହିପାରିବେ । ଅବିନାଶ ଆଗରେ ତ କିଛି ଘଟିନି । ସେ ନିଜ ହିସାବରେ ଦ୍ୱୀପକୁ ଭାବୁଛି, ତା' ମନ ଏ ଦ୍ୱୀପରୁ ସେ ଦ୍ୱୀପକୁ ମୁହୁର୍ତ୍ତକେ ଚାଲିଯାଉଛି । ଅବିନାଶ ଭାବୁଥିଲା ସବୁ ବୁଝି ମଧ୍ୟ ଇଂରେଜମାନଙ୍କ ବ୍ୟବହାରରେ ପରିବର୍ତ୍ତନ କ'ଣ ପାଇଁ ହେଉନଥିଲା ? ସେମାନଙ୍କ ଲକ୍ଷ୍ୟ ସବୁଠୁ ବଡ଼ । ସେ ଆଗରେ ଲାଂଛନା, ଯନ୍ତ୍ରଣା କିଛି ନୁହେଁ । ସେମାନଙ୍କୁ ଏକ ବିଦ୍ରୋହୀଦଳ ସହ ବ୍ୟବହାର କରୁଛି । ସେମାନଙ୍କ ଭାଷାରେ ଏମାନେ କୃତଘ୍ନ । ଆଉ କଇଦୀଙ୍କୁ ଭଲ ବ୍ୟବହାର ଦେଖାଯାଇ ନପାରେ । ଜେଲ ସୁପରିଟେନଡେଣ୍ଟ ଡଃ ୱାକରଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଇଦୀମାନଙ୍କ ପ୍ରତି ବ୍ୟାବାହର ଅତି କଦର୍ଯ୍ୟ ଥିଲା । ବିଦ୍ରୋହୀ ସିପାହୀମାନଙ୍କୁ କ୍ରୀତଦାସ ଭଳି ବ୍ୟବହାର ମିଳୁଥିଲା । ତାଙ୍କର ଅଧସ୍ତନ ଇଂରେଜ କର୍ମଚାରୀଙ୍କ ବ୍ୟବହାର ମଧ୍ୟ ତଦ୍ରୂପ ଥିଲା । ସେମାନେ ଯେତେପ୍ରକାର ଲାଂଛନା ଦିଆଯାଇପାରେ ସେତେପ୍ରକାର ଲାଂଛନା ଦେଉଥିଲେ ।

କ୍ରମଶଃ. . .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାଳୀଙ୍କ କରୁଣା ନହେଉ ଉଣା



ସୁନନ୍ଦା ମହାନ୍ତି

ବସୁଧା ଦୀପ ଗୁଡିକ ଧୋଇ ଶୁଖେଇ ରଙ୍ଗ କରୁଥିଲା ବେଳେ ତାଙ୍କ ପାଖେ ତାଙ୍କ କାମବାଲି, ପାର ଘର ବାସି ପାଇଟି କରି ସାରି ସାହାଯ୍ୟର ହାତ ବଢ଼େଇଥାଏ. ବସୁଧା ମାଟିଦୀପ ଗୁଡିକୁ ଆସନ୍ତା ଦୀପାବଳୀ ପାଇଁ ଧୋଇ ଶୁଖେଇ ରଙ୍ଗ କରିବା ଭିତରେ ଫାଟି ଯାଇଥିବା ଦୀପ ଗୁଡିକୁ ଅଲଗା କରି ରଖିନେଉଥିବା ବେଳେ, ପାର କାନ୍ଦିପକେଇବା ଦେଖି ଭୀତତସ୍ତ୍ର ବସୁଧା କହିଲେ କାନ୍ଦନା କାନ୍ଦନା ପାର ଚାଲ ତୋ ପାଇଁ ପାଖାଳ ବଢ଼ିଦେବି, ଖାଇସାରି ତୋ ଝିଅ ପାଇଁ ଉପମା ମଟର ତରକାରୀ ନେଇକି ଘରକୁ ଯିବୁ । ପାର ପୁଣି କାନ୍ଦି କାନ୍ଦି କହୁଥିଲା ମୋର ଏଡ଼େ ଭାଗ୍ୟ ଯେ ମାଆ ତୁମ ପରି ମାଲିକାଣୀ ପାଇଛି ମାଆ, ମୋ ପେଟର ଭୋକ ସହ ମୋ ଝିଅର ପେଟର ଭୋକ ଚିହ୍ନି ଖାଇବାକୁ ପିନ୍ଧିବାକୁ ଦେଉଛ ନହେଲେ ଏଇ ଫଟା ଦୀପ ଭଳି ମୋ ସ୍ୱାମୀ ମତେ ତା ଜୀବନ ପରିଧିରୁ ବାହାର କରିଦେବା ପରେ ମୁଁ କେମିତି ବଞ୍ଚିଥାଆନ୍ତି ମାଆ । ବସୁଧା କହିଲେ ତୁ ତୋ ଚାରିବାହା ଖଟେଇ ପରିଶ୍ରମ କରୁଛୁ । ପାର କହିଲା ଯାହା ରୋଜଗାର କରୁଛି ସେସବୁ କରଜ ଶୁଝିବାରେ ଯାଉଛି ମାଆ । ତୁମେ ଚଢେଇର ପେଟ ଚିହ୍ନିଲା ଭଳି ଆହାର ସହ ପିନ୍ଧିବାକୁ ଦେଉଛ ବୋଲି ମୁଁ ଚଳିଯାଉଛି ମାଆ । ହଉ ପାର, ମତେ ଟିକିବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଛରେ ଆଗ କହ ଆଉ କେବେ ନିଜକୁ ଏଇ ଫଟା ଦୀପାଳି ସହ ତୁଳନା କରିବୁ ନାହିଁ । ଫଟା ଦୀପାଳିରେ ତେଲ ଭରି ସଳିତା ପକାଇ ଜାଳିଲେ ଜଳିବନି ପାର କିନ୍ତୁ ତୋ ଦେହ ଭଲ ଥିଲେ ତୋ ମନ ଭଲ ଥିଲେ ମୋରି ପରି କେତେ ଲୋକଙ୍କ ଘରେ ସାହାଯ୍ୟ ସହଯୋଗ ଯୋଗେଇ ତୋ ପେଟ ତୋ ଝିଅ ପେଟ କଣ ଅପୋଷା ରହିବ ?

ତୁମ ବଡ଼ପଣ ମାଆ ତୁମେ ଏମିତି କହୁଛ । ହେଲେ ମାଆ ପିଲାଦିନେ ଚୁଚୁନ୍ଦ୍ରା କାମୁଡି ଦେଇଥିବାରୁ ବାମ ହାତ କାଣି ଆଙ୍ଗୁଠିଟା ମୋର ଭାଙ୍ଗି ଯାଇ, ଅଧାରୁ ନଇଁ ପଡିଛି ବୋଲି ମତେ କେତେ କଥା କହି ମୋ ସ୍ୱାମୀ ମତେ ଘରୁ ତଡିଦେଲା । ବସୁଧା କହିଲେ ଖୁଣ ଥିଲେ ଗୁଣ ଥାଏଲୋ ପାର । ମନଦୁଃଖ କରନା । ତୋ ବାହାରେ ବଳ ଥାଉ, ତୁ ଏମିତି ପାଞ୍ଚ ସାତ ଘରେ ପାଇଟି କରି ତୋ ଝିଅକୁ ମଣିଷ କରୁଥା । କାଲିକି କାଲି ତୋ ଝିଅ ବଡ଼ ହେଇଗଲେ ଗୀତା ଭାଗବତ ରାମାୟଣ ପଢିବା ସହ ପାଠ ଦି ଅକ୍ଷର ପଢି ଯାହା ଗୋଟେ କଲେ ତୋ ଦୁଃଖ ଯିବ । ହଁ ଯେ ମାଆ ମତେ ତ ଛାଡିଲା ଛାଡିଲା । ଝିଅଟାକୁ ଅନାଉନି, ଆଉ ଗୋଟେ ବିଭା ହୋଇ ଆଣିଛି ଯେ ତାର ଦୁଇଟା ପିଲାଙ୍କୁ ଚଳାଉଛି । ଏଣେ ମୁଁ ମାନିଯାମିନି ହୋଇ ତା ଋଣ ଶୁଝୁଛି । ଝିଅକୁ ପାଠ କେମିତି ପଢ଼େଇବି ମାଆ । ବସୁଧା କହିଲେ ବ୍ୟସ୍ତ ହୁଅନା, ମାଆ କାଳୀ ସବୁ ଇଛା ପୁରଣ କରନ୍ତି । ଦୀପାବଳୀରେ କାଳୀ ପୂଜା କର ଦେଖିବୁ ମାଆ ତୋ ଆଶା ନିଶ୍ଚୟ ପୁରଣ କରିବେ ।

ଦୀପାବଳୀ ଦିନ ପାର କାଳୀଙ୍କ ଆରାଧନାରେ ବ୍ରତ ରଖିଥିଲା । ପଡାକୁ ନୂଆ ଆସିଥିବା ପାଖ ବାଳିକା ବିଦ୍ୟାଳୟର ବଡ଼ଗୁରୁମାଙ୍କୁ କହି ବସୁଧା ପାର ଝିଅ ସେବତୀର ନାମ ଲେଖାଇ ଥିଲେ । ସେଦିନ ମଧ୍ୟ ଝିଅର ନାମ ଲେଖା ଖାତାରେ ବାପାଙ୍କର ଦସ୍ତଖତ ଜାଗାରେ ପାର ହିଁ ଦସ୍ତଖତ କଲାବେଳେ କାନ୍ଦିଥିଲା ଖୁବ । ବସୁଧା ବୁଝେଇଥିଲେ ମନବଳ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରଖେ ଦେଖିବୁ ସବୁ ଠିକ ହୋଇଯିବ । ସ୍ୱାମୀ ଛାଡିଦେଇଥିବା ସ୍ତ୍ରୀ ଲୋକର ସମ୍ମାନ ନଥାଏ ମାଆ କହି ଖୁବ କାନ୍ଦୁଥିଲା ପାର ହେଲେ ଝିଅ ଯେବେ ନୂଆ ସ୍କୁଲ ଡ୍ରେସ, ନୂଆ ବହିପାତ୍ର ସହ ଜୋତା, ଛତା ଓ ପାଣି ବୋତଲ ଧରି ସ୍କୁଲ ଯାଉଥିଲା, ପାର ଆଖିରୁ ଦୁଃଖର ଲୁହ ନୁହେଁ ଏତେଦିନ ପରେ ସୁଖର ଲୁହ ସହ ମିଠା ହସଟେ ଉକୁଟି ଆସିବା ଦେଖି ବସୁଧା ଖୁସି ହୋଇଥିଲେ । ମାଆ କାଳୀ ପାରର ମଙ୍ଗଳ କର ମାନାସୁଥିଲେ ।

ସୁନନ୍ଦା ମହାନ୍ତି

ସାକ୍ଷୀଗୋପାଳ, ପୁରୀ

୯୦୪୦୯୭୭୩୨୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବ୍ରେସ୍‌ଲେଟ୍ ଓ ବଧିର କାହାଣୀ



ରଘୁନାଥ ଧଳସାମନ୍ତ

ପାଠପଢା ସରୁ ସରୁ ଅଶି ଦଶକର ମଧ୍ୟ ଭାଗରେ ଅନୁଗୁଳରେ DI of Schools ଅଫିସରେ ମତେ ପ୍ରଥମ ଚାକିରୀ ମିଳିଗଲା । ଜଣେ ନିମ୍ନ ମଧ୍ୟବିତ୍ତ ପରିବାରର ପିଲାକୁ ଚାକିରୀ ମିଳିଲେ ଯେତେ ଖୁସି ମିଳେ ମୁଁ ସେତିକି ଖୁସି ଥିଲି କିନ୍ତୁ ସେତେବେଳର ଅନୁଗୁଳ ସହର ମତେ ସେତେ ଭଲ ଲାଗୁନଥିଲା କାରଣ ମୋ ସ୍ୱପ୍ନର ସହର ଥିଲା ଭୁବନେଶ୍ୱର ।

ଚାକିରୀରେ ଯୋଗ ଦେବାର ଦୁଇ ଦିନ ପରେ ଜଣେ ଶିକ୍ଷୟିତ୍ରୀଙ୍କ ସହ ମୋର ପରିଚୟ ହେଲା । ପିତାଙ୍କ ଆକସ୍ମିକ ବିୟୋଗ ପରେ ଅନୁକମ୍ପା ଭିତିରେ ତାଙ୍କୁ ଚାକିରୀ ମିଳିଥିଲା । ବାପାଙ୍କର କିଛି ବକେୟା ପାଉଣା ପାଇବାକୁ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନେକ ସମୟରେ ସେ ଅଫିସ ଆସୁଥିଲେ ଓ ମୁଁ ତାଙ୍କ ସମବୟସ୍କ ହୋଇ ଥିବାରୁ ନିଜକୁ ସହଜ ମନେକରି ଅଫିସକୁ ଆସିଲେ ପ୍ରଥମେ ସେ ମୋ ପାଖକୁ ଆସୁଥିଲେ, ମୋ ପାଖରେ କିଛି ସମୟ ବସି ବଡ଼ବାବୁଙ୍କ ସହିତ ତାଙ୍କ କାମର ଅଗ୍ରଗତି ବୁଝି ପୁଣି ମୋ ପାଖକୁ ଆସି ମୋଠୁ ବିଦାୟ ନେଇ ଚାଲି ଯାଉଥିଲେ ।

ଏଣିକି ମୋ ପାଇଁ ଉପହାସିତ ଓ ଲଜ୍ଜିତ ହେବାର ବେଳ ଆସିଗଲା । ଖରାବେଳେ ବସଷ୍ଟାଣ୍ଡର କ୍ରିଷ୍ଣା ହୋଟେଲରୁ ଖାଇସାରି ଅଫିସରେ ପଶୁପଶୁ ବଡ଼ବାବୁ ତାଙ୍କ ପାଟିର ପାଟିଏ ପାନଛେପକୁ ଟେବୁଲ ତଳେ ରଖା ଯାଇଥିବା ଡ଼ଷ୍ଟବିନରେ ଥୁ ଥୁ କରି ଗାଳି ଦେଇ ଗମ୍ଭୀର ହୋଇ କୁହନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଇଓ ନୂଆସାଆରେ କୋଉଠି ଥିଲ ? ପାଳ ମାଷ୍ଟ୍ରଙ୍କ ଝିଅ ପରା ତମଙ୍କୁ ଅନେଇ ଅନେଇ (ଅପେକ୍ଷା କରି) ଏଇନା ଗଲା । ଅନ୍ୟ ସହକର୍ମୀ ମାନେ ତାଙ୍କ ସହିତ ତାଳ ଦେଇ ଲଘୁ ମନ୍ତବ୍ୟ ଦିଅନ୍ତି । ଅଫିସରେ ହାସ୍ୟରୋଳ ଉଠେ । ପାଳ ସାର୍ ଙ୍କ ଝିଅ ଆସୁ ନଆସୁ ଅଧିକାଂଶ ଦିନ ମତେ ଏଇଭଳି ଉପହାସ କରାଯାଏ । ମୁଁ ବୁଝିଥିଲି ମୋ ବୟସ ଦୃଷ୍ଟିରୁ ମୋ ପ୍ରତି ଏହା ଥିଲା ସେମାନଙ୍କର  ସ୍ନେହର ପରିପ୍ରକାଶ । ବଡ଼ ବାବୁଙ୍କର ମୁଁ ଥିଲି ବିଶେଷ ଶ୍ରଦ୍ଧାର ପାତ୍ର କାରଣ ଦିନେ ବଡ଼ବାବୁ କ୍ୟାସବୁକରେ ଗୋଳମାଳ କରିଦେଲେ । ଟ୍ରେଜେରିରୁ ଉଠାଣ ଟଙ୍କାର ପରିମାଣ ଏବଂ କ୍ୟାସବୁକରେ ଲେଖାଯାଇଥିବା ଟଙ୍କାର ପରିମାଣରେ ଏକ ବଡ଼ଧରଣର ଅମେଳ ଦେଖାଗଲା ଯାହା ବଡ଼ବାବୁଙ୍କୁ ଯେତିକି ବ୍ୟସ୍ତବିବ୍ରତ କରିଥିଲା ତାଠୁ ଅଧିକ ଭୟଭୀତ କରିଥିଲା । ସେତେବେଳେ ଶିକ୍ଷକମାନେ ନଗଦ ଆକାରରେ ବେତନ ପାଉଥିଲେ । କେଉଁଠି ଲେଖାରେ ଭୁଲ ରହିଗଲା କିମ୍ବା କେଉଁ ସ୍କୁଲକୁ ପ୍ରକୃତ ପରିମାଣ ଠାରୁ ଅଧିକ ଅର୍ଥ ଭୁଲରେ ଦେଇଦିଆଗଲା ତାହା ଜଣାପଡୁନଥାଏ । ପାଞ୍ଚ ଜଣ ଅଭିଜ୍ଞ ସହକର୍ମୀ ଦୁଇଦିନ ଆପ୍ରାଣ ଚେଷ୍ଟା ସତ୍ତ୍ୱେ ଭୁଲ ଖୋଜି ପାଇଲେ ନାହିଁ । ସବୁ ସ୍କୁଲ ସହ ଯୋଗାଯୋଗ କରାଗଲା ସବୁଠୁ ନିରାଶାହିଁ ମିଳିଲା । ମୋଠୁ କୌଣସି ଆଶା ନରଖି ଶେଷରେ ମତେ ଦାୟିତ୍ୱ ଦିଆଗଲା । ସମସ୍ତଙ୍କ ପାଖରେ ମୋର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବାକୁ ଏହା ମୋ ପାଇଁ  ଏକ ସୁଯୋଗ ଭାବି ମୁଁ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କଲି ଓ ସନ୍ଧ୍ୟାରୁ Book of drawal ରୁ କାମ ଆରମ୍ଭ କରି ସକାଳ ପର୍ଯ୍ୟନ୍ତ ଲାଗି ଭୁଲ ସଂଶୋଧନ କରିଦେଲି । ମୋ ଉପରେ ପ୍ରଶଂସାର ପାହାଡ଼ ଲଦଦିଆଗଲା ।

ଏବେ ଅଫିସ କଥା ଥାଉ ।

ଯେତେବେଳେ କଥା ଉଠିଛି ଆସନ୍ତୁ ଯିବା ପାଳ ସାର୍ ଙ୍କ ତନୁ ପାତଳୀ, ଡେଙ୍ଗୀ, ଶ୍ୟାମଳୀ ଓ ଗାଉଁଲି ଗାଉଁଲି ଲାଗୁଥିବା ସୁନ୍ଦରୀ ଝିଅ ପାଖକୁ । କୁମାରୀ ପାଳ ହିନ୍ଦୁ ଦିନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋ ପାଖେ ନିଜକୁ ସହଜ ଓ ଘନିଷ୍ଠ କରୁଥିଲେ । ମୁଁ ଯେ ସମ୍ପୂର୍ଣ୍ଣ ଅନାସକ୍ତ ଥିଲି କହିବା ସତ୍ୟର ଅପଳାପ ହେବ । କିନ୍ତୁ ମୋ ଭିତରେ କୌଣସି ଉଷ୍ମ ପ୍ରତିକ୍ରିୟା ନଥିଲା । ଏକ ଛୋଟ ପଦବୀର ଚାକିରୀ ମୋ ଭିତରେ ହୁଏତ କିଛି ମାତ୍ରାରେ ହୀନମନ୍ୟତା ସୃଷ୍ଟି କରିଥିଲା । କୁମାରୀ ପାଳ ଥିଲେ ଅସାଧାରଣ ଭାବେ ମେଧାବୀ, ନମ୍ର, ଶ୍ରଦ୍ଧାଶୀଳା,ସଂସ୍କାରୀ ଓ ସାହିତ୍ୟାନୁରାଗୀ । ଓଡ଼ିଆ ମଧ୍ୟଯୁଗୀୟ କବିଙ୍କ ଠାରୁ ଆରମ୍ଭକରି ଆଧୁନିକ କବିଙ୍କ ଅମର କୃତିର ସୁନ୍ଦର ବ୍ୟାଖ୍ୟା କରିପାରିବାର କ୍ଷମତା ରଖିଥିଲେ ସେ । ରବୀନ୍ଦ୍ରନାଥ, ଶରତଚନ୍ଦ୍ର, ହୋମର, ଟଲଷ୍ଟୟଙ୍କଠୁ ଆରମ୍ଭ କରି ଗାଲିବ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ସେ ପଢିଥିଲେ ।

ଥରେ କଥା ପ୍ରସଙ୍ଗରେ କହିଥିଲେ ସାର୍ ! ମୋ ଉପରେ ଅନେକ ଦାୟିତ୍ୱ । ପରିବାରର ଆର୍ଥିକ ପରିସ୍ଥିତି ସହିତ ମୋର ଉଚ୍ଚାଭିଳାଷ ମୋ ପାଇଁ ଏକ ବଡ଼ ପ୍ରଶ୍ନ । ମୁଁ ଜାଣିଥିଲି ଯେବେ ସୁଯୋଗ ମିଳିବ ସେ ଆକାଶକୁ ଛୁଇଁବେ ।

ଏକ ହାଲୁକା ବେଳାରେ କହିଲି

- ମହିମାମୟୀ,  ମହାଶୟା !

ଆପଣଙ୍କର ଏ ପାଳ ସାଙ୍ଗିଆ (Title) ମତେ କିଛି ଅସହଜ ଲାଗୁଛି ।

ମୁଁ ତ ହାଲୁକା ଭାବେ କହିଥିଲି,

ସେ କିନ୍ତୁ ଗମ୍ଭୀର ଦିଶିଲେ  । ମୋର ଖୁବ୍ ନିକଟକୁ ଲାଗି ଆସି କହିଲେ

-ସାର୍, ଆପଣଙ୍କ ସାଙ୍ଗିଆ ମତେ ଦେବେ ? ମୁଁ ଅନୁଗୃହିତ ହେବି ।

ମୁଁ ଅଲଗା ପ୍ରସଙ୍ଗକୁ ଆସିଲି ।

ମୋ ସ୍ୱପ୍ନର ସହର ମୋ ପାଇଁ କର୍ମ ନିଯୁକ୍ତି ଧରି ମତେ ଅପେକ୍ଷା କରିଥିଲା ।

ମୁଁ କୁମାରୀ ପାଳଙ୍କ ଠାରୁ ବିଦାୟ ନେବାର ବେଳ ଆସିଲା ।

ରୂପାର ବ୍ରେସଲେଟ ଓ କବି ରମାକାନ୍ତ ରଥଙ୍କ ଶ୍ରୀରାଧା ବହିଟି ମୋ ହାତରେ ଧରେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇ ନିଶବ୍ଦରେ ଚାଲିଗଲେ । ଆମେ ପରସ୍ପରକୁ ଦୃଢ଼ ଦେଖେଇବାକୁ ଚାହିଁଥିଲୁ ।

ପୃଥିବୀ ଖୁବ୍ ଛୋଟ ।

ମୁଁ ଆଉ କୁମାରୀ ପାଳକୁ ଖୋଜି ନଥିଲି ।

ନଖୋଜିବାକୁ ମୁଁ ଠିକ୍ ଭାବିଥିଲି ।

ଏହା ମଧ୍ୟ ମୋ ପାଇଁ ଠିକ୍ ଥିଲା ।

ସମାଜରେ, କର୍ମ କ୍ଷେତ୍ରରେ, ସାଙ୍ଗସାଥି ମେଳରେ କୋଉଠି ମୋ ପରିଚୟ କଣ, ମୋ ମୂଲ୍ୟ ଓ ଗୁରୁତ୍ୱ କେତେ ମୁଁ ଜାଣେ । ମୋ ଆପଣାର ମଣିଷ ମାନଙ୍କ ଦୃଷ୍ଟିରେ ମୁଁ ଜଣେ ଅଦ୍ଭୁତ ମଣିଷ ଯିଏ ସମସ୍ତଙ୍କ ଦ୍ୱାରା ସହଜରେ ଶୋଷିତ ହୁଏ, ଠକି ହୋଇଯାଏ, ବେଳେବେଳେ ସାଧାରଣ କଥାକୁ ବି ବୁଝିପାରେନି ଯଦି ବୁଝେ ଖୁବ୍ ଡେରିରେ ବୁଝେ । ଏମିତି ଅନେକ ବିଶେଷଣ ର ମୁଁ ଭାଗ୍ୟବାନ ଅଧିକାରୀ ।

ଚାରି ଦଶନ୍ଧି ପରେ ମୁଁ ଏବେ ବୁଝୁଛି, କୁମାରୀ ପାଳ ମତେ ମୋ ସାଙ୍ଗିଆ (Title) ମାଗିବାର ଅର୍ଥ । ସେତ ନିଶ୍ଚୟ ମତେ ଆପଣାର ଭାବିଥିବେ ! ମୋ ଆପଣାର ମଣିଷ ମତେ ଯାହା ଭାବନ୍ତି ସେ ସେମିତି ଭାବି ମତେ ସହଜ ଭାବରେ କହିଥାନ୍ତେକି ! ! ! !

ଶ୍ରୀରାଧା ବହିଟିକୁ ମୋ ମିନି ଲାଇବ୍ରେରିରେ ସାଇତି ରଖି ଶହେରୁ ଅଧିକ ଥର ପଢି ସାରିଛି । ବ୍ରେସଲେଟକୁ ଥରେବି ପିନ୍ଧିନି । ଯୋଉଠି  ଯେମିତି ବି ଅଛି ସେମିତି ଥାଉ ।

ଏ ପୃଥିବୀ ଖୁବ୍ କ୍ଷୁଦ୍ର ।

ପ୍ରଫେସର, ଡ଼କ୍ଟର ପାଳଙ୍କ ସହ ଏ ଜନ୍ମରେ ଆଉ କେବେବି ଭେଟ ନହେଉ ।

ରଘୁନାଥ ଧଳସାମନ୍ତ

ଭୁବନେଶ୍ୱର, ମୋ : ୯୪୩୮୪୪୭୯୦୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବସନ୍ତ ଦାଦା



ବାସନ୍ତୀ ମଞ୍ଜରୀ
ହନୁମାନ

ସକାଳୁ ସକାଳୁ ଆଜି ମନଟା ଖୁବ୍ ଖୁସି ଲାଗୁଛି । ଶୀଘ୍ର ଶୀଘ୍ର କାମ ସାରି ସ୍କୁଲ ଯିବାପାଇଁ ମାନସୀ ପ୍ରସ୍ତୁତ ହୋଇଗଲା । ସ୍କୁଲରୁ ଛୁଟି ନେଇ ଫେରି ଆସିଲା ଗୋଟାଏ ବେଳେ ।

ଭଲ ଶାଢ଼ୀ ପିନ୍ଧି ପୁଣି ସଜବାଜ ହୋଇ ଗଲା ବିବାହ ଗୃହକୁ ଯିବା ପାଇଁ । ମାଉସୀ ପୁଅର ବିଭା ଘର, ସାଙ୍ଗରେ କୁନି କୁନି ଛୁଆଙ୍କୁ ଧରି ସ୍ୱାମୀ ସ୍ତ୍ରୀ ବାହାରିଲେ । ବିବାହ ଗୃହରେ ଖୁବ୍ ଭିଡ଼ । ସାଙ୍ଗ ସାଥିଙ୍କ ମଧ୍ୟରେ ହସଗୋଳ ପୁଣି ଅନେକ ଲୋକଙ୍କ ଗହଣରେ ମିଶିବା ଗୋଟିଏ ନିଆରା ସମୟ ଏଇ ବିଭାଘର ସତରେ । କିଛି ସମୟ ପରେ ମାଉସୀ ଝିଅ ଭଉଣୀ ଯିଏକି ନର୍ସ କାମ କରେ ମାନସୀ ପାଖକୁ ଦୌଡ଼ି ଆସିଲା । ସ୍ୱାଗତ କରି କହିଲା ଏତେ ଡେରି କଲୁ ନାନୀ । ହଉ ତୋତେ ବସନ୍ତ ଦାଦା ସହିତ ଭେଟ କରାଇ ଦେବି ମୋ ସହ ଚାଲ । ମାନସୀର ହାତ ଧରି ଟାଣିଲା ରୁନି । ସ୍ୱାମୀ ପିଲାଙ୍କୁ ଧରି ବସିଥାନ୍ତି । ସେହେଂସା କିରାଣୀ ଚାକିରି କରନ୍ତି ସରକାରୀ ଜଳ ସେଚନ ବିଭାଗରେ । ସୁନ୍ଦର ତାଙ୍କ ପରିବାର । ତିନୋଟି ଝିଅର ଜନନୀ ମାନସୀ କିନ୍ତୁ ଦେଖିଲେ କେହିବି କହି ପାରାନ୍ତିନି ଯେ ତାର ପୁଣି ତିନୋଟି ଛୁଆ ବୋଲି । ସ୍ୱାମୀଙ୍କୁ କହି ରୁନି ସହିତ ଚାଲିଲେ ଦୁହେଁ ବସନ୍ତ ଦାଦାଙ୍କୁ ଭେଟିବା ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଠାତ୍ ରୁନିର ଜଣେ ସାଙ୍ଗ ତାକୁ ବିଶେଷ କାମପାଇଁ ଡାକିବାରୁ ରୁନି ଆସୁଛି କହି ବସନ୍ତ ଦାଦା ହେଇଟି ତୁ ଯାଇ କଥା ହେଉଥା ମୁଁ ଆସୁଛି କହି ଚାଲିଗଲା ରୁନି ।

ମାନସୀ ରୁନିର ନିର୍ଦ୍ଦେଶ ମତେ କହିଥିବା ବସନ୍ତ ଦାଦାଙ୍କ ପାଖକୁ ଯାଇ ପ୍ରଣାମ ଜଣାଇଲା । ଦାଦା ବହୁତ ଖୁସି ହୋଇଗଲେ ମାନସୀକୁ ଦେଖି । କିନ୍ତୁ ମାନସୀ ଆଦୌ ଖୁସି ହୋଇ ପାରିଲା ନାହିଁ । ସେ ଖାଲି ଦୁଃଖିତ ମନରେ ବସନ୍ତ ଦାଦାଙ୍କ ବୟସ ଭାରରେ ଲଦି ହୋଇଥିବା ଅସୁନ୍ଦର ମୁହଁକୁ ଦେଖୁଥାଏ । ଗୋଟିଏ ସାମ୍ନା ଦାନ୍ତ ମଧ୍ୟ ନାହିଁ ଯାହାକି ଦାଦାର ମୁହଁକୁ ଆହୁରି ଅଡୁଆ କରି ତୋଳି ଧରିଥାଏ ।

ବସନ୍ତଦାଦା କିନ୍ତୁ ତାକୁ ଦେଖି କୋଟିନିଧି ପାଇଲା ପରି ଖୁସିରେ ଅନେକ କଥା ପଚାରି ଚାଲିଥାନ୍ତି । ପିଲା କେତୋଟି ଜୋଇଁ ବାବୁ କଣ କରନ୍ତି ଇତ୍ୟାଦି । ଦାଦାଙ୍କ ସ୍ନେହିଳ ପ୍ରଶ୍ନର ଗଡ ଭିତରେ ମାନସୀ ଯେପରି ଅଣାନିଶ୍ୱସୀ ହୋଇ ଯାଉଥାଏ ।

ସେ ଅନେକ ଦିନ ପଛକୁ ଫେରି ଦେଖୁଥାଏ । ସେତେବେଳେ ମାମୁଁ ଘରେ ଥାଏ ମାନସୀ ଚତୁର୍ଥ କିମ୍ବା ପଞ୍ଚମ ଶ୍ରେଣୀରେ ପଢୁଥାଏ । ବସନ୍ତ ଦାଦା ତାର ବଡ଼ ମା'ର ପୁଅ । ଗୋଟିଏ ଅଗଣା ପାଖ ଘର । ସବୁବେଳେ ବସନ୍ତ ଦାଦା ତାକୁ ସ୍ନେହ କରେ । ଚକୋଲେଟ ଆଣିଦିଏ । ଦାଦା ତା'ଠାରୁ ଚାରି ପାଞ୍ଚବର୍ଷ ବଡ ହେବ । ଯେତେବେଳେ ଦାଦା ଅଷ୍ଟମ ଶ୍ରେଣୀର ଛାତ୍ର ସେତେବେଳେ ତାର ମୁଣ୍ଡ କଣ ହେଲା କେଜାଣି ଆଉ ପଢ଼ି ପାରିଲାନି । ନିଜ ଗ୍ରାମକୁ ବାପା ମାଙ୍କ ପାଖକୁ ଚାଲିଗଲା । ସେ ମଧ୍ୟ ଆଇ ପାଖରେ ରହୁଥିଲା । ତା ପରଠୁ ବସନ୍ତ ଦାଦା ସହ ଆଉ ଭେଟ ହୋଇ ନାହିଁ ମାନସୀର । କିନ୍ତୁ ବାଲ୍ୟ କାଳର ସେଇ ବସନ୍ତ ଦାଦାଙ୍କ ହସ ହସ ମୁହଁକୁ ଏବେ ମଧ୍ୟ ସେ ଭୁଲି ପାରିନାହିଁ । ବସନ୍ତ ଦାଦା ଶ୍ୟାମଳ ବର୍ଣ୍ଣ କିନ୍ତୁ ଖୁବ୍ ଆକର୍ଷଣୀୟ ଚେହେରା । ସେଇ ଚେହେରାକୁ ଆଜିକାର ବସନ୍ତ ଦାଦାଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚେହେରା ସହ ମିଳାଇ ଚାଲିଥିଲା ମାନସୀ । ଆଉ ସମୟ ସ୍ରୋତରେ ଏତେଟା ମଣିଷ ବଦଳି ପାରେ ଏଇ କଥାର ଖିଅକୁ ଛିଣ୍ଡାଇ ପରୁ ନ ଥାଏ ।

ଠିକ୍ ଏହି ସମୟରେ ରୁନି ଫେରି ଆସିଲା ଆଉ କହିଲା ତୁ ଏଠି କଣ କରୁଛୁ ମୁଁ ତ ବସନ୍ତ ଦାଦା ପାଖକୁ ଯିବାକୁ ତୋତେ କହିଲି ।

ହଠାତ୍ ମାନସିର ଚିନ୍ତାରେ ଭଙ୍ଗା ପଡ଼ିଗଲା । ତେବେ ଯାହାଙ୍କ ସାଥିରେ ସେ କଥା ହେଉଥିଲା ଏତେ ବେଳ ଯାଏଁ ଯିଏ ତାକୁ ସ୍ନେହରେ ଭଉଣୀ ବୋଲି କେତେ କଥା ପଚାରୁ ଥିଲେ ସିଏ ତେବେ କିଏ ? ? ?

ରୁନି ତାର ହାତକୁ ଧରି ଟାଣି ନେଇଗଲା ବସନ୍ତ ଦାଦା ଛିଡ଼ା ହୋଇ କାହା ସାଥିରେ କଥା ହେଉଥିଲେ ।

ବସନ୍ତ ଦାଦାଙ୍କ ମୁହଁକୁ ଦେଖି ଚମକି ପଡ଼ିଲା ମାନସୀ । ଦୀର୍ଘ ବର୍ଷର ବ୍ୟବଧାନ ପରେ ଦାଦାଙ୍କ ମୁହଁଟା ଠିକ୍ ସେଇମିତି ଅଛି । ସେଇ ଚେହେରା ସେଇ ହସ ସେଇ ଆଖି ଯେମିତି ଅତୀତର ପୃଷ୍ଠାରେ ଝଲସି ଉଠିଲା ଏତିକି ପ୍ରଭେଦ ଯେ ଏବେ ଦାଦା ଗୋଟିଏ ଯୁବକ ଆଉ ଖୁବ୍ ସୁନ୍ଦର ଦେଖା ଯାଇଥାନ୍ତି । ଆବେଗରେ ଦାଦାଙ୍କ ହାତକୁ ଭିଡ଼ି ଧରିଲା ମାନସୀ ଆଉ କହିଲା ମୁଁ ଯେ ତୁମକୁ କେତେ ଦିନରୁ ଖୋଜୁଥିଲି କିନ୍ତୁ କୋଉଠି ରହୁଛ କଣ କରୁଛ ଜାଣି ପାରି ନ ଥିଲି ।

ମାତ୍ର ଇଏ କଣ ? ?

ବସନ୍ତ ଦାଦାଙ୍କ ସେଇ ପୂର୍ବର ସ୍ନେହୀଳ ସ୍ପର୍ଶ କାହିଁ । ସେ ଗୁରୁଗମ୍ଭୀର ଭାବରେ ଯୁବକ ସୁଲଭ ଢଙ୍ଗରେ ଅଚିହ୍ନା ପରି ଛିଡ଼ା ହୋଇ ରହିଲେ । କିଛି ବି କଥା ପଚାରିଲେ ନାହିଁ ।

ନଈର ଧାରା ଯେମିତି ହଠାତ୍ ବନ୍ଦ ହୋଇଗଲା । ମନକୁ ବିରାଟ ଧକ୍କା ଲାଗିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେମିତି । ସମୟ କଣ ନିଜ ଲୋକଙ୍କୁ ମଧ୍ୟ ଏତେ ପରିବର୍ତ୍ତନ କରି ପାରେ । ପଦେ କଥା ମଧ୍ୟ ହେବାକୁ ଦାଦା ଚାହିଁଲେ ନାହିଁ । କେବଳ ଏତିକି ମାତ୍ର କହିଲେ ତୋ ସାନ ଭାଇର ବିବାହକୁ ମୋ ପରିବାର ଆସିଥିଲୁ । ସେତେବେଳେ ତୋତେ ମୁଁ ଦେଖିଛି । ଏହା ଶୁଣି ମାନସୀର ହୃଦୟକୁ ଆହୁରି ଆଘାତ ଲାଗିଲା । ସେ କହି ପାରିଲାନି ଯେ ଦାଦା ମୋତେ ସେତେବେଳେ କାହିଁକି ନିଜ ପରିଚୟ ଦେଲନି । ମୁଁ ଜାଣି ପାରିଲି ନାହିଁ ତୁମେ ଆମ ଘରକୁ ଆସିଛ ବୋଲି । ଏହି ସମୟରେ ସ୍ୱାମୀ ଡାକୁଛନ୍ତି ବୋଲି ରୁନି କହିବାରୁ ମାନସୀ ଫେରି ଆସିଲା ବସନ୍ତ ଦାଦାଙ୍କ ପାଖରୁ । ତଥାପି ମଧ୍ୟ ଦାଦା କିଛି କହିଲେନି ତାକୁ ।

ମାତ୍ର ପ୍ରଥମରେ ଯାହାଙ୍କୁ ବସନ୍ତ ଦାଦା ବୋଲି ଭାବି କଥା ହେଉଥିଲା ସିଏ ତା ବାଟ ଓଗାଳି କେତେ ପ୍ରଶ୍ନ କରୁଥିଲେ । ଖାଇକରି ଯାଉଛୁ ତ । ଦେଖ୍ ଭଲରେ ଥିବୁ ପିଲାଙ୍କ ଯତ୍ନ ନେବୁ ଇତ୍ୟାଦି । ମାନସୀର ଚିନ୍ତାର କେନ୍ଦ୍ର ବିନ୍ଦୁ ଥିଲେ ଦୁଇ ଜଣ ବ୍ୟକ୍ତି ଯିଏ ଅସୁନ୍ଦର ପୁଣି ବୟସ ପ୍ରାପ୍ତ ଓ ଅଚିହ୍ନା କିନ୍ତୁ ନିଜ ରକ୍ତର ସମ୍ପର୍କ ଭଳି ଖୁବ୍ କମ୍ ସମୟ ମଧ୍ୟରେ କେତେ ସ୍ନେହ ଦେଇଦେଲେ । ଆଉ ଛୋଟ ବେଳର ସେଇ ବସନ୍ତ ଦାଦା ଆଜି ଯୁବକ ଅବସ୍ଥାରେ କେବଳ ନୈରାଶ୍ୟ ଦେଇ ଗଲେ । ମଣିଷର ଫମ୍ପା ସମ୍ପର୍କର ରୂପ ରେଖାକୁ ଦେଖାଇ ଦେଲେ ।

ଭୋଜିରେ କଣ ଖାଇଲା କେମିତି ସ୍ୱାଦିଷ୍ଟ ହୋଇଥିଲା କିଛି ଜାଣି ପାରିଲାନି ମାନସୀ । ସ୍ୱାମୀ ସହ ଫେରି ଆସିଲା ଗୃହକୁ । ଦୀର୍ଘ ଦଶ ପନ୍ଦର ବର୍ଷ ହେବ ଏହି ଘଟଣାକୁ ମାତ୍ର ମାନସୀର ମନରେ ସେଇ ଏକା ପ୍ରଶ୍ନ ସତରେ ବସନ୍ତ ଦାଦା ତାକୁ ଟିକିଏ ମଧ୍ୟ ମନେ ରଖି ନାହାନ୍ତି କିମ୍ବା ଜାଣି ଜାଣି ଛଳନା କଲେ ।

ଏତେ ଦିନର ବସନ୍ତ ଦାଦାଙ୍କ ମୋହ ହଠାତ୍ ଯେମିତି ଭାଙ୍ଗି ଗଲା । ଆଜି ମଧ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଲା ଯେ ସେ ଏବେବି ସାନ ଅଛି । ବୁଝି ପାରୁ ନାହିଁ ଯେ ବସନ୍ତ ଦାଦା ବଦଳି ଯାଇଛନ୍ତି କିନ୍ତୁ ସିଏ ବଦଳି ପାରିନାହିଁ କେମିତି । ଏମିତି ହୁଏ କିଛି ଲୋକଙ୍କ ଛବି ହୃଦୟରୁ କେବେ ମଧ୍ୟ ଲିଭି ପାରେ ନାହିଁ । ସମୟ ଓ ପରିସ୍ଥିତି ମଧ୍ୟ ବଦଳାଇ ପାରେନି । ନିଜକୁ ବଦଳାଇବା ଖୁବ୍ କଷ୍ଟ ଅନୁଭବ କରୁଥିଲା ମାନସୀ ।

ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଟି ପିତୁଳା



ରୁଦ୍ରକାନ୍ତ ରାଉତରାୟ

ସିନ୍ଦୁରା ଫାଟିବାକୁ ଆଉ ନିମିଷେ ବାକି । ରାଜେନ୍ଦ୍ର ବାବୁ ବିଛଣାରେ ମୁଦ୍ରିତ ନୟନରେ କ'ଣ ଗୁଡାଏ ଗପି ଯାଉଥାନ୍ତି । ଏକଡ ସେକଡ ଲଉଟାଇ ଗୁଣୁ ଗୁଣୁ ହୋଇ ଭାବନାର କେଉଁ ନିବୃତ କୋଠରୀରେ ଅବୁଝା ସଂଳାପ ଗୁଡିଏ ଶୁଣାଉଥାନ୍ତି । ହଠାତ୍ ଚିତ୍କାର କରିଉଠି ହାତ ପାଖରେ ଥିବା ବେଡ୍ ସୁଇଚରେ ହାତ ପକାଇବା କ୍ଷଣି ଲାଇଟ୍ ଜଳିଉଠେ । ଏ.ସି. ଘର ଭିତରେ ଶୋଇ ମଧ୍ୟ ତାଙ୍କ ଶରୀରଟା ଝାଳ ଜରଜର । କବାଟ ଖୋଲି ଯାଇ ବାଲକୋନିରେ ପଡିଥିବା ଚେୟାର ଉପରେ ଲଥ୍ କରି ବସିପଡିଲେ । ଦୂର ଦିଗନ୍ତରୁ ସୂର୍ଯ୍ୟଙ୍କ ନାଲିଆ କିରଣକୁ ଯେପରି ଅପେକ୍ଷା କରି ଏକ ଧ୍ୟାନରେ ଅନାଇଥାନ୍ତି ଆକାଶକୁ । କିଛିକ୍ଷଣ ପରେ ଆଖି ଲାଖି ଯାଇଥାଏ । ସୂର୍ଯ୍ୟଙ୍କ କିରଣ ମୁହଁରେ ପଡିବା କ୍ଷଣି ଉଠି ଦେଖନ୍ତି, ସକାଳ ହେଲାଣି, ତରତର ହୋଇ ରୁମ୍ ଭିତରକୁ ଯାଇ ଦେଖନ୍ତି, ବେଡ୍ ଟି ଥୁଆ ହୋଇଛି । ବୋଧେ ରମେଶ ରଖି ଦେଇଛି । ବାବୁ ବାଲକୋନିରେ ନିଦ୍ରିତ ଅବସ୍ଥାରେ ଅଛନ୍ତି ଦେଖି ଆଉ ଡିଷ୍ଟର୍ବ କରିନି ରମେଶ । ଚା ପ୍ରାୟ ଶୀତଳ ଅବସ୍ଥାରେ । ଲାଗୁଥିଲା ରାଜେନ୍ଦ୍ର ବାବୁ ସେ ଚା କପରେ ବି କଣ ଗୋଟେ ଅନ୍ୱେଷଣ କରୁଛନ୍ତି । କବାଟ ଠକ୍ ଠକ୍‌ର ଶବ୍ଦ, ରେସିଡେନ୍ସରେ କାର୍ଯ୍ୟରତ କର୍ମଚାରୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରେଙ୍କଶ ଆସି କହିଗଲା "ସାର୍ ପଣ୍ଡା ବାବୁଙ୍କ ବଦଳରେ ଯେଉଁ ନୂଆ ମାଡାମ୍ ଜଣକ ତାଙ୍କ ଜାଗାରେ ଆସିଛନ୍ତି ସେ ଅଫିସରେ ଆପଣଙ୍କୁ ଅପେକ୍ଷା କରିଛନ୍ତି । ରାଜେନ୍ଦ୍ର ସଂଗେ ସଂଗେ କହିଉଠିଲେ ମୁଁ ସାଙ୍ଗେ ସାଙ୍ଗେ ଯାଉଛି । ଘଡିକୁ ଦେଖି ଓହଃ ଗଡ୍ ନଅଟା ବାଜିଗଲା । ଗାଧୋଇବାକୁ ବାଥରୁମ ଭିତରକୁ ଚାଲିଗଲେ । ଅଧଘଣ୍ଟା ପରେ ଅଫିସକୁ ଆସି କଲିଂ ବେଲ୍ ମାରନ୍ତି ରାଜେନ୍ଦ୍ର । ରମେଶ ଆସି କହିଲା କ'ଣ ଡାକିବି ସାର୍ । ରମେଶର କଥା ନସରୁଣୁ ରାଜେନ୍ଦ୍ର କହନ୍ତି ୟେସ୍ ଡାକିଦିଅ କହି ମୁଭିଂ ଚେୟାରଟିକୁ ପଛପଟକୁ ବୁଲାଇ କମ୍ପ୍ୟୁଟରରେ ଅଫିସ୍ କାମ କରିବା ଆରମ୍ଭ କରିଦିଅନ୍ତି । ଅଫିସ୍ ଦୁଆର ମୁହଁରୁ ଶୁଣାଯାଏ "ମେ ଆଇ କମ୍-ଇନ୍ ସାର" । ରାଜେନ୍ଦ୍ର ଉତ୍ତରରେ କହନ୍ତି "ୟେସ୍ କମ୍", ମୁଭିଂ ଚେୟାରକୁ ତତ୍କ୍ଷଣାତ୍ ବୁଲାଇ ଦେଇ ରାଜେନ୍ଦ୍ର ବାବୁ ମାଡାମ୍‌ଙ୍କ ମୁହଁକୁ ସେମିତି ଚାହିଁଥାନ୍ତି । ଯେମିତି ଅନେକ ଦିନରୁ ଶୋଷିଲା ଚାତକ ପରି । ମାଡାମ୍ ମଧ୍ୟ ଏକ ଧ୍ୟାନରେ ରାଜେନ୍ଦ୍ର ବାବୁଙ୍କୁ ଚାହିଁଥାନ୍ତି । ଯେମିତି ଅନେକ ଆଶା ଓ ଆକାଂକ୍ଷାର ଅନ୍ତ ପରେ ମିଳନ ଅଭିଳାଷୀ ଚାତକଟିଏ ପରି । ମୁହଁରୁ କୌଣସି ଶବ୍ଦ ନାହିଁ, ବରଂ ଆଖି ଯୋଡିକରୁ ଲୁହର ସୂଚନା ଠିକ୍ ବାରି ହୋଇପଡୁଥାଏ ।

ବ୍ରଜସୁନ୍ଦର ରାୟ ମହାପାତ୍ରଙ୍କୁ ସାଜନପୁରରେ ସମସ୍ତେ ସାଆନ୍ତେ ବୋଲି ସମ୍ବୋଧନ କରନ୍ତି । କର୍ପୁର ଉଡିଯାଇଥିଲେ ବି କନାଟିକକ ପଡିଛି ବୋଲି ଯେଉଁ ଲୋକକଥା ରହିଛି, ବେଶ୍ ବାରି ହୋଇପଡେ ସାଆନ୍ତଙ୍କ ଚାଲି, ଢାଲରୁ । ପୁରୁଣା କୋଠା, ଶହ ଶହ ଏକରର ଚାଷଜମି, ଚାକର ବାକରଙ୍କର କମ୍ ନାହିଁ । ବିବାହର ୪ ବର୍ଷ ନବିତୁଣୁ ସାଆନ୍ତାଣୀଙ୍କର ମୃତ୍ୟୁ ହେଲା । ସାନ ସାଆନ୍ତେ ଓରଫ ରାଜେନ୍ଦ୍ର ବାବୁଙ୍କୁ ସାଆନ୍ତଙ୍କ ବିଶ୍ୱସ୍ତ ରାଘବ ପଢିହାରୀଙ୍କ ପତ୍ନୀ ଲାଳନ ପାଳନ କରି ବଡ କରିଛନ୍ତି । ରାଜେନ୍ଦ୍ର ବାବୁ ମହଲରେ କମ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧିକ ସମୟ "ରାଘବ" ଦାଦିଙ୍କ କୁଡିଆରେ କାଟନ୍ତି । ତାଙ୍କ ଝିଅ ଲେଖା ସହ ତାଙ୍କର ଖେଳକୁଦ ଜମୁଥିଲା । ଆଉ କାଂଶବାଂସ ନଦୀକୂଳର ବାଲିଘର ଓ ବହୁ ବହୁକା ଖେଳ ବି ଖୁବ୍ ଆନନ୍ଦ ଦେଉଥିଲା । ଦୁହେଁ ବଡ ହେଲେ ସାଆନ୍ତଙ୍କ ଦୟାରୁ ତଥା ରାଘବ ପ୍ରତି ଥିବା ସାଆନ୍ତଙ୍କ ଅହେତୁକ ଅନୁଗ୍ରହ ହେତୁ ଲେଖାର ପାଠପଢା କଥା ସାଆନ୍ତେ ହିଁ ବୁଝୁଥିଲେ । ଦୁହିଁଙ୍କ ମଧ୍ୟରୁ ପାଠପଢାରେ ଲେଖା ଖୁବ୍ ଆଗରେ, ଭାରି ପ୍ରବୀଣା, କହିବାକୁ ଗଲେ ମେଧାବୀ ମଧ୍ୟ । ବି.ଏ. ପାସ୍ କଲା ପରେ ଲେଖା ଇଣ୍ଟରଭ୍ୟୁ ଦେଉଥାଏ । ହଠାତ୍ ସେ ଚାକିରୀ ପାଇଲା ଆଉ ତାହା ପୁଣି ଜୁନିୟର କ୍ଲର୍କ । ଏପଟେ ରାଜେନ୍ଦ୍ରଙ୍କର ଲେଖା ଠାରୁ ଅଲଗା ରହିବା, ଏକାଏକା ବଂଚିବା ଯେମିତି ତାଙ୍କୁ ଏକ ପ୍ରକାର ବିବ୍ରତ କରୁଥିଲା । ସାଆନ୍ତେ ଜାଣିଥିଲେ ତାଙ୍କ ପୁଅ ପାଠସାଠ ପଢିଲେ କି ସେ ଅତି ସରଳ, ନିଷ୍କପଟ, ସଂପୂର୍ଣ୍ଣ ଗାଉଁଲି । ମାଟି ପାଣି ପବନ ସହ ମାଟିକୁ ଭଲ ପାଉଥିବା ଏକ ଭିନ୍ନ ମଣିଷ । ସେ ତାଙ୍କ ଆଡୁ ରାଘବକୁ କହି ଦୁହିଁଙ୍କ ବିବାହ କରାଇଦେଲେ । ଲେଖାକୁ ୨୩ ଆଉ ରାଜେନ୍ଦ୍ରକୁ ମାତ୍ର ୨୪ ବର୍ଷ । ଏ ବୟସରେ ସେମାନଙ୍କ ବିବାହକୁ ଲେଖା ସହଜରେ ଗ୍ରହଣ କରୁନଥିଲେ ବି ସାଆନ୍ତଙ୍କ ତା ପ୍ରତି ଥିବା ଅନୁକମ୍ପା ଓ ଭଲ ପାଇବାକୁ ସେ କ୍ଷଣିକରେ ଭାଙ୍ଗିଦେବାକୁ ଚାହୁଁନଥାଏ । ଶେଷରେ ସାହାନାଇ ବାଜିଲା । ବାଣ ରୋଷଣିରେ ସାଜନପୁର ଅଂଚଳ ଚମକିଲା । ସାଆନ୍ତଙ୍କ ମହଲରେ ଯେମିତି କେଉଁ ଏକ ଅନାମିକା ତିଥିର ଅଖଣ୍ଡ ଚନ୍ଦ୍ରମାର ପୁଲକିତ ଜ୍ୟୋସ୍ନା ଓଜାଡି ହୋଇପଡୁଥାଏ । ଅଷ୍ଟମଙ୍ଗଳା ବାସୀରେ ଲେଖା ସହ ରାଜେନ୍ଦ୍ରକୁ ନେଇ ସାଆନ୍ତଘରର ଗାଡି ଭୁବନେଶ୍ୱରରେ ଛାଡି ଆସିଲା । ରାଜେନ୍ଦ୍ର ସହରର ଚାକଚକ୍ୟକୁ ଦେଖି ଯେମିତି ନିଜ ଗାଁର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନେ ମନେ ତୁଳନା କରିବାରେ କୌଣସି କସର ଛାଡୁନଥାଏ । ପ୍ରତ୍ୟେକ କଥାରେ ଲେଖାକୁ ଆମ୍ବ ତୋଟା, ନଈ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗହୀର ବିଲ ଧାନ କ୍ଷେତକୁ ମନେ ପକାଇ ଉଦାହରଣ ସହ କହୁଥାଏ । ହେଲେ ଲେଖାର ବୁଝିବା ଓ ବୁଝେଇବାର ଶୈଳୀ ଆଜି ରାଜେନ୍ଦ୍ରଙ୍କୁ କେମିତି କେଜାଣି ବିପରିତ ଲାଗୁଥାଏ । ଲେଖାର ବେଶଭୂଷା ଖୁବ୍ ପରିବର୍ତ୍ତନ ହୋଇଯାଇଥାଏ । ହେଲେ ରାଜେନ୍ଦ୍ର ସେହି ଗାଁର ମଫସଲି "ସାହି ଟୋକା" ଖଣ୍ଡେ ଅଧାଚଉଡା ଧୋତିକୁ ନିଜର ଲଜ୍ଜା ନିବାରଣ ପାଇଁ ଆବରଣ କରିଥାଏ ତ, ଆଉ ଖଣ୍ଡେ ଗାମୁଛାକୁ ବେକରେ ଝୁଲାଇ ଦିନଯାକ ସେହି ରୁମ୍ ଭିତରେ ଏପଟ ସେପଟ ହେଉଥାଏ । ମନର ବିଚଳିତ ପଣକୁ ହାଲ୍କା କରିବା ପାଇଁ ଟିଭି ଖୋଲି ବସିପଡେ । ପରିବର୍ତ୍ତିତ ମସ୍ତିଷ୍କ ବେଳେ ଗାଁ ମୁହାଁ କରାଇଦିଏ, ହେଲେ ଲେଖାର ଭଲପାଇବା ଓ ତା' ଠାରୁ ଦୂରକୁ ଯିବାକୁ ହୃଦୟଟା ଅନୁମତି ଦିଏନି । ସମୟ ବଦଳୁଥାଏ, ଲେଖାର ଅଫିସ୍ ସାରି ଫେରିବାର ସମୟ ରାତି ୧୦ ଟାକୁ ବୃଦ୍ଧି ହୋଇଯାଇଥାଏ । ତାହା ପୁଣି ସାମାନ୍ୟ ବିଦେଶୀ ପାନୀୟ ସହ । ରାଜେନ୍ଦ୍ର କରି ରଖିଥିବା ରୁଟି, ସନ୍ତୁଳା ଆଉ ଲେଖାକୁ ଭଲ ଲାଗୁନଥାଏ । ରେଷ୍ଟୁରାଷ୍ଟର ଚାକଚକ୍ୟ ଭରା ସଜ୍ଜିତ ପ୍ଲେଟ୍, ସେ ପ୍ଲେଟରେ ଥୁଆ ବିଦେଶୀ ଖାଇବାରେ ତା ପେଟ ପୁରିଯାଏ । ସ୍ତ୍ରୀର ଗୁମରକୁ ବାପାଙ୍କ ପାଖରେ ପରିପ୍ରକାଶ କରିବାର ସାହସ ରାଜେନ୍ଦ୍ର ହରେଇ ବସିଥିଲା । ସେଦିନ ଏସବୁ ପରିସ୍ଥିତିରେ ରାଜେନ୍ଦ୍ର କେବଳ ନିଜ ହୃଦୟର କଥା ଶୁଣୁଥିଲା ଆଉ ପ୍ରଶ୍ନ ବି କରୁଥିଲା ନିଜ ମନକୁ । ସନ୍ଧ୍ୟାରେ ବାଲକୋନିର ଆରାମ ଚେୟାର ଉପରେ ବସି ଜହ୍ନର ଜ୍ୟୋତ୍ସ୍ନାରେ ଗାଧୋଇବାକୁ ଇଚ୍ଛା କରୁଥିଲା । ଆଉ ସକାଳେ ପହିଲି ସୂର୍ଯ୍ୟର ସେ ନାଲିଆ ମିଠା କିରଣରେ ନିଜକୁ ଭିଜେଇବାକୁ ଚେଷ୍ଟା କରୁଥିଲା । ଏମିତିରେ ରାଜେନ୍ଦ୍ର ସେଠି ପାଲଟି ଯାଇଥିଲା ଏକ "ମାଟି ପିତୁଳା", ଯାହାର ଆକାର, ସ୍ୱରୂପ ଅଛି ହେଲେ ଜୀବନ ନାହିଁ । ଘଟଣାର ପ୍ରବାହମାନ ସ୍ରୋତରେ ସେ ଭାସିଚାଲିଥିଲା । ଏକ ପ୍ରାଣହୀନ ଶୁଷ୍କପତ୍ର ଭଳି କୂଳର ପରିକଳ୍ପନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅମାବାସ୍ୟାରେ ଜହ୍ନର ଆବିଷ୍କାର ସଦୃଶ । ଲେଖାର ଡେରିରେ ଫେରିବା, ସାଙ୍ଗମାନଙ୍କ ସହ କ୍ଲବ୍ ଯିବା, କୌଣସି କଥାର ଉତ୍ତର ରାଜେନ୍ଦ୍ର ଲେଖା ପାଖରୁ ଚାହିଁନଥିଲା । ବାହାଘର ସମୟରେ ପୁରୋହିତଙ୍କ ସେ ମନ୍ତ୍ର ଆଢୁଆଳରେ କହିଥିବା କଥାକୁ ଦଶ ଦୋଷ କ୍ଷମା କରିବାର ସେ ପରମ୍ପରା ପ୍ରହସନକୁ ଖାଲି ମାନି ଚାଲିଥିଲା । ସେଦିନ ଲେଖା ମାଡାମ୍ ଟିକେ ଶୀଘ୍ର ଅଫିସରୁ ଆସି ଡାକ ଛାଡୁଥାନ୍ତି ଶୁଣୁଛ, କୁଆଡେ ଗଲା, ରାଜେନ୍ଦ୍ର, ରା ....... ।।ା (ରାଜେନ୍ଦ୍ର ବାଲକୋନିର ସେ ଆରାମ ଚେୟାର ଉପରେ ବସି ଏକ ଧ୍ୟାନରେ ସେ ଜହ୍ନକୁ ଚାହିଁଥାନ୍ତି । ଯେମିତି ଅନେକ ଦିନର ସମସ୍ୟାର ସାମାନ୍ୟ ଉପଷମ ସୂତ୍ର ମିଳିବାର ଲକ୍ଷ୍ୟ । ବିଷମ ବଳୟ ଭିତରୁ ବଳୟ ଭେଦ କରିବାର ଖୋରାକ ପାଇବା ଜିଜ୍ଞାସା ରଖି ସେମିତି ଚାହିଁଥାନ୍ତି । ଲେଖା ଆସି ପିଠିରେ ହାତ ମାରି "ତୁମକୁ କଣ ଶୁଭୁନି" କେତେ ଡାକିଲିଣି, ରାଜେନ୍ଦ୍ର ନିଜ ମୁଣ୍ଡକୁ ଲେଖା ଆଡକୁ ବୁଲାଇ ଆରେ ତମେ ଆସିଲଣି, ଦେଖିଲ ବସୁ ବସୁ ସମୟ ୧୦ଟା ପରେ ହୋଇଗଲା । ହଠାତ୍ କାନ୍ଥରେ ଝୁଲୁଥିବା ଘଡିକୁ ଦେଖି ନୀରବ ହୋଇଗଲେ ରାଜେନ୍ଦ୍ର । ଲେଖା କହିଉଠିଲେ ଦେଖ କାଲି ମୋର ବାର୍ଥ ଡେ ସେଲିବ୍ରେସନ ଏଇଠି କରିବା, ଆମ ଅଫିସ୍ ଷ୍ଟାଫ୍ ମାନେ ଆସିବେ, ଏଇ ନିଅ ଏ ସୁଟ୍ ଆଉ ଏ ସାର୍ଟ ପିନ୍ଧି ରେଡି ହୋଇଯିବ । ସେ ଚଉଡା ଧୋତି ଆଉ ଗାମୁଛା ପିନ୍ଧି ନିଜକୁ ମଫସଲିର ପରିଚୟ ଦବନି ବୁଝିଲ । ସାମାନ୍ୟ ହସି ରାଜେନ୍ଦ୍ର କହିଲେ ତୁମେ ଜନ୍ମଦିନରେ ମନ୍ଦିର ଯାଅ, ସେଠି ମୁଣ୍ଡିଆ ମାରି ଆସି ଖୁଡି କରିଥିବା ଚକୁଳି ଆଉ ତରକାରୀରେ ସନ୍ତୁଷ୍ଟ ହୁଅ । ଶୁଣ ଆମେ ବ୍ରାହ୍ମଣ ଡାକି ପୂଜାଟେ କରିବା, ଭଲ ହେଲା ସାଙ୍ଗମାନେ ବି ଆସିବେ । ପ୍ରତିଉତ୍ତରରେ ଲେଖା କହିଲେ ସେ ପୂଜାଫୁଜା କିଛି ହବନି, କାଲି ଏଠି ପାର୍ଟି ହେବ । ତୁମେ ଏ ଡ୍ରେସ୍ ପିନ୍ଧି ଟିକେ ଭଦ୍ର ଭଳି ନିଜର ଆସିବା ଦରକାର ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେଦିନ ରାତିରେ ରାଜେନ୍ଦ୍ର ମାନସ ପଟରେ ଲେଖାର ପ୍ରତ୍ୟେକ ଶବ୍ଦ ଯେପରି ଏକ ଶାଣିତ ଛୁରୀ ଭଳି ଭେଦ କରୁଥିଲା । ଏକ ଅଦେଖା, ଅସହ୍ୟ ଯନ୍ତ୍ରଣାରେ ରେଜାଇର ଆବରଣ ଭିତରେ ଅପଲକନୟନରେ ଚାହିଁଥାଏ ରାଜେନ୍ଦ୍ର ଆଉ ମନେ ପକାଉଥାଏ ରାଘବ ଦାଦିଙ୍କର ଛୋଟ କୁଡିଆକୁ । ଯେଉଁଠି ଫୁଲ ପକା ଫ୍ରକ୍ ପିନ୍ଧି ଲେଖା ରାଜେନ୍ଦ୍ର ପଛରେ ଛାଇପରି ଘୁରି ବୁଲୁଥିଲା । ତା ସହ ଖାଇବାକୁ ଜିଦ୍ ଧରୁଥିଲା । ତା ପସନ୍ଦରେ ସବୁକିଛି କରୁଥିଲା । ତା ହସରେ ହସୁଥିଲା । ଆଉ ତା ଦୁଃଖରେ କାନ୍ଦୁଥିଲା । ହେଲେ ଏ ପରିବର୍ତ୍ତନ କଣ ସହରର ଏ ଅତ୍ୟାଧୁନିକ ପରିବେଶ ପାଇଁ ? ନାଁ ନାଁ ମଣିଷର ମାନସିକତାର ପରିବର୍ତ୍ତନ ପାଇଁ ଆଧୁନିକ ପରିବେଶ ଦାୟୀ ନୁହେଁ । ଏମିତି ଅନେକ ପ୍ରଶ୍ନ ଆଉ ତାର ଉତ୍ତର ଭିତରେ ଛନ୍ଦିହୋଇ ରାଜେନ୍ଦ୍ରଙ୍କ ବିନା ନିଦ୍ରାରେ ରାତି ପାହିଲା । ସନ୍ଧ୍ୟା ହେଲା ଗେଷ୍ଟମାନେ ଆସିଲେ, ହେଲେ ରାଜେନ୍ଦ୍ରଙ୍କୁ ଲେଖା ମାଡାମ୍ ଖୋଜୁଥାନ୍ତି । ସେ ଗଲେ କୁଆଡେ ? ରୁମ୍ରୁ ବାହାରକୁ ସେ ଯିବାର କେହି କେବେ ଦେଖିନି । ବହୁ ସମୟ ଅପେକ୍ଷା ପରେ ବାର୍ଥ ଡେ ପାର୍ଟି ଆରମ୍ଭ ହେଲା । ନାଚଗୀତର ଆସର ଜମିଥାଏ । ହଠାତ୍ ଚଉଡା ଧୋତି ସହ କାନ୍ଧରେ ଗାମୁଛା ପକାଇ ରାଜେନ୍ଦ୍ର ଆସି ପହଞ୍ଚିଗଲେ । ସମସ୍ତଙ୍କୁ ମଧ୍ୟ ନିଜର ପରିଚୟ ଦେଉଥାନ୍ତି । ଲେଖାଙ୍କ ନଜର ପଡିବା କ୍ଷଣି, ରାଜେନ୍ଦ୍ରକୁ ଟାଣିନେଇ ସେ ନୂଆ ଡ୍ରେସ୍ ପିନ୍ଧିବା କଥା ପଚାରନ୍ତେ ରାଜେନ୍ଦ୍ର ଜୋରରେ ହସି ଉଠିଲେ, ଥରିଲା କଣ୍ଠରେ କହିଲେ ମୁଁ ରାଜେନ୍ଦ୍ର ରାଏ ମହାପାତ୍ର, ଗାଁର ପାଣି ପବନରେ ବଢିଥିବା ଗୋଟେ ନିପଟ ଗାଉଁଲି ମଣିଷ, ଏ ଆଧୁନିକ ପୋଷାକ କଣ ମୋତେ ମାନିବ । ଏ କଥା ଶୁଣି ସମସ୍ତେ ହସି ଉଠିଲେ । ଲେଖାକୁ ଲଜ୍ଜା ଲାଗୁଥାଏ । ରାଜେନ୍ଦ୍ର ବାବୁ ସାମାନ୍ୟ ମଦ ନିଶାରେ ଥାନ୍ତି । ସାମାନ୍ୟ ନୁହେଁ ପୁରା ନିଶାରେ ଥାନ୍ତି । ହେଲେ କଥା ଗୁଡିକ ହୃଦୟରୁ ବାହାରି ଆସୁଥିବା ଭଳି ମନେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଉଥାଏ । ଭାବନା ପ୍ରଦେଶର ସମ୍ରାଟ ଭଳି ଅନର୍ଗଳ ଭାବରେ ପରିପ୍ରକାଶ ବିସ୍ମିତ, ଚକିତ କରୁଥାଏ ଲେଖା ଓ ତାର ବନ୍ଧୁମାନଙ୍କୁ । ହଠାତ୍ ଲେଖା ଦୌଡି ଆସି ରାଜେନ୍ଦ୍ର ଗାଲକୁ ଶକ୍ତ ଚାପୁଡାଟାଏ ମାରି କହି ଉଠିଲେ ମଦପିଇ କଣ ସବୁ ଗପିଯାଉଛ । ମୋତେ ମୋ ବନ୍ଧୁଙ୍କ ଆଗରେ ଇନସଲ୍ଟ କରୁଛ ଯାଅ ଏଠୁ । ରାଜେନ୍ଦ୍ର ନୀରବ ହୋଇ ସେମିତି ଗାଲରେ ହାତଦେଇ ଲେଖାକୁ ଚାହିଁଥାନ୍ତି । ବାସ୍ କିଛି କ୍ଷଣପରେ ଭିତରକୁ ଚାଲିଗଲେ । ଆଉ ଶୋଇପଡିଲେ । ରାଗରେ ମଧ୍ୟ ଲେଖା ସେଦିନ ରାତିରେ ନଖାଇ ଶୋଇ ପଡିଲେ । ସକାଳର ବେଡ୍ ଟି ପାଇଁ ବ୍ୟାକୁଳ ଲେଖାକୁ ଟିପଏ ଉପରେ ବେଡ୍ ଟି ମିଳିଲା ନାହିଁ । ମାତ୍ର ରାଜେନ୍ଦ୍ର ବୋଲି ଡାକିଲେ । ହେଲେ ଉତ୍ତର ନାହିଁ । ଓଃ ରାତିରେ ସେ ଘଟଣା ବୋଧେ ରାଜେନ୍ଦ୍ରଙ୍କୁ କଷ୍ଟ ଦେଇଛି । ହେଲେ ସେ ଯେ ମଦ ପିଇ ... ! ? ? ? କିଚେନ, ବାଲକୋନି, ଡ୍ରଇଂ ରୁମ୍ କଉଠି ନାହାଁନ୍ତି । କୁଆଡେ ଗଲେ । ସବୁଆଡୁ ଖୋଜିଆସିଲା ପରେ ଦେଖେ ରାଜେନ୍ଦ୍ରଙ୍କ ତକିଆ ଉପରେ ଚିଠିଟିଏ । "ମୋ ପ୍ରାଣର ସ୍ପନ୍ଦନ ଲେଖା, ଭାବିବନି ଯେ ତୁମେ ମୋ ଗାଲକୁ ଚାପୁଡାଟାଏ ମାରିଲ ବୋଲି ମୋ ପୁରୁଷତ୍ୱ ମୋତେ ଧିକ୍କାର କରୁଛି । ଜାଣିଛ ବାବାଙ୍କର ପ୍ରଶ୍ନ ନାତିକି ନାତୁଣୀଟିଏ କେବେ ହେବ ? ତୁମେ ତ ସ୍ପଷ୍ଟ କହିଛ ତୁମକ ୩/୪ ବର୍ଷ ପୂର୍ବରୁ ମା' ହବନାହିଁ । ଆଉ ତା ପରେ ବି ମୋ ବେଶଭୂଷା ଆଉ ତୁମକୁ ଭଲ ଲାଗୁନି । ମୁଁ ବି ମୋ ଧୋତିକୁ ଛାଡିପାରୁନି, ପୁରୁଣା ଜମିଦାରୀ ରକ୍ତପରା, ପରମ୍ପରାକୁ ଭୁଲିବା ସହଜ ହଉନି । ତୁମେ ଖୁସିରେ ରୁହ, ମୋ ପାଇଁ ତୁମକୁ ଆଉ ଲଜ୍ଜିତ ହେବାକୁ ପଡିବନି । ତୁମର .... ?

ହଁ ଲେଖା ପାଇଁ ରାଜେନ୍ଦ୍ର ବିନା ବଂଚିବା କଷ୍ଟସାଧ୍ୟ ଥିଲା । ହେଲେ ସହରୀ ଚାଲିଚଳଣ ଓ ଅତ୍ୟାଧୁନିକ ବନ୍ଧୁ ଓ ବାନ୍ଧବୀମାନଙ୍କ ଉପଦେଶ ଲେଖାର ମାନସିକତାକୁ ପୁଣି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୂକ୍ଷ୍ମ ମୋଡକୁ ନେଇଆସିଲା । ଜଣେ ସରକାରୀ ଚାକିରୀ କରୁଥିବା ମଣିଷ, ମତର୍ଣ୍ଣଟିକୁ ବୁଝୁଥିବା ମଣିଷ କେବେ ଜଣେ ଗାଉଁଲି ସଭ୍ୟତା ଓ ପରମ୍ପରାରେ ବିଶ୍ୱାସ ରଖୁଥିବା ମଣିଷ ସହ ଖାପ ଖୁଆଇ ଚଳିନପାରେ । ଲେଖାର ଅନିଚ୍ଛା ସତ୍ୱେ ତାର ହିତାକାଂକ୍ଷୀ ବାନ୍ଧବୀମାନେ ଓକିଲଙ୍କ ସହ ପରାମର୍ଶ କରିବା ଆରମ୍ଭ କରିଦେଲେ । ଶେଷରେ ଛାଡପତ୍ର ସମନ ଯାଇ ସାଜନପୁରରେ ପହଞ୍ଚିଲା । ବ୍ରଜସୁନ୍ଦର ରାଏ ମହାପାତ୍ର ଏକଥା ଶୁଣି ଲେଖାର ବାପାଙ୍କୁ ଡକାଇ ମଧ୍ୟ କହିଲେ । ରାଘବ ଦାଦି ଏ ବାବଦରେ ଲେଖା ସହ ମଧ୍ୟ ଆଲୋଚନା କଲେ ହେଲେ ବିଫଳତାର ମଙ୍ଗ ଧରି ସଫଳତାର ନୌକାରେ ନାଉରୀ ହେବା ଯେ ବୁଡି ମରିବା ସହ ସମାନ । ଲେଖା ସେତେବେଳକୁ ମନଦୃଢ କରିସାରିଥିଲା ଯେ ସାଜନପୁରରେ ଗଢି ଉଠିଥିବା ତାର ପ୍ରୀତିର ମହଲ ସଂପୂର୍ଣ୍ଣ ନଷ୍ଟ ହୋଇସାରିଛି । କିନ୍ତୁ ରାଘବ ଦାଦି କୃତଘ୍ନ ନୁହେଁ, ସେ ଲେଖା ସହ ସବୁ ସଂପର୍କ କାଟି ତାକୁ ଜିଅନ୍ତା ସୁଧି ହୋଇପଡିଲେ । ସାଆନ୍ତଙ୍କ ଗୋଡ ଧରି କାନ୍ଦି କାନ୍ଦି ନିଜ ଝିଅର ନିର୍ବୋଧ ପଣିଆକୁ ସ୍ୱୀକାର କରି କ୍ଷମା ପ୍ରାର୍ଥୀ ହେଲେ । ଏ ଘଟଣାକୁ ସାଆନ୍ତେ ସହଜରେ ନେଉନଥାନ୍ତି । ତାଙ୍କ ଆଖି ସାମ୍ନାରେ ତାଙ୍କ ଦମ୍ଭ ହୃଦୟଟା ସାମାନ୍ୟ ହାତୁଡି ପାହାରରେ ଚୁନା ହେଇଯାଉଥାଏ । ରାତିରେ ସାଆନ୍ତେ ଶୋଇଲେ ସେ ଦିନ ଆଉ ଭାଙ୍ଗିନଥିଲା । ରାଜେନ୍ଦ୍ର ବାପାଙ୍କୁ ମୁଖାଗ୍ନି ଦେଲା ।

ସୁଧିକ୍ରିୟା ସଂପାଦନ ପରେ ରାଘବ ଦିଦିଙ୍କୁ ଘରର ସମସ୍ତ ଦାୟିତ୍ୱ ଦେଇ ବାହାରି ପଡିଲେ ବାତ୍ସଲ୍ୟ ବନ୍ଧୁ ପାଖକୁ । ଓ.ଏ.ଏସ. କୋଚିଂ ନେବା ପାଇଁ ୨ ବର୍ଷ କଠିନ ପରିଶ୍ରମ ପରେ ସେ ବିଡିଓ ଭାବରେ ସୁନ୍ଦରପୁର ବ୍ଲକରେ ପୋଷ୍ଟିଂ ପାଇଲେ । କର୍ମ ଜୀବନ ଭିତରେ ଛାଡିଯାଇଥିବା ଅତୀତର ଛବିକୁ ଆଜିଯାଏ ନିଜ ମାନସ ପଟ୍ଟରେ ପ୍ରତିକ୍ଷଣେ ଅନୁଭବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରନ୍ତି । ହୁଏତ ଏ ଓ.ଏ.ଏସ. ପାଇବା ପଛରେ ଅତୀତର ଆଘାତ ଦାୟୀ । ଲେଖାର ମୋବାଇଲ୍ ନମ୍ବରକୁ ବ୍ଲକ୍ କରିଦେଇ ଅଫିସର ପଦବୀ ପାଇବା ପରେ ଏକ ନୂଆ ସିମରେ ରାଜେନ୍ଦ୍ର ବାବୁ ନିଜର ମୋବାଇଲ୍ ବ୍ୟବହାର କରୁଥାନ୍ତି । ଏକ ପ୍ରକାର ଏକ ଭିନ୍ନ ଦୁନିଆର ମଣିଷ ପାଲଟି ଯାଇଥାନ୍ତି ରାଜେନ୍ଦ୍ର । ହେଲେ ସକାଳର ସୂର୍ଯ୍ୟ ଆଉ ସନ୍ଧ୍ୟାର ଚନ୍ଦ୍ରମା ଯେମିତି ରାଜେନ୍ଦ୍ର ବାବୁଙ୍କର ଦୁଇଟି ସାଥୀ ପରି ସେମାନଙ୍କ ସହ ଶବ୍ଦ ବିହୀନ ଅନ୍ତରଙ୍ଗ ଆଳାପ ଯେମିତି ରାଜେନ୍ଦ୍ର ବାବୁଙ୍କ ସ୍ମୃତି ସିନ୍ଦୁକର ସାଇତା ଅଳଙ୍କାର । ସୌନ୍ଦର୍ଯ୍ୟତାର ଉଦାହରଣ । ବିଡିଓ ରୁ ଉପଜିଲ୍ଲାପାଳ ଭାବେ ପୋଷ୍ଟିଂ ପାଇ ରାଜେନ୍ଦ୍ର ବର୍ଷେ ହେବ ନବରଙ୍ଗପୁର ଜିଲ୍ଲାରେ ପୋଷ୍ଟିଂ ପାଇଛନ୍ତି ।

ଏ ଲେଖା ମାଡାମ୍ କଣ ସେ ଲେଖା, ଯିଏ ପୀୟୁଷ ପାନୀୟ କରି ମହେଶ୍ୱର ଭଳି ରାଜେନ୍ଦ୍ର ରାୟ ମହାପାତ୍ରଙ୍କୁ ବିଷ ପାନ କରାଇଥିଲେ । ଏକ ମାଟିର ପିତୁଳା ସଜାଇ ସେଥିରେ ଜୀବନ୍ୟାସ ଦେଇ ନିଜ ଲାଳସା ଚରିତାର୍ଥ କରୁଥିଲେ । ହଁ ତ ଏ ସେହି !! ରମେଶର ଗୋଡ ଭୁଲରେ ଟେବୁଲରେ ବାଜି ଯିବାରୁ ଫୁଲ ଦାନିଟି ପଡି ଭାଙ୍ଗିଯିବାରୁ ରାଜେନ୍ଦ୍ର ଓ ଲେଖାଙ୍କ ଭାବନାର ଅନ୍ତ ହୁଏ । ରାଜେନ୍ଦ୍ର ରମେଶ ଚା ଟିକେ ଆଣ । ଦୁଇ କପ୍ ଆଣିବ ।

ରମେଶ - ଆଜ୍ଞା (ଚାଲିଥାଏ) ।

ରାଜେନ୍ଦ୍ର କହି ଉଠିଲେ କେବେ ମେରେଜ କଲ । ଆଇ ମିନ୍ ଡିଭୋର୍ସ ପରେ । ଲେଖା ସାମାନ୍ୟ ହସି ଡିଭୋର୍ସ । ତୁମେ ଗଲା ପରେ ମୋର ବନ୍ଧୁମାନେ ମୋତେ ସେଲ୍ଫ ଡିପେଣ୍ଡାଣ୍ଟର ପାଠ ପଢେଇଲେ । ତୁମେ ପାଖରୁ ଦୂରେଇଗଲ, ସାହାରା ଦବାପାଇଁ ଆଉ ସର୍ପୋଟ କରିବା ପାଇଁ ଆଉ କେହି ନଥିଲେ । ମୋ ପାଖରେ ଥିଲେ କେବଳ ଅୟସ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆରାମରେ ଆଉ ସହରର ଚାକଚକ୍ୟ ଭିତରେ ବଢିଥିବା ସରକାରୀ ବେତନଭୋଗୀ ମୋର ଏଇ ଆଧୁନିକତାରେ ବିଶ୍ୱାସ ରଖୁଥିବା ବନ୍ଧୁମାନେ । ଡିଭୋର୍ସ ଫାଇଲ୍ କଲି । ତୁମକୁ ନୋଟିସ୍ ମଧ୍ୟ ଗଲା । ନୋଟିସ୍ ପାଇ ତୁମେ କୋର୍ଟରେ ହାଜର ହେଲନି । ଅଦାଲତ ଏକତରଫା ବିଚାର ପାଇଁ ସମୟ ଧାର୍ଯ୍ୟ କଲେ, ହେଲେ ମୁଁ ଆଉ କେଶ୍ ଚଳେଇଲିନି ।

ରାଜେନ୍ଦ୍ର- କାରଣ ?

ଲେଖା - କେଶ୍ କରି ତୁମ ଠାରୁ ଡିଭୋର୍ସ ନେବା ମୋର ଉଦ୍ଦେଶ୍ୟ ନଥିଲା । ମୋ ନମ୍ବର ବ୍ଲକ୍ କଲ । ସିମ୍ ଚେଞ୍ଜ କରିଦେଲା । ତୁମ ସହ ଭେଟ କରିବାକୁ ମୋର ପ୍ରବଳ ଇଚ୍ଛା ଥିଲା । ତୁମକୁ କ୍ଷମା ମାଗି ମୋ ଭୁଲ୍ର ପ୍ରାୟଶ୍ଚିତ କରିବାକୁ ଚାହୁଁଥିଲି ।

ରାଜେନ୍ଦ୍ର ଉତ୍ତରରେ କହି ଉଠିଲେ ଗାଁ କୁ ତ ଯାଇପାରିଥାନ୍ତ । ଅଶ୍ରୁ ସଜଳ ନୟନରେ ଲେଖା କହିଲେ କେମିତି ଯାଇଥାନ୍ତି, ବାପା ପରା ମୋତେ ଜିଅନ୍ତା ସୁଧି ହୋଇ ସାରିଛନ୍ତି । ତାଙ୍କୁ ମୁଁ ସେବେଠୁ ଦେଖିନି । ସାମାନ୍ୟ ହସି ରାଜେନ୍ଦ୍ର କହିଲେ ରାଘବ ଦାଦି ଆମ ଘରେ ଅଛନ୍ତି । ସୁସ୍ଥ ଅଛନ୍ତି । ହଠାତ୍ ଆଜି ଏମିତି ଅବସ୍ଥାରେ ଯେ, ତୁମକୁ ଦେଖିବି ଭାବିନଥିଲି । ସେ ଆଧୁନିକତା, ସେ ଶରୀରକୁ ସାମାନ୍ୟ ଆବୃତ କରୁଥିବା ପୋଷାକ, ଠାଣୀ କାହିଁ ଆଉ ଦିଶୁନି । କାହିଁ ଶରୀର ସେ ଉଦ୍ଧାମତା ନଜର ଆସୁନି ? ସେ ଫୁର୍ତ୍ତି ବି ଆଉ କାହିଁ ଅନୁଭବ କରିପାରୁନି ।

ଲେଖା - ସଂଯମର ପାଚେରୀକୁ ଭାଙ୍ଗି ଅସଂଯମର ଶଙ୍ଖ ମଲମଲ ପଥରରେ ଆଧୁନିକତାର ମହଲଟେ ଗଢିଲି, ପେସନର କାର୍ପେଟ ବିଛାଇ ସୌଖିନ ପଲଙ୍କରେ ଶୋଇଲି, ହେଲେ ସେ ମହଲରେ ଶାନ୍ତି ନଥିଲା । ଆରାମ୍ ନଥିଲା । ଜାଣିଛ ବଂଚି ଥାଉ ଥାଉ ବି ମୁଁ ଗୋଟେ ମାଟି ପିତୁଳା ପାଲଟି ଯାଇଛି । ନାଁ ସେଥିରେ ଜୀବନ ଅଛି, ନାଁ ସେ କିଛି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଝିପାରୁଛି । ଷ୍ଟାଣ୍ଡୁଭଳି ଦୁନିଆର ବିସ୍ତୃତ ନିୟମ ସହ ପାଦ ଥାପି ଚାଲିଛି ବାସ୍ । ହେଲେ ସେ ଚଉଡା ଧୋତି ବଦଳରେ ଆଜି ଏ ସୁଟ୍ କୋର୍ଟ ପିନ୍ଧୁଛ ଅଡୁଆ ଲାଗୁନି ?

ରାଜେନ୍ଦ୍ର- ହଁ ଲାଗୁଛି, ହେଲେ ଚେୟାରରୁ ଓହ୍ଲେଇଲା ପରେ ପୁଣି ସେଇ ଚଉଡା ଧୋତି ଆଉ ଗାମୁଛା ମୋତେ ଖୁବ୍ ଆନନ୍ଦ ଦଉଛି । ବାସ୍ ଏତିକି ତୃପ୍ତି ଦଉଛି ଓ.ଏ.ଏସ. ପାଇବା ପରେ ବି ମୁଁ ସେଇ ଗାଁ ମାଟିରେ ତିଆରି ଗାଉଁଲି ରାଜେନ୍ଦ୍ର ହୋଇ ରହିଛି ।

ଲେଖା- (ଚହଲା କଣ୍ଠରେ) ତୁମେ ବୋଧେ ବିବାହ .... ?

ରାଜେନ୍ଦ୍ର - ହା ହା ହା ବାହାଘର, ମୋର ? ଜାଣିଛ- ତୁମ ଘର କୁଡିଆରେ ଖୁଡିଙ୍କ ହାତ ତିଆରି ପଖାଳ, ଆଳୁ ଚୋଖା ଆଜିବି ମୁଁ ଖୋଜୁଥାଏ । ତୁମ ସହ ଆମ୍ବ ତୋଟାରେ ଦୁ ଦୁ ଖରାବେଳେ ବହୁଚୋରି ଖେଳକୁ ଆଜିଟି ମନେ ପକାଏ । ତୁମର ସେ ସୌଖିନ ପରିପାଟିରେ ଆଷ୍ଟାମେଣ୍ଟ ଚଳଣି ଆଉ ବନ୍ଧୁମାନଙ୍କ ସାମ୍ନାରେ ମୋ ଗାଲରେ ଶକ୍ତ ଚାପୁଡା ....... ( କାନ୍ଦି ଉଠନ୍ତି) ଲେଖା ମଧ୍ୟ କାନ୍ଦି ଉଠନ୍ତି । ଆସି ରାଜେନ୍ଦ୍ରକୁ ଜାବୋଡି ଧରନ୍ତି । କହିଉଠନ୍ତି ମୋତେ କ୍ଷମା କରିଦିଅ ।

ବଡ ପାଟିରେ ରମେଶ ଡାକ ମାରେ ସାର୍, ଲେଟ୍ ହେଲାଣି ୧୧ଟା ବାଜିଲାଣି ଅଫିସ୍ ଯିବେ ପରା । ରାଜେନ୍ଦ୍ର ଘଡିଦେଖି ଓଃ ଚାଲ ଯିବା । ଅଫିସ୍ ଟାଇଲ୍ ହେଲାଣି ।

ଲେଖା ସେମିତି ସେ ଘଡିକୁ ଚାହିଁଥାନ୍ତି । ସେକେଣ୍ଡ କଣ୍ଟାର ଛକ ଛକ ଶବ୍ଦ ଭିତରେ ଲୀନ ତାଙ୍କ ଭାବନା । ଆଖିର ଲୁହ ପ୍ରାୟତଃ ଗାଲ ଦେଇ ଶାଢୀକୁ ସାମାନ୍ୟ ଓଦା କରିଦେଲାଣି । ସମ୍ଭବତଃ ଏକ ନୂତନ ଦିଗନ୍ତର ଆବିଷ୍କାରର ସୂଚନା ।

ଆଡଭୋକେଟ୍, ଭଦ୍ରକ

ମୋ. ୯୩୪୮୧୮୪୦୫୪ Email- rudrakanta456@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ ତୁମେ ପ୍ରିୟତମ



ଶିବ ନାରାୟଣ ଦାଶ

କିଏ ଡାକେ ମୋତେ ହାତ ଠାରି ଆଜି ବିଶ୍ୱର ପଥ ପରେ,
କିଏ କହେ ତୁ ଯେ ନୋହୁଁ ଏକୁଟିଆ ମୁହିଁ ଅଛି ତୋ ସାଥିରେ ।
ଅଜ୍ଞାନ ମୁହିଁ ପଥ ଚାଲେ ଯେବେ ଜାଣେନା ଲକ୍ଷ୍ୟ ମୋର,
କା'ର ଇଶାରାରେ କ୍ଳାନ୍ତ ପଦ ମୋ ହୁଏ ଯେ ଅଗ୍ରସର ।

କଷ୍ଟ ପଥରେ ଫୁଟାଇ ନୀତି ମୋ ଲକ୍ଷ୍ୟ ରକ୍ତ ଜବା,
କିଏ ଚାଲିଯାଏ ପଥ କାଢି ମୋତେ ଅଳକ୍ତ ପଦେ ଅବା ।
ଝୁଂଟି ପଡୁଥିଲେ ହାତ ଧରି ମୋର କିଏ ସେ ଉଠାଇ ଦିଏ,
ପଡି ଉଠି ପୁଣି ପଥ ଚାଲିବାର କଳା ସେ ଶିଖାଇ ଥାଏ ।

ବାଟ ହୁଡ଼ା ହୋଇ ଅବାଟରେ ଗଲେ କଠୋର କୃପାରେ ତାର,
ଚଲାପଥ ମୋର ପୁଷ୍ପିତ କରେ କରୁଣାର ପାରାବାର ।
ସଫଳତା ପଛେ ଧାଉଁଥାଏ ଯେବେ ବିଫଳତା ଦିଅ ମୋତେ,
ଜୟ ପରାଜୟ ମଣିବାକୁ ଏକ - ଜୀବନ ଯାତ୍ରା ପଥେ ।
ନୟନୁଁ ଝରିଲେ ଅଶ୍ରୁ ମୋହର ବ୍ୟାକୁଳ ହୁଅଇ ଯଦି,
ନୟନେ ନୟନ ମିଶାଇ ତୁମର ଯନ୍ତ୍ରଣା ଦିଅ ପୋଛି ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଯେବେ ବହୁ ବାସନା ମୁଁ ଜୀବନେ ଚାହିଁଲି ନ ଚାହିଁ ତୁମକୁ କେବେ,

ବଂଚିତ କରି ବାଂଛାରୁ ମୋର ଶିଖାଇ ଦେଇଛ ତେବେ ।

ତୁମେ ଜୀବନର ଏକଇ କାମ୍ୟ ଚରମ ଆଶ୍ରା ମମ,

ନଶ୍ୱର ଏହି ଜୀବନରେ ତୁମେ ଶାଶ୍ୱତ ପ୍ରିୟତମ ।

ପଣ୍ଡିଚେରୀ

Mobile: 9999024656

Email: dasshibanarayan61@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆମ ଗାଁ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(୪)

ଦାରୁଣ ନିଦାଘ କାଳେ ବହେ ସଦା ଉହକ ପବନ,

ଉହଳ ବିକଳ ହୁଏ ଜଣାପଡି ସରଳ ଜୀବନ,

ଗାଁ ଦାଣ୍ଡ ବାଲି ତତେ,

ଶୁଖିଯାଏ ନଈନାଳ ଜଳାଶୟ ଯେତେ ୍ର

ପାଣି ପାଇଁ ପ୍ରାଣ ହୁଏ ବଡ଼ ଛଟପଟ,

ଅଂଶୁଘାତେ ଜୀବ ଯାଏ ଛାଡି,

କଳସିଏ ପାଣି ପାଇଁ ନଳକୂଅ ପାଶେ

ଲାଗିଥାଏ ଲମ୍ବା ଲମ୍ବା ଧାଡି ।

କାଳ ବୈଶାଖୀ ପବନେ

କେବେ ପୁଣି ଉଡ଼ିଯାଏ ଘରର ଛପର,

ନିରୀହ ପଲ୍ଲୀ ଜୀବନ ହୁଏ ହରବର ।

ଗ୍ରୀଷମରେ ଆମ୍ବ ପାଚେ,

ଗଛଡାଳେ ଲୁଚି ଲୁଚି କାଉ ଖାଏ ଆମ୍ବ,

ରସାଳ ରସରେ ଗାଁ ଭୁଲିଯାଏ ଉତ୍ତାପର ତ୍ରାସ,

ଅକ୍ଷୟ ତୃତୀୟା ଦିନ ହଳ ଅନୁକୂଳ ହୁଏ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୃଷକ ଭିଡ଼ଇ ଅଂଟା କରିବାକୁ ଚାଷ ।

ନିଜେ ସିନା ପାଏ ନାହିଁ ଖାଇବାକୁ ବରଷକ ଦାନା !

ଦୁଃଖରେ ବିତଇ ତା'ର ଦୁର୍ବିଷହ ଦିନ,

ଦୁନିଆରେ ଖାଦ୍ୟ ପାଇଁ କରେ ନିତି ଶ୍ରମର ସାଧନା ।

ଭୋଗ ବାସନରେ ଲିପ୍ତ ବିଳାସୀ ସହରେ

ସମୃଦ୍ଧିର ସୁଖମାନେ ଯେବେ

ଖାଇପିଇ ମାରୁଥାନ୍ତି ଆଳସ୍ୟର ହାଇ,

ଅନନ୍ତକ୍ଷୁଧା-ଆତୁର ମୋ' ଗାଁର ଦୁଃଖମାନେ,

ମାଇସଞ୍ଜ ବେଳଟାରେ ନିରନ୍ନର ଶୁଦ୍ଧ-ଉପବାସେ

ଶୋଇଯା'ନ୍ତି ଓଦାକନା ପେଟରେ ପକାଇ !

ପ୍ରାବୃଟ ପ୍ରବେଶ ହୁଏ ସିଞ୍ଚି ମନ୍ଦମନ୍ଦ ବାରି,

ଆଷାଢର ପ୍ରଥମ ଦିବସେ

ରାଜା ଆସେ ରଜସ୍ୱଳା ହୁଏ ମା' ଧରିତ୍ରୀ,

ଗାଁ ମୁଣ୍ଡ ବରଗଛ ଡାଳେ,

ଅବା କେବେ ବାରିତଳ କେଳି କଦମ୍ବରେ

ଦୋଳି ଲାଗେ ଅଗାଧ ସରାଗେ,

ଦୋଳିଗୀତ ଢ଼ଗଛଟା ସଜ୍ଜ ମଉଜରେ

କିଶୋର କିଶୋରୀ ପ୍ରାଣ ଭରିଯାଏ ପ୍ରୀତି ଅନୁରାଗେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଭସେ ଅନାଇ ରହେ ଆନମନା ହୋଇ

ରମଣୀ ରତନ ଘରେ ପରବାସୀ ରମଣର ପଥ,

ମନରେ ଆଷାଢ଼ ପୁଣି ଆକାଶରେ ବରଷଣ ମେଘ !

କଷ୍ଟ ଦେଇଥିଲେ ସତେ ଏ ରଜରେ ଆସିବେ କି ନାଥ !

ପ୍ରୀତିର ପଖାଳ ସାଥେ ସେନେହର ମିଠା ପିଠାପଣା,

ରାଯାଏ ମମତା-ମୁଗ୍ଧ ଜୀବନଟା ହୋଇଯାଏ କିଣା ।

ଆଷାଢ଼ରେ ରଥ ହୁଏ ବରଷକେ ଠାରେ,

ପଥକୁ ଆସନ୍ତି ଦେବ-ଜଗନ୍ନାଥ ପତିତପାବନ,

ପଲ୍ଲୀର ଜୀବନ-ରଥ ରହି ରହି ତଥାପି ଚାଲଇ,

ଆତ୍ମା ଲଭେ ପରମାତ୍ମା ପୁଣ୍ୟ ଦରଶନ ।

ମୋ' ଗାଁର ବଡ଼ଦାଣ୍ଡେ ନମ୍ର ଗୋଧୂଳିରେ,

ବାଲିରଥ କରି ଆପେ କ୍ରୀଡା କରେ ବାଳୁତ କହ୍ନାଇ,

ବିରାଟ ବିଶ୍ୱରେ ଖେଳେ କୁତୂହଳେ ବିରାଟ ପୁରୁଷ,

ମହାବାହୁ ଜଗନ୍ନାଥ ନିଜେ ରଥ ନିଜେ ରଥୀ ଭିନ୍ନାଭିନ୍ନ ନାହିଁ ।

ବିକଳ ପରାଣେ ଦେଇ ସୁଶୀତଳ ସଜଳ ପରଶ,

ଆମ ଗାଁ ତୃଷିତ ମାଟିରେ

ମେଦୁର-ମେଘ-ମେଖଳା ଶ୍ରାବଣର ବର୍ଷାକାଳ ଆସେ,

ଘୋର ଗରଜନେ ଘନ ଘୋଟିଯାଏ ସୁନୀଳ ଆକାଶେ ।

ମେଘ କୋଳେ କୁତୂହଳେ ଖେଳଇ ବିଜୁଳି,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଜ୍ରର ନିନାଦେ ହୋଇ ବିଧୂନୀତ ବର୍ଷଣ-ବିହ୍ୱଳ
ବରଷ ପଡ଼ି ଝରି ନୃତ୍ୟ କରି କରି,
ରଜନୀର ମୁଖେ ଅବା ଥରି ଥରି ବାଟେ ବିବସନା
କାନ୍ଦେ ରମଣ-ଶଙ୍କିତା ଶ୍ରାବଣୀ-ସୁନ୍ଦରୀ !
ମହୀ ହୁଏ ଋତୁମତୀ ନଈନାଳ ପଡ଼ଇ ଉଛୁଳି,
ପୁରୁଷ ପ୍ରକୃତି ଘନ ପ୍ରେମ ଆଲିଙ୍ଗନେ,
ମିଳନର ମଧୁଶଯ୍ୟା ଧରାବଧୂ କରାଇ ରଚନା
ଭେକ-ମୁଖରିତ ନିଶି ନିରିଜନ ଧାରା ଶ୍ରାବଣରେ,
ଆକାଶରୁ ବୀର୍ଯ୍ୟ-ବାରି ପଡ଼େ ଝରି ପ୍ରକୃତି ଜଠରେ,
ରତ୍ନଗର୍ଭା ହୁଏ ଗର୍ଭବତୀ ପିପାସିତ ମାଟି ମହକରେ ।
ମାଟିର ଡାକରେ ଉଠେ ମେହନତୀ ମାଟିର ମଣିଷ,
ଭୋଦୁଅ ଖରାରେ ନାଚେ ଜକଜକଅଶାର ଆକାଶ,
ଜୀବନଟା କିଛି ନୁହେଁ ଖାଲି ଚାଷବାସ,
ତାଳୁରୁ ତଳିପା ତାତି ମୁଣ୍ଡଝାଳ ତୁଣ୍ଡରେ ମରଇ,
ଶ୍ରମର ଆରମ୍ଭ ନାହିଁ ନାହିଁ ତା'ର ଶେଷ ।
ମାଟି କାଦୁଅରେ ମିଶି ଚାଷୀ ବଂଚେ ସବୁଜ ଜୀବନ,
ହରିତ କେଦାର ଶୋଭା ହରିନିଏ ଶ୍ରମ-କ୍ଲାନ୍ତ ଦିନ ।
ଦୁନିଆର ଅନ୍ନଦାତା ଶ୍ରମବୀର ସିଏ,
କିଏ ଅବା ବୁଝେ ତା'ର ଜୀବନର ମୂଲ !

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପେଟରେ ଗରଜେ ଭୋକ,

ମୋ ଗାଁ'ର ଚାଷିମୁଖେ ତଥାପି ତ ଢେଉ ଭାଙ୍ଗେ ହସର ଫସଲ ।

ମୋ' ଗାଁର ସ୍ନିଗ୍ଧ ଉପବନ,

ଶ୍ରାବଣରେ ସ୍ନାନ ସାରି ଚାହିଁ ରହିଥାଏ ଯେବେ

ଚାଇଁ ଚାଇଁ ଭୋଦୁଅ ଖରାରେ

ମୁକ୍ତ କରି ସିକ୍ତ ତା'ର ସବୁଜ କବରୀ,

ମେହନତୀ ମଣିଷର ସୁକୁମାର ସରଳ ଜୀବନ

ଆଶା ନିରାଶର ଯେବେ ଦେଖୁଥାଏ ଅନେକ ସପନ,

ହରିତ କ୍ଷେତର ବଧୂ ପୁଲକିତ ହୁଏ ପବନରେ,

ଧରି ରମଣୀୟ ଶୋଭା ନବ ଯଉବନ ।

ଗର୍ଭରେ ସଞ୍ଚରେ ତା'ର ଫୁଲର କେଶର,

ଶ୍ରମର ତାପସ ହୁଏ ଆନନ୍ଦେ ବିହ୍ୱଳ

ନୟନେ ନିରେଖି ତା'ର ଫଳମୁଖୀ ସୁବର୍ଣ୍ଣ କେଦାର ।

ପଣ୍ଡିଚେରୀ

Mobile: 9999024656

Email: dasshibanarayan61@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୋ ଭଗତେ



ପ୍ରଶାନ୍ତ କୁମାର ନାଥ

ହୋ ଭଗତେ

ଓଃ ହୋ......

ବଡଦାଣ୍ଡେ ନନ୍ଦିଘୋଷ

ବିଜେଛନ୍ତି ଜଗନ୍ନାଥ

ନାହିଁ ଆଗ ବାଲି ପଥ ବଡ଼ ଦାଣ୍ଡେ

ଶରଧାବାଲି କୁ ନାଶରେ...

ଟାଣେ ଭ୍ଭିନାଣୀ ।

ହୋ ଭଗତେ

ଓଃ ହୋ......

ଆମ ସରକାର ଦେଖ

ଯୋଜନା ପରେ ଯୋଜନା

କାର୍ଯ୍ୟକାରୀ ନୁହେଁ ଗୋଟିଏ ଜମା ହେ

ପ୍ରଜା ମରେ ବଡ଼ ଦୁଃଖରେ

ଟାଣେ ଭ୍ଭିନାଣୀ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋ ଭଗତେ

ଓଃ ହୋ.....

ବିଶ୍ୱରେ ପଡିଛି ହୁରି

ଆମରି ରାଇଜ ମନ୍ତ୍ରୀ

ଯୁଆଡ଼େ ଯାଆନ୍ତି ସିଆଡେ ପ୍ରଶଂସା

ଯନ୍ତ୍ରୀ କରୁଛନ୍ତି ଚୋରୀରେ

ଟାଣେ ଉିନାଣୀ ।

ହୋ ଭଗତେ

ଓଃ ହୋ....

ଆମ ସରକାର ନୀତି

ସବୁ ଏଠି ରାଜନୀତି

ଜାତି ନନ୍ଦିଘୋଷ ଗଡାଉଛି ବସି

ହୋଇଣ ସେ ଉର୍ଦ୍ଧ୍ୱମତି ରେ

ଟାଣ ଉିନାଣୀ ।

ହୋ ଭଗତେ

ଓଃ ହୋ.....

ଓଡିଶା ରାଇଜ ପ୍ରଜା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱାଭିମାନେ ବୁଦ୍ଧିମତା

ନିରିହ ମାନଙ୍କୁ ଲୁଟିଣ ଚାଲନ୍ତି

ସାଜି କେତେ କୁଜି ନେତାରେ

ଟାଣ ଓ୍ଡିନାଣୀ ।।

ପ୍ରଶାନ୍ତ କୁମାର ନାଥ (ଜୁଣଗଡି) ରାଜନଗର,କେନ୍ଦ୍ରାପଡ଼ା।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୀଳାଚଳ ନିବାସୀ



ସତ୍ୟ ନାରାୟଣ ମିଶ୍ର

ମତେ କରିଦେ କାଳିଆ ନୀଳାଚଳ ନିବାସୀ
ତୋର ଦରଶନ ଲାଗି ଆସିବି ନିତି ।।
ଦେଖୁଥିବି ଭକତଙ୍କ ଜନ ଗହଳି
ଶୁଣୁଥିବି ଜୟ ଜଗନ୍ନାଥ ବୋବାଳି
ଯାଉଥିବି ଭାବ ସମୁଦରରେ ବୁଡି
ଝରୁଥିବ ନୟନରୁ ଲୋତକ ବାରି
    ନେଉଥିବି ଛଡାଫୁଲ ଛଡା ତୁଳସୀ ।।
ଭୋକ ହେଲେ ଭୁଂଜୁଥିବି ଅବଢ଼ା ଭାତ
ଶୋଷ ହେଲେ ପିଇନେବି ତୋରାଣି ଟଙ୍କ
ନିରୀମାଲ୍ୟ ଘେନୁଥିବି ଭକତି ଭରେ
ଭଜୁଥିବି ନାମ ତୋର ସଞ୍ଜ ସକାଳେ
  ବାର ମାସେ ତେର ଯାତ ପାରିବି ଦେଖି ।।
ଗରୁଡ଼ ପଛରୁ ତୋର କଳା ମୁରତି
ଚାହିଁ ବାହୁଡିବି ଘରେ ନିଇତି ନିତି
ବାଇଶି ପାହଚେ ଦଣ୍ଡେ ଯିବିରେ ବସି
କଳପ ବଟକୁ ଥିବି ଦୁରୁ ନିରେଖି
  କୋଟି ଜନମର ପାପ ଯିବରେ ହଟି ।।

mishrasatyanarayan1962@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଳ ଆଉ ଖାଲି ନୀଳ



ଆଶୁତୋଷ ମେହେର

ନୀଳ ଘନନୀଳ ବେଶୀ ଗାଢ ଲାଗେ
ପ୍ରିୟା ଦୁଇ ନୀଳ ଆଖି ,
ନୀଳ ସାଗର ଠୁଁ ଗାଢ ରଙ୍ଗେ ଭରା
ମାପେ ମୁଁ କବିତା ଲେଖି.....।। ୦।।

ଲହରୀ ସେଇଠି ଗୀତ ଗାଉଥାଏ
ଆଖିରେ ଚମକ ଭରି ,
ମନ ଉପକୂଳେ ଲେସି ଦେଉଥାଏ
ପ୍ରୀତି ସୁମଧୁର ବାରି ,
ପ୍ରେମ ଛନ୍ଦେ ଛନ୍ଦା ଗହନ ଆଶ୍ଲେଷ
ଦେହେ ଯାଉଥାଏ ମାଖି ......।।୧।।

ବେଳାଭୂମି ଠିଆ ପ୍ରେମିକା ପରାଏ
ଆଗରେ ନୀଳ ପରାଣ ,
ଲହଡି ଛୁଆଁରେ କୁରୁଳି କୁରୁଳି
ଭିଜୁ ଥାଏ ତନୁ ମନ ,
ଭିଜା ବାଲି ଦେହେ ଲେଖା ହୁଏ ଗୀତ
ଜୀବନ ପୁଲକ ଦେଖି......।। ୨।।

ନୀଳ ଦରିଆର ନୀଳ ଯେ ହୃଦୟ
ବିରହ ର ଗୀତି ଭରା ,
ପ୍ରେମ ନଗରୀରେ ମନ ବାଟବଣା
ଏଇଠି ସେଇଠି ଧରା ,
ପ୍ରତାରଣା ଅବା ପ୍ରତୀକ୍ଷା ଆଳରେ
ଆଖି ଯାଉଥାଏ ଲାଖି ......।।୩।।

୫୪ ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ, ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଲି



ଶିବ ପ୍ରସାଦ ଚାନ୍ଦ

ବାଲି ତ ବାଲି ଶରଧାବାଲି
ସବୁଠୁଁ ପ୍ରିୟ ସିଏ
ତାହାରି ଦେହେ ରଥରେ ଜଗା
ମାଉସୀ ଘର ଯାଏ ।
ଛଡ, ସିମେଣ୍ଟ, ଇଟା, ପଥର
ବାଲିରେ ଯେବେ ମିଶେ
ଭଳିକି ଭଳି ହୁଅଇ ଘର
କେଡେ ସୁନ୍ଦର ଦିଶେ ।
ବରଷା ପାଗ ଗରମ ମୁଢି
ଖୋଜେନି ଅବା କିଏ
ବାଲିରେ ଭଜା ଚିନାବାଦାମ
ତା' ସାଥେ ମଜା ଦିଏ ।
ଝଡି ବରଷା କାଦୁଅ ଯେବେ
ଗାଆଁ ଦାଣ୍ଡରେ ଫିଟେ
ବାଲି ଦି' ଝୁଡି ପକାଇ ଦେଲେ
ସବୁ ଅଡୁଆ ତୁଟେ ।

ନଈ ବାଲିରେ ସାଙ୍ଗ ମେଳରେ
ବୋହୂ ଚୋରିର ଖେଳ
ବାଲିରେ ଖିରି, ଭାତ, ତିଅଣ
ବାହାଘରର ଗୋଳ ।
ଏଇ ବାଲିରେ ଖେଳିଛି ଖେଳ
କେତେ ଯେ ପିଲା ଦିନେ
ସେ ସବୁ ସ୍ମୃତି ସାଇତା ଅଛି
ପଡଇ ଆଜି ମନେ ।
ଆଖିକୁ ଦିଶେ ବାଲି କଣିକା
ନିହାତି ଛୋଟଟିଏ
ଛୋଟ ହେଲେ ବି ସାରା ମୁଲକେ
ଅଲୋଡା ଅବା କିଏ ?

ପୁରୁଣିଆଁ, କେନ୍ଦୁଝର
ସଂପର୍କ _୯୪୩୮୧୬୦୫୪୫

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମାଆ ପରି କିଏ ହେବ



ନୀଳମଣି ଚାନ୍ଦ

ଦୁନିଆ ଭିତରେ କେତେ ମଣିଷରେ
ମାଆର ଭୂମିକା ଅଲଗା ପରା
ସନ୍ତାନସନ୍ତତି ପାଇଁ ରହିଥାଏ
ମନରେ ସେନେହ ମମତା  ଭରା।

ସିଏ ଗୁରୁଜନ ଦେବତା ସମାନ
ଦିଏ ସେ ପିଲାଙ୍କୁ ଉତ୍ତମ ଶିକ୍ଷା
ବଡ଼ ହେବାପାଇଁ  ଲୋଡ଼ା ପଡ଼ିଥାଏ
ଜୀବନେ ଯେମିତି ଏ ସବୁ ଦୀକ୍ଷା।

ମାଟି ପରି ମାଆ ସଦା ସର୍ବଂସହା
ସହେ ଯେ ସନ୍ତାନସନ୍ତତି ଅଳି
ସୁଖରେ ସେ ସୁଖୀ, ଦୁଃଖରେ ସେ ଦୁଃଖୀ
ପାଖେ ପାଖେ ଥାଏ ଛାଇଟି ଭଳି।

ମାଆ ନାମ ପରା ଅମୃତ ସମାନ
କଳ୍ପବଟ ପରି ସେ ସବୁଦିନେ
ସେ ପ୍ରେରଣାଦାତ୍ରୀ ଆଶିଷ ଦିଅନ୍ତି
ଯା ପାଇଁ ଜଗତ ମାଆଙ୍କୁ ଚିହ୍ନେ।

ମାଆ ମହୀୟାନ ସେ ଯେ ଗରୀୟାନ
ତା ପଦେ କରୁଛି ମୁଁ ଶତ ନମ
ମାଆ ପରି କେହି ଜଗତରେ ନାହିଁ
ଯାହାର ଭୂମିକାଟି ଅନୁପମ।

ଭୁବନେଶ୍ୱର, ମୋ:୯୪୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁଆଁର ପୁନେଇଁ



ହରେରାମ ପଣ୍ଡା

କୁଆଁର ପୁନେଇଁ ଜହ୍ନ ଗୋ,
ଫୁଲ ବଉଳବେଣୀ,
କୁଆଁରୀ ଝିଅଙ୍କ ଅସୀମ ଆନନ୍ଦ
ପୁଚ୍ଚି ଖେଳିବାରେ ମନ ଗୋ,
ଫୁଲ ବଉଳବେଣୀ ।

ଚାନ୍ଦ ଆସିଲାଣି ଉଇଁ ଗୋ,
ଚାରୁ ଲବଙ୍ଗ ଲତା,
ଚାନ୍ଦ ବନ୍ଦାପନା ଉଚ୍ଛୁର ହୋଇଲେ
ବର ଯିବ ବୁଢ଼ା ହୋଇ ଗୋ,
ଚାରୁ ଲବଙ୍ଗ ଲତା ।

ଜହ୍ନ ହସେ ଖିଲି ଖିଲି ଗୋ
ମୋର ଗେଡୀ ବାୟାଣୀ,
ଚଉଁରା ମୂଳରେ କଇଁଫୁଲ କୋଠି
କାଟିବା ଯତନ କରି ଗୋ,
ମୋର ଗେଡୀ ବାୟାଣୀ ।

ଜହ୍ନି ଫୁଲ ଗୋଟି ଗୋଟି ଗୋ,
ମୋର କଣ୍ଢେଇ ରାଣୀ,
ଚଉଁରା ମୂଳରେ ଆମେ ସବୁ ମିଳି
ଆଙ୍କିବା ଫୁଲର କୋଠି ଗୋ,
ମୋର କଣ୍ଢେଇ ରାଣୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୋଖରୀ ମଝିରେ କଇଁ ଗୋ,
ଟିକି ବଉଳ ଫୁଲ,
ଆକାଶରେ ଜହ୍ନ କେଡେ ସରାଗରେ
କଇଁକୁ ରହିଛି ଚାହିଁ ଗୋ,
ଟିକି ବଉଳ ଫୁଲ ।

ସଜାଡ଼ି ଭୋଗର ଥାଳି ଗୋ ,
ମୋର ସହୀ ସଙ୍ଗାତ ,
ଭୋଗ ଲଗିଇବା ଚାନ୍ଦ ବନ୍ଦେଇବା
ମୁଖେ ହୁଳହୁଳି ଦେଇ ଗୋ ,
ମୋର ସହୀ ସଙ୍ଗାତ ।

ରାତି ଲାଗେ ଦିନ ପରି ଗୋ ,
ଫୁଲ ବଉଳବେଣୀ ,
ପୁଞ୍ଚି ଖେଳି ଆଜି ରାତି ବିତେଇବା
ସବୁ ଦୁଃଖ ଯିବା ଭୁଲି ଗୋ ,
ଫୁଲ ବଉଳବେଣୀ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ, ମେରଦା କାଟିଆଛକ, ଯାଜପୁର  ଆଳାପ - ୯୪୩୮୦୬୫୧୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାନଦୀ



ସୁହଂସ ଭୋଇ

ଦଣ୍ଡକାରଣ୍ୟରୁ ଉତ୍ପତ୍ତି ତାହାର
ଛୁଇଁଛି ଉତ୍କଳ ଭୂଇଁ
ବନ ଗିରି ଡେଇଁ ମିଶିଅଛି ନଇ
ବଙ୍ଗୋପସାଗରେ ଯାଇ

ପ୍ରାଚୀନ ଯୁଗରେ କନକ ନନ୍ଦିନୀ
ନାମେ ନଦୀ ପରିଚିତା
ଚିତ୍ରୋପଳା ନିଲୋତ୍ପଳା ନାମ ଆଦି
ମହାନଦୀ ମହେଶ୍ୱତା

ଅଙ୍ଗ ତେଲ ଇବ ବ୍ରାହ୍ମଣୀ ପ୍ରଭୃତ
ଛୋଟ ଛୋଟ ଉପନଦୀ
ମିଶି ଯାଇଛନ୍ତି ମହାନଦୀ ସାଥେ
ସର୍ବେ ହୋଇ ଛନ୍ଦା ଛନ୍ଦି

ସମ୍ବଲପୁରରୁ ଲମ୍ବିଯାଇଅଛି
ନୟାଗଡ ସୋନପୁର
ଅନୁଗୁଳ ବୌଦ୍ଧ କଟକ ପର୍ଯ୍ୟନ୍ତ
ଇତି ଜଗତସିଂପୁର

ବୁକୁରେ ଯାହାର ଗଢିଉଠି ଅଛି
ହୀରାକୁଦ ନଦୀବନ୍ଧ
ଓଡିଶା ମାଟିର ଜୀବନରେଖା ସେ
ଉପକୃତ ଚାଷୀବୃନ୍ଦ

ଯୋଗାଏ ସେ ଜଳ ଚାଲେ ନାନା କଳ
ଜଳୁଛି ବିଜୁଳି ବତି
ଜୀବନ ଜୀବିକା ତହିଁରେ ଜଡିତ
ଆଉ ଆମ ଅର୍ଥନୀତି

ଏ କାଳ ସେକାଳ ମଧ୍ୟରେ ଅନେକ
ବଦଳି ଗଲାଣି ନଇ
ବୈଶାଖରେ ପୂର୍ଣ୍ଣ ଜଳ ବୋହୁଥିଲା
ଶ୍ରାବଣେ ଶୁଖିଲା ଭୂଇଁ

ପହଣ୍ଡି, ବରଗଡ଼

ଆହ୍ୱାନ ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନୀରବ ବେଦନା



ଦେବାର୍ଚ୍ଚନ
ମେହେର

କାହାକୁ ମୁଁ କହିବି କିଏ ବା ବୁଝିବ
ମୋର ହୃଦୟର ଯନ୍ତ୍ରଣା,
ସବୁ ହୃଦୟ ଭିତରେ ଚାପି ରଖିବାକୁ ହେବ
ମୋର ଏ ନୀରବ ବେଦନା ।।

ଯାହା ପାଇଁ ଏ ଯନ୍ତ୍ରଣା ଭୋଗୁଛି ମୁହିଁ
ସେ ତ କେବେ ପଚାରି ବୁଝେନା,
ସବୁ ଦିନ ପାଇଁ ସେ ଯାଇଛି ଭୁଲି
ଏବେ ମୁଁ ବି ତା ପାଇଁ ଅପରିଚିତା ଅଚିହ୍ନା ।।

ତା ପରି ମୁଁ ହସି ହସି
ମିଛ ଅଭିନୟ କରି ପାରେନା,
କାହିଁକି ସେ ଏପରି ମିଛ ଅଭିନୟ
କରୁଥିଲା କିଛି ବୁଝା ପଡ଼େନା ।।

ଯଦି ଧୋକା ଦିଏ ଆତ୍ମୀୟ ସ୍ୱଜନ
ବିଶ୍ୱାସ କରିବା ଆଉ କାହାକୁ,
ନିଜ ଲୋକ ଯଦି ବିଶ୍ୱାସେ ବିଷ ଦିଏ
ତେବେ ଦୋଷ ଦେବା କି ବିଷକୁ ।।

ଅନେକ ଅକୁହା କଥା କହିବାର ଇଚ୍ଛା ଅଛି
କିନ୍ତୁ କାହା ଆଗରେ ମୁଁ କହି ପାରେନା,
ତୁମ କଥା ଗୁଡ଼ାକ ମନେ ପଡୁଛି ଯେବେ
ମୋ ହୃଦୟେ ଭରିଦିଏ ଅସହ୍ୟ ଯନ୍ତ୍ରଣା ।।

ଶୟନ ପୂର୍ବରୁ ନୟନରୁ ଦି ଟୋପା ଲୁହ
ଭିଜଇ ନିତି ଶୋଇବା ଶେଯ ରେ ସତେ,
ତୁମସହ ବିତାଇଥିବା ସ୍ମୃତି ମୋ ମନେ ପଡୁଛି
ଛାତିରେ ପଥର ଲଦିଛି କେତେ ।

ମରି ମରି ନିତି ବଞ୍ଚିବାକୁ ହୁଏ
ସହି ସହି ସବୁ ଯନ୍ତ୍ରଣା,
ସବୁ ଦୁଃଖ ଚାପି ହସିବାକୁ ହୁଏ
ସହି ନୀରବ ବେଦନା ।।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାରି ବଢ଼ିଆ



ରବିନାରାୟଣ ମିଶ୍ର

ଗ୍ରୀଷ୍ମ

ବଇଶାଖ ମାସ ଦୁଇ ପହରରେ
ଝାଞ୍ଜିଖରା ଲାଗେ ଭାରି ଅଡୁଆ,
ସଞ୍ଜ ବେଳ ନଇ କୂଳର ପବନ
ଶିରି ଶିରି ବହେ ଭାରି ବଢ଼ିଆ।
ଖରାବେଳ ଝାଳ ଦେହରୁ ବହିଲେ
ଲାଗଇ ଯେ ଏହା ଭାରି ଅଡୁଆ,
ଗଛ ଛାଇ ତଳ ଶୀତଳ ପବନ
କି ସୁନ୍ଦର ସତେ ଲାଗେ ବଢ଼ିଆ

ବର୍ଷା

ମଥାରେ ନ ଥିଲେ ଛତା ଖଣ୍ଡିକଟି
ବରଷା ପାଗରେ ଲାଗେ ଅଡୁଆ,
ଗାଆଁ ଦାଣ୍ଡ ପାଣି ପିଲାଙ୍କୁ ଲାଗଇ
ବରଷା ଦିନରେ ଭାରି ବଢ଼ିଆ।
ସଞ୍ଜବେଳଟାରେ ବେଙ୍ଗର ଶବଦ
କେଁ କଟର ଟା ଭାରି ଅଡୁଆ,
ଦାଣ୍ଡ ପିଣ୍ଡା ପରେ ସାଥି ମେଳେ ବସି
ମୁଢି ନଡ଼ିଆ ଟି ଭାରି ବଢ଼ିଆ ।

ଶୀତ

ଶୀତୁଆ ସକାଳେ ଚାଦର ନ ଥିଲେ
ଲାଗଇ ଯେ ଥଣ୍ଡା ଭାରି ଅଡୁଆ,
ସକାଳର ନାଲି ସୁରୁଜ କିରଣ
ଦେହକୁ ଲାଗଇ ଭାରି ବଢ଼ିଆ।
ପାକୁଆ ପାଟିରେ ଜେଜେଙ୍କୁ ଯେମିତି
ନଡ଼ିଆର ଖଣ୍ଡ ଲାଗେ ଅଡୁଆ,
ବଟୁଆ ର ପାନ ଗୁଆ କରି ଚୁନା
ଲାଗଇ ସେମିତି ଭାରି ବଢ଼ିଆ।

ବାଲିପଦା, ଘଣ୍ଟେଶ୍ୱର, ଭଦ୍ରକ
୮୨୪୯୪୬୪୭୫୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅକବି ମଣିଷ



ଶିଶିର କୁମାର ପଣ୍ଡା

ଯେତେ କରୁଥାଆ ସାହିତ୍ୟ ଚରଚା
ଯେତେ ଲେଖୁଥାଆ କବିତା, ଗପ
ଶୁଖୁଆ ଝୋଳରେ ଚାଲିଯିବ ସବୁ
ବାର ବରଷର ନିରୋଳା ତପ ।
ପାଖରେ ଯଦି ବା ପଇସା ନାହିଁ
କାହିଁକି କରୁଛ ମନ ତେବେ ତୁମେ
ମାନପତ୍ରଟିଏ ପାଇବା ପାଇଁ ?

କିଣାବିକା ହୁଏ ସମ୍ବର୍ଦ୍ଧନା ଯହିଁ
ଖୁସି ବା ଦୁଃଖରେ କି ଅବା ଲାଭ
କୋଉଠି କେମିତି କିଏବା ପାଇଲା
ଗହିରେଇ ସେଇ କଥାଟି ଭାବ ।

ଅନୁଧ୍ୟାନ କଲେ ପାରିବ ଜାଣି
ଖୋଲିଗଲେ ସବୁ ଗୁମର, ହୋଇବ
ସାହିତ୍ୟ ପ୍ରେମୀଙ୍କ ହୃଦୟ ହାଣି ।


ସତକଥା କହି କିଛି ଲାଭନାହିଁ
ଅନେକ ଜାଗାରେ ଏକଥା ହୁଏ
ଅକବି ମଣିଷ ରାତିରୁ ଆସିକି
ଗାମୁଛା ବିଛେଇ ମଞ୍ଚରେ ଶୁଏ ।
ସବୁ ଜାଣି ଆମେ ଅଜଣା ହେଉ ।
ସେଇ ଅକର୍ମାଙ୍କ ଜୟଗାନ କରି
ମଞ୍ଚ ତଳେଥାଇ ତାଳି ବି ଦେଉ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:~୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ



ସୁରାତ୍ରୀ ପ୍ରଧାନ

କୋଉ ମୋଡ ନେବ ଜୀବନ କେଜାଣି
କେତେବେଳେ କାହା ପାଇଁ
କେବେ ଭରପୁର ଜୀବନ ନଈଟା
କେବେ ସେ ଟାଙ୍ଗରା ଭୂଇଁ,,

ଅଙ୍କାବଙ୍କା ପଥ କେବେ କଣ୍ଟକିତ
କ୍ଷତାକ୍ତ ହୁଏ ଲହୁରେ
କେବେ ଫୁଲ ପଡେ ଯାତ୍ରା ପଥରେ
ସବୁ ସମୟ ସୁଅରେ,,

ପାଲିଙ୍କି ଉପରେ କେବେ ପାଟ ଛତା
ବେଡି ଉପରେ କୋରଡ଼ା
କିଏ କାହାପାଇଁ କେତେ ଆବଶ୍ୟକ
କେବେ ବି ହୁଏ ଅଲୋଡ଼ା,,

ସମୟଟା ଆଜି ଭଲ ଚାଲୁଅଛି
ବୋଲି କରୁ କେତେ ଗର୍ବ
କାଲିକୁ ହୁଏତ ମନ୍ଦ ହୋଇପାରେ
ଗର୍ବ ହୋଇଯିବ ଖର୍ବ,,

ଗଦା ଗଦା ଟଙ୍କା ଉପରେ ବସିଛୁ
ନିଜ କର୍ମ ଯାଉ ଭୁଲି
ବେଖାତିର ଭାବ କେତେ କରୁଅଛୁ
(ଅର୍ଥ) କୋଉବାଟେ ଯିବ ଚାଲି,,


ସମୟ ସାଥିରେ ଭଲ କର୍ମ କଲେ
ଦେବନି ସମୟ ଧୋକା
ମଣିଷ ପଣିଆ ହୃଦୟେ ରଖିଥା
ଏତ ଜୀବନର ଶିକ୍ଷା ।

କୁସୁପୁର,ଗୋପ,ପୁରୀ
ମୋ : ୭୦୦୮୨୬୦୫୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତମେ ମୋତେ କଥା ଦେଇଥିଲ ମାନୀ



ବିଶ୍ୱନାଥ କର

ତମେ ମୋତେ କଥା ଦେଇଥିଲ ମାନୀ
ଆଙ୍କିଦେବ ଚିତ୍ରଟିଏ ମୋ ପାଇଁ ଖରାଛୁଟି ହେଲେ
ଜୀବନ୍ୟାସ ପାଉଥିବେ କୋମଳ ଋତୁ ସବୁ
ତମ ତୂଳୀ ସ୍ପର୍ଶରେ
ଜହ୍ନର ଝାପ୍ସା ଆଲୁଅରେ ଚୋରା ସନ୍ଧ୍ୟାର ନୀଳିମା
ଝୁଲୁଥିବେ ପେଣ୍ଡା ପେଣ୍ଡା ହୋଇ
ବିଛେଇ ଦେଉଥିବେ ଜହ୍ନର ଛୁଆଁ ନୂଆ ଲାଳିତ୍ୟରେ ।
ଫୁଲେଇ ରାତିଟା ଝୁଲୁଥିବ ପବନ ଦୋଳିରେ ।

ମୁଁ ତ ସେବେଠୁ ଅପେକ୍ଷା କରିଛି ଖରାଛୁଟିକୁ
ଧୋଇଧାଇ ସଫାକରି ଶୁଖେଇ
ସଜାଡି ରଖିଛି ମୋ ଇଚ୍ଛା ଓ ଆଶାର ପ୍ରତିବିମ୍ବ
ଯାହାକୁ କାନଭାସ୍ କରି
ତମ ତୂଳୀର ମାୟାଜାଲରେ ଆଙ୍କିଦେବ ଚିତ୍ରଟିଏ
ରଙ୍ଗମାନେ କଥା କହୁଥିବେ
କେଉଁ ଯାଦୁକରୀ ମାୟାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକାଶର ମୁକୁଳା ବେଣୀରେ

ଖୋସି ହୋଇଥିବେ ଶ୍ୱେତ ତାରାଫୁଲ

ଦିଗନ୍ତରେ ମିଶି ଯାଉଥିବ ଆକାଶ ସାଗରେ

ପ୍ରେମୀ ଯୁଗଳ ଭଳି ନୀଳାଭ ତନ୍ଦ୍ରାରେ ।

ଅର୍ଦ୍ଧ ରାତ୍ରିର ଶୀତଳତାରେ ଶିହରି ଶିହରି

ଜାକି ଜୁକି ଶୋଇ ଯାଉଥିବ ରାତି

ଘୋଡି ଘାଡି ହୋଇ ରଫୁ କରା ନୀଳ ସାଲ୍ ଖଣ୍ଡେ

ହିମସିକ୍ତ କୁମୁଦିନୀର ଆଖିରେ ଲହଡି ଭାଙ୍ଗୁଥିବ

ଆଖିଏ ପ୍ରେମର ପରିଭାଷା

ଫୁଲକୁ ଫୁଲକୁ ଚୁମିଚୁମି ଉଡିବୁଲୁଥିବେ

ଦଳ ଦଳ ପ୍ରଜାପତି

ଅଳସ ଭାଙ୍ଗୁଥିବ ରାତି ।

ଗୋଟେ ପରେ ଗୋଟେ ହଜିଗଲାଣି

କେତେ ଯେ ଖରା ଛୁଟି

କେତେ ନିଦ୍ରାଗତ ଜହ୍ନ

ସକାଳୁ ସକାଳୁ ଆଖି ମଳୁମଳୁ ପରଦେଶୀ ସାଜି

ପୁଣି ଫେରିଲେଣି ନିଜ ପରିଚିତ ଆକାଶ ଛାତିକୁ

ମୋ ଆଖିର ପ୍ରଗଳ୍ଭତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେବାର ନୀରବତାରେ ନିଃଶବ୍ଦ ହୋଇ
ବେଦନାର ଝିପି ଝିପି ବରଷାରେ ଶାଙ୍କୁଡି ଗଲାଣି
ଆଉ ଗୋଟେ ଖରାଛୁଟିକୁ ଚାହିଁ ଚାହିଁ
କ୍ୟାଲେଣ୍ଡର ପୃଷ୍ଠା ସବୁ ଓଲଟି ଗଲେଣି ।

ତମେ ମୋତେ କଥା ଦେଇଥିଲ ମାନୀ
ଅପେକ୍ଷା କରିବାକୁ ଖରା ଛୁଟିର ଅବକାଶ
ବାସ୍ ମୁଁ ଅପେକ୍ଷା କରିଛି ଖରା ଛୁଟି ପରେ ଖରା ଛୁଟି
କେବେ ଦେବ ତୁମେ
ସେଇ ନୈସର୍ଗିକ ଚିତ୍ରପଟ ଭେଟି ।

ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ୭୫୩୦୦୮
ସମ୍ପର୍କ : ୯୭୭୬୩୩୨୬୩୯
ମେଲ୍ biswanathkar1956@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କ'ଣ ହେଲା କି ?



ନିରଞ୍ଜନ ସାହୁ

ନିଜକୁ ପଚାର ଉତ୍ତର ମିଳିବ
ସବୁ ତ ତୁମକୁ ଜଣା
କାଲି ଚାଲୁଥିଲ ସଠିକ ରାସ୍ତାରେ
ଆଜି କିମ୍ପା ବାଟବଣା ?

ନିଜର ଆଖିକୁ ଆଙ୍ଗୁଠି ଦେଖାଅ
ପରକୁ ଦିଅନା ଦୋଷ
ଆପଣା ହସ୍ତରେ ଜିହ୍ୱା ଛେଦି ଦେଇ
ପର ଠାରେ କିମ୍ପା ରୋଷ
ଏମିତି ହୋଇଲେ ଏହି ଦୁନିଆରେ
କେଉଁଥିରେ ହେବ ଗଣା ? ?

କାଲି ଦୁନିଆକୁ ବେଖାତିର କରି
ତୁମେ ଚାଲୁଥିଲ ବାଟ
ଆଜି କାହିଁପାଇଁ ତୁମରି ପିଠିରେ
ବାଜୁଛି ସମୟ ଛାଟ
କାଲି ରହିଥିଲା ତୁମ ଆଖି ଭଲ
ଆଜି କ'ଣ ହେଲା କଣା ? ? ?

ଅଧିକ ଚତୁର ବୋଲାଇ ନିଜକୁ
ପାଇଅଛି ଯେଉଁ ଫଳ
ସେଥିରୁ ତ କେହି ଭାଗ ନେବେ ନାହିଁ
ଦିଶୁଅଛି ଜଳଜଳ
ତୁମ କର୍ମ ପାଇଁ ଆଉ କିଏ କାହିଁ
ବେଠିରେ ପେଲିବ ଘଣା ? ? ? ?

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :— ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସେଇ ଅନ୍ଧାର



କୀର୍ତ୍ତନ ସାହୁ

ସେଇ ଦଦରା
କୁଡିଆ ଘରଟିରେ
ପଡ଼ି ରହିଛନ୍ତି
ମା ପୁଅ ଦୁଇ ଜଣ
ବର୍ଷା ହେଲେ ପାଣି ଗଳୁଛି ତ
ବର୍ଷା ନ ଥିଲେ
ସୂର୍ଯ୍ୟ ଆଲୁଅ ପଡୁଛି

ସେଇଠି ସେମାନେ ଲେଖନ୍ତି
ଜୀବନ ଜୀଇଁବାର ସୂଚୀପତ୍ର
କେମିତି ବାର ଦୁଆର ବୁଲି
କାହା ଘରେ କାମ
ପାଇଟି କରିବେ ତ
କିଏ କଣ ଦି' ଟା
ଦେଲେ ଖାଇବେ
ତାଙ୍କ ସ୍ୱପ୍ନ ତ ଜୀଇଁବା
ଦିନଟିଏ କାଟିବା
ଆଉ ଜୀବନର ଅଧିକ ସ୍ୱପ୍ନ
କୋଉଠୁ ଆସନ୍ତା ଯେ !

ସ୍ୱାମୀ ଚାଲି ଗଲେ
ଝିଅ ଚାଲି ଗଲା
ରୋଗ ବାଧକରେ ପଡ଼ି
ଅନେକ ପ୍ରତିଶ୍ରୁତିର କୁହେଳିକା
ତାଙ୍କ ଉପରେ ଛାଇ ହେଇ ଗଲା
ମା ପୁଅ ଚାହିଁ ରହିଛନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟିକେ ଭଲରେ ବଞ୍ଚିବାର

ସୂର୍ଯ୍ୟ କିରଣ

ତାଙ୍କ ଉପରେ ପଡ଼ିବ

ନା କାହାର ଦୃଷ୍ଟି ପଡୁଛି

ନା କିଏ ସାହାଯ୍ୟର

ହାତ ବଢ଼ାଉଛି

ଘୋଉ ଅନ୍ଧାରକୁ ସେଇ ଅନ୍ଧାର

ଗୁଡ଼ାଏ ମିଛ

ଆଶ୍ୱାସନାର କାହାଣୀ

ଯାହା ତାଙ୍କୁ ଶୁଣା ଯାଉଛି ।

ମିଶ୍ର କଲୋନୀ

ଶାଳ ପଡ଼ା , କେନ୍ଦୁଝର


ଦୂରଭାଷ - ୯୪୩୮୯୧୪୭୦୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଷ କଥା



ବିନୟ ମହାପାତ୍ର

କିଏ ଜାଣିଛି,
ଆଉ ଥରେ ଆସିବାର,
ହେବ ଅବା ନାହିଁ ?
ଯଦି ବି ଫେରି ଆସେ,
କିଏ ଜାଣିଛି,
କେମିତି, କେଉଁଠି, କି ରୂପେ ଆସିବି ।
ଯଦିବି ଫେରି ଆସେ, ତଥାପି
ତୁମ ସହ ଆଉ ଥରେ
ଭେଟ ହେବ ଅବା ନାହିଁ ?
ସେଥି ପାଇଁ କହୁଛି,
ଯାହା କିଛି ଦେବା ନେବା କଥା
ଏଇ ଥର ସାରି ଦିଅ,
ଯାହା କିଛି କହିବା ଶୁଣିବା କଥା
ଆଜି କହିଯାଅ, ଶୁଣି ଯାଅ,
କିଏ ଜାଣେ,
ଆଉ ଥରେ ମଉକା, ମିଳିବ କି ନାହିଁ !

ଯିବାଟା ତ ସୁନିଶ୍ଚିତ,
ପୁଣି ଆସିବା ବି ନିଶ୍ଚିନ୍ତ,
ଏଇଠି ଏମିତି
ଯିବା ଆସିବା ଲାଗି ରହି ଥିବ ।
ହେଲେ, ଗଲା ଥର କଥା
ସବୁ କିଛି ବିସ୍ମୃତିରେ ହଜି ଯିବ ।
ଆସନ୍ତା ପାଳିରେ,
ନା' ମୁଁ, ମୁଁ ଥିବି,
ନା' ତୁମେ, ତୁମେ ଥିବ ।
ସବୁ କିଛି ବଦଳି ଯିବ,
ନାଆଁ, ଗାଁଆ, ଠିକଣା,
ଭାଷା, ଭାବ, ଲିଙ୍ଗ ଓ ଚରିତ୍ର ।
ହୋଇପାରେ ଏ ମେଳାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଥରେ ଭେଟ ହେବାର,

ମଉକା ମିଳି ଯିବ,

ହେଲେ କଣ ହେବ

ପୁଣି ଥରେ ଚିହ୍ନା ଜଣା ହେବା ପାଇଁ

ସବୁ କିଛି ମୂଳରୁ

ଆଉ ଥରେ ଆରମ୍ଭ, କରିବାକୁ ହେବ ।

ମୁଁ ଗଲା ପରେ,

ହୁଏତ, ତୁମେ ମୋତେ ମନେ ପକାଇବ

ମୋର ଗୁଣଗାନ କରି

ମନ ତୁମ ବାହୁନି ଉଠିବ,

ମୋତେ କେତେ ଭଲପାଅ,

ଅବା ଘୃଣା କର, ମନେ ମନେ ଭାବୁ ଥିବ ।

ହେଲେ, ଆଜି କାହିଁକି ପାରୁନ କହି,

ତୁମେ ତୁମ ପ୍ରେମ ବିରହର ବ୍ୟଥା ?

ଆଜି କାହିଁକି ଦେଉନ କହି,

ମୋତେ ଘୃଣା ଅବା ପ୍ରେମ କରିବାର କଥା ?

କହି ଦେଲେ, ହୁଏତ

ମୁଁ ଚେଷ୍ଟା ତ କରନ୍ତି ବଦଳିବା ପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମର ଭଲ ପାଇବା ନହେଲେ ନାଇ,

ତୁମର ଘୃଣା ତ ପାଆନ୍ତି ନାହିଁ !

କିଛି ଦିନ, କିଛି ମାସ,

କିଛି ବର୍ଷର ସମ୍ପର୍କ,

ଏଇ ଚିହ୍ନା ଜଣା,

କିଛି ଖଟା ମିଠା ଅନୁଭୂତି

କେତେ ରାଗ, ରୁଷା, ମାନ, ଅଭିମାନ,

ରଙ୍ଗମଞ୍ଚେ ଅଭିନୟ ଲାଗେ ।

ସତ ଏଠି ସତ ନୁହେଁ,

ମିଛ ମାୟା କହି,

ହସରେ ଉଡାଇ ଦିଅନ୍ତି,

ତା'ହେଲେ, ସତ ପୁଣି କଣ ?

ଏ ସମ୍ପର୍କ, ଏ ବନ୍ଧନ, ଏ ମମତା

ଏଇ ଇର୍ଷା, ଘୃଣା ଏ ସବୁର

ମାନେ ପୁଣି କଣ ?

କିଏ ଜାଣେ, କିଏ ଆଗ

କିଏ ପଛେ ପଛେ ଯିବ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମେ ଯିବା,

ଦିନେ ସମସ୍ତେ ବି ଯିବେ,

ହେଲେ, ଚେଷ୍ଟା ରହିବ

କିଛି ସ୍ମୃତି ଦେଇ ଯିବା ପାଇଁ,

ଦେହ ସିନା ରହିବନି, ହେଲେ

ନାଆଁ ରହି ଯିବ ଦୁନିଆ ବୁକୁରେ,

କଥାରେ କଥାରେ

କେହି କେବେ କହି ଦେବ ନାଆଁ

କିଛି ମିଠା ମିଠା ସ୍ମୃତି ଆଉ


ଅଭୁଲା କାହାଣୀ ସାଥିରେ ।

ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମାଇଲ୍ ଖୋଜୁଛି ନିଦ ମାଉସୀ



ରଞ୍ଜିତା ରାଉଳ

ନିଦ ମାଉସୀ ତୁ କାହିଁକି ଆଜି ଯାଇଛୁ ରୁଷି
ସ୍ମାଇଲି ଆଖିର ନିଦକୁ ଚୋରୀ କରିଛୁ ଆସି ।।

ମୋ ନୟନତାରା ମୋ ଧନ ଆଜି ଶୋଇ ପଡିବ
ଶରଗଶଶୀ ତା ହାତରେ ସତେ ତୋଳି ଧରିବ ।।

ତାରା ଜହ୍ନ ମେଳେ ସିଏ ତ ଦେଖେ କେତେ ସପନ
ଟିକି ଆଖି ତା'ର ନେଉଛି କିଣି ସଭିଙ୍କ ମନ ।।

ନୂଆ ସକାଳର ସୂରୁଯ ସିଏ ଦେଖିବ ନିତି
ପହିଲି କିରଣ ଛିଟାରେ ମନେ ଭରିଣ ପ୍ରୀତି ।।

ଗଢିବ ସେ ନୂଆ ଜଗତ ଭବିଷ୍ୟତର ସିଢ଼ି
ଦୃଢ଼ ସଂକଳ୍ପ ର ଭିତ୍ତିରେ ଦେବ ନିଜକୁ ଗଢ଼ି ।।

କୁନି କୁନି ତା'ର ହାତରେ ଧରେ ପରଜାପତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହସି ଖେଳି ଦିନ ବିତାଏ ସାଙ୍ଗମେଳରେ ମାତି ।।

ନାଚିବ ଗାଇବ ପଢିବ ସିଏ ବଡ ହୋଇବ
ପରୀ ରାଇଜକୁ ଯାଇଣ ଜହ୍ନ ତୋଳି ଆଣିବ ।।

ନିଦ ମାଉସୀ ଲୋ ହଜି ତୁ ଗଲୁ କୁଆଡେ ଆଜି
ନିଦ ମଳମଳ ଆଖିରେ ସ୍ମାଇଲ୍ ତୋତେ ଖୋଜୁଛି ।।

ଖିଣ୍ଡା, ବନ୍ତଳା
ଜିଲ୍ଲା- ଅନୁଗୋଳ
ଦୂରଭାଷ -୮୫୯୮୮୦୯୫୭୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନ୍ତିମ ପ୍ରେମ



ପ୍ରଭାସ କୁମାର
ମହାପାତ୍ର

ଜାଣିନି ଜୀବନ ଯାତ୍ରା ଯେ ମୋହର
କେତେ କ୍ଷଣ ଅଛି ବାକି ।
ପାଉଅଛି ଭଲ ପାଉଥିବି ଭଲ
ପାରିବେନି କେହି ରୋକି ।।

ଥିବାଯାଏ ଶେଷ ନିଶ୍ୱାସ ମୋହର
ପାଉଥିବି ତୋତେ ଭଲ ।
ବୁଜିବି ଯେ ଦିନ ଆଖି ଯେ ମୋହର
କହିବୁ ମୋ ପ୍ରେମ ମୂଲ ।।

ଦୈହିକ ଭାବରେ ଦୁନିଆ ଚାହେଁତ
ଚାହିଁ ନାହିଁ ମୁଁ ଯେ ତୋତେ ।
ହୃଦୟରୁ ଭଲ ପାଇଥିଲି ମୁହିଁ
ହୃଦୟେ ରଖିଛି ତୋତେ ।।

ସେ ହୃଦୟ ଯେବେ ମାଟିରେ ମିଶିବ
ତାପରେ ପାରୁନି କହି ।
ଜୀଇଁଥିବା ଯାଏ ହୃଦୟରେ ମୋର
ନ ନେବ ତୋ ଜାଗା କେହି ।।

ହେଇ ପାରେ ସେବେ ଏଇ ଜୀବନରେ
ସେଦିନ ଅନ୍ତିମ ମୋର ।
ଅନ୍ତ ହେବନାହିଁ ପ୍ରେମ ଯେ ମୋହର
ବିଦେହ ପ୍ରେମ ତୁ ମୋର ।।

ମୟୁରଭଞ୍ଜ, ଓଡିଶା
ଦୂର ଭାଷ-୯୮୬୧୬୦୮୩୦୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦେବୀ ଦଶଭୂଜା



ବିକାଶ କୁମାର
ହୋତା

ଜୟ ଜୟ ଦୁର୍ଗା ଦୁର୍ଗତି ନାଶିନୀ
ମହିଷା ମର୍ଦ୍ଦିନୀ ମାଆ
ହୃଦ ସିଂହାସନେ ରହିଥାଅ ସଦା
ହେଉଥା ସଭିଙ୍କୁ ସାହା ।।(୧)

ନବରାତ୍ରୀ ଠାରୁ ଦଶହରା ଯାଏ
ବିଧି ନିର୍ଦ୍ଧାରିତ ପୂଜା
ମର୍ତ୍ତ୍ୟ ମଣ୍ଡଳରେ ଆବାହନ ତୁମ
ସ୍ୱାଗତ ମା ଦଶଭୁଜା ।।(୨)

ସବୁଠାରେ ଗାନ ତୁମରି ମହିମା
ଆସିଛି ପାର୍ବଣ ପର୍ବ
କରୁଣା କରିବ ସଭିଙ୍କୁ ମାଆ ଲୋ
ରଖିଥିବ ଦୟା ଭାବ ।।(୩)

ଗଗନ ପବନ ହୁଏ ପ୍ରକମ୍ପିତ
ତୁମ ଆଗମନେ ଆଜି
ଆକୁଳ ହୋଇଣ ଡ଼ାକୁଅଛୁ ସର୍ବେ
ତୁମରି ନାମକୁ ଭଜି ।।(୪)

ଆଲୋକ ମାଳାରେ ସୁସଜ୍ଜିତ ହୋଇ
ଦିଶେ କେଡ଼େ ମନଲୋଭା
କି ସୁନ୍ଦର ଆହାଃ ମଣ୍ଡପେ ବିରାଜେ
ଦେବୀ ଦୁର୍ଗାଙ୍କ ର ଶୋଭା ।।(୫)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂରାଣେ ବର୍ଣ୍ଣିତ ତୁମ ଗାଥା ଯେତେ
ସମାଜକୁ ଶିକ୍ଷା ଦିଏ
ଚଉଦିଗ ଆଜି ଉତ୍ସବ ମୁଖର
ମନ ଆମ ମୋହିନିଏ ।।(୬)

ଦୁର୍ଗତି ସମୟେ ରକ୍ଷା କରିଥିଲ
ଶାନ୍ତ ଅଛି ଧରା ଆଜି
ଦେବତା କୁଳର ରକ୍ଷା କରିଥିଲ
ମହିଷା ମର୍ଦ୍ଦିନୀ ସାଜି ।।(୭)

ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ର
ରବଣର ବଦ୍ଧ ପାଇଁ
କୃପା ଲଭି ତୁମ ସୀତା ଉଦ୍ଧାରିଲେ
ଲଙ୍କା ର ପୁରୀ କୁ ଯାଇ ।।(୮)

ପାର୍ବଣ ର ପୂଜା ସମୃଦ୍ଧି ପରବ
ଶାରଦୀୟ ମହୋତ୍ସବ
ଆମରି ମନରେ ଅତୁଟ ରହୁ ହେ
ଶାନ୍ତି ମୈତ୍ରୀ ର ଭାବ ।।(୯)

ଆଜି ବି ଜୀବିତ ମଣିଷ ରୂପରେ
ରାବଣ ମହିଷା କେତେ
ଆସ ଆସ ମାଆ ଦୁଷ୍ଟଙ୍କୁ ବିନାଶ
ସନ୍ଥଙ୍କୁ ରଖ ଜଗତେ ।।(୧୦)

ପାଦ ପଦ୍ମେ ତବ ମୋହର ବିନତି
ନିଅ ପୁଣି ଅବତାର
ଦୁଃଖ,କଷ୍ଟ ଯେତେ ହର ଏ ସଂସାରୁ
ବିଶ୍ୱକୁ ଉଦ୍ଧାର କର ।।(୧୧)

ଦକ୍ଷିଣକାଳୀ ରୋଡ଼, ବିଦ୍ୟାନଗର,
ଢେଙ୍କାନାଳ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜଗତେ ନଥାନ୍ତା ଦୁଃଖ



ଦାସ କମଳ କୁମାର

ପହଡ ଖୋଲ ହେ କାଳିଆ ସାଆନ୍ତ
ରହିଛନ୍ତି ଭକ୍ତ ଜଗି ।
କରି ଦରଶନ ହୋଇବେ ବିଭୋର
ଦେଖି ତୋର ଚକାଆଖି ।।
ଏତେ ଡେରି କାହିଁ କର ମହାପ୍ରଭୁ
ସତେ ରାତି ଶୋଇନାହଁ ।
ଜଗତର ଦୁଃଖ କେତେ ବା ବୁଝିବ
ଆହେ ପ୍ରଭୁ ଦୟାମୟ ।।
ଟିକିଏ ଦୁଃଖରେ ଆମେ ଭାଙ୍ଗିପଡୁ
ତୋତେ ଦୋଷ ଦେଇ ଦେଉ ।
ବ୍ରହ୍ମାଣ୍ଡର ଦୁଃଖ ନିଜ ମୁଣ୍ଡେ ନେଇ
ରାତିରେ ନିଜେ ନଶୋଉ ।।

ମୁହିଁ ଛାରହିନ ନାହିଁ ମୋର ଜ୍ଞାନ
ନ ଧରିବ ମୋର କଥା ।
ମୋର ନିଦ ନେଇ କାଳିଆ ସାଆନ୍ତ
ପକା ତୁମ ଆଖି ପତା।।
ଏମିତି କାଳିଆ ହୁଅନ୍ତାନି ସଦା
ଜଗତେ ନଥାନ୍ତା ଦୁଃଖ ।
ବିନା ପହଡରେ ଆନନ୍ଦେ ଶୁଅନ୍ତ
ଭକ୍ତଙ୍କ ନଥାନ୍ତା ଦେଖା ।।
ମୋ ପରି କପଟି ନଯାଆନ୍ତା କେବେ
ତୋର ନିଦ ଭାଙ୍ଗିବାକୁ ।
ବିନା ସ୍ୱାର୍ଥେ ତୋତେ ଭଲ ପାଏ ଯିଏ
ଯାଆନ୍ତା ତୋ ମନ୍ଦିରକୁ ।।

ଗୋବିନ୍ଦପୁର, ମାର୍ଥାପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା ହେବାପରେ



ବିଶ୍ୱଜିତ ନାୟକ

ବାପା ହେବା ପରେ
ମୁଁ ଆପେ ଆପେ ବୁଝି ଯାଇଛି
ନିଜର ସବୁ ଆଶାକୁ ମାରି
କିପରି ପିଲାର ପ୍ରତିଟି ସ୍ୱପ୍ନ
ପୂରଣ କରିବାକୁ ହୁଏ ,
ନିଜେ ପୁରୁଣା ଲୁଗା ପିନ୍ଧି
କିପରି ପିଲାକୁ ନୂଆ ନୂଆ ଲୁଗା
ପିନ୍ଧେଇବାକୁ ହୁଏ !

ବାପା ହେଲା ପରେ
ମୁଁ ଆପେ ଆପେ ଜାଣିଗଲି
କିପରି ନିଜର ଦିନରାତି ସମାନ କରି
ପିଲାକୁ ଆଗକୁ ବଢ଼ାଇବାକୁ ହୁଏ ,
ଅସୁବିଧା ସମୟରେ
ନିଜ ପିଲାଟିକୁ ସାଙ୍ଗ ପରି
ବୁଝାଇବାକୁ ହୁଏ !
ବାପା ହେବା ପରେ
ମୁଁ ଜାଣି ଯାଇଛି
କିପରି ନିଜ ଦେହର
ଛୋଟ ଛୋଟ ରୋଗକୁ
ନିଜ ଦେହରେ ଚାପି
ପଇସା ବଞ୍ଚାଇବାକୁ ହୁଏ ,
ପିଲାର ଦେହପ୍ରତି
ପ୍ରତିଟି ମୁହୂର୍ତ୍ତ ରେ
କିପରି ଯତ୍ନବାନ ହେବାକୁ ହୁଏ !

ବାପା ହେଲା ପରେ
ମୁଁ ଆପେ ଆପେ ବୁଝିଗଲି
ପିଲାଟିର ଭବିଷ୍ୟତ ପ୍ରତି
କିପରି ଧ୍ୟାନ ଦେବାକୁ ହୁଏ ,
ନିଜ ମନର ଦୁଃଖ
ନିଜ ଛାତି ରେ ଚାପି
କିପରି ଓଠ ଉପରେ
ହସ ଫୁଟାଇବାକୁ ହୁଏ !

ସୋରୋ, ବାଲେଶ୍ୱର
ମୋ : ୯୯୩୮୭୭୦୮୪୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ରାତିର ଅନ୍ଧକାର



ପ୍ରଗନ୍ କୁମାର ପାତ୍ର

ଶବ୍ଦଶୂନ୍ୟ ରାତ୍ରୀର ଅନ୍ଧକାରରେ

ମନରେ ଆଲୋଡନ ସୃଷ୍ଟି କରେ

ଅହେତୁକ ବ୍ୟଥାର ଜୁଆର

ଟାଣି ନିଏ କ୍ଷଣିକ ଖୁସିକୁ

ତା' ଦ୍ରୁତ ସୁଅରେ

ଧୀରେ ଧୀରେ ସେ ଦୂରକୁ ଚାଲିଯାଏ

ଅସଂଖ୍ୟ ବେଦନାର ବାଲିକୁ ଛାଡ଼ି

ହେଲେ ସେ କହି ଯାଇଥାଏ

ପୁଣି ଫେରିବ ବୋଲି ।

ଆଉ ଗୋଟେ ସକାଳର ଆରମ୍ଭ

କିନ୍ତୁ ଏଯାଏଁ ଯାଇନି ସେ ଜୁଆରର ଚିହ୍ନ

ମୋ ମନରୁ...

ଆଲୋଡନ ବି ଥମିଯାଏ

ହେଲେ ତଥାପି ମୁଁ ଭୟାତୁର

କ'ଣ ସତରେ ସେ ଫେରିବ ?

ଏମିତି କେତେ ଆଶଙ୍କାସିକ୍ତ

ଏଇ ମନ...

ଜୁଆରର ଚିହ୍ନ ବି ଆଉ ନାହିଁ

କ୍ଷଣିକ ଶାନ୍ତି ତାହା ଲିଭେଇ ଦେଇଛି

ହେଲେ ତଥାପି ମୁଁ ଚିନ୍ତିତ

କ'ଣ ସେ ଆଉଥରେ ଫେରିବ ?

Email: praganpatra55@yahoo.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସକ୍ତି ହରିଲେ ମିଳିବ ସୁଖ



ପଙ୍କଜ କୁମାର ମଙ୍ଗଳ

ଆଙ୍ଗୁଠି ଦେଖାଇ ସମାଜ ନିନ୍ଦ କେବେ ଏକାନ୍ତେ ବସି ଭାବିଛ,
ଦୁଃଖର କାରଣ ପ୍ରକୃତରେ କିଏ ନିଜକୁ ପଚାରି ବୁଝିଛ ?
ଆହ୍ଲାଦ ବିଶାଦ ଦୁହେଁ ଅଭିନ୍ନ ଅବସ୍ଥା ଅନବରତ ଏକ ରୁହେ,
ସବୁ ସମୟରେ ବସନ୍ତ ଅନୁଭୂତି ଏ ପୃଥିବୀରେ ସମ୍ଭବ ନୁହେଁ ।

ଗୋଟିଏ ସ୍ୱାଦରେ ଜିହ୍ୱା ସନ୍ତୁଷ୍ଟି ପାଏନି ଭିନ୍ନ ଭିନ୍ନ ସ୍ୱାଦ ଖୋଜେ,
ମନର ଆସକ୍ତି ସଦା ଚଞ୍ଚଳ ଭିନ୍ନ ଭିନ୍ନ ରସେ ମଜେ ।
କାୟା ଅନୁରୂପ ଆସକ୍ତି ନହେଲେ ମନ ନିରାଶ ହୋଇବ,
ନିରାଶ ମନରୁ ଦୁଃଖ ବଦଳରେ ସୁଖ କେମିତି ପାଇବ ।

ରୋଗିଣା ବୃକ୍ଷରୁ କେମିତି ଫଳିବ ସୁଖ ଫଳ ଟିଏ,
ବିଶାଦ ମନରୁ କେମିତି ପାଇବ ସୁଖ ସନ୍ଧାନ ଟିଏ ।
ସଦା ଶାନ୍ତି ପାଏ ଅନାସକ୍ତ ବ୍ୟକ୍ତିଟେ ନଥାଏ କା'ଠାରେ ଆସକ୍ତି,
ଯେବେ ଆସକ୍ତି ତୁଟେନି କେମିତି ବା ହେବ ସୁଖ ସନ୍ତୋଷର ଇତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱାସରେ ଅନ୍ଧପୁଟୁଳି ବାନ୍ଧନି ସେହି ସ୍ଥାନ, ଦ୍ରବ୍ୟ କି ବ୍ୟକ୍ତି ଦେବ ସୁଖ,
ଛଳନା ଛୁରୀରେ ସେ ପୁଟୁଳି କାଟିଲେ ପାଇବ ଦାରୁଣ ଦୁଃଖ ।
କ୍ଷଣିକ ସାନ୍ତ୍ୱନା ଦେବେ ସର୍ବେ ସାହାରା ନଦେବେ କେହି,
ଜୀବନ ବାଟରେ ଏକା ଚାଲୁଥିବ ବିଶ୍ୱାସ ଘାତର ବୋଝ ମୁଣ୍ଡେଇ ।

କହି ପାରିବନି କାହାକୁ ଘଟିଥିବ ଯାହା ନିଜ ସହିତ,
ଅନୁତାପ କରିବ ତ୍ରୁଟି ହୋଇଗଲା ଧରି ବିଶ୍ୱାସର ହାତ ।
ଦର୍ଶନ କରି ଅପ୍ରିୟ ସତ ଧିକ୍କାର କରିବ ନିଜକୁ,
ଜ୍ଞାନ ଥାଇ ବି ଅଜ୍ଞାନୀ ହୋଇଲ ଚିହ୍ନି ପାରିଲିନି ମୃଗ ତୃଷ୍ଣାକୁ ।

ବୈରାଗୀଙ୍କ ଠାରୁ ପ୍ରେରଣା ନେଇ ସଂସାରର ବାଟ ଚାଲରେ ଭାଇ,
ଯେ ସ୍ଥାନେ ଯାହା ପ୍ରାପତ ହୋଇବ ପାରିବନି ତାକୁ ଏଡ଼ାଇ ।
ରଖନି କାହାଠାରୁ ସୁଖର ଲାଳସା ସେତ ଆସକ୍ତିର ମୃଗ ତୃଷ୍ଣା,
ଆସକ୍ତି ହରିଲେ ମିଳିବ ସୁଖ ମେଣ୍ଟିବ ଆଶାର ତୃଷ୍ଣା ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର।
ଦୂରଭାଷ- ୭୭୪୯୯୩୬୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚାଲିଗଲ ଯେବେ ତୁମେ



ବର୍ଷାରାଣୀ
ମହାମଲ୍ଲିକ

କିଛି ଆଉ ଘଟିବାର ନ ଥିଲା
ମୁଁ ସେଇଠି ରହିଗଲି
ଦୋଦୋପାଞ୍ଚ ହୋଇଥିଲି କେଇ ସେକେଣ୍ଡ ପାଇଁ
ଯଦିଓ ସବୁ ସରିଯାଇଥିଲା ।

ଶୂନ୍ୟତାର ପରିଧିରେ ବଞ୍ଚିଛି ଖୁବ୍
ମୋ ଏକଲା ପଣ ସହ,
ଜୁଝିଛି ଅଭିମାନ ସହ ଲୁହ ସହ
ଛାଡ଼ି ପାରି ନାହାନ୍ତି ଏମାନେ ମତେ...
ଚାଲିଗଲ ଯେବେ ତୁମେ
ଜିଇଁଛି ମୁଁ ଏମାନଙ୍କ ସହ ।

ମୁଁ ପାରେନା ବି ଘୃଣା କରି
ଯଦିଓ ମରିସାରିଛି ତୁମ ପ୍ରତି ଭଲପାଇବା,
କାଳେ ତୁମ ଉପରେ ଅଭିଶାପ ପଡିଯିବ
ସେଇ ଡରରେ ରାଗରେ ବି ମୁଁ ନିୟନ୍ତ୍ରଣ କରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିବେକର ବାରମ୍ବାର ବାରଣ ସତ୍ତ୍ୱେ

ସ୍ୱତଃ ଧରି ହୋଇଯାଏ ତୁମ ନାଁ ଈଶ୍ୱର ଠାରେ

ତମେ ମୋର କେହି ନୁହଁ

ପ୍ରିୟତମ ଦୁଃଖ ତମେ ମୋର,

ଯେଉଁ ଦୁଃଖ ମୋର ସବୁଠୁଁ ପ୍ରିୟ..

ଆଉ ମୋର ପ୍ରିୟ ଜିନିଷ ମୁଁ ଧରି ରଖିବାକୁ ଚାହେଁ

ମୃତ୍ୟୁ ଆସିବା ଯାଏ.... ।

ଜିଲ୍ଲା :ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ମାଆ ଶ୍ୟାମାକାଳୀ



ନଳିନୀ ଦାଶ

ପାର୍ବଣ ଋତୁରେ    ଦୁର୍ଗା, ଲକ୍ଷ୍ମୀ, କାଳୀ
କଲେ ଧରାବତରଣ
ଅନ୍ୟାୟ ଅସତ୍ୟ    ପାପକୁ ବିନାଶି
ଖଣ୍ଡନ କର କଷଣ ।।

କେଶ ବିଲମ୍ବିନୀ    ମାତ ଉଲଙ୍ଗିନୀ
ତୁ ଲୋ ଦିବ୍ୟରୂପ ଧାରୀ
ଜଗତ ଜନଙ୍କୁ    ବିପଦ ଅନ୍ଧାରୁ
ରଖିବୁ ଦୁଷ୍ଟ ସଂହାରି ।।

ସତ୍ୟ ନିରଞ୍ଜନୀ    କଳୁଷ ଖଣ୍ଡିନୀ
ଯୁଦ୍ଧ ତରଙ୍ଗିଣୀ ମାଆ
ତୁଲୋ ସ୍ୱୟଂସିଦ୍ଧା    ତୁଯେ ଯୋଗସିଦ୍ଧା
ମାତଙ୍ଗିନୀ କରୁଆହା ।।

ମନ୍ଦାର ମଣ୍ଡିତ    ସିନ୍ଦୁର ଶୋଭିତ
ରକ୍ଷା କର ଶ୍ୟାମାକାଳୀ
ଲହ ଲହ ଜିହ୍ୱା    କେଶ ମୁକୁଳିନୀ
ଗଳାରେ ନୃମୁଣ୍ଡମାଳୀ ।।

ନିଶା ରାତ୍ରେ ବୁଲୁ    ଚଣ୍ଡୀ ଚାମୁଣ୍ଡା ଓ
ଯୋଗିନୀ ଗଣଙ୍କୁ ଧରି
ଆଗୋ ଶକ୍ତିମୟୀ    ଭୈରବୀ ରୂପରେ
ପାପୀକୁ ଦେବୁ ସଂହାରି ।।

କଳାମେଘୀ ଶାଢ଼ୀ    ତୋଅଙ୍ଗ ଭସନ
ମସ୍ତକେ ନାଲି ସିନ୍ଦୁର
ମନ୍ଦାରର ମାଳ    ତୋର କଣ୍ଠ ହାର
ପାଦରେ ପେନ୍ଧି ନୂପୁର ।।

ଦର୍ପଦଳିନୀଗୋ    ଦୁଷ୍ଟ ବିନାଶିନୀ
ଛିନ୍ନମସ୍ତା ମହାକାଳୀ
ତୋ ଶକ୍ତି ବିଚ୍ଛୁରି    ଜଗତ ଜନଙ୍କ
ବିପଦ ଦେବୁମା ଟାଳି ।।

ଦୁଷ୍ଟ ଅସୁରକୁ    ବଦ୍ଧକରି କାଳୀ
ସଂସାର କୁ ରକ୍ଷା କଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶକ୍ତି ସ୍ୱରୂପିଣୀ    କ୍ରୋଧ ପରାକ୍ରମ
  ନିଜେ ସେ ଦେଖାଇଥିଲେ    ।।
ଅସତ୍ୟ ଉପରେ    ସତ୍ୟରରାଜୁତି
  କରିବାକୁ ଦିଅ ମାଆ
ଅନ୍ୟାୟ ଅନୀତି    ସବୁ ଦୂର କର
  ନ୍ୟାୟ ପଥେ ହୁଅ ସାହା    ।।
ଅଧର୍ମ ଚାଲିଛି    ଧର୍ମ ନାଆଁ ନେଇ
  ବୋଲି କାଳିମା କଳୁଷ
ଦିବ୍ୟ ଆୟୁଧରେ    ପାପୀକୁବିନାଶି
  ଢାଳିଦିଅ ଶୁଭାଶୀଷ    ।।

ଭିକାରୀପଡା, ଶରଣକୁଳ, ନୟାଗଡ଼।
ଦୂରଭାଷ—୬୩୭୦୦୯୫୨୪୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆତ୍ମା



ବିନୟାନନ୍ଦ
ବସ୍ତ୍ରସ୍ୟ

ଆତ୍ମା କିଏ ପୁଣି
ଜୀବ କିଏ ଅଟେ
ଜାଣିଚି କିଏ ସେ ସୂତ୍ର,
କେଉଁଗୋଟି ଧର୍ମ
କେଉଁଟି ଅଧର୍ମ
କେ ପବିତ୍ର ଅପବିତ୍ର।

କ୍ଷୀରି ପୁରୀ ହେଉ
ଅବା ପନିଅରି
ପଖାଳ ତବତ ହେଉ,
ଝୁମ୍ପୁଡ଼ି ବଙ୍ଗଳା
ଶଗଡ଼ କାଆର
ଯେତେ ବା ସାଧନ ଥାଉ।

ଆସିବା ବାଟରେ
ଏକା ଆସିଅଛି
ଯିବା ବେଳେ ଯିବ ଏକା,
ପରପୀଡନରେ
ପାପ ହୁଏ ସିନା
ଉପକାରେ ଧର୍ମ ସଖା।

ଆତ୍ମା ଏ ଦେହର
ରଥରେ ବସିଛି
ଇନ୍ଦ୍ରୀ ଅଶ୍ୱ ରଜ୍ଜୁ ମନ,
ଦଶ ଅଶ୍ୱ ଅଟେ
ଇନ୍ଦ୍ରିୟ ରଜ୍ଜୁକୁ
ଧରିଛି ଏ ପାଞ୍ଚ ମନ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିବେକ ଚାବୁକ

ଖାତିର କରେନା

ଇଚ୍ଛା ବଳ ବସେ ମାଡ଼ି,

ଅହଂ ଗର୍ବ ଈର୍ଷା

ପରଶ୍ରୀ କାତର

ମାୟା ମୋହ ସଙ୍ଗେ ଜଡ଼ି।

ହରି ଭଜିବାକୁ

ବେଳ କାହିଁ କହ

ଆତ୍ମା ପଡ଼େ ମାୟା ଜାଲେ,

ଚାଲାକ୍ ଚତୁର

ଆତ୍ମା ଫଶେ ନାହିଁ

ବନ୍ଧନରେ କେବେ ହେଲେ।

ସବୁ କହେ ମୋର

କେ ନୁହେଁ କାହାର

ବୁଝିଲା ବେଳକୁ ମରେ,

ଖୋଜିଲା ବେଳକୁ

ସବୁ ସରିଥାଏ

ଶରୀର ଜୁଇରେ ଜଳେ।

ଖାଦ୍ୟ ବସ୍ତ୍ର ଗୃହ

ଲୋଡ଼ା ହୁଏ ନାହିଁ

ଆତ୍ମାକୁ କେବେ କାହିଁରେ,

ଅଚ୍ଛେଦ୍ୟ ଅଭେଦ୍ୟ

ଅକାଟ୍ୟ ଅଦାହ୍ୟ

ଅକ୍ଲେଦ୍ୟ ରହେ ଅମରେ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ ଇଚ୍ଛା ଆତ୍ମା

ଶରୀର ଇନ୍ଦ୍ରିୟ

ବିବେକ ବୁଦ୍ଧିର ସଂଜ୍ଞା,

ବୁଝିବା ମଣିଷ

ଅବୁଝା ହୁଅଇ

ଇଶ୍ୱରେ କରେ ଅବଜ୍ଞା।

ବରଷା ପରି ଏ

ସଂସାରେ ସମସ୍ୟା

ଝରୁଥାଏ ମଲା ଯାଏଁ,

ସାରୁ ପତ୍ର ପରି

ସାଧୁ ଜନ ସିନା

ସମସ୍ୟା ତା ପାଖେ ହାରେ।

ବୁଝିକି ଅବୁଝା

ଜାଣିକି ଅଜଣା

ଶୁଣିକି ଅଶୁଣା ପ୍ରାୟେ,

ଦୁଃଖ ଭୋଗେ ପ୍ରାଣୀ

ଶୋକେ ସଢୁଥାଏ

ମିଛରେ ପାଗଳା ହୁଏ।

ଭଲ ଲାଗେ ସବୁ

ମନ୍ଦ ଯେତେ ଯାହା

ମନ୍ଦ ଲାଗେ ତାକୁ ଭଲ,

ମର୍ତ୍ତ୍ୟ ମଣ୍ଡଳରେ

ଜନ୍ମ ଲଭି ଜୀବ

ହେଉଥାଏ କଲବଲ।

ନିଆଳ ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରେମ ଯାତନା



ଜୟଦେବ ମାଝୀ

ମଲ୍ଲୀର ମଲାଟ ରୂପସୀ ଯଉବନ
ରୁହେ ନାହିଁ କେବେ ସାରା ଜୀବନ

ନିଷ୍ଠୁର ପ୍ରେମର ସମ୍ପର୍କ ଡୋରି
ଲୁହଭରା କଣ୍ଟା ଗୋଲାପ ପରି

ପ୍ରେମ ପାଖୁଡ଼ାର ଅଫୁଟା ଟଗର
ଉଦ୍ୟାନେ ଦିଶଇ କେଡ଼େ ସୁନ୍ଦର

ମିଶେ ଯେବେ ଦୁଇ ହୃଦୟ ଆତ୍ମା
ପ୍ରେମକୁ ଲୋଡ଼ା କି ବୟସ ସୀମା

ଦୁନିଆର ଅବୁଝା ମଣିଷ ମୁହିଁ
ବୟସେ ବନ୍ଧା କି ସମ୍ପର୍କ ଜୁଇ

ପବିତ୍ର ପ୍ରେମକୁ ସାକ୍ଷୀ ରଖି ଆଜି
ମୋ ହୃଦୟ ଜଳୁଚି ସଳିତା ସାଜି

ଛଳନା ରାଇଜେ ମୋ ହୃଦୟ ଏକା
ଭାଗ୍ୟରେ କେବଳ ଯାତନା ଲେଖା

ଶୁଷ୍କ ବନର ନିର୍ଜୀବ ଛାଇ
ବଞ୍ଛିଛି ଏକା ଅଚିହ୍ନା ହୋଇ

ସୁପ୍ତ ସମୁଦ୍ରର ନିଶବ୍ଦ ଢେଉ
ନିର୍ଲଜ୍ଜ ଜୀବନ ସାର୍ଥକ ହେଉ

ନୀରବ ହୃଦୟର ପ୍ରେମ ଯାତନା
ଫିକା ପଡିଗଲା ଜହ୍ନର ଜୋଛନା

ବିରହ ଜୀବନର କରୁଣ ରୋଦନ
କରୁଛି ତୁମକୁ ପ୍ରେମ ନିବେଦନ

କଲେଜ ଛକ୍, କଟକ
ପିନ୍- ୭୫୩୦୦୩
ଦୂରଭାଷା - ୮୯୧୪୩୧୭୬୬୪

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମାଆ



ସରୋଜିନୀ ମିଶ୍ର

ମାଆ ତୁମେ ମମତାର ମନ୍ଦାକିନୀ ଧାରା
ସର୍ବସଂହା ଧରିତ୍ରୀ

ମରଣ ଜାଲରେ ଛନ୍ଦି ହୋଇ ନିଜେ
ସନ୍ତାନ କୁ ଦିଅ ଜୀବନଦାନ
ନିସ୍ୱାର୍ଥ ତ୍ୟାଗର ପ୍ରତିମୁର୍ତ୍ତି ତୁମେ
ଭାବ ଡୋରୀର ଅତୁଟ ବନ୍ଧନ ।

ସୁଖଦା ଯନ୍ତ୍ରଣା ଅନୁଭବ କରି
ଆଶୀର୍ବାଦ ହୃଦୁ ପଡ଼ଇ ଝରି
ସନ୍ତାନ କ୍ରନ୍ଦନେ ଅମୃତର ଦାନେ
ଶରୀରରେ ଦିଅ ଜୀବନ ଭରି ।

ଶିକ୍ଷା ଓ ସଂସ୍କାର ଭରିଦିଅ ତୁମେ
ସନ୍ତାନର ତୁମେ ପ୍ରଥମ ଗୁରୁ
ଦରୋଟି କଥାରେ ମୋହି ହୋଇଯାଅ
ମନଜାଣି ଦିଅ କଥା ନ ପୁରୁ ।

ସନ୍ତାନ ଆଖିରୁ ଝରେ ଯଦି ଲୁହ
ତୁମରି ଆଖିରୁ ଝରଇ ଲହୁ
ସନ୍ତାନ ଖୁସିରେ ପାଗଳିନୀ ସାଜ
ହୃଦୟ କନ୍ଦରୁ ଝରଇ ମହୁ ।

ନ ଖାଇ ଖୁଆଅ ନ ଶୋଇ ଶୁଆଅ
ଦେଖାଉ ତୁ ଠିକ୍ ପଥ
ହୃଦୟ ବେଦନା ହୃଦୟରେ ରଖି
ସଦା ଚିନ୍ତି ଥାଉ ହିତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୟସର ଅପରାହ୍ନେ ବାପା ମାଆ
ବୋଝ ହୋଇଯାନ୍ତି ସନ୍ତାନ ପାଇଁ
ତଥାପି ହୃଦୟୁ ଆଶୀର୍ବାଦ ଝରେ
ଅଭିଶାପ ଲେଶ ମାତ୍ର ନଥାଇ ।

ମାଆର ମମତା ଅମୂଲ୍ୟ ମୂଲ ସେ
କରିନାହିଁ ଅବହେଳା
ଅବହେଳା କଲେ ସଂସାର ସାଗରେ
ବୁଡ଼ିଯିବ ତୁମ ଭେଳା ।

ସାତଜନ୍ମ ନେଲେ ପିତାମାତା ଋଣ
ପାରିବାନି ଆମେ ଶୁଝି
ମାଆର ଚରଣେ ମିଳିଥାଏ ସ୍ୱର୍ଗ
ମାଆ ତ ଆମୂଲ୍ୟ ପୁଞ୍ଜି ।

ସୁକର୍ମର ଫଳ ମିଠା ହୋଇଥାଏ
କୁକର୍ମର ଫଳ ପିତା
କର୍ମର ଫଳ ନିଶ୍ଚେ ଭୋଗ ହେବ
କାର୍ଯ୍ୟକର କରି ଚିନ୍ତା ।

ଆଲୋକ ନଗର, ଆମ୍ବପୁଆ
ବ୍ରହ୍ମପୁର, ଗଂଜାମ
୯୯୩୮୪୭୫୨୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଷଠି ଘର ମୋର କେଡ଼େ ସୁନ୍ଦର



ତ୍ରିନାଥ ନନ୍ଦୀ

"ଷଠି ଘର ମୋର କେଡ଼େ ସୁନ୍ଦର,
ଷଠି ଘର ମୋର କେଡ଼େ ସୁନ୍ଦର ।।

ଜନମ ଜନ୍ମ ଭୂଇଁ ମୋର ,
ହୁଅନ୍ତା କି ମରଣ ସେଇଠି ମୋର ।।

ଜୀବନ ମୋର ଦିପଟିଏ ହୋଇ,
ଜଳି ଯାଉଛି ମୁହିଁ ଶଳିତା ହୋଇ ।।

ସୃଷ୍ଟି ଯେ ଘଟିଲା ସେ କାଳେ ମୋର,
ଅନ୍ତ ଯେ ଘଟିବ କେ କାଳେ ମୋର ।।

ଷଠି ଘର ମୋର କେଡ଼େ ସୁନ୍ଦର,
ଷଠି ଘର ମୋର କେଡ଼େ ସୁନ୍ଦର ।।

ଆନନ୍ଦ ଉଲ୍ଲାସେ ହୋଇଲା ଉତ୍ସବ,
ଯେବେ ମୋର ପୁରିଲା ଏକୋଇଶି ଦିବସ ।।

ବାପା ମାଆ ସାଥେ ଗାୟକ ଗଣ,
ଗାଇ ଉଠିଲେ ସେତ ଷଠି ଜଣାଣ ।।

ଷଠି ଘର ମୋର କେଡ଼େ ସୁନ୍ଦର,
ଷଠି ଘର ମୋର କେଡ଼େ ସୁନ୍ଦର ।।

ମମତା ମଇ ମାତ କୋଳେ ମୋର,
ବିତିଥିଲା ସେ ସମୟ ସଭିଙ୍କର ।।

ଜେଜେ ସାଥେ ଜେଜେମା ମୋର,
ଦେଖାଇଲେ ସେତ ଜହ୍ନ ମାମୁଁ କାହାର ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଷଠି ଘର ମୋର କେଡ଼େ ସୁନ୍ଦର,

ଷଠି ଘର ମୋର କେଡ଼େ ସୁନ୍ଦର ।।

ଧୂଳି ବାଲି ମୋର ହୋଇଥିଲା ସାଥେ,

ବଦଳି ଗଲାଯେ ସେ କାହାର ସାଥି ।।

କଳା ପରଦାରେ ସୃଷ୍ଟି ହୁଏ ଅକ୍ଷର ମୋର,

ଗୁରୁ ଯେ ଥାଆନ୍ତି ସେକାଳେ ମାଆ ମୋର ।।

ଷଠି ଘର ମୋର କେଡ଼େ ସୁନ୍ଦର,

ଷଠି ଘର ମୋର କେଡ଼େ ସୁନ୍ଦର ।।

ଦିବସ ର ଅନ୍ତ କାଳେ ଘଟିଥାଏ ଅନ୍ଧାର ରାତି,

ହସ ଖୁସିରେ କଟିଯାଏ ଦିବାରାତ୍ରି ।।

ଷଠି ଘର ମୋର କେଡ଼େ ସୁନ୍ଦର,

ଷଠି ଘର ମୋର କେଡ଼େ ସୁନ୍ଦର ।। .......... "

+୨କଳା ଦ୍ୱିତୀୟ ବର୍ଷ ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲେଶ୍ୱର

ଜଳେଶ୍ୱର, ବାଲେଶ୍ୱର, ମୋ- ୮୧୧୮୦୪୦୩୯୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ସୀମା କାନୁନ୍‌ଗୋ

'ବାପା' ସେ ନୁହଁନ୍ତି କେବଳ,
ସାମାନ୍ୟ ଶବ୍ଦ ବା ବ୍ୟକ୍ତି,
ସେ'ତ ସୁଦୃଢ ପ୍ରାଚୀରଟିଏ,
ସନ୍ତାନ ମାନଙ୍କ ରକ୍ଷାକର୍ତ୍ତା ସାଜି,
ନିଜ ଜୀବନକୁ ଲଗେଇପାରନ୍ତି ବାଜି,
ନିଜ ଭାଗ ସୁଖ ସବୁ ଅଜାଡି ଦେଇପାରନ୍ତି,
ସନ୍ତାନ ମାନଙ୍କ ଆଞ୍ଜୁଳାରେ ।
ଅତଳ ସାଗରରେ ବୁଡିଯାଉଥିବା ସମୟରେ,
ଜଳରୁ ଉଦ୍ଧାର କରି କୂଳକୁ ଆଣୁଥିବା ବ୍ୟକ୍ତି ବାପା,
ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ
ସନ୍ତାନ ପାଇଁ ଶୁଭ ମନାସୁଥିବା ବ୍ୟକ୍ତି ବାପା,
ଆଶା, ଭରଷା ଆଉ ବିଶ୍ୱାସର ପ୍ରତୀକ ବାପା,
ଆକାଶ ପରି ବିଶାଳ ସେ,
ତାଙ୍କ ବିନା ଜଗତ ରେ ଆମ ଅସ୍ତିତ୍ୱ ନାହିଁ ରେ।
"ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମ ତପ,
ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ ।"

ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସବୁଠୁ ଭଲ ମୋ ବାପା



ହିମାଂଶୁ ଶେଖର
ବିଶ୍ୱାଳ

ସବୁ ଭୂଲର ସବୁ ଠିକର
ସବୁ ସତର ସବୁ ମିଛର
ମୋ ପାପର ଆଉ ପୂଣ୍ୟର
ଆହତ ଆବରଣ ତୁମେ ବାପା ।

ଅଦ୍ଭୁତ ଏକ ସୁରକ୍ଷା ବଳୟ
ହାରିବା ବେଳରେ ଧୈର୍ଯ୍ୟ ର ନିଳୟ,
ଜିତିବା ଜିଜ୍ଞାସା ମନେ ଧରିବାର
ସ୍ୱପ୍ନ ଦେଖି ପୁଣି ସତ କରିବାର
ସକଳ ପ୍ରେରଣା ବାପା !

ଅନେକ ଯନ୍ତ୍ରଣା ଛାତିରେ ଥାଇବି
ହସି ପାରେ ଯିଏ -ବାପା,
ଆକାଶଠୁ ବଡ ସାଗରୁ ଗଭୀର
ମଣିଷ ଟେ ପରା ବାପା ! !

ତୁମରି ହାତକୁ ଇସାରା ବୁଝି ମୁଁ
ଚାଲିବା ଶିଖିଲି ବାପା
ପଡିଗଲା ବେଳେ ଭରସା କରି ମୁଁ
ଜିତିବା ଶିଖିଲି ବାପା ! !

ତୁମ ଛାତି ତଳେ ମୋ ଛାତି ସ୍ପନ୍ଦନ
ଶୁଣି ମୁଁ ପାରୁଛି ବାପା,
ଭାବେ କ୍ଷଣେ ଯେବେ ହୁଏ ଆନମନ
ମହାଶୂନ୍ୟକୁ ବି ମହା ପୃଥିବୀରେ
ଗଢିପାର ତୁମେ ବାପା ! !

ଭଲ ଠାରୁ ଭଲ ବଡ ଠାରୁ ବଡ
ତୁମ ଛାୟା ସାଥେ ଜୀବନର ମୋଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହଜ ସୁଗମ ହୁଏ ସବୁ ପଥ

ଭଲ ପାଇବାର ଗଭୀରତା ମାପ,

ତୁମଠୁ ବୁଝିଛି ବାପା !

ପାଇବା ଆଶାରେ ଧାଉଁଛି ମୁଁ ଆଜି

ମହାଭୂମି ଠାରୁ ମହାକାଶ ଯାଏଁ

ନିଜକୁ କହି ମୁଁ ମହା କାରୀଗର

ଜହ୍ନରେ ଚାହୁଁଛି କରିବାକୁ ଘର।

ବୁଝିବାକୁ ଟିକେ ରହିଗଲା ବାକି

ଯାହା ପାଦ ତଳେ ଆକାଶ ପୃଥିବୀ

ସାର୍ଥକ ହେଇଛି ଜନ୍ମ ଯାହା ପାଇଁ

ସେଇ ଏକା ମୋର ମହା ଦେବତାର

ଅବତାର ତୁମେ ବାପା !

ଅବତାର ତୁମେ ବାପା ! !

ଏ-୧, ପଦ୍ମା ଏନକ୍ଲେଭ, ସେନଟୋଲା

ଚାଇଁବସା, ଝାଡ଼ଖଣ୍ଡ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସବୁଠୁ ଭଲ ମୋ ବାପା



ଅହଲ୍ୟା ଦାଶ

ସିଏ ଅତି ପ୍ରିୟ ମୋର ପିତା
ଯାହାର ଔରଷୁ ଜନମ ହୋଇ ମୁଁ ହୋଇଲି ଜଗତ ଜିତା ।

ଭୂମି ପରେ ପଡି ଆଖି ମିଟି ମିଟି ଚାରି ଆଡ଼େ ଦେଲି ଚାହିଁ
ଅଦୁରେ ଶୁଭିଲା ବାପାଙ୍କ କଣ୍ଠରୁ ଝିଅ ହୋଇଛି କି ନାହିଁ ।

ସଭିଏଁ କହିଲେ ଝିଅ ନାଁ ଶୁଣି ହେଉଛୁ କିଆଁ ତୁ ଖୁସି
ଆରେ ଲକ୍ଷ୍ମୀ ଆସିଛି ଆମରି ଦୁଆରେ ବାପା ଫିକ୍ କିନା ଦେଲେ ହସି ।

ପୁଅ ହୋଇଥିଲେ ଆମରି ମୁହଁରେ ଦେଇ ଥାଆନ୍ତା ନିଆଁ ପରା
ବରଷକେ ଥରେ ଶ୍ରାଦ୍ଧ ଦିବସ ରେ ପିଣ୍ଡ ଦିଅନ୍ତା ପରା ।

ଛାତିକି ଫୁଲାଇ ବାପା ମୋ କହିଲେ ଚିନ୍ତା କରନା ତୁମେ
ପୁଅ ପରି ମୁଁ ମଣିଷ କରିବି ଆମ ନାଁ ରୋଷଣୀ କରିବ ଦିନେ ।

ଝିଅ ବୋଲି କେବେ ଉଣା କରନ୍ତିନି ମୋର ସବୁ ଭଲ ମନ୍ଦ ଚାହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୋଗାଇ ଦିଅନ୍ତି ସବୁ ମୋର ହାତେ ଯେଉଁ ଥିରେ ଖୁସି ମୁହିଁ ।

ନ୍ୟାୟ ଅନ୍ୟାୟ ସଂସ୍କାର ଶିକ୍ଷା ତାଙ୍କ ଠୁଁ ଶିଖିଲି ଯେବେ
ଗ୍ରାମ ଗଡ଼ ଯଶ ତାଙ୍କ ପାଇଁ ମୋର ତାଙ୍କୁ ନଭୁଲିବି କେବେ ।

ପୁଅ ଝିଅର ଭେଦ ଭାବ ତାଙ୍କ ମନ ଇଲାକାରେ ନାହିଁ
ତାଙ୍କରି ଆଶିଷେ ଶିଖି କାର ବେସେ ଜଗତ ଜିଣି ଲି ମୁହିଁ ।

ଦୁହିତା ଦୁଇ କୁଳକୁ ହୀତା ଏ କଥା ର ମୂଳ ମନ୍ତ୍ର
ଭଲ ବାପା ବୋଲି ତାଙ୍କ ଠୁଁ ଶିଖି ଛି ତ୍ୟାଗ ବଳି ଦାନ ସୂତ୍ର ।

ଯେଉଁଠି ବି ଥା ଅ ବାପା ତୁମେ ମୋର ତୁମକୁ ଭୁଲିବି ନାହିଁ
ଭଲ ବାପା ବୋଲି ନିରତେ ପୂଜିବି ତୁମ ଶ୍ରୀ ଚରଣେ ମଥା ଦେଇ ।

ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧର୍ମର ସାରଥୀ



ରଞ୍ଜନ କୁମାର
ପଣ୍ଡା

ଧର୍ମର ସାରଥୀ ଆହେ ଯଦୁପତି
ଦେଖ ଏ ମାନବ ନୀତି
ଅଧର୍ମ କରୁଛି ମିଥ୍ୟା କହୁଅଛି
ରଖୁନି ମନରେ ଭୀତି ।

ଧର୍ମ ଛଡା ନୀତି ଆଦରି ଧରିଛି
ମୁଖେ ମିଠା କଥା କହି
ହୃଦୟ ଗହ୍ୱରେ କପଟ ଆଚରି
ଭାଙ୍ଗୁଛି ସୁନ୍ଦର ମହି ।

ମିଛ ସତ ଯୋଡ଼ି କଳି ଲଗାଉଛି
ନିଜକୁ ଉନ୍ନତ ମଣି
ପାପ ଆରଜୁଛି ଅଦୃଶ୍ୟ ପଥରେ
ଦିନକୁ ନେଉଛି ଗଣି ।

ଭାବୁଛି ଜଗତେ ବଞ୍ଚିବ ସେ ଏକା
ସଭିଙ୍କ ଶବକୁ ମାଡ଼ି
ସେଥିପାଇଁ ବୋଧେ ପାପ ଆଚରୁଛି
ଅଧର୍ମ ଦଉଡ଼ି ଭିଡ଼ି ।

ଧନ ସଞ୍ଚିବାକୁ କରୁଛି ପ୍ରୟାସ
ଆନ ଜନେ ଦୁଃଖ ଦେଇ
ନିଜେ ସର୍ବେସର୍ବା ଭାବୁଛି ନିଜକୁ
ଅଧର୍ମ ବିଷକୁ ପିଇ ।

କଳୁଷ କାଳିମା ପୋଡିଦିଅ ପ୍ରଭୁ
ଅଧର୍ମ ମାନବ ମନୁ
ମିନତି ଏତିକି ରଖିବ ଠାକୁରେ
ସାଇତି ରଖିବ ତନୁ ।

କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭୁଲା ସ୍ମୃତି



ନନ୍ଦିତା ବଢ଼ାଇ

ତୁମେ ଗଲା ପରେ
କେତେ ଯେ ଅଭୁଲା ସ୍ମୃତି
ଛାଡ଼ି ଯାଇଅଛ ତୁମେ
ମୋ ମନର କାଗଜ ଫର୍ଦ୍ଦରେ ।

କେମିତି ଭୁଲିବି କହିଲ ?
ସବୁ ମନେ ଅଛି ମୋର
ତାହା ତ ମୋ ମନର ଅଭୁଲା ସ୍ମୃତି
ଯାହାବି ଦେଇଛ ଯାହାବି କହିଛ ।

ମନେ ପଡେ ଆଜି ସେହି କଥା
ସତେକି ପୁଣି ଥରେ ଫେରି ଆସନ୍ତା ସେହି ସମୟ
ଏମିତି ଲାଗେ ସତେ ଯେପରି ଘଣ୍ଟାର କଣ୍ଟାକୁ
ମୁଁ ଅତୀତକୁ ଟିକିଏ ଘୁଞ୍ଚାଇ ଦେବିକି ।

ଅତୀତର ସେହି ସୁନ୍ଦର ମୁହୂର୍ତ୍ତ
ସୃଷ୍ଟି କରିଛି ମୋ ମନରେ ଏକ ଚିତ୍ରପଟ୍ଟ
ସେହି ସ୍ମୃତି ଆଜି ଶାନ୍ତି ଦେଉଛି ମୋ ମନକୁ
ତୁମେ ଗଲା ପରେ ......

କଦଳୀମୁଣ୍ଡା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାବ ବୁଝିଗଲେ ମନ ପାଇଗଲ



ତାରାପ୍ରସାଦ ଜେନା

କଟା କଟି କରି ମନ ହେଉଥିଲେ

ଦେଇଥାନ୍ତି ତୁମ ହାତେ

ଭାବ ବୁଝିଗଲେ ମନ ପାଇଗଲ

ବାଆଁରନି ଆଉ ଏତେ

........କାଟି କୁଟି କରି ମନ ହେଉଥିଲେ ..... . ! ୦ !

ଲୁହ ଦରିଆରେ ଭସାଇବି ନାହିଁ

ଏଇ ଆଶା ଅଛି ମୋର

ଶୂନ୍ୟ ଦେଖୁ ଦେଖୁ ପୂର୍ଣ୍ଣ ଲାଗେ ସିନା

ସପନରେ ତୋଳେ ଘର,

ଦୋଷ କେବେହେଲେ ଦିଅନାହିଁ ଜମା

ପର ଭାବିବନି ମୋତେ

........କଟା କଟି କରି ମନ ହେଉଥିଲେ ....... ! ୧ !

ହସ ମୂଲେଇବା ବଣିକ ମୁଁ ଗୋଟେ

ପ୍ରେମ ଧନ ଅଛି ପାଖେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଃଖ ବଦଳରେ ସୁଖ ମୂଲାଉଛି
ବିଶ୍ୱାସର ଆସ୍ଥା ରଖେ,
ଭୁଲ୍ ବୁଝିବନି ଦଣ୍ଡେ ମାତ୍ର ପଛେ
ମରିଯିବି ଲାଗେ ସତେ
........କଟା କଟି କରି ମନ ହେଉଥିଲେ ....... ! ୨ !

ଆଖି ମିଶିଗଲେ ପ୍ରାଣ ପଶିଯାଏ
ଛାତି ଲାଗେ ଧକ ଧକ
କେତେବେଳେ ଭଲା ମୁହଁ ବୁଲାଇକି
କହିବନି ମହା ଠକ,
ମାନ ଅଭିମାନ ତୁମ ପଛେ ରଖ
ପ୍ରେମ ମନ ସଦା ମାତେ
........କଟା କଟି କରି ମନ ହେଉଥିଲେ ....... ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍ -୭୫୨୦୨୬,
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ ତୁ ଗୃହଲକ୍ଷ୍ମୀ



ସ୍ୱାଗତିକା ସାହୁ

କାହିଁକି କେଜାଣି......
ତୁ ଆସିବାର କିଛି ଦିନ ପରେ ବି
ମନ ଭିତରେ ଆପେ
ଏବେ ବି ବସା ବାନ୍ଧି ଅଛୁ,
ଠିକ ଏକ ବାଇଚଢେଇର ବସାଟେ ପରି
କି ଶକ୍ତିମୟୀ ଅନନ୍ୟା ତୁ

ମାଆ ଲକ୍ଷ୍ମୀ ସମ ସହିପାରେ ସିଏ
ମନ ଜାଣି ଖଞ୍ଜେ ସବୁ ,
ଆଦର ଯତନ ସେନେହ କରିଣ
ପରଶେ ଖାଦ୍ୟ ସୁସ୍ୱାଦୁ

କାହିଁକି ଜାଣେନି.....
କଳା ବାଦଲ ଘୋଡାଇ ହୋଇଥିବା
ଅମାନିଆ ଆଖି ହଳକରେ
ହଠାତ୍ ନିର୍ମଳ ଆକାଶର ଘରକୁ
ଦେଖିଲା ପରେ
କଡ଼ ଲେଉଟାନ୍ତି କେତେ ସ୍ୱପ୍ନ
ତଥାପି ସହି ଯାଆନ୍ତି କର୍ମ ପ୍ରାଙ୍ଗଣେ

ତୁତ ଶ୍ରୀୟା ଶକ୍ତିଦା ଶ୍ରୀ
ଜଗତେ ପୂଜନ୍ତି ନାରୀ ,
ଅଗଣିତ ଭାବେ ସବୁଠି ତୁ ଥାଉ
ଶକ୍ତିମୟୀ ରୂପ ଧାରୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସର୍ବଗୁଣେ ସିଏ ପରିପୂର୍ଣ୍ଣ ଥାଏ
ନାରୀ ନୁହେଁ ନାରାୟଣୀ ,
ଚାରିଯୁଗେ ସିଏ ଚିର ବନ୍ଦନୀୟା
ସଭିଙ୍କ ଘରେ ଘରଣୀ ।

ରୂପସୀ ରାଗିଣୀ ଅଳକାନନ୍ଦା
ନୁହଁଇ ସେ ଶକ୍ତିହୀନ ,
ସବୁରି କ୍ଷେତ୍ରରେ ପାରଦର୍ଶିତା ସେ
ପ୍ରଭୁଙ୍କରସ ବରଦାନ ।

ପତ୍ନୀ ହେଉ ଅବା ଝିଅ ହୋଇଥାଉ
ନୁହଁଇ ସେ ଶକ୍ତିହୀନ ,
ସବୁରି କ୍ଷେତ୍ରରେ ପାରଦର୍ଶିତା ସେ
ପ୍ରଭୁଙ୍କର ବରଦାନ ।

ଜାଣେନି......
ସେ ଅଧ୍ୟାୟ ସବୁ
କେତେ କାର୍ଯ୍ୟରତା
ଅବା
ପୂର୍ଣ୍ଣିମାର ରାତି ପରି ସ୍ୱଚ୍ଛ ।
ତଥାପି
ବଣିଆର କଷଟି ପଥରରେ
ନିଜକୁ କଷି ଚାଲିଥାଏ
ଏକ ସରଳ ଗଣିତର
ଅବୁଝା ସମୀକରଣଟେ ପରି ।

ଉମରକୋଟ, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୀର୍ଥଭୂମି



ବନ୍ଦନା ମହାପାତ୍ର

ମାନବ ଜୀବନ ଶେଷ ପରିଣତି
ମରଣ ପଥର ଯାତ୍ରୀ,
ମୃତ୍ୟୁ ପରେ ଶବ ଜୁଇ ଜଳେ ତା'ର
ଶଶ୍ମାନ ଭୂଇଁରେ ମାଖୀ ।
ଛାଡ଼ିଯାଏ ପଛେ କର୍ମ ଜୀବନର
ସର୍ବ ବାଧା ବିଘ୍ନ ଖେଳ,
ସ୍ନେହ, ମୋହ, ମାୟା, ଧର୍ମ ଅଧର୍ମର
ସ୍ୱାର୍ଥ, ପାପ, ପୁଣ୍ୟ ତାଳ ।।
ଧର୍ଷଣେ, କର୍ଷଣେ ଅବା ନିର୍ଯ୍ୟାତନା
ଜରାଶ୍ରୟ ଅନ୍ତରାଳେ,
ଶେଷ ନିଃଶ୍ୱାସର ଶଶ୍ମାନ ତା ପାଇଁ
ଅନ୍ତିମ ଆଶ୍ରୟ ଭାଳେ ।।

ପୋଡି ହାଡ଼, ମାଂସ ହୁଅଇ ପାଉଁଶ
ଖାଆନ୍ତି ଚିଲ, ଶାର୍ଗୁଣା
ବରଗଛେ ପିଲା ଶେକେ ଚିରୁଗୁଣୀ
ମନରେ ଭ୍ରମ ଭାବନା ।।
ତଥାପି ମଣିଷ ବେଳ ସରିଗଲେ
ବାହୁଡ଼ି ଆସେ ମଶାଣି
ସ୍ୱର୍ଗ ଅବା ନର୍କ ତା ପାଇଁ ଅନ୍ତିମ
ମଶାଣି ହିଁ "ତୀର୍ଥଭୂମି "।।

ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଖାଣ୍ଟି ଗୁଆଘିଅ



ଚିତ୍ରାରାଣୀ ପାତ୍ର

ଆମ ସାଇଝିଅ ରାଧିକାଟି ଏକ
ଖାଣ୍ଟି ଗୁଆ ଘିଅ ଅଟେ,
ଭେଜାଲ ଟିକିଏ ନାହିଁ ତାଦେହରେ
ଜାଡରେ ତରଳ ଥାଏ ।।

ସଭ୍ୟତା-ସଂସ୍କୃତି ପାଇଛି ଯାହାସେ
ସବୁ ମାନି ଚଳୁଥାଏ,
ଜିନ ପ୍ୟାଣ୍ଟ ଯୋଗୁଁ ମାରେନି ମୁଣ୍ଡିଆ
ଅଡୁଆଟି ଲାଗୁଥାଏ ।।

ପଇସା ସଞ୍ଚିବାପାଇଁକି ସିନାସେ
ଚୁଟି ଟିକେ କାଟିଦିଏ,
ନହେଲେ କିପରି ଜବାବ ଦେବସେ
ଛତରା ପିଲାକୁ ସିଏ ।।

ରାଣୀ ଲକ୍ଷ୍ମୀ ବାଇ ପଛରେ ରହିବେ
ସାହାସ ତାହାର ଯେତେ
ସିଗାରେଟ ଟଣା ପାଟିରୁ ତାହାର
ଧୂଆଁର କୁଣ୍ଡଳୀ ଛୁଟେ ।।

ହାତରେ କୁକୁର ବୁଲାଟିଏ ଥାଏ
ଡରେଇ ସଭିଙ୍କୁ ରଖେ ,
ନହେଲେ କିପରି ସାବାଡ଼ କରିବ
ନରାଧମ ଯେତେ ଦେଖେ ।।

ଗାନ୍ଧିଜୀଙ୍କ କଥା ପକାଏନା ତଳେ
ଆଣ୍ଠୁ ଉପରେ  ପୋଷାକ,
ଦେଶ ସେବାପାଇଁ ଫୁଙ୍ଗୁଳା ହାତଟି
ସତେକି ଧରେ ଲଗାମ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଅମାନେ ସବୁ ପଛରେ ଗୋଡ଼ାନ୍ତି
ଦେଖିତାର ରୂପ ଭେକ ,
ଖାତିର କରେନି କାହାକୁ ସିଏତ
ଟେକିଦିଏ ତାର ନାକ ।।

ଲା ସରମର ଗନ୍ତା ଘର ସିଏ
କିପରି ବର୍ଣ୍ଣିବି ତାକୁ,
ଡଗ ଡଗ ଚାଲି ହାଇହିଲ ସାଥେ
ମୋବାଇଲ ହାତେ ଦେଖୁ ।।

ଦେଶସେବାପାଇଁ ପଣସେ କରିଛି
ବିଳାଶ ବ୍ୟସନ ନାହିଁ,
କଡ଼ାଗୁଣ୍ଡି ଟିକେ ପାଟିରେ ପକାଇ
ଅଣ୍ଟା ଭିଡ଼ିଥାଏ ସେହି ।।

ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗ୍ନ ସ୍ତମ୍ଭ



ଉମାକାନ୍ତ ଦାସ

ଚୂର୍ଣ୍ଣ ହୋଇ ଯାଏ ମାନବୀୟ ସ୍ତମ୍ଭ
ସ୍ୱର୍ଣ୍ଣାକ୍ଷରେ ଲେଖା ଯିଏ,
ହଜି ହଜି ଯାଏ ସଂସ୍କୃତି ସଂସ୍କାର
ଯା ଦ୍ୱାରା ମଙ୍ଗଳ ହୁଏ ।।

ପିତା ସତ୍ୟେ ପୁତ୍ର ବନକୁ ଯାଇଛି
ଯା ଗାଥା ପୁରାଣ ଗାଏ,
ମାତା, ପିତା ଭକ୍ତି ଜଗତ ଦେଖିଛି
ଶ୍ରବଣ କାନ୍ଧରେ ବୁହେ।।

ଦେଖିଛି ଏମାଟି ଲେଖିଛି ଅନେକ
ପତି, ପତ୍ନୀ ଭାବ କେତେ,
ପତିବ୍ରତା ନାରୀ ସତ୍ୟ ରକ୍ଷା କରି
ଯଶ ଉଡାଇଛି ସେତେ ।।

ରାଜ ରାସ୍ତା ପରେ କାନ୍ଦୁଛି ସଂସ୍କୃତି
ତା ଲୁହକୁ ପୋଛେ କିଏ,
ବଧୂ ବେଶ ଭୁଲି ଅପରୂପ ସାଜି
ଅବିହାଡି ପ୍ରାୟ ହୁଏ ।।

ଦିନ ଦିପହରେ ଯୁବକଙ୍କ ମେଳେ
ନିଶା ଶକ୍ତେ ସିଏ ରୁହେ,
ଉଚ୍ଚ ଶିକ୍ଷା ପାଇ ଡରେ ନି କାହାକୁ
ଚରିତ୍ର ଚିତ୍ରଣ କୁହେ ।।

ସତୀ, ସାଧୁ ପାଇଁ ମାଟି ମାଆ ତାର
ଇତିହାସ କେତେ ଲେଖେ,
ସ୍ୱଭାବ, ସଦ୍ଭାବ ଲିଭି ଯାଏ କିମ୍ପା
କୁଶିକ୍ଷା କିମ୍ପାଇଁ ଶିଖେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଗ,ଅହଂକାର    ଯଶ ହିଁ ମୋହର
ଐଶ୍ୱର୍ଯ୍ୟ ପଛରେ ଧାଏଁ,
ଯେଉଁ କର୍ମେ ଯିଏ   ଅଟେ କର୍ମଧାର
ତାକୁ ସେ ପାଶୋରି ଦିଏ ।।

ଜାତି, ଭିତିକରେ   ପ୍ରତିଯୋଗିତାରେ
ଅଗ୍ରସର ହୋଇଥାଏ
ଧର୍ମେ  ଦ୍ୱାହି ଦେଇ    ନରସଂହାରରୁ
ମହାଶକ୍ତି ମାନୁଥାଏ ।।

ସାଧୁ ରୂପ ଧରି        ଅସାଧୁ କର୍ତ୍ତବ୍ୟ
କାହିଁ ପାଇଁ କରେ ସିଏ,
ଦେଶଭକ୍ତ ସାଜି  ଦେଶକୁ ଯେ ଲୁଟେ
କେଉଁ ଦେଶଭକ୍ତେ ଯାଏ।।

ଅନେକ  ଅନୀତି     ଧରି ନିତିପ୍ରତି
ଦାନବୀୟ ଗୁଣ ନିଏ,
ମାନବୀୟ ଗୁଣ      କରିଦେଇ କ୍ଷୁର୍ଣ୍ଣ
କେଉଁ ଯଶ ରଖି ଯାଏ।।

ଲାଲବାଗ, ଖାନନଗର, ମଙ୍ଗଳ ପୁର
ଯାଜପୁର,୯୮୭୩୨୩୬୪୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧେତ୍ ତୁମେ ବଡ଼ ଦୁଷ୍ଟ



ସତ୍ୟ ନାରାୟଣ ସାହୁ

ଧେତ୍ ତମେ ବଡ ଦୁଷ୍ଟ ଦେଉଛ ଦାରୁଣ କଷ୍ଟ
ଅନୁଭବ କରି ନୁହେଁ ଯାହା ପରାଣେ
ବାର ବାର ଚିନ୍ତା ପୀଡ଼ା ଦୁଃଖ ଶୋକ ତାପ ବ୍ରିଡ଼ା
ଅକଥନୀୟ ଭାବରେ ମରମ ହାଣେ ।
ନିର୍ଯାତନା ଅତ୍ୟାଚାରରେ
କାନ୍ଦି କାନ୍ଦି ଝୁରି ମରେ ନିତି କାତରେ ।୧
କାହିଁ ପାଇଁ ଦିଅ ମୋତେ ଦୁଃଖ ହେ ଅନବରତେ
ଦୁର୍ଘଟଣା ବିପଦ ଆପଦ ଓ କ୍ଲେଶ
ଆଘାତ ଯେ ଅପ୍ରମିତ ମୋ ଅନ୍ତର ବିଦାରିତ
ଯେତେ ବର୍ଣ୍ଣିଲେ ବି କେବେ ନୋହେବ ଶେଷ ।
ନିଦାରୁଣ ପୀଡା ପ୍ରହାର
ଯନ୍ତ୍ରଣା ସଙ୍କଟ ଗ୍ଲାନୀ ଧୈର୍ଯ୍ୟ କାହାର ।୨
ସହି ନେବ ବ୍ୟଥା ରାଶି  ସାନ୍ତ୍ୱନା ଦେଇ ଆସ୍ୱାସି
ବ୍ୟଥା ଉପଶମ ପାଇଁ ବୋଳି ମଲମ
ଧେତ୍ ତମେ ବଡ ଦୁଷ୍ଟ, ପାଜି, ନିର୍ଦ୍ଦୟ ପାପିଷ୍ଠ
କିମ୍ପାଇଁ ଦେଉଛ କଷ୍ଟ ହେ ଅକାରଣେ ।
ବୋଲାଉଚ ଦୟାମୟ ହେ
କୃପାମୟ ପ୍ରଭୁ ଦୁଷ୍ଟ ହେଲ କିମ୍ପା ହେ   ?

ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧେତ୍ ତୁମେ ବଡ଼ ଦୁଷ୍ଟ



ଦେବେନ୍ଦ୍ର ନାୟକ

ପ୍ରେମୀ ଯୁଗଳ ବା ନୂଆ ବିବାହିତଙ୍କର
ପ୍ରେମ ଆଳାପରେ ମନ ଥାଏ
କେତେ ଠରା ଠରି ଥଟା ମଜା ମାନସୀ
ଲାଜେ ଧେତ୍ ତମେ ଭାରି ଦୁଷ୍ଟ  କହେ ।

ଅନୁଭବି କହେ ଅନୁଭବର କଥା ମିଠା
ସତରେ ରାଗ ଅଭିମାନ କେତେ ଥାଏ
ମାନ ଭଞ୍ଜନ କାଳେ ହସଭରା ପିରତି
ଅଳସୀ ଲାଜେ ଲାଜେଇ ଚାହିଁ ଦିଏ ।

ସାଙ୍ଗ ସାଥି ମେଳେ କଥାରେ କଥାରେ
ଭାବ ବିନିମୟ ଯେବେ ଚାଲିଥାଏ
କଲେଜ ପଢୁଆ ପୁଅ ଝିଅଙ୍କ ପିରତି ରାସ
ପ୍ରେମୀକା ଧେତ୍ ତମେ ବଡ ଦୁଷ୍ଟ କହେ ।

ଅନେକ ସମ୍ପର୍କରେ ପ୍ରେମ ସମ୍ପର୍କର ଭାଷା
ମଧୁର ସମ୍ପର୍କରେ ବିଷ  କଳସୀ ଭରିଦିଏ
ପ୍ରେମୀ ବୁଝନ୍ତିନି ତିକ୍ତ ସମ୍ପର୍କର ଭାଷାକୁ ତ
ନିରୋଳା ମୂହୁର୍ତ୍ତଟିଏ ଖୋଜନ୍ତି ସିଏ ।

ପ୍ରେମ ବୁଝେ ନାହିଁ ବୟସର ତାରତମ୍ୟ ଏଠି
କ୍ଷଣିକ ସୁଖର କଥା ଭାବ ଭାଷା ଭଏ
ଟିକିଏ ଅଜଣା ଛୁଆଁ ହେଉ କି ଜାଣତରେସେ
ଲାଜେଇ"ଧେତ୍ ତମେ ବଡ ଦୁଷ୍ଟ"କହେ ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଧେତ୍ ତୁମେ ବଡ଼ ଦୁଷ୍ଟ



ନୂତନ କୁମାର
ବେହେରା

ଧେତ୍... ତୁମେ ଭାରି ଦୁଷ୍ଟ.......
ବୁଝନା ମନର କଥା ସ୍ୱାର୍ଥରେ ହୁଏ ଲକ୍ଷ୍ୟ ଭ୍ରଷ୍ଟ
ହାତ ଛିଞ୍ଚାଡି ରାଗି ଗରଗର ହେଲେ ଶ୍ରୀମତୀ
ଆଉ ଟିକେ ଚିଡ଼େଇବାକୁ ଶ୍ରୀମାନ ପତି
ଭିଡ଼ି ହୋଇ ଗଲେ ତାଙ୍କ କତିକି
ଏବେ ଘରଣୀରାଣୀ ପୁରା ପାଚିଗଲେ ତାତିକି
କ'ଣ ପାଇଁ ହେ ରସିକବର ବୁଝୁନ ଏତିକି
ବୟସ ତୁମର ହେଲା ଯେତିକି
ଯା' କରିବ ଆଗକୁ ଟିକିଏ ଭାବି ଚିନ୍ତି କି
ନାଇଁ ନାଇଁ ... ମୁଁ କଣ ଏମିତି କଲି କି
ହେଉଛ ତୁମେ ଅଯଥାରେ ରୁଷ୍ଟ
କି ଅବା ତୁମକୁ ଦେଲି ମୁଁ ଏତେ କଷ୍ଟ
ଉଡ଼ିଗଲା ଚଢ଼େଇର ଡେଣା ଦେଲି କାଟି
ନା ଗୋହତ୍ୟା କରି ଜୀବନ କଲି ମାଟି
ବୋମା ଫୁଟିଲା ଭଳି କରୁଛ ପାଟି
ଧନ୍ୟ କହିବ ତୁମର ଏ ନାରୀ ଜାତିକୁ
ମୁଣ୍ଡକୁ ହାତ ପାଇଲେ ଲୋଡ଼ା ହୁଏନା ମରଦକୁ
ଆହାଃ ଆହାଃ...ଆସିଗଲ ସତ୍ୟବାନ କି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଲାଗି ଲଢୁଥିବି ଯମ ସାଥୀରେ ଯୁଗ ଯୁଗକୁ
ଭରସା ନାହିଁ ଆଜିକାଲିର ପୁରୁଷକୁ...
କଥା ନଥା କଟାକଟି ହେଲା ଏମିତି
ଯିଏ ଯାହାର ଦେଖାଇ ଚାଲିଲେ ଶକତି
ଅକାଳେ ନିୟମ ନାସ୍ତି...ନକରି ଆଉ କଳିଗୋଳ
ଚୁପ୍ ରହିବାଟା ହେବ ତାଙ୍କ ପାଇଁ ମଙ୍ଗଳ
ଶାନ୍ତ ହୋଇ ମନେ ଭାବିଲେ ପତିଦେବ
ଆଗକୁ ବଢ଼ିଲେ ଝଡ଼ ବାତ୍ୟା ମାଡ଼ି ଆସିବ
ଏ ନାରୀକୁ କଦାପି ହେବନି ପାରି
ସହଜେ ତ ଆସିଛି ପ୍ରେମ ବିବାହ କରି
ଏମିତି କାମୁଡ଼ା କାମୁଡ଼ି ହେଲେ ମହତ ଯିବ ସରି
ଧରିବ ଯଦି ଚଣ୍ଡି ରୂପ ରହିବ ନାହିଁ ମୁଣ୍ଡି
ଶ୍ରୀମାନ ଫୁସୁଲା ଫୁସୁଲି କଲେ ସୁଯୋଗ ଉଣ୍ଡି
ନରମ କଥାର ମଲମ ମାଲିସ୍ କରି
ଚୁମାଟିଏ ଦେଲେ ସଜନୀକୁ କୋଳରେ ଧରି
ଏଥର ଘରଣୀରାଣୀ ଲାଜେ ସରମି ଯାଇ
ପତିଦେବଙ୍କୁ ପାଖରୁ ଟିକିଏ ଦୂରେଇ ଦେଇ
କହିଲେ...ହୋଇ ରୁହ ଏବେ ଶାନ୍ତ ଶିଷ୍ଟ
ପ୍ରାଣପ୍ରିୟା ଦିଅନା ଗୋ ବିରହର ଆଉ କଷ୍ଟ
ତୁମ କଥା ମୋତେ ଲାଗେ ଭାରି ମିଷ୍ଟ
ହସି କହିଲେ ପତ୍ନୀ... ଧେତ୍ ତୁମେ ବଡ଼ ଦୁଷ୍ଟ...।

କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧେତ୍ ତୁମେ ବଡ଼ ଦୁଷ୍ଟ



ରାଧାଶ୍ୟାମ
ମହାନ୍ତି

ମନ ଆଇନାରେ ଦେଖେ ତମ ଛବି
ହୃଦୟେ ପ୍ରୀତିର ଭାବ
ଦୂରେ ଥାଇ ଭାବନା ରାଇଜେ ରହେ
କେବେ ସାଥୀ ଦେଖା ହେବ ।

ପାହିଯାଏ ରାତି ଭାବି ତମ କଥା
ନିସ୍ତବ୍ଧ ଝୁମୁଛି ନିଶି
ପ୍ରିୟା ମୋ ରୁଷିଛି କହୁନାହିଁ କିଛି
ସପନ ଦେଖୁଛି ବସି ।

ଦିନର ସପନ ଅବାସ୍ଥାବ ଅଟେ
ଭାବିପାରୁନାହିଁ କିଛି
ସମ୍ପର୍କ ସୌଧ ଗଢ଼ିଲି ଯେବେଠୁଁ
ଉପହର ଦେଲି ବାଛି ।

ମଳୟ ପବନ ବାଜୁଥିଲା ଦେହେ
ପଥର ବାଜିଲା ପରି
ସପନ ଦେଖିଛି ଆଣିବି ତୁମକୁ
ବାନ୍ଧିବି ପ୍ରେମର ଡୋରି ।

ସୁଣିକରି କଥା କହୁଥିଲ ତମେ
ଧେତ ତମେ ବେଡ଼ ଦୁଷ୍ଟ
ତୁମ କଥା ଶୁଣି ଲାଗେ ମନେ ବ୍ୟଥା
ତୁମେ ଥିଲ କେଡେ ଶିଷ୍ଟ ।

ଭୋଗରାଇ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଣି କି ପାରିବ ସୁଖ ଶରଧା



ତାନଶ୍ରୀ ପାଣିଗ୍ରାହୀ

କୋଟି ପୂଣ୍ୟ ବଳେ ମଣିଷ ଜନମ
ଦେଇଛନ୍ତି ଭଗବାନ
ଦାନ, ଧର୍ମ, ଦୟା ସେବା କର୍ମ କଲେ
ଧନ୍ୟ ହୁଅଇ ଜୀବନ...

ଅଢେଇ ଦିନର ମଣିଷ ଜୀବନ
ଆଜି ଅଛି କାଲି ନାହିଁ
ଅଭିନୟ ଏଠି ସରିଗଲେ ଶେଷ
ଜଳିବ ମଶାଣି ଜୁଇ...

ମୂଢ଼ ମଣିଷଟା ଅଜ୍ଞାନ ସାଜୁଛି
ଧନ ପଛେ ଅଛି ଧାଇଁ
ଅନ୍ୟାୟ ଅନୀତିରେ ଅନ୍ଧ ଏ ମଣିଷ
ଶାନ୍ତିରେ ପାରୁନି ଶୋଇ...

ଗର୍ବ ଆସ୍ଫାଳନ ଦାମ୍ଭିକତା ପଣେ
କିଏ ବା ହୋଇଛି ବଡ଼
ଏବେ ବେଳ ଅଛି ମନକୁ ସଜାଇ
ନିଜକୁ ନିଜେ ସଜାଡ଼...

ହିଂସା, ଦ୍ୱେଷ, ଈର୍ଷା, ପରଶ୍ରୀକାତରତା
ସୃଷ୍ଟି କରେ ସବୁ ବାଧା
ଧନ ସମ୍ପତ୍ତିରେ କିଣି କି ପାରିବା
ଜୀବନର ସୁଖ ଶ୍ରଦ୍ଧା ॥

ବାଲିଆ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଣି କି ପାରିବ ସୁଖ ଶରଧା



ଗୀତାଞ୍ଜଳି ଭୂୟାଁ

ସଂସାର ହାଟରେ ବିପଣିର ମେଳା
ଅର୍ଥ ବିନିମୟେ ସବୁ ମିଳେନା
ସୁଖ ଶାନ୍ତି ଶ୍ରଦ୍ଧା ହସ ଖୁସି ନିଦ୍ରା
ପାଇପାରେ ସିଏ ଯେ ଉଚ୍ଚମନା।

ଧନର ପାହାଡ ପରେ ଯେ ବସିଛି
ଗର୍ବ ଅହଙ୍କାରେ ଫୁଲାଇ ଛାତି
ଭାବୁଛି ସେ ମନେ ସକଳ ଐଶ୍ୱର୍ଯ୍ୟ
ଆସିଯିବ ନିଶ୍ଚେ ତା ପାଦ କତି।

ଟଙ୍କାକୁ ଯେ ମଣେ ଆପଣା ସର୍ବସ୍ୱ
ସ୍ନେହ ପ୍ରେମ ଯାଏ ତାଠୁ ଦୂରେଇ
ସମ୍ପର୍କର ମୂଲ୍ୟ କି ବୁଝିବ ସିଏ
ଅର୍ଥର ଲାଳସା ଖାଏ ଗୋଡେଇ।

ଅନ୍ୟାୟ ଅସତ୍ୟ ଉପାୟେ ଅର୍ଜିତ
ଧନରେ ଧନାଢ୍ୟ କୁବେର ପ୍ରାୟ
ନଥାଏ ମମତା ମଣିଷ ପଣିଆ
ଆନ ଦୁଃଖେ ହୃଦ ନୁହେଁ ଅଥୟ।

ସରଳ ନିରୀହ ନିଷ୍କପଟ ଦୀନ
ଅନ୍ତର ନିର୍ମଳ ଶ୍ରଦ୍ଧାରେ ପୂର୍ଣ୍ଣ
ନଥାଇ ସମ୍ପଦ ସୁଖେ ଗଦ ଗଦ
ମଧୁର ବଚନେ କିଣେ ସେ ମନ।

ଦରିଦ୍ର କୁଟୀର ସ୍ୱପ୍ନର ମହଲ
ବହେ ସଦା ପ୍ରୀତି ମୃଦୁ ସମୀର
ପରସ୍ପର ଯହିଁ ଥାଏ ସ୍ନେହ ଶ୍ରଦ୍ଧା
ସ୍ୱର୍ଗ ସୁଖ ମିଳେ ତହିଁ ଅପାର।


ଧନ ବଦଳରେ ମାନ ପ୍ରତିପତ୍ତି
ମିଳିଯିବ ଏଠି ସବୁ ସଉଦା
କୋଟି କୋଟି ଟଙ୍କା ଠାରୁ ମୂଲ୍ୟାଧିକ
କିଣି କି ପାରିବା ସୁଖ ଶରଧା ?

ଗୀତାଞ୍ଜଳି ଭୂୟାଁ, ସାଲେପୁର, କଟକ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଣି କି ପାରିବ ସୁଖ ଶରଧା



କୁମୁଦିନୀ ପତି

ଦୁର୍ଲ୍ଲଭ ଜନମ ମଣିଷ ଆମେରେ
ଧରା ଧାମେ କରୁ ବାସ,
ଭଲ କର୍ମ ଯଦି ସଦା କରୁଥିବା
ଫୁଟିବ ମୁହଁରେ ହସ ।

କର୍ମ ଅନୁସାରେ ଫଳ ମିଳେ ସତ
ଭଲ କର୍ମ ପାଇଁ ଭଲ,
ମନ୍ଦ କର୍ମ ଯଦି କରିବା ଜୀବନେ
ହେଉଥିବା କଲବଲ ।

ପରର ଅନିଷ୍ଟ କରିବା ପାଇଁ କି
ଚିନ୍ତୁଥିବା ମନେ ମନେ,
ପରର ଧନରେ ଧନୀ ହେବା ପାଇଁ
ଭାବନ୍ତି ସଂସାର ଜନେ ।

ପରର ଆଖିରେ ଲୁହ ଦେଇକରି
ତୋଳିବା ଅନେକ କୋଠା,
ସେ ଘରେ ରହିଣ ମଉଜେ ଖାଇବା
କ୍ଷୀରି ପୁରି ଆଉ ମିଠା ।

ଏହି ସବୁ ସୁଖ କ୍ଷଣିକ ପାଇଁ ଯେ
ଆମେ କେବେ ନ ଭୁଲିବା,
ପର ଆଖି ଲୁହ ସୁଖ ଧୋଇଦେବ
ଦୁଃଖ ସାଗରେ ବୁଡିବା ।

ନିଃସ୍ୱାର୍ଥପର କର୍ତ୍ତବ୍ୟ କରିବା
ମିଳିବ ଆତ୍ମସନ୍ତୋଷ,
ସୁଖ ଓ ଶରଧା ସବୁ ତ ମିଳିବ
ଆନ ମୁଖେ ଦେଲେ ହସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଖ ଶରଧାକୁ ଟଙ୍କାରେ କିଣିବା
ପାଇଁ ଭାବେ ଯେଉଁ ଲୋକ,
ସୁଖ ଶରଧା ତ ପାଏ ନାହିଁ କେବେ
ମୁଣ୍ଡାଏ ଅନେକ ଦୁଃଖ ।

ଦୁଃଖ ପାଇ ପାଇ ଭାବି ତ ପାରେନା
ସୁଖ ଅଛି ତା ଭିତରେ,
ସୁଖ ଦେଲେ ସିନା ସୁଖ ତ ମିଳିବ
ସୁଖୀ ହେବା ଏ ସଂସାରେ ।

ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଣି କି ପାରିବ ସୁଖ ଶରଧା



ରଶ୍ମିତା ରାଉତ

ବିଚିତ୍ର ବିଧାଣୀ ନିର୍ମାଣ କରିଲା
ସୁନ୍ଦର ଏଇ ସଂସାର
ସମ୍ପର୍କ ଡୋରୀରେ ବାନ୍ଧିଲେ ସଭିଙ୍କୁ
ସୃଷ୍ଟି କର୍ତ୍ତାଙ୍କ ବିଚାର ।
ସବୁଠାରୁ ଶ୍ରେଷ୍ଠ ମାନବ ଜୀବନ
ଦେଇ କଲେ ନବ ସୃଷ୍ଟି
ବୁଦ୍ଧି ଓ ବିବେକ, ଜ୍ଞାନର ଆଲୋକ
ମାନବକୁ ଦେଇଛନ୍ତି ।
ନାରୀ ପୁରୁଷର ସୁନ୍ଦର ସଂଯୋଗେ
ଗଢା ବିଶାଳ ସଂସାର
ପରସ୍ପର ସ୍ନେହ ଭ୍ରାତୃଭାବ ନେଇ
ଗଢି ଉଠେ ପରିବାର ।
କନ୍ୟା ରତ୍ନଟିକୁ ସୃଷ୍ଟି କଲେ ପ୍ରଭୁ
ଦୁଇ କୂଳ ରକ୍ଷା ପାଇଁ
ଜାୟା, ଜନନୀ ଓ ଭଗିନୀ ରୂପରେ
ବଞ୍ଚିଥାଏ ଆନ ପାଇଁ ।
ସହିଥାଏ କେତେ ନିନ୍ଦା ଅପମାନ
ତଥାପି ନଥାଏ ଦୁଃଖ
ଅନ୍ୟର ମୁହଁରେ ହସ ବାଣ୍ଟି ଦେଇ
ଭାବେ ଏହି ମୋର ସୁଖ ।
ବଡ ବିଚିତ୍ର ଏ ମାନବ ଜାତିଟା
ନାରୀ ତ୍ୟାଗ ନବୁଝୁଛି
ନାରୀ ଅପମାନେ ସବୁକିଛି ଧ୍ୱଂସ
ଏ କଥାକୁ ଭୁଲୁଅଛି ।
ପ୍ରତି ମୁହୂର୍ତ୍ତରେ ନାରୀ ହୁଏ ଏଠି
ଧର୍ଷିତା ଆଉ ଲାଞ୍ଛିତା
ନିନ୍ଦା ଅପମାନ ସହି ନପାରି ସେ
କରିଥାଏ ଆତ୍ମ ହତ୍ୟା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟଙ୍କା ପଇସା ଓ କ୍ଷମତା ବଳରେ

ସବୁ ତ ଯାଏ ବଦଳି

ଦୋଷୀ ବୁଲେ ଏଠି ମୁକ୍ତ ଆକାଶରେ

ନିର୍ଦ୍ଦୋଷୀ ପାଉଛି ବଳି ।

ସଂସାର ହାଟର ସଉଦା ପାଇଁକି

ଆସିଥିଲା ଆଶା ନେଇ

ସୁଖର ଶରଧାକୁ କିଣିବାକୁ ଆସି

ଦୁଃଖକୁ ନିଏ ମୁଣ୍ଡେଇ ।

କିଣି ପାରିଲାନି ସୁଖର ସଉଦା

ସବୁ ବାକି ରହିଗଲା

ଦୁଃଖର ପସରା ମୁଣ୍ଡେଇ ପାରୁନି

ସାହା ହୁଅ ଚକାଡୋଳା ।

ରଶ୍ମିତା ରାଉତ,ଢେଙ୍କାନାଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଃସଙ୍ଗ ଜୀବନ



ଲତା ବେହେରା

ଏଇ ସମାଜରେ ନିଃସଙ୍ଗ ଜୀବନ
ବଡ କଷ୍ଟ ଲାଗି ଥାଏ
ଯିଏ ରହି ଥାଏ ସିଏ ଜାଣି ଥାଏ
କେମିତି ବଞ୍ଚିଛି ସିଏ ?

କେତେ ଲୋକ କେତେ କଥା କହୁ ଥାନ୍ତି
ସହିବାକୁ ପଡି ଥାଏ
ନିନ୍ଦା ଅପବାଦ ମୁଣ୍ଡେ ଲଦି ଦେଲେ
ନୀରବ ବି ରହେ ସିଏ ।

ନା କାହାକୁ କିଛି ଉତ୍ତରଟି ଦିଏ
ମଥାପାତି ରହି ଥାଏ
ଯେତେ ଦୁଃଖ କଷ୍ଟ ଯନ୍ତ୍ରଣା ବି ଆସୁ
ଲୁହେ ହସୁ ଥାଏ ସିଏ ।

ଜାଣିଛି ନିଃସଙ୍ଗ ଜୀବନଟା ତାର
ଆଜି ଅଭିଶପ୍ତ ଟିଏ
କେଉଁ ଜନମର କେଉଁ ଦୋଷ ଲାଗି
ଭୋଗୁଅଛି ଆଜି ସିଏ ।

କପାଳର ଲେଖା ହେବନି ଅନ୍ୟଥା
ନା ଦୁଃଖ ସେ କରି ଥାଏ
ଯାହା ତା କପାଳେ ଲେଖା ହେଇଅଛି
କାଟି ବା ପାରିବ କିଏ ?

ନିଃସଙ୍ଗ ଜୀବନ ଯେମିତି ମଧୁର
ସେତିକି ବି କଷ୍ଟ ଥାଏ
ବାର୍ଦ୍ଧକ୍ୟ ଜୀବନେ ସେବା ପାଇଁ ପୁଣି
ଲୋଡା ଥାଏ ସାଥି ଟିଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହାର ଜୀବନେ ସାଙ୍ଗଟି ନ ଥାଏ
ନିଃସଙ୍ଗ ଜୀବନ ସିଏ
ଏମିତି ଜୀବନ କେତେ ଯେଷ ବିଧାତା
କପାଳରେ ଲେଖି ଥାଏ ।

ଜୀବଜନ୍ତୁ ଦେଖ ପଶୁପକ୍ଷୀ ଆଦି
କୀଟ ଠାରୁ ବ୍ରହ୍ମ ଯାଏ
ନିଃସଙ୍ଗ ଜୀବନ ଯିଏ ବିତେଇଛି
କଷ୍ଟ ଟି ପାଇଛି ସିଏ ।

ମଣିଷ ଅଟଇ ସାମାଜିକ ପ୍ରାଣୀ
ସାଙ୍ଗ ତାର ରହି ଥାଏ
ଯୁଆଡେ ଗଲେ ବି ସାଙ୍ଗ ସାଥି ନେଇ
ଖୁସିରେ ରହଇ ସିଏ ।

ଧନ ଯଉବନ କ୍ଷଣସ୍ଥାୟୀ ଅଟେ
ଚିର ରହେ ନାହିଁ ସିଏ
ଶେଷ ସମୟରେ ନିଃସଙ୍ଗ ଜୀବନ
ବଡ କଷ୍ଟ ଦେଇଥାଏ ।

ସେ କଷ୍ଟୁ ଲାଘବ ହେବା ପାଇଁ ତାର
ସାଥିଟିଏ ଲୋଡା ଥାଏ
ଶେଷ ସମୟରେ ସେଇ ସାଥି ପୁଣି
ନା ସଙ୍ଗରେ ତାର ଯାଏ ।

ଆସିଛି ନିଃସଙ୍ଗ ଯିବ ବି ନିଃସଙ୍ଗ
ନିଃସଙ୍ଗ ଜୀବନ ଇଏ
ନିଃସଙ୍ଗରେ ରହି ନିଃସଙ୍ଗର ସ୍ମୃତି
ସିଏ ତ ସାଉଁଟି ଥାଏ ।

ଜକା, ଢେଙ୍କାନାଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଃସଙ୍ଗ ଜୀବନ



ସୁବାସ ଚନ୍ଦ୍ର
ତାରିଣୀ

କରୁଣାକରଙ୍କ କରୁଣା ସାଥିରେ
ଚାଲୁଥିଲି ଗତି ପଥେ,
କୃପାମୟ ହରି ମୋତେ କୃପାକରି
ଦେଖାଇ ଉଚିତ ପଥେ ।

ଥିଲା ପରିବାର ପିତା ମାତା ମୋର
ସନ୍ତାନ ସନ୍ତତି ସାଥେ ,
ଆଜି ମୁଁ ନିସଙ୍ଗ  କେହି ନାହିଁ ସାଙ୍ଗ
ଏକାକୀ ଜୀବନ ପଥେ ।

କର୍ମକୁ ଆଦରି ଚାଲେ ଥିରି ଥିରି
କିଏ ଡାକେ ଥରେ ଥରେ ,
ବ୍ୟସ୍ତ ହୁଅନାହିଁ ଥକି ଯାଅନାହିଁ
ମୁଁ ଅଛି ତୁମ ପଥରେ ।

ଖୋଜେ ଏଣେ ତେଣେ  ଦେଖେନି ମୁଁ ଜଣେ
ସାଥେ ମୋର କେହି ଅଛି ,
ନାହିଁ ପ୍ରିୟ ଜନ କେହି ମୋ ସନ୍ତାନ
ଆଶ୍ୱାସନା ମିଳୁଅଛି ।

ଅବଶ ଶରୀର ମନ ଚଇତନ୍ୟ
ଚାଲୁ ଚାଲୁ ଝୁଣ୍ଟି ଯାଏ,
ସେ ଅଦୃଶ୍ୟ ଶକ୍ତି  ଦିଏ ସେ ଶକତି
ରାସ୍ତାରୁ ଉଠାଇ ଦିଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଦୃଶ୍ୟ ଚେତନା ରୂପେ ନିରୂପମା
ଆସ୍ୱାଦି ତୋଷିଛି ପ୍ରାଣ ,
ଅପଲକ ନେତ୍ର ଚାହିଁଲା ବେଳେ ସେ
କାହିଁ ହୁଏ ଅନ୍ତର୍ଦ୍ଧାନ

ମରୁ ମରିଚିକା ଶୂନ୍ୟ ଗଛ ଲତା
ନାହାଁ ଏଠି ଜଳ ସ୍ଥଳ,
ମରୁର ପଥିକ ପାଏ ନିର ଢୋକ
ପାଏ କିଛି ଖାଦ୍ୟ ଫଳ ।

ସେହି ମୋ ଠାକୁର ମୋ ସାଥେ ଅଛନ୍ତି
ନିଶ୍ୱାସ ପ୍ରଶ୍ୱାସ ମୋର ,
ମୋ ହୃଦ କମ୍ପନ କହେ ପ୍ରତିକ୍ଷଣ
ଅଛି ସାଥେ ମୁଁହି ତୋର ।

କେତେ ଦିନ ଆଉ ଏମିତି ଚାଲିବି
ଭାବିଲେ ଚେତନା ହଜେ ,
ସଚେତନ କରି କହେ ଥିରି ଥିରି
ଅଦୃଶ୍ୟ ଠାକୁର ଭଜେ ।

ବିଭୁ ଆଶ୍ରାକରି ସୁକର୍ମ ଆଦରି
ସ୍ନେହ ଶ୍ରଦ୍ଧା ମନେ ଭରି,
ମହତ କର୍ମରେ ଚାଲେ ଧିରେ ଧିରେ
ଜୀବନଟା ଯିବ ସରି ।

ଭାବିନି ନିଷଙ୍ଗ ଅଛି ମୋର ସାଙ୍ଗ
ଆସିଥିଲେ ମୋର ସାଥେ ,
ସାରା ଜୀବନଟା ମୋ ସଙ୍ଗେ ରହିଛି
ଗଲାବେଳେ ଯିବ ସାଥେ ।

ବ୍ୟର୍ଥ ମନୋରଥ କାହିଁକି ହେଉଛି
ଭାଙ୍ଗିପଡି ନିଜେ ନିଜେ ,
ବିଶ୍ୱାସ ଜନ୍ମାଇ ଆଶ୍ୱାସନା ନେଇ
ଠାକୁରଙ୍କୁ ଡାକେ ନିଜେ ।

ତୁଳସୀପଲ୍ଲୀ, ଭଞ୍ଜନଗର
ଗଞ୍ଜାମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ହୁଅନ୍ତି କି ଶିଶୁଟିଏ



ବୀରେନ୍ଦ୍ର କୁମାର ସାହୁ

ହୁଅନ୍ତି କି ଶିଶୁଟିଏ
ମାଆର କୋଳରେ ଶୋଇବାର ସୁଖ
ନିତି ପାଉଥିବି ହାଏ..।(୧)

ଅବୁଝା ହୋଇଲେ ମୁହିଁ
ଘର ଲୋକ କେତେ ବୁଝାଇବେ ମୋତେ
ନାନା ଖୁସି କଥା କହି..।(୨)

ଖାଇବା ସମୟେ ମୁହିଁ
ଛୋଟ ଶିଶୁ ଭାବି ଖୁଆଇବା ପାଇଁ
କେତେ ଲୋକ ଥିବେ ଚାହିଁ..।(୩)

ଦେହ ପାଆ ହେଲେ ମୋର
ନ ଖାଇ ନ ପିଇ ସେବା କରୁଥିବେ
ଠାକୁରଙ୍କୁ ଯୋଡ଼ି କର..।(୪)

ଦୁଃଖ ନ ରହିବ ମୋର
ସାଙ୍ଗ ସାଥି ମେଳେ ଖେଳି ବୁଲୁଥିବି
ବୁଲି ବୁଲି ଘର ଘର..।(୫)

ମାମୁଁ ମାଇଁ ଅଜା ଆଇ
ଘରକୁ ଆସିଲେ କେତେ ଯେ ଆଣନ୍ତେ
ଖେଳନା ମୋହରି ପାଇଁ..।(୬)

ନିଦ ନ ଆସିଲେ ମୋତେ
ଅଜା ଆଇ ମାଆ ଗପ କହିଥାନ୍ତେ
ମୁଣ୍ଡକୁ ଆଉଁସି କେତେ..।(୭)


ପାପସରା, ଅନୁଗୋଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତାର ଜନ୍ମ



ଭାରତୀ ହୋତା

ଅନେକ କଥା ଲେଖେନି ଖବର କାଗଜ
ଯେମିତି
କଢ଼ଟିଏ ଫୁଲ ହୋଇ ଫୁଟିମହକିବା
ଚଢ଼େଇ ଛୁଆଟେ ତା ବସାରୁ ଖସି ପଡ଼ିବା
ହଡ଼ା ବଳଦର ଆତ୍ମଗ୍ଲାନି
ଭିଟା ମାଟି ଛାଡ଼ି ଗାଁର ବୁଢ଼ାଟିଏ
ମାନସିକ ଭାରସାମ୍ୟ ହରାଇବା ।

କିଛି କଥା ରହିଯାଏ ଆଢୁଆଳରେ
ବାଜି ହାରିଥିବା ମଣିଷ
ପୋଡିଯାଇଥିବା ମୁଁହର ନକ୍ସା
ଅବହେଳିତ ବୃଦ୍ଧ ବୟସର ନିଃସଙ୍ଗତା
ବିଧବାର ଉଦାସ ଅପରାହ୍ନ
ପୁଣି କେଉଁଠି ହୃଦୟଟିଏ ନିଃଶବ୍ଦରେ
ଖଣ୍ଡ ଖଣ୍ଡ ହୋଇଯିବା କଥା।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେଠି ଲେଖା ହୁଏ ନି

ଉଜୁଡ଼ି ଯାଉଥିବା ଗାଁ କଥା

ସମ୍ପର୍କ ଦିନୁଦିନ ବସ୍ତୁବାଦୀ ହେବା

ବେଦୀରୁ ଫେରି ଯାଉଥିବା ବରଯାତ୍ରୀ ପାଖେ

ପଣତ ପାତି କନ୍ୟା ପିତାମାତାର ଆତୁର ନିବେଦନ କଥା ।

ସେଠି ଲେଖା ହୁଏ ନି

ଅଦିନରେ କୋଇଲିର କୁଜନ

ଆମ୍ବ ଗଛରେ ବଉଳ

ପୁଣି କେଉଁଠି କଅଁଳ ସ୍ୱପ୍ନର ନୂଆ ଚାରା ଗଛକଥା

ଆଉ ସେଥିପାଇଁ ଲେଖା ହୁଏ କବିତା ।

ଖରିଆର ରୋଡ଼


ନୂଆପଡ଼ା

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ହୋଇପାରେନି ସେ କାହାଠି ଋଣୀ



ବିନୋଦିନୀ ଦାଶ

ଆଜୀବନ ସିଏ ଖାଲି ଦେଇଥାଏ
କେତେ ଦିଏ କେବେ ନଥାଏ ଗଣି
ପାଇବାର ଆଶା ରଖେ ନାହିଁ ବୋଲି
ହୋଇ ପାରେନି ସେ କାହାଠି ଋଣୀ ।

ଅସୀମ ତ୍ୟାଗର ଅଧିକାରୀ ସିଏ
ନିଃସ୍ୱାର୍ଥପର ସେବାରେ ଧ୍ୟାନ
ତାହା ପରି କିଏ ନାହିଁ ସଂସାରରେ
ସକଳ ଜୀବର ପ୍ରତିପୋଷଣ ।

ରୂପଛଟା ମେଲି ହସାଏ ପ୍ରକୃତି
ହରଇ ମନକୁ ଶୀତଳ ବାତ
ଦେହ ବାସ ଫୁଲ ବିଞ୍ଚଇ ମହକ
କୀଟଠୁ ମାନବ ଆକରଷିତ ।

ବାସ ବାସ ଖାଦ୍ୟ ନାନାଦି ଔଷଧ
ଜାଳେଣି ଯୋଗାଇଥାଏ ମାନବ
ଜୀବ ଥିବାଯାଏ ଅମ୍ଳଜାନ ଦିଏ
ବିଷାକ୍ତ ବାଷ୍ପର ଶୋଷଣେ ଶୁଭ ।

ରଖିପାରେ ପରିବେଶ ଭାରସାମ୍ୟ
ସେହି ଏକା ଜୀବଜଗତ ମଧ୍ୟେ
ତା' ପାଇଁ ବରଷା ଆସଇ ଅବନୀ
ପ୍ରତି ଜୀବ ନିଜ କରମ ସାଧେ ।

ଏତେ ଉପକାର କରେ ଯେ ଧରାର
ସିଏ ଦେବତାଙ୍କ ସହ ସମାନ
ରହି ଆମ ସାଥେ ଆଶୀର୍ବାଦ ହାତେ
କରୁଥାଏ ସର୍ବଦା ବରଦାନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିନ୍ଦୂରା ଫାଟିଲେ ଆଖି ମେଲିଦେଲେ
ତା' ସାଥେ ଆମର ମହାମିଳନ
ବନ୍ଧୁଟିଏ ଭାବି ଯେବେ ତୋଷୁଥିବା
ସୁଖ ସମ୍ପଦରେ କଟିବ ଦିନ ।

ଖୁସିକୁ କୋଳେଇ ଥିବା ଆମେ ମହୀ
ଲାଗିବା ଯେବେ ତା' ବଂଶ ବିସ୍ତାରେ
କଲେ ତାକୁ ଧ୍ୱଂସ ଯିବା ଆମେ ନାଶ
ସକଳେ ଏକଥା ରଖ ମନରେ ।

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ବଞ୍ଚିବି



କିରନ୍ ସ୍ୱାଇଁ

ଦୁଇଟି ପଥର ସନ୍ଧି ଭିତରେ
ଯେତେ ଚାପି ହେଲେ ମଧ୍ୟ
ସେ ଦୁଇ ପତର ମୁହାଁ ହୋଇ
ଉଠୁଥିବା ଲଟା ପରି
ମୁଁ ବଞ୍ଚିବି ।

ସବୁ ପ୍ରତିକୂଳତାରେ
ସମୟର ତୋଫାନ୍ ସହ
ସାଲିସ୍ କରି
ମୋ ଅଧିକାର ଛଡ଼ାଇ
ମୁଁ ବଞ୍ଚିବି ।

ଜୀବନର ସ୍ୱଳ୍ପତାରେ
ପାଲଟି ଯିବି ପଛେ
ଝରା ଶେଫାଳିର ଶବ ଓ
କରକାର ଅବଶେଷ,
ତଥାପି...
ସେ କ୍ଷଣିକ ସ୍ୱାଭିମାନୀ ମୁହୂର୍ତ୍ତରେ
ମୁଁ ବଞ୍ଚିବି ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନନ୍ତ ପ୍ରେମ



ବିଶ୍ୱରଞ୍ଜନ ମହାନ୍ତି

ପରଜାପତି ମୁଁ ପରଜାପତି
ଛୁଅନା ମୋତେ ମୁଁ ତରକା ଅତି।
ସୁନ୍ଦର ମୋର ପର
ବଗିଚାରେ ମୋର ଘର।
ଫୁଲରୁ ଫୁଲ ଉଡ଼ିବୁଲେ ମୁଁ
ଖାଇବା ପାଇଁ ମହୁ
ସଂବାଳୁଆ ମୋ ପୂର୍ବ ଅବସ୍ଥା
ସେ ଜୀବନ ବି ସହୁ।

ମହୁମାଛି ମୁଁ ମହୁମାଛି
ମୋ ପରି କର୍ମଠ କିଏସେ ଅଛି ?
ସାଥୀଙ୍କ ମେଳରେ ଯାଏ
ଗୁଣୁ ଗୁଣଉ ଥାଏ
ଫୁଲରୁ ଫୁଲ ଉଡ଼ିବୁଲେ ମୁଁ
ନେବା ପାଇଁ ମହୁ
ସଞ୍ଚିତ ଧନ ମୋ ଲୁଟି ନିଅନ୍ତି
ସେ କଷଣ ବି ସହୁ।

କଳା ଭଅଁର ମୁଁ କଳା ଭଅଁର
ମୋ ପରି ପ୍ରେମିକ ଅଛି କାହାର ?
ଅନନ୍ତ ମୋର ପ୍ରେମ
ନାହିଁ ମୋର ଅନ୍ୟ କାମ।
ଫୁଲର ରଙ୍ଗେ ଫୁଲର ଗନ୍ଧେ
ଭୁଲି ଯାଏ ମୁଁ ମହୁ
ଫୁଲ ପାଖୁଡ଼ାର କାରାଗାରେ ବନ୍ଦ
ବନ୍ଦୀ ଜୀବନ ବି ସହୁ।

ପ୍ରଜାପତି ଠାରୁ ଏତିକି ଶିଖହେ
ରୂପର ନ କର ଗରବ।
ମହୁମାଛି ଠାରୁ ଏତିକି ଶିଖହେ
ସଞ୍ଚୟ ନ କର ଦରବ।
କଳା ଭଅଁରଠୁ ଏତିକି ଶିଖହେ
ପ୍ରେମରୁତୁ ଏକ ପରବ।

ଚାଟାର୍ଡ୍ ଆକାଉଣ୍ଟାଣ୍ଟ,
କ୍ୱାର୍ଟର୍ : ୫ଆର୍୫, ଓୟୁଏଟି କଲୋନୀ
ୟୁନିଟ୍ - ୮, ଭୁବନେଶ୍ୱର ୯୩୩୭୧୨୪୯୧୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜନ୍ମ ଓ ମୃତ୍ୟୁ



ଡଃ ମନୋରଞ୍ଜନ
ବିଷୋୟୀ

ମୁଁ ନିଶ୍ଚୟ ଜନ୍ମ ହୋଇଥିଲି
ମୋ ମାଆର ଗର୍ଭକୁ ବିଦାରୀ
ଯେଉଁଦିନ ବାହାରର ଆଲୁଅ ଦେଖିଲି
ସେଦିନ ଏ ଧରାବକ୍ଷେ
ଅମାବାସ୍ୟା ନିଶ୍ଚେ ହୋଇଥିଲା ।
କଳା ଶାଢ଼ୀ କ୍ଷୀଣ ଅଙ୍ଗେ ନାଇ
ବୋଧହୁଏ ଏ ଧରଣୀରାଣୀ
ଚୁପ୍‌ଚାପ୍ ଆଖି ବୁଜିଥିଲା ।
ମୋର ମୃତ୍ୟୁ ଦିନ ନିଶ୍ଚୟ
ଏ ଧରାରେ ପୂର୍ଣ୍ଣିମା ହୋଇବ
ଲହରୀର ଗଭୀର ନିଃସ୍ୱନ
ମନେ ମନେ ସ୍ୱର ତୋଳୁଥିବ ।
ସେଦିନ ବସନ୍ତ ବର୍ଣ୍ଣ
ଶାଢ଼ୀ ପିନ୍ଧି ଏ ଧରଣୀରାଣୀ
ହସି ହସି ବେଦମ ହୋଇବ ।
ସେତେବେଳେ ମୋ ଘଡ଼ିରେ
ହୋଇଥିବ ରାତି ବାର ଅବା କିଛି ବେଶି
ଦୂରରୁ ମନ୍ଦିରର ଘଣ୍ଟଧ୍ୱନି
ସ୍ୱରକୁ ମୁଁ ସଫା ଶୁଣୁଥିବି ।
ତା' ପରଦିନ ପିଲାମାନେ
ସ୍କୁଲ ଗଲାବେଳେ
ଚୁପ୍‌ଚାପ୍ କଥା ହେଉଥିବେ
କାଲିର ସେ ତୋଫା ଜହ୍ନ ବକ୍ଷେ
କ'ଣ ପାଇଁ କଳାଦାଗ ଥିଲା
ବୋଧହୁଏ ତା' ପାପର ପ୍ରତିଫଳ ପାଇଁ
ତାକୁ ସେଇ ଶାପ ହିଁ ମିଳିଲା ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୦୪୦୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବେସାହାରା ମୁଁ ଯେ...



ତୃପ୍ତିମୟୀ ଭୋକ୍ତା

ଅଶୀ ବରଷୀୟ ବୁଢୀଟିଏ ମୁଁ ଯେ
ସାହାରା ତ ନାହିଁ କେହି

ତଡିଦେଲେ ଯେବେ ପୁଅ ବୋହୂ ମୋତେ
ଝୁମ୍ପୁଡି ରେ ଅଛି ରହି

ଭୋକରେ ମୋ ପେଟ ଆଉଟୁ ପାଉଟୁ
ଆଖିରୁ ମୋ ଲୁହ ଝରେ

କୁଷ୍ଠ ରୋଗୀ ବୋଲି ଘୃଣା କଲେ ମୋତେ
ଛୁଇଁଲେ ନାହିଁଟି ଆଉ

ମୁଠାଏ ଖାଦ୍ୟ ବି ମିଲୁନାହିଁ ମୋତେ
କେମିତି କାଟିବି ଦିନ

ଏ କି ଦୁଃଖ ପ୍ରଭୁ ମୋ ଉପରେ ଦେଲ
ସାଧିଲ କଷଣ ଦାଉ

ଆହେ ଚକାଆଖି ଏତିକି ଗୁହାରି
ତୁମ ପାଦ ତଳେ ଦିଅ ସ୍ଥାନ

ଗାଁ ଲୋକେ ମୋତେ ବାସନ୍ଦ କରିଲେ
ନିଆଁ ପାଣି ମନା କଲେ

ତୁମରି ନାମକୁ ଜପି ଜପି ମୁହିଁ
ଚାଲିଯାଉ ଏ ଜୀବନ. . .

ବଉଦରାଜ, ଓଡ଼ିଶା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅବୁଝା



ଅମୃତନାରାୟଣ
ଶତପଥୀ

ଅବୁଝା କାହିଁକି ହୁଅଇ ମନୁଷ୍ୟ ଏ ଦେଖି ସଂସାରରେ ଲାଗଇ ଡର,
କାହା ଠାରୁ ପଦେ ଉଚିତ କଥା ଶୁଣିବାକୁ ନାହିଁ କାହାକୁ ତର।(୧)
ଭାବନ୍ତି ଉନ୍ନତି ହେବ ପୁଣି କର୍ମ କଲେ ଠକି କର୍ତ୍ତବ୍ୟ ତରତର,
ଜାଣି ଯେ ନଥାନ୍ତି ଏହା ଅଟେ ଯାହା ଧର୍ମକୁ ଆଖି ଠାର।(୩)
ବୁଝାଇବାକୁ କେ କିଛି ଯେ କହିଲେ କୁହନ୍ତି ତ ପ୍ରବଚନ,
ଅବା ଛିଗୁଲିଆ କଥା କହି ପୁଣି ହସନ୍ତି ମନକୁ ମନ।(୪)
ଭାବନ୍ତି ସର୍ବଦା ନିଜ କ୍ଷମତା ଠୁ କମ୍ ପାଇଛନ୍ତି ଫଳ,
କିନ୍ତୁ ଜାଣନ୍ତିନି ସଂସାରେ ଯାହା ମିଳେ ଅନ୍ୟକୁ ତାହା ବିରଳ।(୫)
ସନ୍ତୁଷ୍ଟ ହେବା ଯେ ଶିଖିବା ପାଇଁକି କରନ୍ତି ନାହିଁ ଯେ ଚେଷ୍ଟା,
ନିଜ ସ୍ଥାନେ କେବେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ନକରି ନିଷ୍ଠା।(୬)
ଅନିଶ୍ଚିତତାର ପଛେ ପଛେ ଧାଇଁ ନିଶ୍ଚିତତାରୁ ମୁହଁ ମୋଡ଼ି,
ନିଜେ ନିଜେ ନିଜ ଭବିଷ୍ୟତ ଟିକୁ ଦିଅନ୍ତି ପୁଣି ବିଗାଡି।(୭)
ଚହଟ ଚିକ୍କଣ ହେବାକୁ ଚାହିଁ ବି ଧାନ ରୂପରେ ଅଗାଡି,
ଚିନ୍ତାରେ ଚିନ୍ତାରେ ରହି ଜୀବନକୁ ପାରନ୍ତି ନାହିଁ ସଜାଡି।(୮)
ଜାଣି ପାରନ୍ତିନି ସଂସାର ସତ୍ୟତା ସନ୍ତୋଷ,ନିରୋଗ,ସରଳତାର ଗତି,
ଅସନ୍ତୁଷ୍ଟ ପୁଣି ରହିଲେ ସର୍ବଦା ମିଳିବନି କେବେ ମୁକ୍ତି।(୯)
କଳିଯୁଗ ଆଜ୍ଞା ଅବୁଝା ପଣ୍ଡିତଙ୍କୁ ପାରିବା ନାହିଁ ବୁଝାଇ,
ଦିବ୍ୟଜ୍ଞାନ ଯିଏ ପାଇଯାଏ ସିଏ ମୌନ ଯେ କରିଥାଇ।(୧୦)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଞ୍ଚ ଋଣ



ଦଣ୍ଡାସି ପ୍ରଧାନ

ପ୍ରଜ୍ଞାନ ପୁରୁଷ ପ୍ରକୃତି ପ୍ରଦତ୍ତେ
ପିତାମାତା ପ୍ରଣିଧାନ ,
ପଞ୍ଚ ମହାଭୂତ ପ୍ରଯତ୍ନ ପ୍ରାଚୁର୍ଯ୍ୟେ
ଉତରିଛି ଏ ଜୀବନ ।।
ବିବିଧ ବୈଭବ ସୌଭାଗ୍ୟ ଭଣ୍ଡାର
ସ୍ୱାଚ୍ଛନ୍ଦ୍ୟ ସେବାର ସ୍ରୋତ
ପରିପୁଷ୍ଟ ପୂର୍ଣ୍ଣ ବର୍ଣ୍ଣାଶ୍ରମ କ୍ରମେ
ମୁଁ ସନାତନୀ ଋଣଗ୍ରସ୍ତ ।।
ଦେବ, ପିତୃ, ଋଷି, ମନୁଷ୍ୟ, ଭୂତର
ମାଥେଇ ମୁଁ ପଞ୍ଚ ଋଣ
ସାମଗ୍ରିକ ଭାବେ ଗଦାଏ ଋଣରେ
ଅନ୍ୱେଷଣେ ପରିତ୍ରାଣ ।।
ଅପାର କଷଣ ଯନ୍ତ୍ରଣା ବୋଝେଇ
ଜୀବନ ନଉକା ଭାସେ
ବୁଦ୍ଧି ପାଉନାହଁ ପରିଶୋଧ ଚିନ୍ତି
ଦିବା ନିଶି ଅଙ୍କ କଷେ ।।

ଆହାର ମୁଠାଏ ଯୋଗାଡିବା ଦିନ
ମୋ ନଗ୍ନ ମଣିଷ ଜାତି
ପଥର ଗୁମ୍ଫାର କୋରଡ ଗୋହିର
ବୃକ୍ଷଚର ଶୀତ ତାତି ।।
ଆବର୍ତ୍ତନ ଧାରା ବିବର୍ତ୍ତନ ଧର୍ମେ
ବ୍ରହ୍ମାଣ୍ଡେ ଉଡାଇ ଧ୍ୱଜା
ଯନ୍ତ୍ରଣା ଜୀବନେ ଭରିଛି ଆନନ୍ଦ
ବିଜ୍ଞାନ ବଜାଏ ବାଜା ।।
ଭିନ୍ନ ପରିବେଶ ଭିନ୍ନ ଭିନ୍ନ ମତ
ଚୈତନ୍ୟ ଚେତନ ଧରି
ସାହିତ୍ୟ ସଭ୍ୟତା ବିଜ୍ଞାନ ଦର୍ଶନ
ଗତିଶୀଳ ଅନୁସରି ।।
ସବୁଠି ଦେଖିଛି ଆଦ୍ୟାନ୍ତ ଅଭିନ୍ନ
ଶ୍ରଦ୍ଧା ବିଶ୍ୱାସ କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନନ୍ୟ ଚିନ୍ତନ       ବେଦାନ୍ତ ଦର୍ଶନ
    ସନାତନେ  ସବୁକିଛି ।।
ପଞ୍ଚ ଋଣ ଜ୍ଞାନ       ବିମଳ ବିଜ୍ଞାନ
    ଶ୍ରୀମୁଖ ନିସୃତ ବାଣୀ
ଅଖଣ୍ଡ ଭାରତେ     ଗୀତା ଭାଗବତେ
    ଗୁରୁ ପରମ୍ପରା ଘେନି ।।
ଆସିବା ଫେରିବା   ଶ୍ରେୟଃକଳ୍ପ  ଜୀବ
    ଅନାଦି ଅନନ୍ତ ଯାତ୍ରା
ସର୍ବଗୁଣ ପଣେ      ମହତ ମଣିଷ
    ଧନ୍ୟ  ମୁଁ ଜଗତ ଜିତା ।।
ଆଧୁନିକ ଆଳେ   ଶାଶ୍ୱତ ସଂସୃତି
    ଭୋଗର ଭୋଳରେ ଭୁଲି
ଆମନ୍ତ୍ରଣେ ରତ   ପ୍ରମତ୍ତ ପ୍ରମାଦେ
    ଧ୍ୱଂସର ସ୍ତୁପ କୁ ମେଲି ।।
ସୁମନ ଶୃଙ୍ଖଳା     ସଂସ୍କାରିତ ଧାରା
    ଆପଣାଅ ମନା ନାହିଁ
ଧ୍ୟେୟ ହେଉ ଶ୍ରେୟ     ବୁଦ୍ଧିଯୋଗ ଯୁକ୍ତେ
    ଋଣ ମୁକ୍ତ ପ୍ରାଣ ଲିହି ।।

ସନାତନୀ ଅଟେ       ବୈଧାନିକ ଧାରା
    ଜଗତ ହିତେ  ମଙ୍ଗଳ
ମହା ଜାଗତିକ       ଶକ୍ତି  ସନ୍ତୋଳନେ
    ହସିବ ମହୀ ସକଳ ।।
ଥରେ ଭାବି ଦେଖ    ନିଦାରୁଣ ପଣେ
    କେଉଁଠି ଥୋଇଛ ପାଦ
ପ୍ରଭଞ୍ଜନ ପ୍ରୀତି    ପୟୋଧର ଗତି
    ସୃରୁଜ ସାଗର ନାଦ ।।
ସାଇତି ଯତନେ    ଜାତି ଜାତି ଫଳ
    ପଠା ପ୍ରାନ୍ତର ଅରଣ୍ୟ
ଉପଭୋକ୍ତା ଧର୍ମେ    କୃତଜ୍ଞତା ଅର୍ଘ୍ୟ
    ଅର୍ପିଚାଲ ଅନୁକ୍ଷଣ  ।।
ଦେବ, ଗୁରୁଜନ       ମାତୃପିତୃ ସେବା
    ମାଟି, ପାଣି ଓ ପବନ
ନର, ବୃକ୍ଷପ୍ରେମ     ନାରାୟଣ ସମ
    ବ୍ରହ୍ମଜ୍ଞାନ ସନାତନ ।।

ସାହିତ୍ୟ ସମ୍ପାଦକ ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,
ପାତ୍ରପୁର ଗଞ୍ଜାମ  ଭ୍ରାମ୍ୟଭାଷ :  ୮୭୬୦୧୯୪୯୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଚର୍ଚ୍ଚା



ଶ୍ରୀକ୍ଷେତ୍ର ସୁନ୍ଦର

ମନେଅଛି ତମ ନାଁକୁ ମୋ ନାଁରେ ଯୋଡ଼ି ସେଦିନ ଚର୍ଚ୍ଚା ହେଲା

ଆମ ଭିତରକୁ କିଏ ଧସେଇ ପଶି ଆସି

ଆମ ଅଜାଣତରେ ଆମକୁ ଭିନେ କରିଦେଲା

ତମେ ତ ତହିଁ ଆର ଦିନୁ ମୁହଁ ପୋତି ବାଟ ଚାଲି ନିଷ୍କଳଙ୍କ ହେଲ

ଆଉ ମୁଁ ଏକା ଅପରାଧୀ କାଠଗଡାକୁ ଭିଡା ହୋଇ ଆସିଲି

ଋତୁ ପରି ସବୁ ବଦଳିଗଲା

ଈର୍ଷାର ନିଆଁରେ ସବୁ ଜଳିଗଲା

ମୋ ଲୁହ ଛିଞ୍ଚି ମୁଁ ସ୍ମୃତି ଅସ୍ଥି ସାଉଁଟିଛି

ଜାଣେନା ସେ ଗଙ୍ଗାରେ ମିଶିବକି ନାହିଁ

ହେଲେ ଏତିକି ମୁଁ ଜାଣେ

ତମେ ଆମ ଅତୀତକୁ ଛାତି ତଳେ ସମାଧି ଦେଇଥିବ

ମୋ ହାତ ରକ୍ତ ଗୋଲାପ ଗୁଚ୍ଛକୁ ଆଜିବି ଝୁରୁଥିବ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ,ବରଗଡ

ମୋ ୯୦୯୦୨୭୭୮୦୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ କହୁଥିଲା



ସାଇଶ୍ରୀ ସୌମିତ୍ରୀ
ହରପ୍ରସାଦ

ମା କହୁଥିଲା ଝିଅଲୋ
ଏଇ ଘରେ ତୁ ତ ରାଜଜେମା
ତୋ ଅଳି-ଅରଦଳୀ,ରାଗ-ରୁଷା
ମାନ-ଅଭିମାନ ସବୁକିଛି
ଏ ଅଗଣାର ଫୁଲପରି
ଚହଟିଯାଏ ମହକିଯାଏ ।
ଖୁସି ସବୁ ସାଉଁଟି
ତୋ ହାତ ପାପୁଲିରେ
ଜହ୍ନ ତୋଳିଲା ପରି
ତୋଳି ଦଉ ସମୟ
ଚଲାପଥରେ ତୋ ଝରିପଡୁ
ଅସରନ୍ତି କୁସୁମ
ଓଠ ତଳେ ଘର କରୁ ହସ
ଆନନ୍ଦର ମିଠା ମହକରେ
ମହକିଉଠୁ ତୋ ଘର ।
ଗୋଟିଏ ରାତିର ଅବଧି
ଟୋପାଏ ସିନ୍ଦୂର ଅବା
ଦୁଇପଦ ଶଙ୍ଖାର ପରିଧିରେ
ବାନ୍ଧି ହୋଇଯାଏ ଜୀବନ
ପର ହୋଇଯାଆନ୍ତି
ଜନ୍ମ କଲା ମା-ବାପା
ମୁଣ୍ଡରେ ଓଢଣା ପଡିଲେ
ବଦଳିଯାଏ ସମ୍ପର୍କ
ମାନ-ଅଭିମାନ ଆଉ
ଅଳି-ଅରଦଳୀକୁ
ଆଣ୍ଟି କରି ମାରିଦେବାକୁ ହୁଏ
ସଂସ୍କାରର ଚକତଳେ।
ଅନ୍ୟର ଆବଶ୍ୟକତାକୁ
ପୂରଣ କରୁ କରୁ ବଳିଦେବାକୁ ହୁଏ
ନିଜର ଅସ୍ତିତ୍ୱକୁ
ମୁଁ ପଚାରିଲି ମାଆକୁ
ଯଦି ଅସ୍ତିତ୍ୱ ନାହିଁ ମୋର
ସେ ଘର ମୋ'ଘର ହେଲା କେମିତି ?

ରାୟପୁର, ଛତିଶଗଡ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କ ରଖ ନାହିଁ



ଆଶୁତୋଷ
ଦେବୀପ୍ରସାଦ ରାଉତ

ଏ ସଂସାର ତପ୍ତବାଲୁକର ମରୁ ବାଲିରେ
ହୁ ହୁ ତତଲା ସମୀରରେ ,
ସତେ ଯେପରି ଜୀବନଟା ନିଶବ୍ଦ,
ପରାଣ ଯେପରି ଟାଙ୍ଗରା ଭୁଇଁରେ ,
ଖୁମ୍ବ ଭଳି ଦଣ୍ଡାୟମାନ ଥୁଣ୍ଟା ବୃକ୍ଷ ସଦୃଶ ।

ସମ୍ପର୍କର କ'ଣ କିଛି ମୂଲ୍ୟବୋଧ ନାହିଁ,
ପ୍ରତିବିମ୍ବ ହୀନ କ'ଣ ଏ ବ୍ରହ୍ମାଣ୍ଡଟା
ସମଗ୍ର ମାନବ ଜାତିଟା କ'ଣ ?
ଗୋଟିଏ ସରଳ ରେଖାରେ ଅଙ୍କିତ ।

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
ନବ ପଲ୍ଲବିତ କଅଁଳ ପତ୍ରକୁ ,
ବିଷଦେଇ ମାରୁଥିବା ସେ ଦାନବ ସହ ।
ସୁନ୍ଦର ଏ ମାନବ ଜୀବନରେ ବଞ୍ଚିବାର ଆଶା,
ଛୋଟ ଛୋଟ ଆଶାକୁ ପୟରେ ଦଳିଦେବା
ଯେପରି ବୈଶାଖର ଝାଞ୍ଜି ଖରା ସଦୃଶ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
ଯେ ବୁଝିଛି କେବଳ ଅର୍ଥର ପରିଭାଷା,
ଯେ ଜାଣିଛି ସମ୍ପର୍କ କେବଳ ଅର୍ଥର ବଶତା,
ଅର୍ଥ ପାଇଁ କାହା ଜୀବନକୁ ନଷ୍ଟ କରିବା
ଅର୍ଥ ହରିଲେ ଟାଙ୍ଗରା ମୁଣ୍ଡରେ ଠେଙ୍ଗା ଦେବା ।

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
ଯିଏ ବୁଝିନି ଦୁଃଖ ପାଉଥିବା ,
ସେ ଦରଦୀ ହୃଦୟର ବେଦନା
ବୁଝେନି ସେ ଉଦୁ ଉଦିଆ ଖରାବେଳେ
ନିଛାଟିଆ ପଥରେ ଦୂରରୁ ଦିଶୁଥିବା ମରୀଚିକା ।

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
ଯେ ବୁଝିପାରେନା ଜୀବନର ମୂଲ୍ୟବୋଧ ,
ଭୁଲିଯାଇଛି ଯେ ତା ସହ ଅତୀତରେ
ଘଟିଥିବା ସେ ସୁଖଦ ମୁହୂର୍ତ୍ତ ସମ୍ପର୍କ।

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
ସ୍ୱାର୍ଥ ପାଇଁ ଭଲ ପାଇବାର ଅଭିନୟ,
କରୁଥିବା ସେ ଲମ୍ପଟ ମାନବ ସହ ,
ଭୁଲିଯାଏ ଯେ ସ୍ନେହ, ମମତା, ମାନବିକତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
ମୁହଁ ରେ ମିଠା ବଚନ କହି ,
ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି,
ମାନସିକତା ରଖି ଥିବା ସେ ବ୍ୟକ୍ତି ବିଶେଷ ।

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
ସମ୍ମୁଖରେ ପ୍ରଶଂସା ର ପାତ୍ର କରି ,
ପଛରେ ଷଡଯନ୍ତ୍ର କରୁଥିବା ବ୍ୟକ୍ତି
ଚିତ୍ତ ରେ ଜିଗୀଷା ର ଇଛା ନା ପିପାସା ।

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
ଧର୍ମ ନିନ୍ଦା, ଶାସ୍ତ୍ର ନିନ୍ଦା, ଶିକ୍ଷା ନିନ୍ଦା,
ପ୍ରବଞ୍ଚକ କରି ବଞ୍ଚୁଥିବା ଅଧର୍ମୀ ସହ,
ସୁଖ ଦେଖି ଈର୍ଷାନ୍ୱିତ ହେବା ପ୍ରଳାପ ବ୍ୟକ୍ତି।
ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
ସ୍ନେହ, ଶ୍ରଦ୍ଧା ଭଲ ପାଇବାର ଅଭିନୟକରି ,
ଲୁଣ୍ଠନ ଆଉ ପ୍ରତାରଣା ଦେଉଥିବା,
ଅର୍ଥ ପାଇଁ ଚରିତ୍ର ବିକୁଥିବା ମଣିଷଟା ।

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେ ଜାଣିପାରେନା ଜୀବନରେ,
ସମ୍ମାନ ଆଉ ଅପମାନ ଶବ୍ଦର ଅର୍ଥ,
ବୁଝିପାରେନା ବାସ୍ତବିକତା ଚିରନ୍ତନ ସତ୍ୟ ,
ଅସତ୍ୟ କଥା କହି ଠକୁଥିବା ଲୋକଟା ।

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
କାର୍ଯ୍ୟ ହାସଲ ପାଇଁ କହୁଥିବା
ମାଧୁରୀ କହୁକି କଥା ସମୂହ,
ପରକ୍ରୀୟା ପ୍ରୀତିରେ ଲୁପ୍ତ ରକ୍ତ ପିପାସୁ।

ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ
ନୀଳବର୍ଣ୍ଣ ଶୃଗାଳ ସଦୃଶତା ବ୍ୟକ୍ତି
ଅନ୍ୟର ଧନ ସମ୍ପତି ଲୁଟେରା ବ୍ୟକ୍ତି ,
ଧାରସୁଧ ଲଗାଇ ଗରୀବର ତୃଷ୍ଣାରେ,
ସମ୍ପତି ହରି ଅଟ୍ଟାଳିକା କରିବା,
ମାନବ ମାଂସ ଖିଆ ଦାନବ ସହ।
ସମ୍ପର୍କ ରଖ ନାହିଁ, ସେମାନଙ୍କ ସହ ।

ଆଶୁତୋଷ ଦେବୀପ୍ରସାଦ ରାଉତ, ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ , ଚଣ୍ଡିଖୋଲ, ଯାଜପୁର
ମୋ : ୯୯୩୮୮୮୪୭୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଳୟେ ଶୁଭେ

ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଁଖୀ)

( ୧୦)

ଘରମନୀ ମୋର୍ କମଳିନୀ ଘରୁ ଦେଲି ଖେଦି

ଏତେ ଦୁଃଖେ ବଂଚିଛୁ ଲୋ ଲକ୍ଷ୍ମୀ ଗଲା ଭାଗି ।

ଦାସୀ କହେଲା କେନ୍ତା କଥା କହୁଛ ଗୁସେଇଁ

ମାହେଜି ବିନେ ମୁନୁସ କେଁ ଗରିବ୍ ହେସି କାହିଁ।

ହରି କହେଲେ କହୁଁଛେ ସୁନ ନାରୀ ଗୁନ୍ ଯେତେ

କିଏ ବଢାସି ଧନ୍ ସମ୍ପତ୍ତି ଲଖି ତାର୍ ହାତେ ।

କିଏ କର୍ସି ବଉଁଶ ବୁଡ଼ା ଅଲଖିମି ହେଇ

କିଏ କର୍ସି ଗରିବ୍ ଦୁଖୀ ସୁଖ ମିଳେ ନାଇଁ ।

ନାଇଁ ଯଦି ଜାନି ତମେ ବୁଝେଇ ଦେବେ ମାଲିକେନ୍

ଦାସୀକହେଲାଭୁକେଥିଲଠୁକ୍ ଲ ଥାଲେ ଇଛେନ୍ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର୍ ମାଲିକେନ୍ ନାଁ ତମେ କେନ୍ତା ପକେଇ ଦେଲ
ଡରି କରି କହୁଅଛନ୍ ଦେବ ହଲ ଧର ।
ଛୁଆ ବାଗିର୍ ଭାଇ ଟା ମୋର୍ କଥା ନାଇଁ ଜାନେ
ନାଇଁ କହେବ ମାଲିକେନ୍ କେ ହଏ ଗୋ ମା ତମେ।
ନାଇଁ ଡର ଦାଦା ବୋଲି ହସି ଦେଲେ କାହ୍ନା
ପଦ୍ମଲୟା ର୍ ଘର ଇଟା ମତେ ଗଲା ଜନା ।
ସତେ ଯଦି ତାଙ୍କର୍ ଘର୍ ଯା ଯା ରେ ଭାଇ
ଖେମା ମା ଗ୍ ବୁ ଚଂଚଲା କେ କହେଲେହଲସାଇଁ ।
ଯହିଁ ଇଛା ତହିଁ ଯିବ ନାଇଁ କରୁଁ ମନା
ବୁଝେଇ କରି କହ ତାକେ ଯା ରେ କଲା ସୁନା ।
ଆଜ୍ଞା ପାଇ ଦୀନବନ୍ଧୁ ଧୀରେ ଧୀରେ ଗଲେ
ଭିତର ବଖରା ଠାନେ ଲକ୍ଷ୍ମୀ କେ ଭେଟିଲେ ।
ପାନି ଆନି କମଳିନୀ ଧୁଇଲେ ହରି ର୍ ପାହା
ପାଦ୍ କା ପାଇ ପୂଜା କଲେ ମାଏଲେ ମୁଡ଼ିଆ ।
କହେଲେ ମତେ ଖେଦି ଥିଲ ଚଣ୍ଡାଲେନ୍ ବୋଲି
ଚଣ୍ଡାଲ୍ ଘରେ ଅରନ୍ ଆସି ଖାଏଲ କେନ୍ତା କରି ?
ଚଣ୍ଡାଲ୍ ବିଟାଲ୍ ହେଲ ତମେ ଦୁହି ଭାଇ ଯାକ
ଧିକ୍ ତମର୍ ବଡ଼ ପନ୍ କେ ଶହେ ଥର ଧିକ ।
ଏନ୍ତା ଭାବେ କେତେ କଥା ଲକ୍ଷ୍ମୀ ଧିକାର୍ କଲେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲା କାନୁ ସହି କରି କିଛି ନି କହେଲେ ।

ପଚାରି ଦେଲେ ଲକ୍ଷ୍ମୀ ଆହେ ଜାମୁଲା ଭଞ୍ଜନ

ମୋର୍ ନେ ତମର୍ କାଏଁ କାମ୍ ଭେଟୁଛ ମତେ ଇନ।

କହୁଅଛନ୍ ଜଗନାଥ ସୁନ ଗୋ କମଲା

ଅଭିମାନ ନାଇଁ କର ଯାହା ହେଲା ହେଲା ।

ନାଇଁ କହ ଆରୁ କିଛି ଯଉଁ ଜିମା ଘର

ବଡ଼ ହେଲେ କାଁ କର୍ମି  ଗରବ ଭାଙ୍ଗିଲ ।

ସଂସାର ନେ ସବୁଦିନେ ରଖିଗଲ ଯଶ

ଆମେ ଭିକ୍ ମାଗବା ର୍ ଟା ଜାନିଲା ଜଗତ ।

ଗୁରୁବାରେ ଯେ ବି ଇ କଥା କେ ସୁନିବା

ଜନମ ଜନମ ପାପ ସବୁ ସରି ଯିବା ।

କ୍ରମଶଃ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଣତନ୍ତ୍ର ଇହାଛିନ୍ ମୁର୍ଦାର୍ ଆଏ



ସୁନୀଲ କୁମାର ଅଗସ୍ତି

ପିଲା ବେଲର୍ ସେ ପାଠ୍ ପଢାର୍ ମୋଲ୍

ଯେନ୍ ନିତି ବିଜ୍ଞାନର୍ ନିଦାନେ

'ଲୋକର୍ ଦରବାର୍' ଠାଡ୍ ହେଇଥିଲା

ସେଟା ସତ୍ ଆଏ କି' କାଏଁ ଯେ ?

ନି'ସେ ତ',କାହିଁର୍ କଥା ଆଏ

ଆମକେ ପାଠ୍ ପଢଉ ମାନେ ହେନତା ଥିଁ

କଁଚା ମିଛ୍ ପରସି ଦେଇଥିଲେ,

ଆମର୍ ଦରବାର୍ ଆମେ ସାଁକାର୍

ଆମେ ବୀଜା ବୁନିଛୁଁ,ଫିରଭି

ଏତକିରି ଗୁଲଗୁଲା ? କାଁ' ଯେ ?

ନି' ସେ ନି' ସେ କେନ୍ କିସମେ

ଆମେ ଗୁରୁ ଜ୍ଞାନ୍ ପାଇଥିଲୁଁ ଯେ ପରଭୁ ?

ଏତକିରିକର୍ କଁଚା ମିଛୁଆ ?

ବୁଡି ମରସି ନ' ଆଁଠେ ପାନି ସିନେ

ସେଁରରା ମୋର୍ ମୁନୁଷ୍ ଜୀବନ୍,

କାଇଛେ ? କେନ୍ ଠାନେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଗଣତନ୍ତ୍ର'ର୍ ଆର୍ ଜୀବନ୍ ଅଛେ ଭାଏଲ୍ ?

ଇତାର୍ ନିନାଶ୍ କେନ୍ ଫାଲୁ ଯାଉଛେ ଆଉଛେ

'ମୁରଦାର୍' ଆଏ ବାଗିର୍ ଲାଗୁଛେ,

ଲାଗୁଛେ କାଏଁଟା,ଗମି ପାରଲେ ସିନେ

ଅବଗି ବାସି ବିନ୍ ଛିଡାର୍ ଗାଗର୍ ଆଏ

ହେଟା କେ' ତୋ ତମେ 'ମୁରଦାର୍' କହେସ ଗୋ,

ଖଦିଆ ଘିଚିକରି ଆର୍ କେଭେଁ ନର୍'ଦାବ

ବିନ୍ ଧଡିର୍ ଗାଗରର୍ ଛିଡାକେ ପରବାଏ ନି'

ତମର୍ ଠାବେନ୍ କୁକୁର୍ ମାକର୍ ଚାଁଟି ମକରା

ପଢ଼ି ସରାଲେ ନ' 'ଲୁଇ'

ଜୁନହାଁ ଫରଦର୍ ମୋଲ୍ ଆର୍ ନି'ନ ଅନ୍ ଜନେନ୍

ହୁସିଆର୍ ହୁସିଆର୍ ତେନ ଯାଇ

'ଗଣତନ୍ତ୍ର'ର୍ ଗାଗରେ ବଫୁ ଲେଁହେଁଟିବା,,

ଟିଟିଲାଗଡ଼, ବଲାଙ୍ଗୀର

ମୋ/୭୭୩୫୮ ୭୬୬୪୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନବରାତ୍ରର ନବମାତୃକା



ବିଶ୍ୱେଶ୍ୱର ମାଝୀ

ଆଶ୍ୱିନ କୃଷ୍ଣପକ୍ଷରେ ପିତୃପକ୍ଷ ପାଳନ ପରେ ଶୁକ୍ଳ ପକ୍ଷକୁ ମାତୃପକ୍ଷ ଭାବରେ ପାଳନ କରାଯାଏ । ପ୍ରତିପଦା ଠାରୁ ନବଦିନ ନବମାତୃକା ପୂଜନ, ଦଶମହାବିଦ୍ୟା ରୂପରେ ଦୁର୍ଗାପୂଜାର ଅଧିଷ୍ଠାନ ଏବଂ ଶେଷରେ କୁମାର ପୂର୍ଣ୍ଣମୀର ଲକ୍ଷ୍ମୀ ପୂଜା କରି ମାତୃଗଣଙ୍କୁ ଏହି ପକ୍ଷରେ ନିରାଜନା କରାଯାଏ । ବସନ୍ତ ଋତୁରେ ଚୈତ୍ର ଶୁକ୍ଳ ପ୍ରତିପଦ ଠାରୁ ନବମୀ ପର୍ଯ୍ୟନ୍ତ ବାସନ୍ତୀକ ଦୁର୍ଗୋତ୍ସବର ନବରାତ୍ର ଅନୁରୂପ ଭାବେ ପାଳନ କରାଯାଏ, ଯଦିଓ ଏହାର ଆଡମ୍ବର ଶାରଦୀୟ ଦୁର୍ଗୋତ୍ସବ ପରି ପରିଦୃଷ୍ଟ ହୁଏନାହିଁ । କାରଣ ଶାରଦୀୟ ଦୁର୍ଗା ଅଦିନରେ ଦେବ ଶୟନ ସମୟରେ ବିଶେଷ ଆବଶ୍ୟକତାରୁ ପୂଜିତା ଓ ଫଳପ୍ରଦ ହୋଇଥିବାରୁ ଲୋକପ୍ରିୟ ।

### ନବରାତ୍ରୀର ନବମାତୃକା ନିମ୍ନ ସ୍ୱରୂପରେ ପୂଜିତା:

ଶୈଳପୁତ୍ରୀ: ଆଦିଶକ୍ତିର ପ୍ରଥମ ସ୍ୱରୂପ ଶୈଳପୁତ୍ରୀଙ୍କ ଉପାସନା ସହ ନବରାତ୍ରର ଅମାରମ୍ଭ । ହିମାଳୟଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ଦେବୀ ତାଙ୍କର କନ୍ୟା ଭାବେ ଜନ୍ମ ନେଇଥିଲେ । ଏହିଦିନ ଭକ୍ତ ଓ ସାଧକ ନିଜର ମନକୁ ମୂଳାଧାର ଚକ୍ରରେ ଅବସ୍ଥାନ କରି ଉପାସନା କରିଥାନ୍ତି । ମାତୃ ଶକ୍ତିର ଏହା ଜନ୍ମ କାଳୀନ ଆଦ୍ୟ ସ୍ୱରୂପ ।

ବ୍ରହ୍ମଚାରିଣୀ: ବ୍ରହ୍ମଚାରିଣୀ ସ୍ୱରୂପରେ ନବରାତ୍ରର ଦ୍ୱିତୀୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିବସରେ ମାତା ଦୁର୍ଗାଙ୍କୁ ଭକ୍ତମାନେ ଉପାସନା କରିଥାନ୍ତି । ମା'ଙ୍କର ଅନ୍ୟ ଦୁଇନାମ ହେଲା ଅପର୍ଣ୍ଣା ଓ ଉମା । ଦେବୀଙ୍କ ଏହି ରୂପ ତପସ୍ୟାର ତେଜରେ ତେଜୋଦୀପ୍ତ ହୋଇଥାଏ । ତାଙ୍କ ଡାହାଣ ହାତରେ ମନ୍ତ୍ର ଜପାମାଳି ଓ ବାମ ହାତରେ କମଣ୍ଡଳୁ ଶୋଭାପାଏ । ଭକ୍ତ ନିଜ ମନକୁ ସ୍ୱାଧିଷ୍ଠାନ ଚକ୍ରରେ ଅବସ୍ଥାପିତ କରି ଆରାଧନା କରିଥାନ୍ତି । ଏହା ଯୌବନ ପ୍ରାପ୍ତ ନାରୀର ପତି ପ୍ରାପ୍ତି ନିମିତ୍ତ ସାଧନାର ସ୍ୱରୂପ ।

ଚନ୍ଦ୍ରଘଣ୍ଟା: ଚତୁର୍ଥ ନବରାତ୍ରରେ ଏହା ଦେବୀଙ୍କ ଉଗ୍ରରୂପ । ଦେବୀ ଦଶଭୁଜା ଓ ବ୍ୟାଘ୍ର ବା ସିଂହ ଉପରେ ବିରାଜମାନ । ଅନେକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତା ଦେବୀଙ୍କର ମୁଦ୍ରା ଯୁଦ୍ଧାଭିମୁଖୀ । ଉଗ୍ର ରୂପରେ ଘଣ୍ଟ ସ୍ୱନ ଜଗତକୁ ସଚେତନ କରିବା ପାଇଁ ଅଭିପ୍ରେତ ।

କୁଷ୍ମାଣ୍ଡା: ଚତୁର୍ଥ ନବରାତ୍ରର ପୂଜିତା ମାତା କୁଷ୍ମାଣ୍ଡା । ଏହି ରୂପରେ ଦେବୀ ଅଷ୍ଟଭୁଜା ଓ ହାତରେ କମଣ୍ଡଳୁ, ଧନୁ, କମଳ, ଅମୃତ କଳସ, ଚକ୍ର, ଗଦା ଓ ଜପାମାଳି ଧାରଣ କରିଥାନ୍ତି । ଗୋଲାକାର ବ୍ରହ୍ମାଣ୍ଡ ସ୍ୱରୂପ ଧାରଣ କରି ସନ୍ତାନ ସମ୍ଭବା ନାରୀ ଭାବରେ ସେ ପ୍ରକୀର୍ତ୍ତିତା । ଭକ୍ତ ନିଜ ମନକୁ ଅନାହତ ଚକ୍ରରେ ଅବସ୍ଥାପିତ କରି ଆରାଧନା କରିଥାନ୍ତି ।

ସ୍କନ୍ଦମାତା: ନବରାତ୍ର ପଞ୍ଚମ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ । କୁମାର କାର୍ତ୍ତିକେୟଙ୍କ ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା କୁହାଯାଏ । ଦେବୀ ଚତୁର୍ଭୁଜା ଓ ସିଂହ ଉପରେ ବିରାଜମାନ । ଏହି ରୂପରେ ମାତା ପୁତ୍ର ସ୍କନ୍ଦକୁ କୋଳରେ ବସାଇଥାନ୍ତି । ଏକ ସନ୍ତାନବତ୍ସଳା ମାତା ରୂପରେ ଦେବୀ ଆବିର୍ଭୂତା ।

କାତ୍ୟାୟିନୀ: ନବରାତ୍ରର ଷଷ୍ଠ ଦିବସରେ ଦେବୀଙ୍କୁ କାତ୍ୟାୟିନୀ ସ୍ୱରୂପରେ ଉପାସନା କରାଯାଏ । ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କର କନ୍ୟା ରୂପରେ ଜନ୍ମ ହୋଇଥିଲେ, ସେହି ଅନୁଯାୟୀ ଦେବୀଙ୍କ ନାମ କାତ୍ୟାୟିନୀ । ସନ୍ତାନ ସୁରକ୍ଷା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିମନ୍ତେ ନାରୀ ମଧ୍ୟ ଅସ୍ତ୍ର ଧାରଣ କରିପାରେ, ସେହି ସ୍ୱରୂପ ଦେବୀଙ୍କର ।

କାଳରାତ୍ରୀ: ନବରାତ୍ର ସପ୍ତମ ଦିବସରେ ଦେବୀଙ୍କୁ କାଳରାତ୍ରୀ ସ୍ୱରୂପରେ ଉପାସନା କରାଯାଏ । ଏହା ଦେବୀଙ୍କ ବିକଟାଳ ରୂପ । ଏହି ରୂପରେ ଦେବୀଙ୍କର ତ୍ରିନେତ୍ର, ଶରୀରର ବର୍ଣ୍ଣ ଅନ୍ଧକାର ଭଳି ଗାଢ଼ କଳା, ଚତୁର୍ଭୁଜା ଦେବୀ ଗର୍ଦଭ ଉପରେ ଆରୁଢ ହୋଇ ହାତରେ ଲୌହ ଖଡ୍ଗ ଧାରଣ କରିଥାନ୍ତି । ଏହା ମଧ୍ୟ ଯୁଦ୍ଧଖୋର ମହିଳାଙ୍କ ରୂପ ।

ମହାଗୌରୀ: ନବରାତ୍ର ଅଷ୍ଟମ ଦିବସରେ ଦେବୀଙ୍କୁ ମହାଗୌରୀ ଭାବରେ ଉପାସନା କରାଯାଏ । ଏହା ଦେବୀଙ୍କ ସୌମ୍ୟ ରୂପ । ଏହି ରୂପରେ ବୃଷଭ ବାହିନୀ ଦେବୀଙ୍କ ଶରୀରର ବର୍ଣ୍ଣ ଗୌର ଓ ଶ୍ୱେତବସ୍ତ୍ର ପରିହିତା । ଦେବୀ ଚତୁର୍ଭୂଜା ଓ ଦୁଇ ହାତରେ ଡମ୍ବରୁ ଓ ତ୍ରିଶୁଳ ଧାରଣ କରିଥାନ୍ତି ଓ ଅନ୍ୟ ଦୁଇ ହାତରେ ଅଭୟ ପ୍ରଦାନ କରିଥାନ୍ତି । ଅବିବାହିତ କନ୍ୟା ବିବାହ ପାଇଁ ଉପଯୁକ୍ତ ବର ଚୟନ ନିମନ୍ତେ ମାତାଙ୍କ ଆରାଧନା କରିଥାନ୍ତି ।

ସିଦ୍ଧିଦାତ୍ରୀ: ନବରାତ୍ରର ନବମ ବା ଶେଷ ଦିବସରେ ଦେବୀଙ୍କୁ ସିଦ୍ଧିଦାତ୍ରୀଙ୍କ ରୂପରେ ଉପାସନା କରାଯାଏ । ଏହି ରୂପରେ ପଦ୍ମାସନା ଦେବୀ ଚତୁର୍ଭୂଜା ଓ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥାନ୍ତି । ସେ ସିଂହ ବାହିନୀ ବା ପଦ୍ମ ଉପବିଷ୍ଟା । ସିଦ୍ଧିଦାତ୍ରୀଙ୍କ ପୂଜା ସହିତ ନବରାତ୍ରରେ ନବଦୁର୍ଗା ପୂଜା ସମ୍ପୂର୍ଣ୍ଣ ହୋଇଥାଏ । ବିଧିମତେ ନବରାତ୍ର ପୂଜା କଲେ ଶେଷରେ ସିଦ୍ଧିପ୍ରାପ୍ତି ହେବାର ଏହା ପ୍ରମାଣ ।

ସିଂହବାହିନୀ ଭାବରେ ସେ ଉଭୟ ସ୍ନେହୀ ଓ ଭୟଙ୍କରୀ । ସିଂହ ଉପରେ ବସି ସେ ଚତୁର୍ଭୁଜା, ଅଷ୍ଟଭୁଜା, ଏପରିକି ସହସ୍ରଭୁଜା ମଧ୍ୟ ହୋଇପାରନ୍ତି, କିନ୍ତୁ ସବୁବେଳେ ତାଙ୍କର ଗୋଟିଏ ହାତ ବରଦା ବା ଶାନ୍ତ ମୁଦ୍ରାରେ ଶୋଭିତ । ମା' ରୂପରେ ସେ ଭକ୍ତ ଓ ଶରଣାଗତମାନଙ୍କ ପାଇଁ ସେ ଅଭୟା, ବରଦା, କରୁଣାମୟୀ । କିନ୍ତୁ ଦୁରାଚାରୀ, ରାକ୍ଷସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ୱଭାବର ବ୍ୟକ୍ତି, ଯେ ଅନ୍ୟମାନଙ୍କୁ କଷ୍ଟ ଦିଅନ୍ତି ସେମାନଙ୍କ ପାଇଁ ସେ ଭୟଙ୍କର ରୂପ ନିଅନ୍ତି ।

ନବରାତ୍ରିରେ ଷଡଚକ୍ରର କୁଣ୍ଡଳିନୀକୁ ଜାଗରିତ କରାଇ ଗୁହ୍ୟଦ୍ୱାର ବା ମୂଳାଧାର ଚକ୍ରରୁ ଆରମ୍ଭ କରି ଆଜ୍ଞା ଚକ୍ରରେ ପହଞ୍ଚିଲେ ସହସ୍ରାର ଚକ୍ର ଉନ୍ମୁକ୍ତ ହୋଇ ସାଧକକୁ ସକଳ ପ୍ରାପ୍ତି ପ୍ରଦାନ କରିଥାଏ । ଆଧ୍ୟାତ୍ମିକ ମାର୍ଗର ପଥିକ କୌଣସି ପାର୍ଥିବ ଆଶା କରିବା ନିରର୍ଥକ, ଏହା ସ୍ମରଣ ରଖିବା ସର୍ବାଦୌ ଶୁଭଙ୍କର । କାରଣ ତନ୍ତ୍ର ମନ୍ତ୍ର ବଳରେ ପାର୍ଥିବ ପ୍ରାପ୍ତି ଆସୁରିକ ଗୁଣର ପରିପ୍ରକାଶ ଓ ଏହାର ଅନ୍ତ ଦୁଃଖାନ୍ତକ । କାରଣ ଶରୀର ନଶ୍ୱର ଓ ପାର୍ଥିବ ବସ୍ତୁ ଆତ୍ମାର କୌଣସି ହିତ ସାଧନ କରେ ନାହିଁ ।

ନବରାତ୍ରରେ କୁମାରୀ କନ୍ୟାମାନଙ୍କୁ ସମ୍ମାନର ସହ ପୂଜନ କରି ସୁଖାଦ୍ୟ ଅର୍ପଣ କରି, ମାତୃଶକ୍ତିର ମହନୀୟତା ପ୍ରତିପାଦନ କରିବା ସହ, କନ୍ୟା ସନ୍ତାନକୁ ନିରାଦର ବିରୁଦ୍ଧରେ ଏହା ଏକ ସାମାଜିକ ଜାଗରଣ । ଅନ୍ୟନ୍ତର କନ୍ୟା ସନ୍ତାନକୁ ନିର୍ଯ୍ୟାତିତ କରି ଦେବୀ ପୂଜନ ନିରର୍ଥକ ।

"ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା

ନମସ୍ତସ୍ମୈ ନମସ୍ତସ୍ମୈ ନମସ୍ତସ୍ମୈ ନମୋନମାଃ।"

@ବୈକୁଣ୍ଠ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଭାରତ ମଣ୍ଡପମ୍‌ରୁ ପ୍ରଭାବୀ ବାର୍ତ୍ତା



ସଞ୍ଜୀବ କୁମାର ଦାସ

ବହୁ ଅପେକ୍ଷିତ ଜି- ୨୦ ଶିଖର ସମ୍ମିଳନୀ ଆଶାନୁରୂପ ସଫଳତା ପାଇଲା । ସେପ୍ଟେମ୍ବର ୯ ଓ ୧୦, ୨୦୨୩ରେ ଆମ ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ଏହି ସମ୍ମିଳନୀ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଗତ ବର୍ଷ ଇଣ୍ଡୋନେସିଆର ବାଲି ଠାରେ ସମାପ୍ତ ସପ୍ତଦଶ  ଶିଖର ସମ୍ମିଳନୀ ପରେ ଯେତେବେଳେ ଭାରତକୁ ଏକ ମର୍ଯ୍ୟାଦା ସମ୍ପନ୍ନ ଅନ୍ତରାଷ୍ଟ୍ରୀୟ ସଂଗଠନର ୨୦୨୩ ବର୍ଷ ପାଇଁ ଅଧ୍ୟକ୍ଷତା କରିବା ପାଇଁ ସୁଯୋଗ ମିଳିଲା, ଦେଶର ନେତୃତ୍ୱ ଏବଂ ସର୍ବୋପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ସର୍ବୋତଭାବେ ସଫଳ କରିବାକୁ ଆଗେଇ ଆସିଲେ, ଏକ ବୃହତ ଆହ୍ୱାନ ରୂପେ ଗ୍ରହଣ କରି । ସମ୍ମିଳନୀ ସହିତ ଜଡିତ ପ୍ରତ୍ୟେକଟି ବ୍ୟକ୍ତି ବିଶେଷ, ସେ ଅଧିକାରୀ ହୁଅନ୍ତୁ କି ମନ୍ତ୍ରାଳୟ ଅଥବା ଅନୁଷ୍ଠାନ ସମସ୍ତେ ଏକତ୍ରିତ ହୋଇ ଗୁରୁଦାୟିତ୍ୱଟିକୁ ସୁଚାରୁ ରୂପେ ପାଳନ କରିବାର ଯେଉଁ ପଣ ନେଲେ ତାହା ସର୍ବ ଶେଷରେ ପ୍ରମାଣିତ କରିଦେଲା ଯେ ଭାରତ ହିଁ ଅସମ୍ଭବକୁ ସମ୍ଭବ କରାଇବାରେ କେତେ ସିଦ୍ଧହସ୍ତ । ସେଇଥିପାଇଁ ସମଗ୍ର ବିଶ୍ୱ ଭାରତକୁ ଦେଇଛି ପ୍ରସଂସାର ପ୍ରମାଣ ପତ୍ର, ପାରଦର୍ଶିତାର ଉଚ୍ଚତମ ସୋପାନରେ ପହଂଚିବା ଯୋଗୁଁ । ଏହା ନିଶ୍ଚିତ ରୂପେ ଭାରତ ଏବଂ ଭାରତ ବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭବ୍ୟ ଭାରତ ମଣ୍ଡପମରୁ ଅଷ୍ଟାଦଶ ଜି-୨୦ ସମ୍ମିଳନୀକୁ ଉଦ୍ଘାଟନ କରି ପ୍ରଧାନମନ୍ତ୍ରୀ ସମଗ୍ର ବିଶ୍ୱକୁ ଯେଉଁ ଆହ୍ୱାନ ଦେଲେ ତାହା ପ୍ରଣିଧାନ ଯୋଗ୍ୟ । ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱରେ ସୃଷ୍ଟ ବିଶ୍ୱାସର ଅଭାବକୁ ଆସ୍ଥା ଓ ଆତ୍ମବିଶ୍ୱାସ ଜରିଆରେ ଦୂର କରାଯାଇପାରିବ ବୋଲି ଦୃଢ଼ ଭାବେ ଘୋଷଣା କରିଛନ୍ତି । ପଛକୁ ଫେରି ଅତୀତର ସମସ୍ୟାବଳୀକୁ ଦୋହରାଇବା ଅପେକ୍ଷା ସମ୍ମିଳିତ ଭାବେ ଅଗ୍ରସର ହେବାର ସମୟ ଆସିଛି ବୋଲି ସେ ଉପସ୍ଥିତ ସଦସ୍ୟ ରାଷ୍ଟ୍ରଙ୍କ ପ୍ରତିନିଧିଙ୍କୁ ଅବଗତ କରାଇଛନ୍ତି । ସମ୍ମିଳନୀରେ ୮୩ ଅନୁଚ୍ଛେଦ ସମ୍ବଳିତ' ଅତୁଳନୀୟ ଦିଲ୍ଲୀ ଘୋଷଣାନାମା 'ସମ୍ମିଳନୀର ପ୍ରଥମ ଦିନରେ ହିଁ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଛି । ପ୍ରଥମ ଥର ପାଇଁ ରାଜଧାନୀ ଦିଲ୍ଲୀରେ ୩୦ରୁ ଅଧିକ ରାଷ୍ଟ୍ର ନେତା ଏବଂ ୧୪ଟି ବିଶ୍ୱ ସଂଗଠନର ମୁଖ୍ୟ ଏହି ସମ୍ମିଳନୀରେ ଯୋଗଦାନ କରିଛନ୍ତି ଯାହା ଅଭୂତପୂର୍ବ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଏହି ସମ୍ମିଳନୀ ସହିତ ଯୋଡି ହେଉଛି- ତାହା ହେଲା 'ଇଣ୍ଡିଆ' ପରିବର୍ତ୍ତେ 'ଭାରତ' ଏହି ସମ୍ମିଳନୀକୁ ଆୟୋଜନ କରୁଛି ଯେଉଁଠି ପୃଥିବୀର ଶକ୍ତିଶାଳୀ ରାଷ୍ଟ୍ରର ମୁଖ୍ୟମାନେ ଯୋଗଦେଇ ଏହାକୁ ଅବିସ୍ମରଣୀୟ କରାଇ ଦେଇଛନ୍ତି । ଆମ ଦେଶକୁ ବିଶ୍ୱ ସମୁଦାୟ ଭାରତ ନାମରେ ମାନ୍ୟତା ପ୍ରଦାନ କରିବାର ଯେଉଁ ପ୍ରୟାସ ଜାରି ରହିଥିଲା ତାହା ଅନେକାଂଶରେ ସଫଳ ହୋଇଛି । ରାଷ୍ଟ୍ରସଙ୍ଘ ମଧ୍ୟ ଏହି ନାମକୁ ଗ୍ରହଣ କରିବ ବୋଲି ଜାତିସଙ୍ଘ ମୁଖ୍ୟ କହିଛନ୍ତି ଏବଂ ଏଥିପାଇଁ ଭାରତ ସରକାରଙ୍କୁ ବିଧିବଦ୍ଧ ଭାବେ ଆବେଦନ କରିବାକୁ ହେବ । ଆମେ ଏଠାରେ ଭାରତ ପ୍ରସଙ୍ଗ ଉତ୍ଥାପନ ସମୟରେ ଗୋଟିଏ କଥା ଯାହା ଖୁବ ଉଲ୍ଲେଖନୀୟ ତାକୁ ଏଡାଇ ପାରିବ ନାହିଁ । ସେଇଟି ହେଉଛି ସମୁଦାୟ ସମ୍ମିଳନୀ କାର୍ଯ୍ୟକ୍ରମ ମଧ୍ୟରେ ଆଥିତେୟତା ଠାରୁ ଆରମ୍ଭ କରି ଚର୍ଚ୍ଚାର ସମସ୍ତ ବିଷୟ ଭିତରେ 'ଭାରତୀୟତା' ଭରି ରହିଥିଲା, ଯାହାକୁ ଅତିଥିମାନେ ପୂର୍ଣ୍ଣମାତ୍ରାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୃଦୟଙ୍ଗମ କରିବା ସହିତ ଭାରତର ବିଶ୍ୱ ଏକତା ପାଇଁ ପ୍ରତିଶ୍ରୁତି ବଦ୍ଧତାକୁ ସ୍ୱୀକାର କରିଥିଲେ । ତାହାହିଁ ସୂଚାଇ ଦେଲା ବିଶ୍ୱର ଛାମୁଆ ନେତୃବୃନ୍ଦ ଭାରତକୁ କେଉଁ ପ୍ରକାର ମର୍ଯ୍ୟାଦା ପ୍ରଦାନ କରିଥିଲେ ।

ଜି-୨୦ର ବର୍ତ୍ତମାନ ସମୟରେ ସଦସ୍ୟ ହେଉଛନ୍ତି ଭାରତ, ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଚୀନ, ଫ୍ରାନ୍ସ, ଜର୍ମାନୀ, ବ୍ରାଜିଲ, କାନାଡ଼ା, ଇଣ୍ଡୋନେସିଆ, ଜାପାନ, ଇଟାଲୀ, ରୁଷିଆ, ସାଉଦି ଆରବ, ଦକ୍ଷିଣ କୋରିଆ, ମେକ୍ସିକୋ, ତୁର୍କୀ, ଦକ୍ଷିଣ ଆଫ୍ରିକା ଏବଂ ୟୁରୋପୀୟ ସଂଘ । ଦିଲ୍ଲୀ ସମ୍ମିଳନୀରେ ଏହି ଗୋଷ୍ଠୀରେ ଆଉ ଏକ ସଦସ୍ୟ ଯୋଡି ହୋଇ ଯାଇଛି ଏବଂ ଏହି ସଂଘ ଏବେ ଜି-୨୧ ନାମରେ ମାନ୍ୟତା ପାଇଛି । ସେହି ନବାଗତ ସଦସ୍ୟଟି ହେଉଛି ଆଫ୍ରିକୀୟ ସଂଘ ଯେଉଁଥିରେ ୫୫ଟି ଆଫ୍ରିକୀୟ ଦେଶ ରହିଛନ୍ତି । ଏହା ୟୁରୋପୀୟ ସଂଘ ପରି ଆମନ୍ତ୍ରିତ ବିଶ୍ୱ ସଂଗଠନ ଭାବେ କାର୍ଯ୍ୟ କରୁଛି ।

ଜି-୨୦ ଦିଲ୍ଲୀ ସମ୍ମିଳନୀର ଘୋଷଣାନାମାରେ ୪ ଗୋଟି ପ୍ରମୁଖ ପ୍ରସଙ୍ଗ ରହିଛି । ପ୍ରଥମତଃ, ଜଳବାୟୁ ପରିବର୍ତ୍ତନ ବିଷୟରେ ଯେଉଁ ଦିଗକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ସେଗୁଡିକ ହେଲା - ତାପଜ ଶକ୍ତି ବ୍ୟବହାର ହ୍ରାସ; ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ ରୋକିବାକୁ ବିକାଶଶୀଳ ରାଷ୍ଟ୍ରଙ୍କୁ ଦୀର୍ଘସୂତ୍ରୀ ଆର୍ଥିକ ସହାୟତା ପ୍ରଦାନ; ପୁନଃ ବ୍ୟବହାରକ୍ଷମ ଓ ଅଣପାରମ୍ପାରିକ ଶକ୍ତିର ଉପଯୋଗକୁ ତିନି ଗୁଣ ପ୍ରୋତ୍ସାହନ ଏବଂ ଜାତୀୟ ସୂଚୀରେ ସ୍ଥାନ; ସର୍ବଦା ଆର୍ଥିକ ବିନିଯୋଗ ବୃଦ୍ଧି ପାଇଁ ଦୃଢ଼ ନିଷ୍ପତ୍ତି; ପ୍ୟାରିସ ଜଳବାୟୁ ରାଜିନାମା ଆଧାରରେ ପରିବେଶ ନିମିତ୍ତ ଲକ୍ଷ୍ୟ ହାସଲ ପାଇଁ ବିନିଯୋଗ ଏବଂ ବିକାଶଶୀଳ ରାଷ୍ଟ୍ର ସମୂହ ପାଇଁ ୨୦୩୦ ପୂର୍ବରୁ ୫.୮ ରୁ ୫.୯ ଟ୍ରିଲିୟନ ଡ଼ଲାର ଆବଶ୍ୟକତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହିପରି ଅର୍ଥନୀତି ଓ ବାଣିଜ୍ୟ ସମ୍ବନ୍ଧରେ ନିଆଯାଇଥିବା ପ୍ରସ୍ତାବରେ ରହିଛି ମାକ୍ରୋଇକୋନୋମି ବୃଦ୍ଧି ସହ ଅର୍ଥନୈତିକ ସ୍ଥିରତା ଓ ଏକୀକୃତ ପ୍ରଗତିକୁ ପ୍ରୋତ୍ସାହନ ମାଧ୍ୟମରେ ବିପଦାପନ୍ନ ଗୋଷ୍ଠୀଙ୍କ ସୁରକ୍ଷା; ୨୦୧୧ ଏପ୍ରିଲର ବିନିଯୋଗ ମୂଲ୍ୟକୁ ଅବ୍ୟାହତ ରଖିବା; ଅର୍ଥନୈତିକ ସ୍ଥିରତା ବୋର୍ଡର ଉଚ୍ଚସ୍ତରୀୟ ଅନୁମୋଦନକୁ ବଜାୟ ରଖିବା ସହ ପ୍ରୋତ୍ସାହନ ଦେବା; ଡିଜିଟାଲ କରେନସି ସଂକ୍ରାନ୍ତ ନକ୍ସା ପ୍ରସ୍ତୁତ ନିମନ୍ତେ ଅକ୍ଟୋବରରେ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟ ଓ ଅର୍ଥମନ୍ତ୍ରୀମାନଙ୍କ ବୈଠକ ଏବଂ ସୁରକ୍ଷାବାଦୀ ଓ ବଜାର ବିନାଶକାରୀ କାର୍ଯ୍ୟକୁ ପ୍ରତିରୋଧ କରିବା ।

ଖାଦ୍ୟ ସୁରକ୍ଷା ଦିଗରେ ନିଆଯାଇଥିବା ପ୍ରସ୍ତାବ ମଧ୍ୟରେ ରହିଛି ରୁଷିଆ - ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ଖାଦ୍ୟଶସ୍ୟ ଯୋଗାଣରେ ସୃଷ୍ଟି ହୋଇଥିବା ପ୍ରତିରୋଧକୁ ହଟାଇବା; ଖାଦ୍ୟ ଓ ଶକ୍ତି ସୁରକ୍ଷା ସଂକ୍ରାନ୍ତ ସତତ ବିକାଶ ଲକ୍ଷ୍ୟ ହାସଲ ଏବଂ ଭିତ୍ତିଭୂମି ଉପରେ ସାମରିକ ଆକ୍ରମଣ ବନ୍ଦ ଏବଂ ଖାଦ୍ୟ ଓ ଶକ୍ତି ବଜାରରେ ଚାହିଦା ବଜାୟ ରଖିବା ।

ରୁଷିଆ-ୟୁକ୍ରେନ ଯୁଦ୍ଧ ସଂକ୍ରାନ୍ତରେ ପାରିତ ପ୍ରସ୍ତାବରେ ରହିଛି ଜାତିସଂଘ ନିଷ୍ପତ୍ତି ଅନୁସାରେ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ସମସ୍ତ ରାଷ୍ଟ୍ର ଠୋସ ପଦକ୍ଷେପ ନେବା; ପଡୋଶୀ ରାଷ୍ଟ୍ରର ଜମି ଜବରଦଖଲ ପାଇଁ ସାମରିକ ଶକ୍ତି ପ୍ରଯୋଗରୁ ସବୁ ରାଷ୍ଟ୍ର କ୍ଷାନ୍ତ ରହିବା ଏବଂ ଅନ୍ୟ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରତି ସମ୍ମାନ ଦେବା; କୌଣସି ଭାବେ ସାମରିକ ଅସ୍ତ୍ର ବ୍ୟବହାର କିମ୍ବା ଏଥିପାଇଁ ଧମକ ଅଗ୍ରାହ୍ୟ କରିବା; ଭିନ୍ନମତ ସତ୍ତ୍ୱେ କୂଟନୈତିକ ଉପାୟରେ ଓ ଶାନ୍ତିପୂର୍ଣ୍ଣ ଆଲୋଚନା ଜରିଆରେ ବିବାଦର ସମାଧାନ କରିବା; ଏବଂ ବର୍ତ୍ତମାନ ଓ ଆଗାମୀ ଯୁଦ୍ଧ ପ୍ରତି ଅଭିପ୍ରେତ ନହେବା ।

ଏହି ଦୁଇ ଦିନ ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ରଙ୍କ ଯୋଗଦାନ ସହିତ ଗ୍ଲୋବାଲ ସାଉଥ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଶ ଯଥା ଏସିଆ, ଆଫ୍ରିକା ଏବଂ ଲାଟିନ ଆମେରିକାରେ ଥିବା ବିକାଶଶୀଳ, କମ ବିକଶିତ ଓ ଅନୁନ୍ନତ ଦେଶଙ୍କ ବିକାଶ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଛି । ଭାରତ - ମଧ୍ୟପ୍ରାଚ୍ୟ - ୟୁରୋପ କରିଡର ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଗୁରୁତ୍ୱପୂର୍ଣ୍ଣ ଘଟଣା କ୍ରମରେ ଚୀନ ଋଣ କୂଟନୀତିକୁ ଶକ୍ତ ଧକ୍କା ଲାଗିଛି । ଏହି କୂଟନୀତି ଦ୍ୱାରା ପାକିସ୍ତାନ, କେନିଆ, ଜାମ୍ବିଆ, ଲାଓସ, ଶ୍ରୀ ଲଙ୍କା ଏବଂ ମଙ୍ଗୋଲିଆ ଭଳି ରାଷ୍ଟ୍ର ଡ୍ରାଗନର କବ୍ଜାରେ ଆସି ଯାଇଛନ୍ତି । ତେବେ ସଫଳ କୂଟନୀତି ଦ୍ୱାରା ଜି - ୨୧ ସମ୍ମିଳନୀ ଆଗକୁ ଏକ ନୂଆ ବିଶ୍ୱ ଦେଖିବ ବୋଲି ଆଶା କରାଯାଏ ।

ଏହି ଅଷ୍ଟାଦଶ ସମ୍ମିଳନୀ ସାରା ଜଗତକୁ ମାନବ କୈନ୍ଦ୍ରିକ ବିକାଶର ନୂଆ ରାସ୍ତା ଦେଖାଇଛି । 'ଗୋଟିଏ ବିଶ୍ୱ,ଗୋଟିଏ ପରିବାର' ବାର୍ତ୍ତା ବହନ କରୁଥିବା ଏହି ସମ୍ମିଳନୀ ସଫଳତାର ସହିତ ସମାପ୍ତ ହୋଇଛି । ପରବର୍ତ୍ତୀ ସମ୍ମିଳନୀ ବ୍ରାଜିଲରେ ଅନୁଷ୍ଠିତ ହେବ । ସେହି ହିସାବରେ ଭାରତ ଚଳିତ ବର୍ଷ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅଧ୍ୟକ୍ଷତା ଦାୟିତ୍ୱ ତୁଲାଇବ ଏବଂ ଡିସେମ୍ବର ୧ ତାରିଖରୁ ବ୍ରାଜିଲ ବିଧିବଦ୍ଧ ଭାବେ ଏହି ସାମ୍ମୁଖ୍ୟର ମଙ୍ଗ ଧରିବ ।

ମର୍କତ ନଗର

କଟକ-୭୫୩୦୧୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କବୟିତ୍ରୀ ସୁଭଦ୍ରା କୁମାରୀ ଚୌହାନ



ସୁଧାଂଶୁ ଶେଖର ଦ୍ୱିବେଦୀ

## କାବ୍ୟଧାରାର କବୟତ୍ରୀ ସୁଭଦ୍ରା କୁମାରୀ ଚୌହାନ

ସୁଭଦ୍ରା କୁମାରୀ ଚୌହାନ ତିନୋଟି ସ୍ତରରେ ନିଜ ଜୀବନର ଅଭିଯାନକୁ ଆରମ୍ଭ କରିଥିଲେ ସତ କିନ୍ତୁ ତାହା ଥିଲା ତାଙ୍କପାଇଁ ସଙ୍ଘର୍ଷରତ । ପ୍ରଥମତଃ ଦେଶ ସ୍ୱାଧୀନତା ପାଇଁ ଆନ୍ଦୋଳନ । ଦ୍ୱିତୀୟରେ ଦେଶର ସାମାଜିକ ବ୍ୟବସ୍ଥାରେ ବ୍ୟାପ୍ତ ରୁଢ଼ିବାଦୀ ବିଚାର ଧାରାର ବିରୁଦ୍ଧ ଏବଂ ଶେଷରେ ନିଜ ପାରିବାରିକ ଜୀବନରେ ଆର୍ଥିକ ସମସ୍ୟା ମଧ୍ୟରେ ସଙ୍ଘର୍ଷ । ଏଭଳି ତ୍ରିକୋଣୀୟ ସଙ୍ଘର୍ଷ ମଧ୍ୟରେ ଜୀବନର ପ୍ରତିଟି ଅଭିଯାନରେ ଅଦମ୍ୟ ସାହସ ଏବଂ ଅହେତୁକ ଧୈର୍ଯ୍ୟର ସହିତ ଆଗକୁ ବଢ଼ିଥିଲେ ।

ସୁଭଦ୍ରା କୁମାରୀ ବାତ୍ସଲ୍ୟ ସହିତ କ୍ରାନ୍ତିକାରୀ ସାହିତ୍ୟ ରଚନା କରି ସ୍ୱତନ୍ତ୍ରତା ଆନ୍ଦୋଳନରେ ଭାଗ ନାବା ସହିତ ପ୍ରଥମ ମହିଳା ସତ୍ୟାଗ୍ରହୀ ହୋଇଥିଲେ । ବୀରଙ୍କ ଗାଥାରେ ଭରପୁର "ଝାନସୀ କି ରାଣୀ" କବିତା କାଳଜୟୀ କୀର୍ତ୍ତିର ପତାକା ଦୂରଦୂରାନ୍ତ ଯାଏ ଫରଫର ହୋଇ ଉଡେଇଛି । ତାଙ୍କ ଭିତରେ ରାଷ୍ଟ୍ରୀୟତାର ଭାବନା, ମାତୃଭୂମିର ପୂଜାରୀ ଏବଂ ରାଷ୍ଟ୍ର ଭକ୍ତିର ନିଶା ଏଭଳି ଘାରିଥିଲା ଯେ ନିଜ ଦ୍ୱାରା ଲିଖିତ କବିତା ପଢ଼ି ଆନ୍ଦୋଳନକୁ ତେଜିଆନ କରିପାରୁଥିଲେ । ସ୍ୱତନ୍ତ୍ରତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂଗ୍ରାମୀଙ୍କ ସହିତ ମିଶି ଦେଶହୀତ କାର୍ଯ୍ୟ କରିଥିବାରୁ ଇଂରେଜଙ୍କ ଆଇନ ଅନୁସାରେ ଜେଲ ବରଣ କଲେ ।

ସୁଭଦ୍ରା କୁମାରୀ ପିଲାଟି ଦିନରୁ ରୁଢିବାଦୀ ବିଚାର ଧାରାର ବିରୋଧୀ ଥିଲେ । ପରଦା ପ୍ରଥାର ଘୋର ବିରୋଧ କରି ନିଜ ପାରିବାରିକ ଜୀବନକୁ ମଧ୍ୟ ଖଣ୍ଡିତ କରିଥିଲେ । ସେ ନିଜ କବିତା ମାଧ୍ୟମରେ ଜନ ସମ୍ପର୍କର ଜାତୀୟ ଭେଦଭାବ, ଛୁଆଁ-ଅଛୁଆଁ ଏବଂ ମହିଳାଙ୍କ ସ୍ଥିତିକୁ ସୁଧାରିବା ନିମନ୍ତେ ଦେଶ ସ୍ୱାଧୀନତାର ଆନ୍ଦୋଳନରେ ଅନେକ ମହିଳାଙ୍କୁ ସାମିଲ କରାଇଥିଲେ । ତାଙ୍କ ପ୍ରେରଣାରେ ହଜାର ହଜାର ନାରୀ ଦେଶ ମା' ପାଇଁ ଏକତ୍ରିତ ହୋଇଥିଲେ ।

ସୁଭଦ୍ରା କୁମାରୀ ୧୯୦୪ ମସିହା ଅଗଷ୍ଟ ମାସ ୧୬ ତାରିଖରେ ଆହ୍ଲାବାଦର ନିହାଲପୁର ଗାଁରେ ଜମିଦାର ରାମନାଥଙ୍କର କନ୍ୟା ଭାବେ ଜନ୍ମ ଗ୍ରହଣ କରିଥିଲେ । ମାତା ପିତାଙ୍କଠାରୁ ପ୍ରାଥମିକ ପଢ଼ା ଶେଷ କରି ପ୍ରାରମ୍ଭିକ ଶିକ୍ଷା ପ୍ରୟାଗର ଏକ ବିଦ୍ୟାଳୟରେ କରିଥିଲେ । ପରେ କ୍ରାଷ୍ଟଦେବ କନ୍ୟା ମହାବିଦ୍ୟାଳୟରୁ ଉଚ୍ଚ ଶିକ୍ଷା ପୂର୍ଣ୍ଣ କଲେ । ଚଞ୍ଚଳମନା ସୁଭଦ୍ରା ହୃଦୟରେ ନିର୍ମଳ ଏବଂ ମନରେ କୋମଳ ସ୍ୱଭାବ ଧରି ସେ ମାତ୍ର ୯ ବର୍ଷ ବୟସରେ ପ୍ରଥମ କବିତା ଲେଖିଥିଲେ "ନିମ" । ସ୍କୁଲ ଶିକ୍ଷା ସମୟରେ ମହାଦେବୀ ବର୍ମାଙ୍କ ସହିତ ବନ୍ଧୁତା ହୋଇଯାଇଥିଲା । ମହାଦେବୀ ବର୍ମା ଜଣେ ପ୍ରଗାଢ ସାହିତ୍ୟିକା ତଥା ଗମ୍ଭୀର ସ୍ୱଭାବ ବ୍ୟକ୍ତିତ୍ୱ ହେବା ସତ୍ତ୍ୱେ ଦୁହିଙ୍କ ବନ୍ଧୁତ୍ୱର ପ୍ରଗାଢତା ଉଦାହରଣ ହୋଇଯାଇଥିଲା ।

୧୯୧୯ ମସିହାରେ ଖଣ୍ଡୱାର ଠାକୁର ଲକ୍ଷ୍ମଣ ସିଂହଙ୍କ ସହିତ ସୁଭଦ୍ରାଙ୍କର ବିବାହ ସମ୍ପନ୍ନ ହେବାପରେ ଜବଲପୁର ଚାଲିଯାଇଥିଲେ । ସେହିବର୍ଷ ହୋଇଥିବା ଜାଲିଆନାୱାଲା ହତ୍ୟାକାଣ୍ଡ ସ୍ୱାଧୀନତା ଆନ୍ଦୋଳନକୁ ପ୍ରଖର ରୂପ ଦେଇଥିଲା । ଏଭଳି ଦୁଃଖଦ ଘଟଣାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମର୍ମାହତ ହୋଇ ସୁଭଦ୍ରା କୁମାରୀ ନିଜ ସ୍ୱାମୀଙ୍କୁ ଛାଡି ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । ନିଜଦ୍ୱାରା ଲିଖିତ କ୍ରାନ୍ତିକାରୀ ଦେଶାତ୍ମବୋଧକ କବିତା ଶୁଣାଇ ସ୍ୱାଧୀନତା ସଂଗ୍ରାମୀଙ୍କ ମନରେ ଉତ୍ସାହ ଓ ପ୍ରେରଣା ଜାଗ୍ରତ କରିଥିଲେ । କିଛିଦିନ ପରେ ସ୍ୱାମୀ ଠାକୁର ଲକ୍ଷ୍ମଣ ସିଂହ ମଧ୍ୟ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । ସେଥିପାଇଁ କେବେ କେବେ ଦୁହିଙ୍କୁ ଜେଲ ଜୀବନ ବିତାଇବାକୁ ପଡୁଥିଲା । ଆୟର କୌଣସି ସ୍ଥାୟୀ ସ୍ରୋତ ନଥିବାରୁ ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ହେଲା । ୧୯୪୩ ମସିହାରେ ସୁଭଦ୍ରା କୁମାରୀ ଜେଲରୁ ମୁକ୍ତି ପାଇଲେ । ସେତେ ବେଳକୁ ତାଙ୍କ ବଡ଼ ଝିଅ ସୁଧା ବିବାହଯୋଗ୍ୟା ହୋଇ ସାରିଥାଏ । ଧନାଭାବ ତ ଥାଏ । କଣ କରିବେ କିଛି ବୁଦ୍ଧି ବାଟ ଦେଖାଯାଉ ନଥାଏ । ତାଙ୍କର ଏଭଳି ସଙ୍କଟ ସମୟରେ କଥା ସମ୍ରାଟ ମୁନସୀ ପ୍ରେମଚାନ୍ଦ ସଙ୍କଟମୋଚନ ହୋଇ ନିଜ ପୁତ୍ର ଅମୃତ ରାୟ ସହିତ ସୁଧାକୁ ବିବାହ କରି ବୋହୂ କରି ନେଇଥିଲେ । ସୁଭଦ୍ରା କୁମାରୀଙ୍କୁ ସଙ୍କଟମୟ ଏବଂ ସଙ୍ଘର୍ଷପୂର୍ଣ୍ଣ ସ୍ଥିତି ବ୍ୟତୀତ ଲକ୍ଷ୍ୟ ଦିଗକୁ ବଢ଼ିବା ପାଇଁ ଅନ୍ୟ କୌଣସି ସମସ୍ୟା ଅଟକାଇ ପରିନଥିଲା ।

୧୯୩୨ ମସିହାରେ ତାଙ୍କର ପ୍ରଥମ କାହାଣୀ ସଂଗ୍ରହ "ବିଖରେ ମୋତି" ପ୍ରକାଶିତ ହେଲା । ଯେଉଁଥିରେ ନାରୀ ବିମର୍ଷ ଉପରେ କେନ୍ଦ୍ରିତ ୧୫ଟି କାହାଣୀ ସ୍ଥାନିତ ହୋଇଥିଲା । ତାପରେ ଉନ୍ମାଦିନି, ସିଧିସାଧି ଚିତ୍ର ଭଳି ବଳିଷ୍ଠ କାହାଣୀ ପୁସ୍ତକ ତଥା ମୁକୁଳ ଓ ତେରେ ଧାରା କବିତା ପୁସ୍ତକ ପ୍ରକାଶିତ ହେଲା । ଝାନସୀ ରାଣୀ ଲକ୍ଷ୍ମୀବାଈଙ୍କ ବୀରତ୍ୱର ନମୁନା ରୂପେ ସେ ରାଷ୍ଟ୍ର ଲାଗି ଉତ୍ସର୍ଗୀତ କବିତା "ଝନସୀ କି ରାଣୀ" ଲେଖି ସଭିଙ୍କଠାରେ ବେଶ ଆଦୃତ ହୋଇଥିଲେ । ରାଷ୍ଟ୍ରପ୍ରେମ ପ୍ରତି ତାଙ୍କର ଭାବନାକୁ ସମ୍ମାନ ଜଣାଇ ଭାରତୀୟ ଡାକ ବିଭାଗ ୧୯୭୬ରେ ଡାକ ଟିକଟ ପ୍ରଚଳନ କରିଥିଲେ । ସୁଭଦ୍ରା କୁମାରୀ ଏବଂ ଠାକୁର ଲକ୍ଷ୍ମଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସିଂହ ଚୌହାନଙ୍କ ଜୀବନୀ "ମିଲା ତେଜ ସେ ତେଜ" ତାଙ୍କ ଝିଅ ସୁଧା ଚୌହାନ ଲେଖି ସାରା ଭାରତ ବର୍ଷରେ ନିଜ ମାତା-ପିତାଙ୍କର ଅମର କୃତିକୁ ଲୋକାଚାର କରିଛନ୍ତି । ସୁଭଦ୍ରା କୁମାରୀଙ୍କ ଦେଶପ୍ରେମ, ତ୍ୟାଗ, ସମର୍ପଣ ସହିତ ରଚନାଧର୍ମୀ ଅନନ୍ତ କାଳଯାଏ ଦେଶବାସୀଙ୍କ ମାନସ ପଟଳରେ ଅଙ୍କିତ ହୋଇ ରହିବ।

ବିସି-୭୪,ସଲଟ ଲେକ,କଲକାତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଖୋଜିପାଇବାର ମଣି ଉପନ୍ୟାସ "କୁନିବଣି"



କୁଞ୍ଜ ବିହାରୀ ସାହୁ

କାହାଣୀକୁ ଲମ୍ବେଇ ଦେବାର ପ୍ରଚେଷ୍ଟା ଓ ଭିନ୍ନ ଭିନ୍ନ ଚରିତ୍ରମାନଙ୍କୁ ଜୀବନ୍ୟାସ ଦେବାର ପରିକଳ୍ପନା ଶିଶୁ ଔପନ୍ୟାସିକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କର ଏକ ସନ୍ତୁଳିତ ଆକାଂକ୍ଷା । ଶବ୍ଦ, ପାରିପାର୍ଶ୍ୱିକ ଅବସ୍ଥା ଓ ନୂତନ ତଥା ଗତାନୁଗତିକ ତଥ୍ୟର ଉନ୍ମୋଚନରେ ଶ୍ରୀଯୁକ୍ତ ମଙ୍ଗରାଜ ସତରେ ଅନନ୍ୟ । ସେ ନିକଟରୁ ଦେଖିପାରନ୍ତି ପରିବେଶକୁ, ସାଉଁଳିପାରନ୍ତି ଚରିତ୍ରମାନଙ୍କୁ, ଅନୁଭବ କରିପାରନ୍ତି ଭାବାବେଗକୁ ଏପରିକି ନିଜ ଲେଖନୀ ମୁନରେ ଆଙ୍କି ଦେଇପାରନ୍ତି ଉପନ୍ୟାସର କୋଣାର୍କକୁ । ସୁନ୍ଦର କାହାଣୀଟିଏ ଆବିଷ୍କାର କରି ତାକୁ ସଜେଇଦେଇ ଉପନ୍ୟାସଟିଏ ବାଢ଼ିଦିଅନ୍ତି ପାଠକ/ପାଠିକାମାନଙ୍କ ପାଖରେ । ଉପନ୍ୟାସ ଏକ ଛଳ ଛବିଳ ନଈପରି ପ୍ରବହମାନ, ପାହାଡ଼ି ଝରଣାପରି କଳନିନାଦିନୀ, ବଣର ପକ୍ଷୀ ପରି ସୌନ୍ଦର୍ଯ୍ୟମୟ ଓ ପିଲାଙ୍କ ଧୂଳିଖେଳ ପରି ଆବେଗପୂର୍ଣ୍ଣ ।

ଡଃ ମହେଶ୍ୱର ମହାନ୍ତିଙ୍କ ମତରେ ଉପନ୍ୟାସ ହେଉଛି ମନୁଷ୍ୟର ଜୀବନ ଦର୍ଶନର ଏକ ଆଲେଖ୍ୟ । ସମସ୍ୟାବହୁଳ ଜୀବନର ନାନା ଘାତ-ପ୍ରତିଘାତପୂର୍ଣ୍ଣ ଘଟଣାଳିପି ହିଁ ହେଉଛି ତା'ର ପ୍ରାଣବସ୍ତୁ । ବାସ୍ତବ ଜୀବନର ଆଲେଖ୍ୟ ମଧ୍ୟରେ ଲେଖକ କଳ୍ପନାର ଯେଉଁ ମାୟାଜାଲ ସୃଷ୍ଟି କରିଥାଏ, ସେଥିମଧ୍ୟରେ ଆତ୍ମବିସ୍ମୃତ ପାଠକ ଆବିଷ୍କାର କରେ ଏକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନ୍ଦର ସମୃଦ୍ଧ ଓ ରୁଚିବନ୍ତ ସଂସାର । ତାର ଦୃଷ୍ଟିଶକ୍ତି ସଂପ୍ରସାରିତ ହୁଏ, କଳ୍ପନା ଶକ୍ତି ପରିବର୍ତ୍ତିତ ହୁଏ, ତାର ଆବଦ୍ଧ ଅନ୍ତରର ଉଦବେଳିତ ଭାବଧାରା ଆତ୍ମପ୍ରକାଶ କରିବାର ପଥ ଲାଭକରେ ।

ଏମିତି ଏକ ଦୃଷ୍ଟିଭଙ୍ଗୀରେ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କ କୁନିବଣି ଏକ ବଳିଷ୍ଠ ଶିଶୁ ଉପନ୍ୟାସ, ପୁସ୍ତକକୁ ଖୋଲିଦେଲେ ପଢିବାକୁ ଇଚ୍ଛାହୁଏ ଆପେ ଆପେ । ସଂପୂର୍ଣ୍ଣ ରଙ୍ଗୀନ ପୁସ୍ତକଟି ପାଠକ ପାଠିକାମାନଙ୍କର ଦୃଷ୍ଟିର ପରିଧି ଭିତରେ ବିଚରଣ କରେ । କଟକର ବୁକମେଟ୍ ପବ୍ଲିଶରଙ୍କ ଦ୍ୱାରା ପ୍ରକାଶିତ ହେଇଛି ୨୦୨୨ ମସିହାରେ । ପ୍ରତ୍ୟେକ ପୃଷ୍ଠାର କାନଭାସରେ ମନଲାଖି ଚିତ୍ରକୁ ଥାପିଛନ୍ତି ଶିଳ୍ପୀ ମହେଶ୍ୱର ମହାରଣା, ଜଣେ ଜଣାଶୁଣା ଓ ନାମୀ ଚିତ୍ରକାର । ପ୍ରତି ପୃଷ୍ଠାରେ ରହିଛି ଗପ ସମ୍ପର୍କୀତ ଚିତ୍ର ଯାହାକି ଉପନ୍ୟାସର ପରିଚ୍ଛେଦକୁ ବହୁଗୁଣିତ କରୁଛି ।

ଛୋଟ ଛୋଟ ପିଲାଙ୍କର କଥାକୁ କୁନିକଥା, ଛୋଟ ଛୋଟ ପିଲାମାନଙ୍କୁ କୁନାକୁନି ଯେମିତି କୁହାଯାଇଥାଏ, ସେମିତି ଆଲୋଚ୍ୟ ଶିଶୁ ଉପନ୍ୟାସ 'କୁନିବଣି' ର ନାମକରଣ ଏକ ଛୋଟ ବଣି ଛୁଆକୁ ନେଇ । କୁନି ଶବ୍ଦରେ ନିଆରା ଭଲପାଇବା ଥାଏ, ଆଦରିନେବାର ମୋହ ଥାଏ ।

ଶିଶୁ ଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କର ଏ ହେଉଛି ଷଷ୍ଠ ଶିଶୁ ଉପନ୍ୟାସ । ପୂର୍ବ ପ୍ରକାଶିତ ଉପନ୍ୟାସ ପରି ଏ ଉପନ୍ୟାସର ପରିକଳ୍ପନା ଚମତ୍କାର, ସରଳ ଓ ବୋଧଗମ୍ୟ ଭାଷାରେ ପରିପୂର୍ଣ୍ଣ । ସ୍ଥାନେ ସ୍ଥାନେ ସମୋଚ୍ଚାରିତ ଯୁଗ୍ମ ଶବ୍ଦକୁ ଭେଟିବାକୁ ହୁଏ । ଗାଁ ଗହଳିରେ ବ୍ୟବହୃତ ଶବ୍ଦ ଏପରିକି ବିଭିନ୍ନ ସ୍ଥାନ ଓ ପକ୍ଷୀମାନଙ୍କର ସାକ୍ଷାତ ସହ ସାମିଲ ହେବାକୁ ପଡ଼େ । ଯେହେତୁ ବଣି ଏକ ପକ୍ଷୀ ସମ୍ପ୍ରଦାୟର କଥା କହିବାର ପ୍ରୟାସ କରାଯାଇଛି ଔପନ୍ୟାସିକ ବିଭିନ୍ନ ପକ୍ଷୀମାନଙ୍କର ସାହାଯ୍ୟ ସହଯୋଗ ଓ ସେମାନଙ୍କର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନକଥାକୁ ଉଲ୍ଲିଖିତ କରିଛନ୍ତି । ୧୯୯୯ ମସିହାର ମହାବାତ୍ୟା ସମୟର ପରବର୍ତ୍ତି ଘଟଣାକୁ ଯିଏ ଅଙ୍ଗେ ନିଭେଇଛି ସିଏ ହିଁ କହିପାରିବ/ ଲେଖିପାରିବ, ହଜାଇବାରେ କେତେ ଦୁଃଖ ଥାଏ । ଖୋଜି ଖୋଜି ବ୍ୟସ୍ତ, ବିବ୍ରତ ଓ ହତାଶାରେ କେତେ ଗ୍ଲାନି ଥାଏ । ଜୀବନରେ କେତେ ମୋଡ଼ ଆସେ ସେ ହିଁ କହିପାରିବ । ସେ ଦୃଷ୍ଟିକୋଣରୁ ବିଚାର କଲେ ଔପନ୍ୟାସିକ ପକ୍ଷୀଛୁଆର ଭାବକୁ ବୁଝିପାରିଛନ୍ତି । ହଜାଇଦେଇ ଏକା ହେଇଯିବାର କରୁଣତାକୁ ଉପଲବ୍ଧି କରିଛନ୍ତି ଏବଂ ଶେଷରେ ପାଇବାର ମାଧୁରିମାକୁ ଫୁଟେଇଛନ୍ତି ଉପନ୍ୟାସର ଅନ୍ତଭାଗରେ । ସଂସାରକୁ ଯୋଡ଼ିଦେବାର ଏକ ମୁଗ୍ଧ ପ୍ରୟାସ ଓ ଅନ୍ତରଙ୍ଗତା ।

ପ୍ରାରମ୍ଭରୁ ଔପନ୍ୟାସିକ "ମୋ କଥାଟି ଏମିତି" ସ୍ତମ୍ଭରେ ମାଆକୁ ଭଲପାଇବା କଥା କହିଛନ୍ତି। ସେଥିପାଇଁ ତ ମୁଁ କହିପାରେ - ମାଆ ଅଛି ଯାହାର,

ସୁଖ ଶୀରି ତାହାର ।

ପରେ ପରେ ଭେଟିବାକୁ ହୁଏ ଉପନ୍ୟାସର ପଠନକ୍ରମରେ ଓଣେଇଶି ଭାଗକୁ- 'କୁନିବଣିର ଜନ୍ମ' ଠୁ 'ମାଆ ମିଳିଲା-କଥା ସରିଲା' ପର୍ଯ୍ୟନ୍ତ ।

ଉପନ୍ୟାସର ପ୍ରାସଙ୍ଗିକତାକୁ ନଜର ପକାଇଲେ ଅନୁମିତ ହୁଏ ୧୯୯୯ ମସିହାରେ ମହାବାତ୍ୟାରେ ଗୋରୁଗାଈମାନେ ଅଜଣା ରୋଗରେ ଆକ୍ରାନ୍ତ ହେଲାପରେ ପ୍ରତିଷେଧକ ଔଷଧ ସେବନ କରିଥିଲେ । ନିଷ୍ଫଳ ହେଇଗଲା ସେମାନଙ୍କର ଜୀଇଁବାର ଆଶା । ଗୋରୁମାନଙ୍କୁ ଦିଆଯାଇଥିବା ଔଷଧର କୁପରିଣିତିକୁ ଭେଟିବାକୁ ପଡ଼ିଥିଲା ଶାଗୁଣାମାନଙ୍କୁ । କାରଣ ଶାଗୁଣା ମଲାମାଂସ ଖାଇବାରେ ଦ୍ୱିଧାବୋଧ କରେନି । କିନ୍ତୁ ସମୟ ଥିଲା ଭିନ୍ନ । ପରିବେଶ ବି ଥିଲା ନିଆରା । ଶାଗୁଣାମାନଙ୍କ ବଂଶ ନିପାତ ହେଉ ହେଉ ପକ୍ଷୀଜଗତରେ ଭାଳେଣି ପଡ଼ିଲା । ଅଣ୍ଡା ଦେଇସାରିଥିବା ମାଆ ବଣି ଯନ୍ତ୍ରଣାରେ ଛଟପଟ ହେଇ ଶେଷନିଶ୍ୱାସ ତ୍ୟାଗ କରିଥିବା ଶାଗୁଣାକୁ ଦେଖା କରିବାକୁ ଗଲା ଅଥଚ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫେରିପାରିଲାନି ସଅଳ । କିଛି ଦିନ ଅନ୍ତେ ବଣିର ଛୁଆଟିଏ ଜନ୍ମହେଲା । ଭାଗ୍ୟର ବିଡମ୍ବନା ନିଜ ଘରେ ରହିପାରିଲାନି ଛୁଆଟି । ବଦମାସି ହନୁମାଙ୍କଡ଼ର ଡାଳ ଡିଆଁରେ ବିଚରା କଅଁଳା ଛୁଆଟି ତଳେ ପଡ଼ିଗଲା ଆଉ ମା' ବିନା ବେସାହାରା ହେଇଗଲା ।

ଜନ୍ମ ହେଉ ହେଉ ମା'ର ମୁହଁ ଦେଖିପାରିଲାନି ଛୁଆଟି, ହେଇଗଲା ମା' ଛେଉଣ୍ଡ ।

ଔପନ୍ୟାସିକ କିନ୍ତୁ ଲେଖନୀକୁ ଶକ୍ତିଶାଳୀ କରିଛନ୍ତି ନିର୍ଭୟରେ । କୁନିବଣି ପ୍ରତି ସାହାରା ହେବାର ବାଟ ଦେଖେଇଛନ୍ତି, ଯୁକ୍ତାତ୍ମକ ଓ ପରୋପକାରର ଅନୁଭବ ବାଢିଛନ୍ତି ।

ମା ଗଲା କୁଆଡ଼େ ଯେ ! ଏତେବେଳ ଯାଏଁ ଫେରିଲାନି । ବିଚରା ବଣିଛୁଆଟି ହତାଶାବୋଧରେ ଛଟପଟ ହେଲା । ପକ୍ଷୀ ହେଲେ ବି ତାକୁ କିଏ ନା କିଏ ସାହା ହେଇଯିବେ ତା ଜୀବନର ଚଲାବାଟରେ । ଏଇଠୁ ପ୍ରତୀୟମାନ ହୁଏ ଔପନ୍ୟାସିକ ପକ୍ଷୀପ୍ରିୟ ହୋଇ ଗୋଟିଏ ଛୋଟ ଛୁଆର ଦୁଃଖକୁ ହୃଦୟଙ୍ଗମ କରିପାରିଛନ୍ତି ।

ଆଉ ତାପରେ....

କୁନିବଣିର ଆଗେଇଯିବାର ବାଟ ଖୋଲିଗଲା । ସେ କୋଉଠି ନା କୋଉଠି ଶୁଣିଛି - "ମାଆ ନାହିଁ ଯାହାର/ସାହା ନାହିଁ ତାହାର ।' ହେଇପାରେ ଏ ଶୁଣାକଥା, କେତେ ସତ୍ୟ ସେ ବୁଝିବାକୁ ପରତେ ଗଲାନି । ପହଞ୍ଚିଗଲା କୁକୁଡ଼ାଙ୍କ ପାଖରେ । ଔପନ୍ୟାସିକ କୁନିବଣିର ଠୁକେଇ ଠୁକେଇ ଚାଲିବା ଶବ୍ଦକୁ ଉପସ୍ଥାପନା କରିଛନ୍ତି, ଯାହାକି ଏକ ଛୋଟ ଛୁଆ ପାଇଁ ପ୍ରଯୁଜ୍ୟ । କୁକୁଡ଼ା ଛୁଆଙ୍କ ଡିଆଁଡିଇଁ ଦେଖି ମନରେ ଆଗ୍ରହ ଜମିଗଲା କୁନିବଣିର । ନିରଳସ ମନରେ ଅସୁମାରି କଳ୍ପନା ଉଙ୍କିମାରିଲା କୁନିବଣିର । ସେମାନଙ୍କ ସହ ହସଖୁସିରେ ଖେଳନ୍ତା କି ? ମଜାମଉଜରେ ବୁଲନ୍ତା କି ! ଯିଏ ପିଲାଟିବେଳୁ ମା'କୁ ଦେଖିନି, ଆଖି ସାମ୍ନାରେ ଦିଶୁଥିବା ପକ୍ଷୀମାନେ ତାକୁ ମା ଭଳି ଲାଗନ୍ତି । ହେଲେ ସମ୍ଭବ କି କୁକୁଡ଼ାକୁ ମା' ଡାକିବାକୁ । ଔପନ୍ୟାସିକ ସରଳ, ତରଳ ଭାବରେ କୁନିବଣି ମନରେ ଏକ ପ୍ରଶ୍ନଟିଏ ଥୋଇଛନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୁକୁଡା ସିଧାସଳଖ ମନା କରିଦେଲା କୁନିବଣିକୁ - "ନା ମୁଁ ତୋର ମା' ନୁହେଁ । ମୋର ଛୁଆମାନଙ୍କୁ ଦେଖୁନୁ, ସେମାନେ କଅଣ ତୋ ପରି ଦେଖାଯାଉଛନ୍ତି ?"

ଓହୋ କି ଅଯୌକ୍ତିକ ଚିନ୍ତାଧାରା କୁକୁଡ଼ାର ! !

କୁକୁଡ଼ା ମନରେ ଉଙ୍କିମାରି ଆସୁଥିବା ନକାରତ୍ମକ ଭାବନା ପାଣିଫୋଟକା ପରି ମିଳେଇଗଲା । କୁକୁଡ଼ା ସିନା କୁନିବଣିର ମା ହୋଇ ପାରିଲାନି, କିନ୍ତୁ ତା ଟିକି ଟିକି ଥଣ୍ଟରେ ଆହାର ଦେଲା । ଜୀବନରେ ସବୁଠାରୁ ବଡ଼ କଥା ବିପଦରେ ପଡ଼ିଥିବା ବନ୍ଧୁଙ୍କୁ ସାହାଯ୍ୟ କରିବା । ସେଇଥିପାଇଁ ତ କୁହାଯାଇଥାଏ- ବିପଦବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ ।

କୁନିବଣି ମନରେ ଜାଗିଉଠିଲା ମା'କୁ ଖୋଜିବାର ପର୍ଯ୍ୟାପ୍ତ ଇଛା । ତା ମା' ଗଲା କୁଆଡ଼େ... ସେ କ'ଣ ଫେରିବନି ତା ପାଖକୁ । ମା... ମା ....ବୋଲି ଡାକିବନି ଥରୁଟେ ! !

କୁନିବଣିକୁ ଆଗକୁ ଯିବାକୁ ପଡ଼ିଲା ସାହାସର ସହ । ସେ ଜାଣିପାରିଛି ସାହାସ ଓ ଧୈର୍ଯ୍ୟ ହିଁ ବିପଦବେଳର ଚାବିକାଠି ।

ସଫାସୁତୁରା ପୋଖରୀକୂଳରେ ପହଞ୍ଚି ଦେଖିପାରିଲା ନିର୍ମଳ ଜଳରାଶି । ଶୋଷ ସମ୍ଭାଳି ନପାରି ଥଣ୍ଟ ବୁଡ଼ାଇଲା ପାଣି ଭିତରକୁ । ଟେରେଇ ଟେରେଇ ଚାହୁଁଥିଲେ ମାଛମାନେ କୁନିବଣିକୁ । ସେମାନଙ୍କ ପ୍ରତି ନଜର ନଦେଇ ଶୋଷ ମେଣ୍ଟାଇଲା କୁନିବଣି । କୂଳରେ ଠିଆହେଲା କ୍ଷଣିକ । ପହଁରି ପହଁରି ଆସୁଥିବା ବତକ ଓ ତା ଛୁଆକୁ ଦେଖି ଅପ୍ରତିଭ ଆନନ୍ଦରେ କୁରୁଳି ଉଠିଲା । କୁନିବଣି ଡାକ ପକେଇଲା ।

ବିଶ୍ୱାସକୁ ସାଉଁଟି ସାଉଁଟି କୁନିବଣିର ଇସାରାରେ ବତକ ଓ ତା ଛୁଆ ପୋଖରୀ କୂଳରେ ପାଦଦେଲେ । ପ୍ରଚୁର ମାତ୍ରାରେ ଖୁସି ହେଇଗଲା କୁନିବଣି । ମା'କୁ ପାଇବାର ସମସ୍ତ ଇଛାକୁ ପୁଞ୍ଜିକରି ପଚାରିଦେଲା - ତୁମେ  କି ମୋର ମାଆ ! ଏଭଳି ଅସମୀଚୀନ ପ୍ରଶ୍ନରେ ବତକ ଉତ୍ତରଦେଲା -- ତୁମେ ମୋ ପରି ପାଣିରେ ପହଁରିପାରିବ ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନରେ ଦୃଢ଼ିଭୂତ ହେଲା ମୁଠାଏ ଆଶା । ଯଦି ପାଣିରେ ପହଁରିପାରିବ, ମା ଡାକିବାର ସୁଯୋଗଟିଏ ମିଳିଯିବ । ପାଦ କିନ୍ତୁ ପାଣି ଭିତରକୁ ଯିବାକୁ ଅନିଚ୍ଛା ମଣୁଥିଲା । ମା ବତକ ଥିଲା ଅତି ଚତୁରୀ, କୁନି ବଣିକୁ ମା'ର ଆଶ୍ରା ଦେବାକୁ କୁଣ୍ଠାବୋଧ କରୁଥିଲା ମନରେ । ସେଇଥିପାଇଁ ତ କୁନିବଣିକୁ ଚତୁରତାର ସହ କହିଦେଲା - ତୁମେ ଡେଣା ଝାଡ଼ି ଉଡ଼ିବାକୁ ଚେଷ୍ଟା କର । ଦିନେ ନା ଦିନେ ଉଡ଼ିଉଡ଼ି ଯାଇ ମାଆ ପାଖରେ ପହଞ୍ଚିବ ।

ମଝିନଈରେ ଭାସି ଯାଉଥିଲାବେଳେ କୁଟାକୁ ବି ଆଶ୍ରା କରାଯାଇଥାଏ । ବିଶ୍ୱାସ ଓ ଭରସା ବେଳେବେଳେ ଆଗକୁ ଯିବାର ବାଟ କଢାଏ । ପାଇବାର ଇଚ୍ଛାକୁ ସାକାର କରେ । ସେଇଥିପାଇଁ ତ ଔପନ୍ୟାସିକ ଚମତ୍କାର ଢଙ୍ଗରେ ବତକ ମୁହଁରେ ଏଭଳି ଆଶ୍ୱାସନାର ବାଣୀ ବାଢିଦେଇଛନ୍ତି । ନିହାତି ସ୍ୱାଗତଯୋଗ୍ୟ ।

ହେଲେ କେମିତି ଯେ ଏତେ ଛୋଟ ଛୁଆଟି ଉଡ଼ିପାରିବ ! ଗାଁ ଆଡ଼େ ମୁହାଁଇଲା ବେଳକୁ ଗାଁ ଦାଣ୍ଡରେ ଚଗଲା ପିଲାଙ୍କ ଫେଚକାମୀ ଦେଖି ଡରିଗଲା । ଆତ୍ମରକ୍ଷା ପାଇଁ ଘର ଚାଳ ଉପରେ ବସିପଡ଼ିଲା କୁନିବଣି ।

ସେ ଚାଳରେ ଘରଟିଏ କରିଥିଲା ଘରଚଟିଆ । ବଣିଛୁଆ ତାଆରି ପରି ପକ୍ଷୀଟିଏ । କିଛି ସମୟ କଥା ହେଉ ହେଉ ଘରଚଟିଆ ଜାଣିପାରିଲା ବିଚରା କୁନିବଣି ମାଆକୁ ହରାଇ ବେସାହାରା ହୋଇ ଘୂରିବୁଲୁଛି ।

ଯାହାର କେହି ନାହିଁ ସାହା,

ତାହାର ଭଗବାନ ସାହା - ଭାବିନେଲା କୁନିବଣି ।

ଘରଚଟିଆ ଖୁସିମନରେ କୁନିବଣିକୁ ଡାକିଲା, ଅଥଚ ସେ ଯାଇପାରିଲାନି । ଉପାୟଶୂନ୍ୟ ହୋଇ ଘରର ଓରା ଉପରେ ବସିରହିଲା । କୁନିବଣି ବିଶ୍ୱାସରେ ପଚାରିଦେଲା - ତୁମେ କି ମୋର ମାଆ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ନା, ମୁଁ ତୋର ମାଆ ନୁହେଁ । ଘରଚଟିଆ ଉତ୍ତରଦେଲା ।

ପୁଣି ଥରେ ଅବଶୋଷ ଭେଦିଗଲା କୁନିବଣିର ମନ ଭିତରକୁ ।

ସହଯୋଗର ହାତ ଲମ୍ବେଇ ଘରଚଟିଆ କୁନିବଣିକୁ ଆଶ୍ୱାସନା ମୁଦ୍ରାରେ କହିଦେଲା - ମୋ ପାଖାପାଖି ରହିବୁ, ମାଆକୁ ଖୋଜିବୁ । ମାଆକୁ ପାଇଗଲେ ତୋ ବସାକୁ ଫେରିଯିବୁ ।

ବିଶ୍ୱାସ ମୂଳେ ଏ ଜଗତ । କୁନିବଣି ମନରେ ଅସୁମାରି ସାହାସ ସଞ୍ଚରିଗଲା ଅପ୍ରତ୍ୟାଶିତ ।

ବେଳେବେଳେ ଘର ଭିତରେ ଏକଲା ହେଇଗଲା କୁନିବଣି । କେବଳ ଆଶା-ଆକାଂକ୍ଷାକୁ ପାଥେୟ କରି କୁନିବଣି ରହିଲା ସେଇଠି । କୁନିବଣି ଶୋଇଥିବା ଓରା ଉପରେ ଭୁଆ ବିରାଡ଼ିର କୁଦୃଷ୍ଟି ପଡ଼ିଲା । ପୁରୁଣା କଥା ମନେପଡ଼ିଗଲା କୁନିବଣିର । ତିନୋଟି ଚଗଲା ପିଲାଙ୍କ ଫେଚକାମୀରୁ ଖସିଆସି ପୁଣି ଥରେ ଭୁଆ ବିରାଡ଼ି ସାମ୍ନାରେ ପଡ଼ିଗଲା ! ନିଜକୁ ବଞ୍ଚାଇବାପାଇଁ ଖଣ୍ଡିଉଡ଼ା ଦେଲା କୁନିବଣି । ଯାହାହେଉ ଶେଷକୁ କୁନିବଣି ଭୁଆ ବିରାଡ଼ି କବଳରୁ ଖସିଗଲା । ତେଣୁ କଥାରେ ଅଛି - ରଖେ ହରି ତ ମାରେ କିଏ ?

ନିଜକୁ ବିପଦମୁକ୍ତ ମଣିଲାନି କୁନିବଣି ଘରଚଟିଆ ବସାରେ । ରାତାରାତି ଚାଲିଗଲା ଗହୀର ବିଲକୁ ନିଜେ ବଞ୍ଚି ମାଆକୁ ଖୋଜିବାର ଦୃଢ଼ପ୍ରୟାସରେ ।

ଯିଏ ସ୍ୱାର୍ଥପର ସିଏ ଅନ୍ୟକୁ ଆପଣେଇ ମଝିରାସ୍ତାରେ ଛାଡ଼ିଦିଏ । ଏଇଟା ତ ସଂସାରର ଚିରାଚରିତ ନିୟମଟିଏ ! ପକ୍ଷୀକୁଳରେ ବି ଅନୁରୂପ ଘଟଣାକୁ ପ୍ରଦର୍ଶିତ କରିଛନ୍ତି ଔପନ୍ୟାସିକ ।

ସକାଳର ସୂରୁଜ ନାଲିମୁରୁଜ ବୁଣିଲାବେଳକୁ କୁନିବଣି ପାଦଥୋଇଲା ପାଟ କିଆରିରେ । ବଗୁଲୀ ମାଛ ଧରିବାକୁ ବ୍ୟସ୍ତ ଥିଲାବେଳେ ତା ଚାରିପଟେ ଘୂରିବୁଲିଲା । ବଗୁଲୀ ମନରେ ସଂଶୟ ଜାତହେଲା । ପଚାରିଦେଲା - କଅଣ ହେଇଛି ତୋର ? ଏମିତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏକା ଏକା ମୋ ଚାରିପଟେ ଘେରା ମାରୁଛୁ । ତୋର କଣ ମାଆ ନାହିଁ ?

ମାଆ ନାହିଁ ବୋଲି କୁନିବୁଣି ଦୁଃଖ କାତର ହୋଇ ନିଜ ଭାବନାକୁ ପ୍ରକାଶ କଲା । ବଗୁଲୀ କିନ୍ତି ସାହାଯ୍ୟ କରିବାକୁ ଆଗେଇଲାନି । ବରଂ ଦୁହିଁଙ୍କ ଦେହର ପର ଉପରେ ତୁଳନା କରି କଗିଦେଲା- ମୁଁ ତୋର ମାଆ ହୋଇଥିଲେ ପର ପରା ଏକା ହୋଇଥାନ୍ତା । ହତୋତ୍ସାହିତ ହୋଇ କୁନିବୁଣି ସେଇଠୁ ବିଦାୟ ନେବାକୁ ବାହାରିଲା । କେବଳ ମନ ବୁଝିବାକୁ ବଗୁଲୀ ଖାଇବା ଚିଜ କୁନିବଣିକୁ ଦେଲା । ଏଠାରେ ଔପନ୍ୟାସିକ ବଗୁଲୀ କଣ ଖାଇବାକୁ ଦେଲା, ସୂଚେଇଦେବା କଥା ।

କୁନିବଣି ଉଡ଼ୁଛି ସିନା ମାଆର ସନ୍ଧାନ ପାଉନି । ତା ପାଇଁ ଆଶା ଦିଗବଳୟ ସେପାରେ । ନା ସେ ହାରିବା ଶିଖିନି । ନିଜ ଗୋଡ଼ରେ ଠିଆ ହେବାର ପରିକଳ୍ପନା କରୁଛି । ହଁ ସେ ପହଞ୍ଚିଲା ବରଗଛ ପାଖରେ । ନିରୋଳା ପଣରେ ଘୂରିବୁଲିଲା ।

କୁଆଡ଼େ ଥିଲା ଶଙ୍ଖଚିଲ କେଜାଣି ଗୋଡ଼ରେ ମୂଷାଟିକୁ ଧରି ସେ ବରଗଛ ଡାଳରେ ବସିଲା । ତାଆଠୁ ଟିକେ ବଡ଼ ଦେଖାଯାଉଥିବାରୁ କୁନିବଣି ଭାବିଲା ଶଙ୍ଖଚିଲ ବୋଧହୁଏ ତା ହଜିଲା ମାଆ !

ମୂଷାଟିକୁ ଖାଇଦେଇ ଖୁସିମନରେ କୁନିବଣିକୁ ପଚାରିଲା- ଏକା ଏକା କିଆଁ ବୁଲୁଛୁ ? ତୋ ମାଆ କୁଆଡ଼େ ଗଲା ?

କୁନିବଣି ଆତୁରତାର ସହ ଜନ୍ମଦିନଠୁ ମାଆକୁ ହରେଇଛି ବୋଲି କହିଦେଲା ।

ଶଙ୍ଖଚିଲ କହିଲା - ତୁ ଜମାରୁ ବ୍ୟସ୍ତ ହୁଅନା । ତୋ ମାଆ ତୋତେ ନିଶ୍ଚୟ ମିଳିବ । ମାଆକୁ ଯିଏ ଖୋଜେ ସେ ଦିନେ ମା ଦିନେ ପାଇଯାଏ । ମାଆକୁ ପାଇଲାପରେ ସେ ଜାଣେ ମାଆ ହିଁ ସରଗଠୁ ବଡ଼ ।

ବହୁତ ସରଳ ବିଶ୍ୱାସୀ ବୋଧହୁଏ ବଣିଛୁଆଟି । ଭାବିନେଲା ଶଙ୍ଖଚିଲ ତା ମାଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇଥିବ କି ?

ଶଙ୍ଖଚିଲ ଆକାଶରେ ଉଡ଼ିଲା । ତା ସାଥିରେ କୁନିବଣି ବି ଉଡିଲା, ହେଲେ କେତେ ସମୟ ଉଡ଼ିପାରିବ ଉଚ୍ଚରେ । ହାଲିଆ ହେବାର ଦେଖି ଶଙ୍ଖଚିଲ ସହାନୁଭୂତି ପୂର୍ବକ କୁନବଣିକୁ ଡେଣାରେ ବସେଇ ତଳକୁ ଖସିଲା ।

ମାଆକୁ ପାଇବାର ଇଚ୍ଛା ଟିକକ ମଉଳଣ ପଡ଼ିଲା କୁନିବଣିର ଶଙ୍ଖଚିଲଠୁ ଏଭଳି ହାଲକା ପ୍ରତିଶ୍ରୁତି ଶୁଣି । ହଁ କୁନିବଣିକୁ ଖୋଜିବାକୁ ପଡ଼ିବ ତା ମାଆକୁ ।

ଚେଷ୍ଟା କଲେ ଆଶା ଫଳବତୀ ହୁଏ ବୋଲି ଔପନ୍ୟାସିକ ଜଣାଇଛନ୍ତି କୁନିବଣିକୁ । ସେଇଥିପାଇଁ ତ କୁନିବଣି ଆଶା ଓ ଭରସାରେ ଉଡୁ ଉଡୁ ମନ୍ଦିର ବେଢାରେ ପହଞ୍ଚିଲା ଯୋଉଠି ପାରାଙ୍କ ଆସର । କାଳେ ପାରା ତା ମାଆ ହେଇଥିବ ଭାବିନେଲା । ପଚାରିଲା ପରେ ଜାଣିବାକୁ ପାଇଲା ପାରା ଯାହା ଖାଏ କୁନିବଣି ତାହା ଖାଏନି । କୁନିବଣିର ମାନସିକତାରୁ ପାରା ଜାଣିପାରିଲା ସେ ମାଆକୁ ଖୋଜୁଛି । ସଫଳ ହେବାକୁ ଚେଷ୍ଟା କରୁଛି । ବୁଝେଇ କହିଦେଉଛି ଏଇଠି ଅପେକ୍ଷା କର । ଦିନ ସରିବ, ସଞ୍ଜ ନଇଁବ । ପକ୍ଷୀ ମେଳରେ ବେଢା ପୂରିବ । ସେମାଙ୍କ ଭିତରୁ କିଏ ତୋହର ମାଆ ହୋଇଥିବ । ଜାଣିବୁ, ଆଦରି ନେବୁ ।

ସତରେ ଇଏ ଗୋଟେ ବିରାଟ ଆଶ୍ୱାସନା ଓ ଅଭୟବାଣୀ ପରି ପ୍ରତୀୟମାନ ହେଲା କୁନିବଣିକୁ । ବେଳ ବୁଡ଼ିବାଯାଏଁ ବେଢା ଭିତରେ ଏପଟ ସେପଟ ହେଲା କୁନିବଣି ।

ରାତି ହେଲା ସୂର୍ଯ୍ୟ ପଶ୍ଚିମାକାଶରେ ଡୁବିବାପରେ । ମନ୍ଦିର ବେଢା ବରଗଛରେ ପକ୍ଷୀଙ୍କ ମେଳଣ ଚାଲିଲା । ହେଲେ କୁନିବଣିର ମା କିଏ ? ପୁଣି ହତାଶାବୋଧର ବୁଢିଆଣି ଜାଲରେ ଛନ୍ଦି ହେଇଗଲା ଆପେ । ଏଇଠି ସମସ୍ତେ ଆଶ୍ୱାସନାର ବାଣୀ ଶୁଣାଇବାରେ ଓସ୍ତାଦ, କିନ୍ତୁ ପ୍ରକୃତ ସାହାଯ୍ୟ ସହଯୋଗକୁ ଆଦରିବାରେ କାହାରି ଇଚ୍ଛା ନାହିଁ । ଏଇଟା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାଗ୍ୟର ବିଡ଼ମ୍ବନା ନୁହେଁ ତ ଆଉ କ'ଣ ହେଇପାରେ ! କୁନିବଣି ଯେମିତି ଅନ୍ଧାରୀଗଳିରେ ଆତଯାତ ହେଉଛି !

ନା, ସାହାସ ଓ ଧୈର୍ଯ୍ୟ ହରାଇଲେ ସମସ୍ୟାର ସମାଧାନ ହୋଇପାରିବନି ଜାଣିପାରି ଔପନ୍ୟାସିକ କୁନିବଣିକୁ କିଛି ପାଇବାର ବାଟ ଦେଖେଇଛନ୍ତି । ତାକୁ ନେଇଯାଇଛନ୍ତି ଆମ୍ବଗଛ ନିକଟକୁ ଯୋଉ ଡାଳରେ ବସି କୁନିବଣି ରାତି ପୁହାଇବ ।

ହଁ ସେୟା ହିଁ ହେଲା । ଆମ୍ବଗଛ ଡାଳରେ ବସିଲା କିନ୍ତୁ ତାକୁ ଦେଖିଦେଲା ରାତ୍ରିଚର ପକ୍ଷୀ ପେଚା ।

କିଏ କିଏ ପେଚାକୁ ଅଶୁଭ ବୋଲି ମନେକରନ୍ତି । କଥାଟି ସତ ବୋଲି ଲାଗିଲା କାରଣ କୁନିବଣିକୁ ଦେଖି ରାଗରେ ଜରଜର ପେଚା । ଧମକେଇ କହିଦେଲା - ମୋ ଭୟରେ ଏଠି କିଏ ରହନ୍ତିନି । ଏଠୁ ଜୀବନ ନେଇ ପଳା ।

ପେଚା ଏତେ ନିର୍ଦ୍ଦୟ ହେଲା କିପରି ! ଅବେଳରେ ଆଉ ରାତିରେ ଆଶ୍ରିତ ପକ୍ଷୀକୁ ଏଭଳି ବ୍ୟବହାର ଦେଖାଇବା ଅନୁଚିତ୍ । ପେଚା ଅଶୁଭ ବୋଲି ତା ତୁଣ୍ଡରେ ଏଭଳି ବିଷୋଦଗାର ଶବ୍ଦ ଦେଇଛନ୍ତି ଔପନ୍ୟାସିକ ।

ବଣିଚୁଆଟି ନମ୍ର ସ୍ୱଭାବରେ କହିଦେଲା ଯେ ସେ ମାଆକୁ ହରେଇଛି । ତା ଠିକଣା ପାଉନି । ସାହାଯ୍ୟ ଓ ସହଯୋଗରେ ମାଆ ମିଳିଯାଇପାରେ ।

ଦିନରାତିକୁ ଏକାକାର କରିଦେଲା କୁନିବଣି । ବୁଲିଲା ରାତିସାରା ପେଚା ସାଥିରେ । ଯାହାକୁ ଦେଖିଲା କେହି ମାଆ ପରି ଜଣା ପଡୁନାହାଁନ୍ତି ।

ବିଚରା ଫେରିଆସିଲା ଆମ୍ବଗଛକୁ ଲୁହ ସଜଳ ଆଖିରେ । ପେଚା ଜୀବନରେ କାହାକୁ ସାହାଯ୍ୟ କରିନି, ସେ ବା କାହିଁକି ଏତେ ସମୟ ନଷ୍ଟ କରିବ କୁନିବଣିର ମାଆ ଖୋଜିବାକୁ । ନିଜ କୋରଡ଼ରେ ଆତ୍ମଗୋପନ କଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଣି ଛୁଆଟି ଗଛଡାଳରୁ ବାହାରି ବୁଲିଲା ମାଆର ସନ୍ଧାନରେ । ଏଇଠି ମନେପଡ଼ିଯାଏ ବିଶିଷ୍ଟ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର କଥାଟିଏ । ଯୋଉଠି ଆଡଭେଞ୍ଚର ସେଇଠି ପାଇବାର ଆଶାଦୀପ ଦିକିଦୀ ଜଳୁଥାଏ । ଏ ଜୀବନଟା ଏକ ଆଡଭେଞ୍ଚର ।

ସମୟ ବିତିଯାଏ ଆପଣା ଛାଏଁ । କିଏ ପାଇଲା ନ ପାଇଲା ତାର ଯାଏସେ କେତେ ?

ଡାମରା କାଉ ସହ ଭେଟ ହେଲାପରେ ପିଲାଟିବେଳୁ ହରେଇଥିବା ମାଆ ବିଷୟରେ ଦୁଇପଦ କଥାହେଲା ବଣି ଛୁଆଟି । ସୁସ୍ଥ ପରିବେଶ ପାଇଁ ଭୂମିକା ନେଇଥିବା ଡାମରାକାଉ ସିଧାସଳଖ ସହଯୋଗ ନ କରି ନିଜକୁ ସିଆଣା ଦର୍ଶାଇ ପାଣିକୁଆ ସାହାଯ୍ୟ କରିପାରିବ ବୋଲି ନରମ ଢଙ୍ଗରେ କହିଦେଲା ।

ପକ୍ଷୀ ହୋଇ ବି ଡାମରାକାଉ ସାହାଯ୍ୟ କଲାନି ବଣିଛୁଆକୁ, ତେବେ ଏ ଉପାଖ୍ୟାନକୁ ଔପନ୍ୟାସିକ କାହିଁକି ଉପସ୍ଥାପନା କଲେ । ସେ ତ ସିଧାସଳଖ କୁନିବଣିକୁ ପାଣିକୁଆ ସହ ଭେଟ କରିପାରିଥାନ୍ତେ ! କାହାଣୀର ସୂତାଖିଅକୁ ଲମ୍ବେଇବାର ପ୍ରୟାସକୁ ଜାରି ରଖିବାପାଇଁ ବୋଧହୁଏ ଡାମରାକାଉ ସହ ଭେଟ କରାଇଛନ୍ତି ।

ଯାହାହେଉ ଡାମରାକାଉର କଥାକୁ ବିଶ୍ୱାସ କରି ଉଡ଼ି ଉଡ଼ି ଦୟାନଦୀ କୂଳରେ ପହଞ୍ଚିଗଲା କୁନିବଣି । ବାଲି ପଦର ଉପରେ ନିରେଖି ଚାହିଁଲା ପାଣିକୁଆକୁ । ଡାମରାକାଉ ତ କହିଛି ପାଣିକୁଆ ତା ମାଆ ଖବର କହିପାରିବ ।

ଓଦା ସରସର ହୋଇ ନଦୀପଠାକୁ ଆସିଲା ପାଣିକୁଆ । ଝାଡ଼ିଝୁଡ଼ି ହେଲାପରେ ପଚାରିଲା ସବିଶେଷ ବିବରଣୀ କିନ୍ତୁ ସଠିକ ଉତ୍ତର ନ ପାଇ ପୁରୁଣା କଥାଗୁଡ଼ିକ ଭାବି ଭାବି ମନଦୁଃଖ କଲା ବଣିଛୁଆ । କୁନିବଣିର ଅନୁନୟରେ ପାଣିକୁଆ ସୂଚେଇଦେଲା ବାଇ ଚଢ଼େଇର ସାହାଯ୍ୟ ନେବାକୁ । ଏକୁଟିଆ ଯାଇ ମାନସିକ ଆଘାତ ପାଇବା ଅପେକ୍ଷା ଦୁଇଜଣ ସାଙ୍ଗ ଏକାଠି ଗଲେ ସମାଧାନ ବାଟ ଖୋଲା ହେଇଯିବ । ମନରେ କଥାଟିକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଚାରି ଦୁହେଁ ବାଇଚଢ଼େଇ ନିକଟକୁ ଗଲେ ଏକ ଯୁକ୍ତାତ୍ମକ ମାନସିକତାରେ । ପହଞ୍ଚିଲା ବେଳକୁ ଅଣ୍ଡିରା ଓ ମାଈ ବାଇଚଢ଼େଇ ତାଳଗଛ ବାହୁଙ୍ଗାରେ ଝୁଲନ୍ତା ଘର ତୋଳିବାରେ ବ୍ୟସ୍ତ ଥିଲେ । କୁନିବଣି ନିଜ ଦୁଃଖ କାହାଣୀକୁ ସରଳ ତରଳ ପ୍ରାଞ୍ଜଳ ମୁଦ୍ରାରେ ପ୍ରକାଶ କରୁ କରୁ ବାଇଚଢ଼େଇ କହିପକେଇଲା - ହଁ ମନେରଖିଥା, ବାତ୍ୟା ଆସିବାର ସୂଚନା ମିଳୁଛି ।

କୁନିବଣିର ଶଙ୍କା ବଢିଗଲା । ସେ ପିଲାଟିବେଳୁ ଜାଣିନଥିଲା ବାତ୍ୟାର ସଂଜ୍ଞା । କେବଳ ମାଆକୁ ହରେଇଛି ଆଉ ମାଆକୁ ଖୋଜିପାଇବାର ଇଛା ଟିକକ ମନ ସାରା ଜଡ଼ିଯାଇଛି

ବାତ୍ୟା କଅଣ ପ୍ରଶ୍ନ ପଚାରିଲା, କୁନିବଣି ।

ବାଇଚଢ଼େଇ ଉତ୍ତରଦେଲା - ବାତ୍ୟା ହେଉଛି ପବନର କ୍ଷୀପ୍ର ବେଗ ଓ ଭୟାନକ ରୂପରେ ଆସେ, ପକ୍ଷୀକୁଳକୁ ବିପଦ । ଠିକ୍ ଅଛି, ତୁମେ ଯେହେତୁ ଆମର ଶରଣାଗତ, ସମସ୍ତ ଆସନ୍ନ ବିପଦରୁ ଉଦ୍ଧାର କରି ଠିକଣା ଜାଗାରେ ପହଞ୍ଚେଇଦେବାର ବନ୍ଦୋବସ୍ତ କରିଦେବୁ ।

ସତରେ ଏମିତି ଖୁସିଖବରଟେ ଦେବାକୁ ଔପନ୍ୟାସିକ କୁନିବଣିର ଧୈର୍ଯ୍ୟକୁ ତଉଲିଥିଲେ ।

ନାଲିମୁକୁଟ ପିନ୍ଧି କାଠହଣା ଚଢ଼େଇ ଠିକ୍ ବେଳରେ ପହଞ୍ଚିଗଲା । ସମୟକୁ ନଷ୍ଟ ନ କରି ବାଇଚଢ଼େଇ ବଣିଛୁଆର ମାଆକୁ ଖୋଜିବାର ଆତୁରରା ଓ ଅଗତ୍ୟା ବାତ୍ୟା ଆସିବାର ପ୍ରାରମ୍ଭିକ ସୂଚନା  ଜଣାଇଦେଲା ଅତିଥି କାଠହଣା ଚଢ଼େଇକୁ । ସୁନ୍ଦର ଆଲୋଚନାଟିଏ ଚାଲିଲା ଆନ୍ତରିକତାର ସହ । ଛୋଟ ପକ୍ଷୀ ଛୁଆଟେ ପିଲାଟିବେଳୁ ମାଆକୁ ହରେଇଛି, ଅଥଚ କେହି ତାକୁ ହୃଦୟ କୋଣରୁ ସାହାଯ୍ୟ କରୁନାହାଁନ୍ତି, ବିବ୍ରତ ହୋଇଗଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପକ୍ଷୀମାନେ । କଳେବଳେ କୁନିବଣିର ମାଆକୁ ଖୋଜିବାର ଆପ୍ରାଣ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହେଲେ । ସାମାଜିକ ଦୃଷ୍ଟିକୋଣରୁ ବିଚାରକଲେ ଅନୁକୂଳ ସମୟ ଓ ନିଃସ୍ୱାର୍ଥପର ତଥା ପରୋପକାରୀ ବନ୍ଧୁଟିଏ ଦେଖାହେଲେ, ଆଶା ଓ ଅଭିଳାଷ ପୂର୍ଣ୍ଣହେବାର ରାସ୍ତା ଦେଖାଯାଏ । ଏବେ ତାହା ହିଁ ଘଟିବାକୁ ଗଲା କୁନିବଣିର ଭାଗ୍ୟରେ । ଆଲୋଚନାର ନିଷ୍କର୍ଷରୁ ଜଣାପଡ଼ିଲା ନଡ଼ିଆଗଛର କୋରଡ଼ ହିଁ ସମ୍ପୂର୍ଣ୍ଣ ନିରାପଦ ସ୍ଥାନ, ସେଇଠି ହିଁ ରହିବ କୁନିବଣି । ନଥିବ ମହାବାତ୍ୟାର ଭୟ ବରଂ ଶୁଆ ଓ କାଠହଣା ଚଢ଼େଇଙ୍କ ଅପର୍ଯ୍ୟାପ୍ତ ଅନୁକମ୍ପା ମିଳିବ । ହଜିଯାଇଥିବା ମାଆର ଠିକଣା ବି ପ୍ରାପ୍ତ ହେବ ଅନାୟସରେ ।

ମନଭିତରେ ଅଫୁରନ୍ତ ପୁଲକ, ଉନ୍ମାଦ ଭରିଗଲା କୁନିବଣିର ।

ପାଣିକୁଆ ଫେରିଗଲା ନିଜ ବାସସ୍ଥଳୀକୁ । ବାଇଚଢ଼େଇ ତା ବସା ନିର୍ମାଣରେ ଲାଗିପଡ଼ିଲା ବିଶ୍ୱକର୍ମା ପରି । ନଡ଼ିଆ ଗଛ କୋରଡ଼ରେ କୁନିବଣିକୁ ଆଶ୍ରା ମିଳିଗଲା । ସାଥୀ ମିଳିଗଲା ପାଖରେ ରହୁଥିବା ଶୁଆ ।

ଶୁଆ ମଣିଷ ଭଳି କଥା କହିପାରେ, ସେଇଥିପାଇଁ ତ ଡାକ ପକେଇଲା କୁନିବଣି....କୁନିବଣି ।

ମଣିଷ ପରି କଥା କହୁଥିବା ଶୁଆକୁ ଦେଖି କୁନିବଣି ମନରେ ଆଶା ଓ ଭରସା ଉଦ୍ରେକ ହେଲା । ଶୁଆ ସମସ୍ତ ବିଷୟ ଜ୍ଞାତ ହେଲାପରେ ମାଆକୁ ଖୋଜିବାର ରାହା ଦେଖାଇଲା । ପ୍ରଥମେ ଅପ୍ରତ୍ୟାଶିତ ବାତ୍ୟା ଦାଉରୁ ମୁକୁଳିବାକୁ ପଡ଼ିବ ତା'ପରେ ମାଆ ଖୋଜିବାର ଅଦମ୍ୟ ପ୍ରଚେଷ୍ଟା କରିବାକୁ ହେବ ।

ଶୁଆର ଏ ଆଶ୍ୱାସନା ଓ ମଧୁର କଥାରେ କୁନିବଣି ନିଃଶ୍ୱାସ ମାରିଲା ।

ସମୟେ ସମୟେ ମନର କଥାଟି ସତ ହୋଇଯାଏ, ଯେମିତିକି ବାଇଚଢ଼େଇ ଓ ଶୁଆ ବାତ୍ୟାର ଝଲକ ପାଇସାରିଥିଲା । ଶୁଆ ଓ କାଠହଣା ଚଢେଇର ଆଲୋଚନାରୁ ଦୁଇଦିନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପରେ ହିଁ ସତକୁସତ ବାତ୍ୟା ଆରମ୍ଭ ହୋଇଗଲା ।

ଅତି ମାତ୍ରାରେ ଶବ୍ଦ କରି ବାୟୁ ପ୍ରବାହିତ ହୋଇ ମନରେ ଭୟ ଜଡ଼େଇଦେଉଥିଲା । କୁନିବଣି ଡରିଯାଉଥିଲା । ଜନ୍ମଦିନ ପରଠୁ ଏମିତି ବାତ୍ୟାକୁ ସାମ୍ନାରେ ଦେଖିନଥିଲା । ସେ ନଡିଆଗଛର କୋରଡ ଭିତରେ ନିରାପଦରେ ଥିଲା । କୋରଡ ଭିତରୁ ମୁହଁ କାଢି ସବୁ ଦେଖିପାରୁଥିଲା ।

ବିଚରା ଗେଣ୍ଡାଳିଆ ବାତ୍ୟାର ଦାଉ ସହିପାରିଲାନି । ଆକାଶରେ ଉଡୁ ଉଡୁ ଚିତପଟାଙ୍ଗ ହୋଇ ପଡିଗଲା । ଖାଇବ କଣ କିଏ ବା ତାକୁ ଖାଇବାକୁ ଦେବ ଏ ବାତ୍ୟାରେ । ଶୁଆ ଓ କାଠହଣା ଚଢେଇ ଚିନ୍ତିତ ହୋଇପଡିଲେ । ସମସ୍ତଙ୍କ ତୁଣ୍ଡରେ ଗୋଟିଏ କଥା ବାତ୍ୟାର ପ୍ରକୋପ କମିଗଲେ, ସମସ୍ୟା ସମାଧାନ ହେଇଯିବ ।

ତିନିଦିନପରେ ବାତ୍ୟା ଥମିଗଲା । ପାଗ ଶୁଖିଲା ଦିଶିଲା। ପରିବେଶ ସଫାସୁତୁରା ହେଲା । ଗେଣ୍ଡାଳିଆ ପ୍ରତି ଦୟାପରବଶ ହୋଇ କାଠହଣା ଚଢେଇ କୁନିବଣି ଓ ଶୁଆ ତା ପାଖକୁ ଗଲେ । ଖଜୁରି ଗଛ ବୁଦା ଭିତରୁ ବାହାରି ଆସିବାପାଇଁ ପ୍ରବର୍ତ୍ତାଇଲେ । ଖରାରେ ବୁଲିଲେ ଦେହଟା ତାଜା ଲାଗିବ ବୋଲି କହିଲେ ।

ଉପନ୍ୟାସର ଭିତର କାହାଣୀଟି ଅଧିକ ପାଠକୀୟତା ଆଡ଼କୁ ମୁହାଁଇଲାଣି । ଯେଉଁମାନଙ୍କର ପ୍ରବୃତ୍ତି ଅନ୍ୟର ଉପକାର କରିବା, ନୂଆ ଦିଶା ଦେଖାଇବା, ସେହି ପକ୍ଷୀମାନଙ୍କ ଭେଟ କରାଉଛନ୍ତି ଔପନ୍ୟାସିକ । ପ୍ରାରମ୍ଭରୁ ଏମାନଙ୍କ ଚରିତ୍ରକୁ ବଖାଣ କରାଯାଇଥିଲେ କାହାଣୀଟି ଲମ୍ବିନଥାନ୍ତା କି ଜିଜ୍ଞାସାର ବାଟ ଫର୍ଚ୍ଚା ହୋଇନଥାନ୍ତା । ଚତୁରତାର ସହ ଉପନ୍ୟାସର ସଂଜ୍ଞାକୁ ବୁଝି କାହାଣୀରେ ଅନେକ ପକ୍ଷୀକୁ ସାମିଲ କରିଛନ୍ତି । ସତରେ ପ୍ରଶଂସାର୍ହ ।

ଶୁଆ କାଠହଣା ଚଢ଼େଇ ଗେଣ୍ଡାଳିଆ ଓ କୁନିବଣି ମନସ୍ଥକଲେ ବାଇଚଢ଼େଇକୁ ଯାଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୋଚନା କରିବାକୁ । ଯିବାକୁ ବାହାରିଲେ । ପାଣିକୁଆ ବି ସାମିଲ ହେଲା ସେମାନଙ୍କର ଚଲାବାଟରେ । ବାଇଚଢ଼େଇ ପକ୍ଷୀମାନଙ୍କୁ ଦେଖି କୁନିବଣିର ଅସଲ ଦୁଃଖକୁ ସାଉଁଟିଲା । ଏକ ପକ୍ଷୀସଭାର ଆୟୋଜନ କରି ମା ବଣିକୁ ଖୋଜିବାକୁ ପ୍ରସ୍ତାବ ଆଗତ କରାଗଲା । ରାଜି ହେଲେ ସଭିଏ । ଡଗର ସାଜିଲା କାଉ ଆଉ ଅବିଳମ୍ବେ ଖବର ପହଞ୍ଚିଗଲା ପକ୍ଷୀ ସମାଜରେ । ଏକାଠିହେଲେ ପାଣିକୁଆ ରହୁଥବା ପାଣିପଦରରେ । ପକ୍ଷୀ ମେଳାରେ ଯୋଗଦେଲେ ଟେଣ୍ଟେଇ, ଭଦଭଦଳିଆ,ମାଛରଙ୍କା, କୁମ୍ଭାଟୁଆ ଓ ଶଙ୍ଖଚିଲ ।

ଶୁଆ ସଭାପତି ଆସନରେ ରହି ସଭାକାର୍ଯ୍ୟ ତୁଲାଇଲା । ମୂଳ ଉଦ୍ଦେଶ୍ୟ ଥିଲା ବଣିଛୁଆର ମାଆକୁ ଖୋଜିବା । ପକ୍ଷୀକୁଳର ଇଜ୍ଜତ ରଖିବାକୁ ହେବ ।

କୁମ୍ଭାଟୁଆ ପ୍ରାରମ୍ଭିକ ସୂଚନାପୂର୍ବକ କହିଦେଲା ଯେ ସେ ଦୟାନଦୀ କୂଳରେ ରାଜଦଳ ଉପରେ ରହୁଥିଲା । ସୁଅ ଭସେଇନେଲା ଆଉ ତାପରେ ଗଡସାହି ପୋଲ ପାର ହେଉ ହେଉ ମାଆ ବଣି ସେହି ରାଜଦଳ ଉପରେ ବସିଲା । କିଛି ସମୟ ଉତ୍ତାରେ ସେ ସିନା ରାଜଦଳରୁ ବାହାରିଗଲା କିନ୍ତୁ ମାଆ ବଣି ଚିଲିକା ଆଡ଼େ ମୁହାଁଇଲା ।

ପକ୍ଷୀମାନେ ପରସ୍ପର କଥାହେଲେ ଯେ ଗଡ଼ସାହି ପୋଲ ତଳକୁ ଗଲେ ବଡ଼ଗୋଠ ଯାହାକି ଦୟା ଭାର୍ଗବୀ ଓ ଲୁଣାନଦୀର ସଂଗମସ୍ଥଳ । ସେହି ବାଟଦେଇ ମାଆ ବଣି ଚିଲିକା ମୁହଁ ଯାଏ ଯାଇଥିବ ।

ମାଆ ବଣିର ଖୋଜଖବର ଟିକେ ପାଖେଇ ଆସିଲାଣି ।

ଟେଣ୍ଟେଇ ପକ୍ଷୀର ଗୋଡ଼ଟେକି ରହିଥିଲା କାଳେ ଆକାଶଟା ଗୋଟାପଣେ ଛିଣ୍ଡିପଡ଼ିବ ତା ଉପରେ । ଏଇଟା ତା ଜନ୍ମଗତ ପ୍ରବୃତ୍ତି । ଉପନ୍ୟାସରେ ଏ ବାସ୍ତବତାକୁ ପାଠକାଭିମୁଖୀ କରାଯାଇଛି ସହଜରେ ।

ସରଳ ସ୍ୱଭାବରେ ଟେଣ୍ଟେଇ ପକ୍ଷୀ ମାଆ ବଣିକୁ ବଡ଼ଗୋଠ ନିକଟରେ ଦେଖିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଲି ଆଭାସ ଦେଲା । ମନେମନେ ସଭିଏଁ ଭାଳିଲେ ଯେ ବଡ଼ଗୋଠରୁ ସିଧା ସିଧା ତଳେ ଗଲେ ଛୋଟିଆ ଜାଗାଟି ଦିଶେ ଯାହାର ନାଁ ବଡ଼କୁଦି ।

ଚାକ୍ଷୁଷ ପ୍ରମାଣ ଦେଇ ଭଦଭଦଳିଆ କହିପକେଇଲା ମାଆ ବଣି ରାଜଦଳ ଉପରେ ବସି ବଡକୁଦିଆକୁ ଯାଉଥିଲା । କିନ୍ତୁ ଗଲା କି ନ ଗଲା ଜାଣିପାରିଲାନି । କଥାରେ କଥା ମିଶାଇ ମାଛରଙ୍କା ଦେଖିଥିବା ଖବର ସୂଚେଇଦେଲା ।

ପକ୍ଷୀମାନଙ୍କଠୁ ଏଭଳି ସମ୍ବାଦ ପାଇଲାପରେ ଶୁଆ ନିଶ୍ଚିତ ହୋଇଗଲା ମାଆ ବଣି ଚିଲିକା ଭିତରକୁ ଯାଇଛି । କଥାରେ ଅଛି ମିଳିମିଶି କାମ କଲେ ଅସମ୍ଭବ ବି ସମ୍ଭବ ହୋଇପାରିବ, ଅର୍ଥାତ୍ ମାଆ ବଣିର ସଠିକ ଠିକଣା ମିଳିପାରିବ ।

ସଭାସାଙ୍ଗ ହେଲାପରେ ଯେଝା ବାଟରେ ଯିଏ ଗଲେ ବି ଗେଣ୍ଡାଳିଆ ସମୟକୁ ସୁବିନିଯୋଗ କରି ଚିଲିକା ଚାରିପଟେ ମାଆ ବଣିର ସନ୍ଧାନ କରିବାକୁ ମନସ୍ଥକଲା ।

ଉପନ୍ୟାସର ଲିଖନ ଶୈଳୀ ଯେତିକି ଗତିଶୀଳ ହେଉଛି ଜାଣିବା / ଖୋଜିବାର ଇଛାତକ ପୂରିଲାପୂରିଲା ଲାଗୁଛି ।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କବିତା "ରେଳ ଉପରେ ଚିଲିକା ଦର୍ଶନ" କବିତାରୁ ମନେପଡ଼ୁଛି ପ୍ରଥମ ପଦ -

ରହ ରହ କ୍ଷଣେ ବାଷ୍ପୀୟ ଶକଟ

ଦେଖିବି ଚିଲିକା ଚାରୁ ଚିତ୍ରପଟ ।

ପଣ୍ଡିତ ଗୋଦାବରୀଶ ମିଶ୍ର "କାଳିଜାଇରେ ସନ୍ଧ୍ୟା" କବିତାଟି ଚିଲିକାର ଅନିର୍ବଚନୀୟ ସୁଷମା ଓ ବିଦେଶାଗତ ପକ୍ଷୀଙ୍କ ସମାବେଶକୁ ଭାବବିଭୋରେ ଲେଖିଛନ୍ତି ।

ଆଜି କୁନିବଣି ଉପନ୍ୟାସକୁ ସମୀକ୍ଷା ସମୟରେ ଶିଶୁ ଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କ କଥା ମନେପଡ଼ୁଛି । ସେ ସ୍ଥାନିତ କରିଥିବା ନଦୀ ଓ ସ୍ଥାନକୁ ନିଜ ବାହାଁଣୀରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଏଦ କରିଛନ୍ତି । ବିଶେଷ କରି ଚିଲିକାର ଶୀତକଳୀନ ଅପରୂପ ଶୋଭାରାଜିକୁ ସୁନ୍ଦର ଠାଣିରେ ବର୍ଣ୍ଣନା କରିଛନ୍ତି । ଯିଏ ବି ଦେଖିଛି ଶୀତୁଆ ପାଗର ପକ୍ଷୀ ସମାବେଶ ବିମୁଗ୍ଧ ହେଇଛି । ହଜାର ହଜାର ମାଇଲ ଦୂରରୁ ଜାତିଜାତିକା ପକ୍ଷୀ ଏଠି ମନଖୁସିରେ ଉଡ଼ିବୁଲନ୍ତି ।

ଶୀତ ଋତୁର ଏମିତି ପରିବେଶର ଫାଇଦା ଉଠେଇଛି ଗେଣ୍ଡାଳିଆ । ତାର ଜିଦ୍ଦି, ଯେ କୌଣସି ପ୍ରକାରେ ମାଆ ବଣିର ସନ୍ଧାନ ପାଇ କୁନିବଣିର ମନରେ ଖୁସିର ପ୍ରଲେପ ବୋଳିବ । ମାଆକୁ ହରେଇବା ଦୁଃଖକୁ ଯିଏ ଅନୁଭବିଛି ସେ ହିଁ ଜାଣିଛି ଦୁଃଖର ସାରମର୍ମ ।

ନଳବଣରେ ବୁଲୁଥିଲା ଗେଣ୍ଡାଳିଆ ଶୀତୁଆ ପବନରେ । ଆଖିରେ ଖୋଜିବାର ଚାହାଁଣୀ ସ୍ପଷ୍ଟ ଜଣାପଡୁଥିଲା । ତଳକୁ ଚାହିଁ ଦେଖିଲା ମାଆ ବଣି ନଳଘାସ ଉପରେ ବସିଛି । ଏଇଟା ତ ସୁବର୍ଣ୍ଣ ସୁଯୋଗ । ହାତ ପାଆନ୍ତାରେ ହଜିଲା ଚିଜ ଖୋଜିଲା ଠେଇଁ । ପାଖେଇଗଲା ମାଆ ବଣିର । ଗେଣ୍ଡାଳିଆକୁ ଦେଖି ଘୁଞ୍ଚିଗଲା ଏ ଅଲୋଡ଼ା ଭୟରେ । ଏତେଦିନ ହେଲା ମାଆ ବଣି ଏକୁଟିଆ ବୁଲୁଥିଲା । ନା ଥିଲା ସାଥୀ ସହୋଦର କି ବନ୍ଧୁବାନ୍ଧବ । କିଭଳି ଗେଣ୍ଡାଳିଅ ସହ କଥା ହେବ ଏତେ ସହଜରେ । କାରଣ ସେ ଜାଣିପାରୁଥିଲା ଗେଣ୍ଡାଳିଆ ଗୋଟେ ବଡ଼ ପକ୍ଷୀ ଆଉ ସୁନ୍ଦର ଚିଲିକା ତାର ଅତି ଆପଣାର ।

ଗେଣ୍ଡାଳିଆ ଅଚିହ୍ନା ହେଲେ ବି ତା ହାବଭାବରୁ ଜଣାପଡୁଥିଲା ପରୋପକାରୀ ପକ୍ଷୀଟିଏ । ଗାଁରୁ ଆସି ଏ ଚିଲିକାରେ ପହଞ୍ଚିବା ଦେଖି ମାଆ ବଣିକୁ ସରଳ ସ୍ୱଭବରେ ପ୍ରଶ୍ନଟିଏ ପଚାରୁ ପଚାରୁ ମାଆ ବଣି ଟିକେ ଆଶ୍ୱସ୍ତି ଅନୁଭବ କଲା । ଏକ ବନ୍ଧୁତ୍ୱପୂର୍ଣ୍ଣ ଭାବାବେଗେ ନିଜ ଅତୀତକୁ ସାଉଁଟିଲା । ଦିନେ ମୃତ ଶାଗୁଣାକୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଦେଖା କରି ଫେରିଲାବେଳକୁ ଅଜାଣତରେ ଲୁହାଖୁଣ୍ଟରେ ପିଟିହୋଇ ଏକ ଡେଣା ହରେଇଲା । ଏକ ଆସନ୍ନ ବିପଦରୁ ଆତ୍ମରକ୍ଷା ପାଇଁ ଦୟାନଦୀ କୂଳକୁ ପଳେଇଆସିଲା । ମନରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନେକ ଭାବନା ଉଙ୍କିମାରିଲା । ରାଜଦଳ ଉପରେ ବସି ଚିଲିକା ଭିତରକୁ ଯିବାକୁ ପ୍ରୟାସ କଲା । ବଡ଼ଗୋଠଦେଇ ଚିଲିକା ଭିତରକୁ ପଳେଇଆସିଲା । ପରେ ପରେ ବଡ଼କୁଦିରେ ନିରାପଦ ଭାବି ରହିଗଲା ଯେତେଦିନ ଏବଂ ଚିଲିକାପାଣିରେ ଭାସି ଭାସି ନଳବଣରେ ରହିଲା ।

ଗେଣ୍ଡାଳିଆ ତ କୁନିବଣିଠୁ ସବୁ ଖବର ସଂଗ୍ରହ କରିଥିଲା । ମାଆ ବଣି ତୁଣ୍ଡରୁ ଏଭଳି ଖବର ଶୁଣି ଜାଣିପାରୁଥିଲା ଘଟଣାଟି ତାଳମେଳ ଖାଉଛି । ଖୋଜିବାର ଅସଲ ମଞ୍ଜିକୁ ବାହାର କରିବାକୁ ଲାଗିଲା । ଗେଣ୍ଡାଳିଆ କହିଲା - କହ ତ ଦେଖି ତୁମେ ତ ଅଣ୍ଡା ଉଷୁମାଉଥିଲ । ସେ ଅଣ୍ଡାର ଅବସ୍ଥା କଣ ହେଇଥିବ ?

ନିଜକୁ ନିଜେ ସମ୍ଭାଳିପାରିଲାନି ଗେଣ୍ଡାଳିଆ । ଏଣୁତେଣୁ ଗୁଡ଼ାଏ ପ୍ରଶ୍ନରେ ମାଆ ବଣକୁ ଭାରାକ୍ରାନ୍ତ ନକରି ସିଧାସଳଖ କୁନିବଣି ଜନ୍ମ ଓ ସେ ମାଆକୁ ଖୋଜୁଛି ବୋଲି କହିଦେଲା ।

ମାଆ ବଣି ମନରେ ଅହେତୁକ ପ୍ରଫୁଲ୍ଲିତ ପୁଲକ ଜାଗିଉଠିଲା, ନିଜ ଛୁଆକୁ କୋଳେଇନେବାକୁ । ରକ୍ତ ସମ୍ପର୍କ ବିଚ୍ଛିନ୍ନ ହୋଇପାରିବ କେମତି ? ଚିଲିକାରୁ ଫେରିବ କେମିତି ।

ଗେଣ୍ଡାଳିଆ ମାଆ ବଣିକୁ ସାକ୍ଷାତ କରିପାରିଛି, ସୌଭାଗ୍ୟର  କଥା । ମାଆ ବଣିକୁ ନଳବଣରେ ରାତ୍ରିଯାପନ କରିବାକୁ ଫେରିଆସିଲା ଗେଣ୍ଡାଳିଆ ଦୟାନଦୀ କୂଳକୁ ।

ଗେଣ୍ଡାଳିଆ, ବାଇଚଢ଼େଇ, ଶୁଆ, କୁମ୍ଭାଟୁଆ, କାଠହଣା ଚଢ଼େଇ, ପାଣିକୁଆ ଓ ଶଙ୍ଖଚିଲ ମଧ୍ୟରେ ବିଚାର ବିମର୍ଶ ଚାଲିଲା । ଶଙ୍ଖଚିଲ ହିଁ ଏକମାତ୍ର ସାହା ହୋଇପାରିବ ଏ ଘଡ଼ିସନ୍ଧି ମୁହୂର୍ତ୍ତରେ । ଏଇଠି ମନେପଡ଼େ ପିଲାଦିନର ଖେଳଗୀତ- ଶଙ୍ଖଚିଲ ଭାଇ ନମସ୍କାର। ଏତକ କହୁକହୁ ନଖରେ ଧଳାଚିହ୍ନଟିଏ ଦେଖାଦିଏ । ବୋଧହୁଏ ଶଙ୍ଖଚିଲ ଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପରିସ୍ଥିତିରେ ଉପଯୁକ୍ତ ପକ୍ଷୀଟିଏ ଶୁଆକୁ ଉଚିତ ଜବାବ ଦେଇ କହିଲା - ପକ୍ଷୀ ଜାତିର ପରୋପକାରରେ ଲାଗିବା ସମୁଚିତ ଭାବନା । ସୁଯୋଗ ଖୋଜୁଥିବା ଶଙ୍ଖଚିଲକୁ ସୁଯୋଗ ଦିଆଗଲା । ସହଯୋଗ କଲେ ଗେଣ୍ଡାଳିଆ, ପାଣିକୁଆ । ମାଆ ବଣି ଅରାଜି ଭିତରେ ଛୁଆକୁ ଦେଖିବା ଲୋଭରେ ଶଙ୍ଖଚିଲ ସାଥୀରେ ବାହାରିଲା । ପଛେ ପଛେ ଉଡ଼ିଚାଲିଲେ ଗେଣ୍ଡାଳିଆ ଓ ପାଣିକୁଆ । ବଦଜୁଦିରେ ପହଞ୍ଚି ବିଶ୍ରାମ ନେଲେ । ପାଣିକୁଆ ଏ ସମ୍ବାଦ ପ୍ରଚାର କରିଦେଲା ମାଛରଙ୍କାକୁ । ମାଛରଙ୍କା ବି ଅବିଳମ୍ବେ ଖବରଟି ପ୍ରସାରଣ କରିଦେଲା ମାଆ ବାଇଚଢ଼େଇ ଓ ପିଲାଟିବେଳୁ ମାଆକୁ ଖୋଜୁଥିବା ବେସାହାରା କୁନିବଣିକୁ । ପରବର୍ତ୍ତୀ ସମୟରେ ଶଙ୍ଖଚିଲ ମାଆ ବଣିକୁ ଧରି ବାଇଚଢ଼େଇ ବସାରେ ଉପସ୍ଥିତ ହେଲା।

ଅସୁମାରି ଖୁସି ପହଁରିଗଲା ପକ୍ଷୀମାନଙ୍କ ଆଖିରେ । ଯାହା ଏତେ ଦିନ ଖୋଜା ପଡୁଥିଲା ଆଜି ସତ ହେବାକୁ ଯାଉଛି । ନିଷ୍ଠା ସାଧନା ଥିଲେ ଆଶା ବ୍ୟର୍ଥ ଯାଏନା ।

ବାଇଚଢ଼େଇର ବସାରେ ଶଙ୍ଖଚିଲ ମାଆ ବଣିକୁ ତଳକୁ ଓହ୍ଲାଇଲା ବେଳକୁ ମାଆ ବଣିର ଗୋଡ଼ ଖସିଗଲା । କଥାରେ ଅଛି - ଠାକୁର ଯାହାର ସାହା ଭରସା

ତାକୁ କେ ବାଧିବ ଦଇବ ଦଶା ।

ମାଆ ବଣିର ଅଚଳ ଡେଣାଟି ସବଳ ହୋଇଗଲା । ଘେରାଏ ବୁଲିବୁଲି ଫେରିଆସିଲା ବାଇଚଢ଼େଇ ବସାକୁ ।

କାଠହଣା ଓ ଶୁଆ ସାଥିରେ କୁନବଣିକୁ ସାଥୀରେ ଧରିଆଣି ମାଆ ବଣି ସହ ମିଶାଇଦେଲେ । ରକ୍ତ ରକ୍ତ ହିଁ ଚିହ୍ନେ । ମାଆ ବଣି ଜାବୁଡ଼ି ଧରିଲା ଛୁଆକୁ ବାତ୍ସଲ୍ୟ ମମତାରେ ।

ଏମିତି ମିଳନର ପର୍ବ ପକ୍ଷୀ ଜଗତରେ ଉଦାହରଣୀୟ ହୋଇରହିଗଲା ।

ମୋ କଥା ଏତିକି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୁଲ ଫୁଟେ କେତକୀ ପରି ଶିଶୁଔପନ୍ୟାସିକ ମିଳନ ପର୍ବରେ ନିଜ କାବ୍ୟିକ ଉପସଂହାର ଲେଖିଛନ୍ତି -

ପକ୍ଷୀ ମିଳିଲା, କଥା ସରିଲା, ପକ୍ଷୀକୁଳର ମାନ ବଢିଲା ।

ଉପନ୍ୟାସ ଲେଖିଲାବେଳେ କେଉଁ ସ୍ଥାନରେ ବଣି ରହୁଥିଲା, କେଉଁଠି ଶାଗୁଣାକୁ ଦେଖିବାକୁ ଯାଇଥିଲା ପାଠକ/ପାଠିକାମାନଙ୍କୁ ଜଣେଇଦେବାର ଥିଲା ।

ଶିଶୁ ଉପନ୍ୟାସ କୁନିବଣିରେ ବିଭିନ୍ନ ପ୍ରକାର ପକ୍ଷୀଙ୍କର ଚାଲିଚଳନ, ଆଚରଣବିଧି, ପ୍ରବୃତ୍ତି ଓ ଶରୀର ଗଠନ ଉପରେ ଆଲୋକପାତ କରାଯାଇଛି । ଆଚରଣ, ଉଚ୍ଚାରଣ ଓ ମାନସିକତାକୁ ପ୍ରତିଟି ସୋପାନରେ ଅଙ୍କାଯାଇଛି । ପକ୍ଷୀମାନଙ୍କର ବାସସ୍ଥାନକୁ ବି ଦର୍ଶାଯାଇଛି । ପକ୍ଷୀମାନଙ୍କ ଭିତରେ ବି ସ୍ୱାର୍ଥପରତା, ସାହାଯ୍ୟ କରିବାରେ ବିମୁଖତାକୁ ପ୍ରଦର୍ଶନ କରାଯାଇ କୁନିବଣିର ଅସହାୟତାକୁ ଦ୍ୱିଗୁଣିତ କରାଯାଇଛି । ସାହସ, ଧୈର୍ଯ୍ୟ, ଅନୁନୟତାକୁ ଛୁଆବଣି ମନରେ ଏଭଳି ସୌନ୍ଦର୍ଯ୍ୟମୟ କରାଯାଇଛି ଯେ ଯେଉଁ ପକ୍ଷୀମାନେ କେବଳ ପ୍ରତିଶ୍ରୁତି ଦେଇଛନ୍ତି ତାଙ୍କପାଇଁ ଉଦାହରଣୀୟ ହୋଇରହିବ । କୁନିବଣି ଏତେ ଦିନଯାଏ ଉଡିବୁଲୁଥିଲା ନିଜ ମାଆର ସନ୍ଧାନରେ ବାସ୍ତବିକ ଛାତିଥରା କାହାଣୀ ପରି ଅନୁମିତ ହେଉଛି । ଉପନ୍ୟାସର ପରିଚ୍ଛେଦ ଆବଶ୍ୟକତାନୁଯାୟୀ ଛୋଟ କରାଯାଇଛି । ସରଳ ଓ କ୍ଷୁଦ୍ର ବାକ୍ୟରେ କାହାଣୀଟିକୁ ଗତିଶୀଳ କରାଯାଇ ଉପନ୍ୟାସର ଆଖ୍ୟା ଦିଆଯାଇଛି । କେତୋଟି ଲେଖାରେ ସମୋଚ୍ଚାରିତ ଯୁଗ୍ମ ଶବ୍ଦ ପ୍ରୟୋଗ କରାଯାଇଛି,ତାହା ପ୍ରଣିଧାନଯୋଗ୍ୟ ।

ସଂପୂର୍ଣ୍ଣ ରଙ୍ଗମୟ ଉପନ୍ୟାସଟି ସବୁ ବର୍ଗର ପାଠକ/ ପାଠିକାମାନଙ୍କର ହୃଦ ରଞ୍ଜନ କରିବ ଏହା ବିଶ୍ୱାସର ବଳୟରେ । ଶିଶୁ ଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କର ଏ ସୃଷ୍ଟି ନିହାତି କାଳଜୟୀ ହେବ, ଆଶା କରୁଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଦୁର୍ଗାଙ୍କ ଅନ୍ୟରୂପ ନାରୀ...



ପ୍ରଭାସ କୁମାର
ମହାପାତ୍ର

"ଯା ଦେବୀ ସର୍ବ ଭୂତେଷୁ"

ଦୁର୍ଗା ଏକ ସାମାନ୍ୟ ନାମ ନୁହେଁ ! କି ଦୁଇଟି ମାତ୍ର ଅକ୍ଷର ନୁହେଁ ! ଅବା ଗୋଟିଏ ଶବ୍ଦ ନୁହେଁ ! ଦୁର୍ଗା ଯାହାଙ୍କ ମଧ୍ୟରେ ଦୁର୍ଗତିକୁ ନାଶ କରିବାର ଅସରନ୍ତି ଶକ୍ତି ରହିଥାଏ । ସମାଜକୁ ପରିବର୍ତ୍ତନ କରିବାର ବିଦ୍ୟା ରହିଥାଏ । ବିଶ୍ୱକୁ ଶାନ୍ତିର ପଥରେ ଚଲେଇବାର କଳା ଭରି ରହିଥାଏ । ସେ ହେଉଛନ୍ତି ଜଗତ ଜନନୀ ମା'ଦୁର୍ଗା । ଆଉ ଦୁର୍ଗାଙ୍କ ଅନ୍ୟ ଏକ ରୂପ ନାରୀ । ଯିଏ ଜୀବନରେ ତ୍ରିଶକ୍ତି ରୂପରେ କାର୍ଯ୍ୟ କରିଥାନ୍ତି । ଜାୟା, ଜନନୀ, ଭଗିନୀ । ଜନନୀ ରୂପରେ ସେ ସନ୍ତାନକୁ ଜନ୍ମଦେବା ଠାରୁ ନେଇ ସନ୍ତାନର ଲାଳନପାଳନ ପର୍ଯ୍ୟନ୍ତ । ଆଉ ଏକ ସୁସ୍ଥ ସମାଜ ଗଠନ କରିବାରେ ମାଆର ଭୂମିକା ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ । ଜଣେ ମା' ଚାହିଁଲେ ତା ଗର୍ଭରୁ ସୃଷ୍ଟି ହୋଇଥିବା ସନ୍ତାନଟି ବିଶ୍ୱବିଜୟୀ ହୋଇ ପାରେ ଆଉ ସେଇ ମା'ର ଅଣଦେଖାରେ ସନ୍ତାନ୍ତି ଜଣେ ଦୁର୍ଦାନ୍ତ ଅପରାଧୀ ବି ପାଲଟି ଯାଇ ପାରେ । ଜଣେ ମା' ଶିକ୍ଷିତା ହେଲେ ସମଗ୍ର ସମାଜ ଶିକ୍ଷିତ ହେଇ ପାରିବ ଏଥିରେ ସନ୍ଦେହ ନାହିଁ । ମାଆ ଯିଏ ମାଟିରୁ ଆକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ସେଥିପାଇଁ ତ କୁହାଯାଏ (ଯା ଦେବୀ ସର୍ବ ଭୂତେଷୁ) ବର୍ତ୍ତମାନର ମାଆ ମାନେ ଚାହିଁଲେ ସମାଜରେ ନିଶ୍ଚୟ ଗୁଣିପୁତ୍ର ହିଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜନ୍ମନେବେ । ଆଉ ସେଇ ମାଆ ମାନଙ୍କ କୁକାର୍ଯ୍ୟ, ଅଣ ଦେଖା ଓ ପରକୀୟା ପ୍ରୀତି, ଅପ୍ରାପ୍ତ ବୟସରେ ଦୈହିକ ସମ୍ପର୍କ ସ୍ଥାପନ ପାଇଁ ଅନେକ ଅବୈଧ ସନ୍ତାନ ଜନ୍ମ ନେବେ ଓ ଦିନେ ଦୁର୍ଦାନ୍ତ ପାଲଟିବେ । କାରଣ ଜଣେ ନାରୀ (ମା') ଚାହିଁଲେ ଝାନ୍‌ସୀରାଣୀ, ସରୋଜିନୀ, ସ୍ୱାମୀ ବିବେକାନନ୍ଦ, ଗାନ୍ଧୀ, ଗୋପବନ୍ଧୁ ଓ ସୁବାଷ ବୋଷ ପରି ସନ୍ତାନ ଜନ୍ମ ନେବେ ମାତ୍ର ସେଇ ମା'ର ଅଣଦେଖାରେ ମହିଷାସୁର ପରି ଅନେକ ରାକ୍ଷସ ସୃଷ୍ଟି ହେବେ । ତେଣୁ ଏକ ସୁସ୍ଥ ସମାଜ ଗଠନ କରିବାରେ ମା'ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । କାରଣ ନାରୀ ଦୁର୍ଗାଙ୍କ ଅନ୍ୟ ଏକ ରୂପ ସେ ଚାହିଁଲେ ସୃଷ୍ଟିକୁ ନୂଆ ରୂପ ବି ଦେଇପାରେ ଆଉ ସେଇ ନାରୀ ଚାହିଁଲେ ସମାଜକୁ ବିନାଶ ବି କରି ଦେଇପାରେ । ନାରୀର ଅନ୍ୟ ରୂପ ଜାୟା । ଜାୟା ରୂପରେ ନାରୀଟିଏ ଯେତେବେଳେ ବାପ ଘରଛାଡି ଶାଶୁ ଘରକୁ ଆସିଥାଏ । ଦୁହିତା ରୂପରେ ଦୁଇ କୁଳର ହିତ ସାଧନ କରିଥାଏ । ସେତେବେଳେ ପ୍ରଥମେ ଜାୟା ଭୂମିକା ନିର୍ବାହ କରେ । ସ୍ୱାମୀକୁ ସ୍ତ୍ରୀ ସୁଖ ଦେବାଠାରୁ ଆରମ୍ଭ କରି ବଂଶ ରକ୍ଷା କରିବା ପାଇଁ ସନ୍ତାନକୁ ଜନ୍ମ ଦେବା ପ୍ରଯ୍ୟନ୍ତ । ଗୃହକାର୍ଯ୍ୟ ଠାରୁ ଆରମ୍ଭ କରି ସ୍ୱାମୀଙ୍କ କାର୍ଯ୍ୟ ପର୍ଯ୍ୟନ୍ତ, ଦୁଃଖରେ, ସୁଖରେ ସବୁଥିରେ ପତିର ସାଥ ଦେଇଥାଏ । ଅଧିକାଂଶ ସମୟରେ ସେ ଭୁଲିଯାଏ । ତା ନିଜ କଥା । କାରଣ ସେ ପାଲଟି ଯାଇଥାଏ ଜାୟା । ଯାହାର ହାତ ସ୍ପର୍ଶରେ ଘରଟି ସ୍ୱର୍ଗ ପାଲଟି ଯାଏ । ଆଉ ଯାହାର ଅଣଦେଖାରେ ଘର ନର୍କ ବି ପାଲଟି ଯାଇ ପାରେ । ସେତେବେଳେ ଦୁର୍ଗା ରୂପରେ ସେ ନିଜ ଘରକୁ ସୁରକ୍ଷା ଦେଇଥାଏ । ନାରୀର ଶେଷ ରୂପଟି ଭଗିନୀ । ଭଉଣୀ ଯାହାକୁ ଆମେ ଆନନ୍ଦର ଉତ୍ସ କହିଥାଉ । ଯାହା ପାଖରେ ମାଆ ପରି ଯତ୍ନ ନେବାର କଳା ଭୋରୀ ରହିଥାଏ । ଯିଏ ସ୍ନେହ, ପ୍ରେମ, ମମତାରେ ସବୁ କୁନି କୁନି ଭାଇ ଭଉଣୀ କୁ ବାନ୍ଧି ରଖିଥାଏ । ଯାହା ପାଖରେ ପ୍ରତ୍ୟେକ ଭାଇ ଭଉଣୀ ଅଳି କରିଥାନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାରୀ ବାସ୍ତବରେ ଦୁର୍ବଳା ନୁହେଁ କି ଅବଳା ନୁହେଁ । ସେ ଦୁର୍ଗାଙ୍କ ଅନ୍ୟ ଏକ ରୂପ । ଯଦି ସେ ଦୁର୍ବଳା ହୋଇଥାନ୍ତା ତେବେ ସେ ସନ୍ତାନକୁ ଜନ୍ମ ଦେଇ ପାରନ୍ତା ନାହିଁ । କାରଣ ନାରୀର ପ୍ରସବ ସମୟରେ ଯେତିକି ଯନ୍ତ୍ରଣା କଷ୍ଟ ହୋଇଥାଏ । ଜଣେ ସୁସ୍ଥ ମଣିଷ ପକ୍ଷେ ସହ୍ୟ କରିବା ସେତିକି ସହଜ ନୁହେଁ । ନାରୀ ଅବଳା ନୁହେଁ । ଏମିତି ଅନେକ ଉଦାହରଣ ଅଛି ତାର ଶବଳତାର । କାରଣ ନାରୀର ଅନ୍ୟ ଏକ  ରୂପ ଦୁର୍ଗା । ସେ ଝାନ୍ସୀ ରାଣୀ ସାଜି ଯୁଦ୍ଧ ବି କରିପାରେ ।  ପ୍ରତିଭା ଦେବୀସିଂ ପାଟିଲ ରାଷ୍ଟ୍ରପତି  ସାଜି ଦେଶକୁ ଚଳାଇ ବି ପାରେ । ମଦର ଟେରେସା ସାଜି ସନ୍ତାନର ଯତ୍ନ ନେଇପାରେ ବି ଇନ୍ଦିରା ଗାନ୍ଧୀ ସାଜି ରାଜନୀତି ବି କରି ପାରେ । ଆଉ କଳ୍ପନା ଚାୱଲା ସାଜି ମହାକାଶ କୁ ବି ଯାତ୍ରା କରିପାରେ ।

ତେଣୁ ନାରୀ ନା ଅତୀତରେ ଅବଳା ଦୁର୍ବଳା ଥିଲା ନା ଏବେ ବରଂ ଦୁର୍ଗାଙ୍କ ଅନ୍ୟ ଏକ ରୂପ ନାରୀ । ସମାଜ ରୂପକ ଶଗଡ଼ ଗାଡିର ଦୁଇଟି ଚକରୁ ଗୋଟିଏ ଚକ ନାରୀ । ଯାହା ବିନା ସମାଜ ଆଗକୁ ଯିବା ଅସମ୍ଭବ କାରଣ ଦୁର୍ଗାଙ୍କ ଅନ୍ୟ ଏକ ରୂପ ନାରୀ ।

ପ୍ରଭାସ କୁମାର ମହାପାତ୍ର

ମୟୁରଭଞ୍ଜ, ଓଡିଶା

ଦୂର ଭାଷ -୯୮୬୧୬୦୮୩୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭସାଣି ଚିତ୍କାର



ବାଦଲ ପଲେଇ

"ନମସ୍ତେ ରୁଦ୍ରରୂପିଣ୍ୟ ନମସ୍ତେ ମଧୁମର୍ଦ୍ଦିନି ।
ନମଃ କୈଟଭହାରିଣ୍ୟ ନମସ୍ତେ ମହିଷାଦିନି ।।
ନମସ୍ତେ ଶୁମ୍ଭହସ୍ୟ ନମସ୍ତେ ଚ ନିଶୁମ୍ଭାସୁରଘାତିନି ।
ଜାଗ୍ରତଂ ହି ମହାଦେବି ଜପ୍ୟଂ ସିଦ୍ଧ କୁରୁଷ୍ୱ ମେ।
ଐଁକାରୀ ସୃଷ୍ଟିରୂପାୟୈ ହ୍ରୀଁକାରୀ ପ୍ରତିପାଳିକ୍ଲା ॥
କ୍ଲୀଁକାରୀ କାମରୂପିଣ୍ୟୈ ବୀଜରୂପେ ନମୋ ସ୍ତୁତେ ।
ଚାମୁଣ୍ଡା ଚଣ୍ଡଘାତୀ ଚ ୟୈକାରୀ ବରଦାୟିନୀ ।
ବିଜେ ଚାଭୟଦା ନିତ୍ୟ ନମସ୍ତେ ମନ୍ତ୍ରରୂପିଣି ।"

ପାପକୁ ଧରା ପୃଷ୍ଠରୁ ସଂହାର କରିବାର୍ଥେ ମା ବିଶ୍ୱରୁପା ଦଶଭୁଜାରେ ଦଶ ଆୟୁଧ ଧାରଣ କରି କେଶରୀ ପିଠିରେ ମହିସାମର୍ଦ୍ଧିନି ରୂପରେ ଶରତ ଅନ୍ଧାର ଧରାରେ ତେଜୋମୟ ଭାନୁ ଭଳି ଉଦୟମାନ । ପୀତ ଧବଳ ବର୍ଣ୍ଣ ମୁଖମଣ୍ଡଳରେ ତେଜ, ମସ୍ତକେ ସ୍ୱର୍ଣ୍ଣ କିରଟି ସହ ନାଲି ଦାଉ ଦାଉ ମେଞ୍ଚାଏ ସିନ୍ଦୁର, ଶ୍ରୀ ଅଙ୍ଗରେ ସୁବର୍ଣ୍ଣ ଜରି ସହ ନାଲି ଶୁଆଲାଗି ଖଣ୍ଡୁଆ ପାଟ ଏବଂ ନାସିକାରେ ରତ୍ନ ଗୁଣା ଏବଂ ରତ୍ନ ସୁବର୍ଣ୍ଣର ମନକିଣା ଅଳଙ୍କାର ସହ ଶ୍ରୀପୟରେ ଅଳତାର ଛାପ ସତରେ ମା ଜଗତ ଜନନୀଙ୍କ ରୂପ ସୌନ୍ଦର୍ଯ୍ୟକୁ ଆହୁରି ଦ୍ୱିଗୁଣିତ କରିଦେଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେଶରୀ ବାହନରେ ବିରାଜି ସୁବର୍ଣ୍ଣ ଶୁଳରେ ମହିସାସୁର ଛାତି ଚିରିବାର ମୁଦ୍ରାରେ ମା ପୂଜା ପେଣ୍ଡାଲରେ ଶତସୌରଙ୍କ ପ୍ରାୟ ତେଜ ଦାଉ ଦାଉ ଔଜଲ୍ୟମାନ । ସେ ରୂପକୁ ଥରେ ଦେଖିଦେଲେ ମନରେ ସତସିଂହର ବଳ ସଂଚାର ଘଟେ ଏବଂ ଅନ୍ତରରୁ ଲୁପ୍ତପ୍ରାୟ ଆତ୍ମ ବିଶ୍ୱାସର ପୁନଃନ୍ୟାସ ଘଟେ ।

ନବରାତ୍ରୀର ନବଦୁର୍ଗାଙ୍କ ପୂଜା ମନ୍ତ୍ରରେ ସମଗ୍ର ଭୁଧରା ସତେ ଯେମିତି ଜନ କୋଳାହଳମୟ । ବଡ଼ ଆଡମ୍ବରରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ମଣ୍ଡପ ସଜାଇ ଧରା ଧାରୀ ମାନେ ମା'ଙ୍କ ସ୍ୱାଗତ ପାଇଁ ବ୍ୟାକୁଳିତ ଥିଲେ ।  ମା ଆସିବା ମାତ୍ରେ ଆନନ୍ଦ, କୋଳାହଳମୟ ସ୍ଥିତି ଏବଂ ଘଣ୍ଟ, ଘଣ୍ଟି, ହୁଳାହୁଳି ଶବ୍ଦରେ ମା'ଙ୍କ ଆଗମନର ସ୍ୱାଗତ ବାଣୀ ସଭିଙ୍କ ମୁଖ ମଣ୍ଡିତ କରୁଛି । ନଅ ଦିନ ବ୍ୟାପି ଏହି ପୂଜାରେ ସମସ୍ତେ ଯେମିତି ଭୁଲି ଯାଆନ୍ତି ନିଜ ନିଜ ଦୁଃଖ ଏବଂ ଶୋକକୁ । ଆଶ୍ୱୀନ ମାସ ଶୁକ୍ଳ ପକ୍ଷ ଦଶମୀ ଦିନ ହୁଏ ମା ଅଗ୍ନି ସମ୍ଭୁତା ଦୁର୍ଗାଙ୍କ ବିଜୟ ପୂଜା ଯାହା ବିଜୟାଦଶମୀ ବା ଦଶହରା ନାମେ ପ୍ରସିଦ୍ଧ । ଏହି ଦିନ ସମସ୍ତ ମନୁଷ୍ୟମାନେ ନିଜ ନିଜ ଅସ୍ତ୍ରଶସ୍ତ୍ରମାନଙ୍କୁ ପୂଜା କରନ୍ତି ଯଥା- ବିଦ୍ୟାର୍ଥୀ ମାନେ ନିଜର ପୁସ୍ତକ ଏବଂ କଲମ, କୃଷକମାନେ କୃଷି ଉପକରଣ, ଯୋଦ୍ଧାମାନେ ଯୁଦ୍ଧ ଅସ୍ତ୍ର ଓ ଶସ୍ତ୍ର ଇତ୍ୟାଦି । ଦଶଦିନର ପାର୍ବଣ ପୂଜା ପରେ ମା ଭସାଣି ରଥରେ ବିରାଜିତ ହୁଅନ୍ତି ଏବଂ ନୃତ୍ୟ ଗୀତର ତାଳେ ତାଳେ ମା ଜଳ ସ୍ନାନ କରିବାକୁ ଜଳାଶୟ ଆଡକୁ ଅଗ୍ରସର ହୁଅନ୍ତି । ଅତି ଉତ୍ସବ ମୁଖର ହୋଇପଡ଼େ ଭସାଣି ପର୍ବ । ଡିଜେର ତାଳେ ତାଳେ ନାଚ କରି ମାଙ୍କ ପ୍ରତିମାକୁ ଜଳରେ ଭସାଇ ଭକ୍ତ ମାନେ ଆଗାମୀ ବର୍ଷକୁ ଚାହିଁ ରୁହନ୍ତି । ସମସ୍ତେ ଏ ପର୍ବରେ ଭାରି ଖୁସି ହୁଅନ୍ତି କିନ୍ତୁ ସତରେ ମନେହୁଏ କିଏ କେଉଁଠି ଯେମିତି ମା ଭାସିବା ପରେ ପରେ ଚିତ୍କାର କରି କାନ୍ଦି ଉଠୁଛି । ତାର ସେ ଚିତ୍କାର, ତାର ସେ ଲୁହ ଯେମିତି ଆମ ପାଇଁ ଅସ୍ପଷ୍ଟ ଏବଂ ଅଦୃଶ୍ୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ ସେ ?

ଜଣେ ମାଙ୍କ ଆସିବାର ଖୁସିରେ ଆମେ ସାଜ୍ଛି ଯାଉଛେ ଆଉ ଜଣେ ମାଙ୍କ ଲୁହର କାରଣ । ନିଜର ମହାନ୍ ପଣିଆ ଏବଂ ଭକ୍ତିତ୍ୱକୁ ଜାହିର କରିବାକୁ ଯାଇ ହୋଇଚାଲୁଛେ ପରିବେଶ ରୁପି ଜନନୀର ଲୁହର କାରଣ । ସେହି ମୁକ ମା'ର ଚିତ୍କାର ଯେମିତି କାହା ପାଖରେ ପହଂଚିପାରୁନି ।

ମୂର୍ତ୍ତି ଗଢିବା ଠୁ ନେଇକି ଭସାଣି ଯାଏଁ ଦେଇ ଚାଲୁଛେ ସେହି ପରିବେଶ ମା'ଙ୍କୁ ଅସହ୍ୟ ଯନ୍ତ୍ରଣା ଏବଂ କଷ୍ଟ ।  ଆମେ ଯେତେ ଯେତେ ଅଗ୍ରସର ଏବଂ ଉନ୍ନତିମୁଖର ହେଉଛେ ସେତେସେତେ ଆମ ଭକ୍ତି ଭାବର ପରିବର୍ତ୍ତନ ଘଟୁଛି ।

ଆଗ ସମୟରେ ଓଦା ଚିକିଟା ଓ ମଟାଳ ମାଟିର ମିଶ୍ରଣରେ ସୁନ୍ଦର ସୁନ୍ଦର ମୂର୍ତ୍ତି ଗଢି ସେଥିରେ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇ ମା ଦୁର୍ଗାଙ୍କ ଆରାଧନା କରାଯାଉଥିଲା କିନ୍ତୁ ଆଜି ତାହା କେଉଁଠି ବି ହେବା ଦେଖାଯାଉନି ।

ବିଜ୍ଞାନର ବୁଦ୍ଧି ବଳରେ ମାଙ୍କ ମୂର୍ତ୍ତି ପ୍ରତିମାକୁ ଆହୁରି ସୁନ୍ଦର ଏବଂ ଆକର୍ଷିତ କରିବା ଲୋଭରେ ପ୍ରାକୃତିକ ମାଟିର ବ୍ୟବହାର ନ କରି ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଭଳି କୃତ୍ରିମ ବସ୍ତୁ ଏବଂ ବିଷାକ୍ତ ରାସାୟନିକ ରଙ୍ଗର ବ୍ୟବହାର କରାଯାଉଛି ।  ଯାହା ଆମ ପରିବେଶକୁ କ୍ଷତି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ ।

ଆଗ କାଳରେ ମାଙ୍କ ମୂର୍ତ୍ତିଙ୍କୁ ସୁନ୍ଦର ସୁନ୍ଦର ପ୍ରାକୃତିକ ପୁଷ୍ପ ଏବଂ କାଗଜରେ ସୁସଜ୍ଜିତ କରାଯାଉଥିଲା କିନ୍ତୁ ଆଜି କାଲି ଥର୍ମୋପ୍ଲାଷ୍ଟିକର ବ୍ୟବହାର ସଜ୍ଜିତ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଛି ।

ଏ ସବୁ ଧାରଣ କରି ମା'ଙ୍କୁ ଯେତେବେଳେ ଜଳରେ ଭସାଯାଏ ସେତେବେଳେ ମା'ଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୂର୍ତ୍ତି ପାଣିର ସ୍ପର୍ଶରେ ଆସେ ତାହା ପାଣିରେ ନ ମିଶି ସେମିତି ହିଁ ଅନେକ ଅନେକ ସମୟ ଯାଏ ରହିଥାଏ ଏବଂ ସେ ବିଷାକ୍ତ ରଙ୍ଗରେ ଜଳଚର ଜୀବମାନେ ବିପଦ ମୁଖରେ ପଡନ୍ତି । ସେ ବିଷାକ୍ତ ଜଳରେ ସ୍ନାନ ଏବଂ ସେ ଜଳ ପିଇ ଅନେକ ମଣିଷ ବିପଦାମ୍ମୁଖି ହୁଅନ୍ତି।

ଆଗ ସମୟର ଭକ୍ତିର ମାଧ୍ୟମ ଏବଂ ଆଜି କାଲିର ଭକ୍ତିର ମାଧ୍ୟମ ଭିତରେ ରହିଛି ଆକାଶ ଧରାର ଅନ୍ତର । ଆଜି କାଲି ଡିଜେର ସଂଗୀତ ଏବଂ ମଦ ପିଇ ନୃତ୍ୟ ହିଁ ଶ୍ରେଷ୍ଠ ଭକ୍ତିର ମାଧ୍ୟମ । ଅବଶ୍ୟ ପୂଜାରେ ଭୋଗ କମ ହେଲେ ଚଳିବ କିନ୍ତୁ ଡିଜେ ଏବଂ ନୃତ୍ୟ ଗୀତର କମି ଯେମିତି ନ ହୁଏ । ନୃତ୍ୟ ପାଇଁ ନାଲି ପାଣିର ବ୍ୟବସ୍ଥା ନ ହେଲେ ନ ଚଳେ । ଏତେ ବଡ଼ ପୂଜା ପରେ ଅଶ୍ଳୀଳ ନୃତ୍ୟ ବି ନ ହେଲେ ନ ଚଳେ । ଏମିତିକି ସେ ବିଷ ମଦ ଗୁଡାକୁ ପିଇ ଭସାଣିରେ ଅନେକ ଲୋକଙ୍କ ଜଳରେ ବୁଡି, ହୃଦଘା, ସଡ଼କ ଦୁର୍ଘଟଣାରେ ଜୀବନ ଯାଉଛି ।

ଏହି ଭଳି ପରିବେଶରେ ଆମ ଭକ୍ତଭାବ ଆଜି ବିପଦ ଶଙ୍କୁଳ ଅବସ୍ଥାରେ । କେବଳ ମା ଦୁର୍ଗାଙ୍କ ଆରାଧନା ନୁହେଁ ଅନେକ ପୂଜା ଯଥା- ବିଶ୍ୱକର୍ମା ପୂଜା, ଗଣେଶ ପୂଜା, ସରସ୍ୱତୀ ପୂଜା, ଗଜଲକ୍ଷ୍ମୀ ପୂଜା ଇତ୍ୟାଦି ବାସ୍ କେବଳ ଗୋଟେ ଦେଖାଣିଆ ପୂଜା ହେବାକୁ ବସିଲାଣି । ବର୍ଷରେ ଅନେକ ଅନେକ ମୂର୍ତ୍ତି ପୂଜା କରି ଆମେ ସେ ଆଧୁନିକ ଶୈଳୀରେ ପ୍ରସ୍ତୁତ ମୂର୍ତ୍ତି ମାନଙ୍କୁ ପୂଜା ସରିବା ପରେ ଅତି ଅପମାନ ଜନିତ ଭାବେ ସେମାନଙ୍କୁ ଜଳାଶୟ ମାନଙ୍କରେ ପକେଇ ଦେଉଛେ ଯାହା ଫଳରେ ପରିବେଶ ଅନେକ ମାତ୍ରାରେ ପ୍ରଦୁଷଣ ହୁଏ ।

ଆମର ଧର୍ମ, ସଂସ୍କୃତି ଆମ ଜନନୀ ହେଲେ ପରିବେଶ ଆମର ମାତୃମହୀ । ଜନନୀଙ୍କ ସଂମାନ ପାଇଁ ମାତୃମହୀଙ୍କ ଅପମାନ ଏହା କେତେ ଦୂର ଯୁକ୍ତିଯୁକ୍ତ ? ଆମ ପାଇଁ ଆମ ଧର୍ମ ଯେତିକି ଦରକାରୀ ଆମ ପରିବେଶ ବି ଆମପାଇଁ ସେତିକି ଦରକାରୀ । ଆଜିକାଲି ବହୁତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ଥାନରେ ପୂଜା ଅତି ସୁନ୍ଦର ଭାବରେ ଅନୁଷ୍ଠିତ ହେଉଛି ଏବଂ ଅଶ୍ଳୀଳ ନୃତ୍ୟର ସାହାରା ନ ନେଇ ରାମାୟଣ, ମହାଭାରତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି । ଅନେକ ଜାଗାରେ ଓଡିଶା ସରକାରଙ୍କ ଦ୍ୱାରା ଇକୋ ଫ୍ରେଣ୍ଡିଲି ମୂର୍ତ୍ତି ତିଆରି କାର୍ଯ୍ୟକ୍ରମ ଚାଲୁଛି ଯାହା ଦ୍ୱାରା ମୂର୍ତ୍ତି ଗୁଡିକ ପୂଜା ପରେ ଅତି ସହଜରେ ଜଳରେ ମିଶିଯିବ ଯାହାର ଫଳସ୍ୱରୂପ ଜଳଚରମାନଙ୍କ ସହ ମନୁଷ୍ୟ ସମାଜ ସୁରକ୍ଷିତ ରହିବ ଏବଂ ଆମ ପରିବେଶ ଆଗ ପରି ହସି ଉଠିବ ।

ଏହି ସବୁ ପରିବର୍ତ୍ତନ ଆମ ଦ୍ୱାରା ହିଁ ସମ୍ଭବ ହୋଇପାରିବ । ଆମେ ସବୁ ଜିନିଷ ଯଥା- ଆମର ଧର୍ମ, ସଂସ୍କୃତି, ବିଜ୍ଞାନ, ପ୍ରଯୋଗାତ୍ମକ କଳାକୁ ଯଦି ଏକା ସହିତ ଆଗକୁ ବଢ଼େଇ ପରିବା ତେବେ ଆମ ପରିବେଶ ରୂପୀ ମାତୃମହୀ ଏବଂ ଧର୍ମ, ସଂସ୍କୃତି ରୂପୀ ଜନନୀ ଦୁହେଁ ମନ ଖୋଲା ହସ ହସି ପାରିବେ ।

ସେ ହସରେ ଆଗାମୀ ବର୍ଷର ଶାରଦୀୟ ଦୁର୍ଗା ପୂଜା ଯେମିତି ଶରତ ଧରା କୋଳରେ ଆହୁରି ଉତ୍ସବ ମୁଖରିତ ହୋଇପଡ଼ିବ ଏବଂ ଆଗାମୀ ବର୍ଷର ଭସାଣି ଦିନ ଆମେ ମାଙ୍କୁ ଡିଜେ କିମ୍ବା ମଦରେ ନୁହଁ ବରଂ ହସହସ ମୁହଁ, ଛଳଛଳ ଆଖି ଓ ଘଣ୍ଟ, ଘଣ୍ଟା, ହୁଳାହୁଳି ଶବ୍ଦର ଭାବ ବିହ୍ୱୋଳରେ ବିଦାୟ ଦେଇ କହିବା-"ପୁଣି ଆର ବରଷକୁ ଏମିତି ଆସିବୁ ଲୋ ମା।"

ସମସ୍ତେ- "ଜୟ ମା ଦୁର୍ଗତି ନାଶିନୀ ଦୁର୍ଗାଙ୍କର଼ଃଃ

ଜୟ ମା ସିଂହବାହିନୀ ମହିସାମର୍ଦ୍ଦିନିଙ୍କର଼ଃଃ..

ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ପ୍ରାପ୍ତ

ସ୍ଥାନ- ବାକୁଟଗାଁ,ଖଲ୍ଲିକୋଟ ବ୍ଲକ,ଗଞ୍ଜାମ, ଦୁରଭାଷ- ୭୬୦୮୯୮୯୦୩୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଓଡ଼ିଆଭାଷାର ବିକାଶ ଓଡ଼ିଶାର ବିକାଶ



ତନିଶା ବିଷୋଇ

ଓଡିଶାର ବିକାଶ ଓଡ଼ିଆ ଭାଷାରେ ରହିଛି । ସ୍ୱଭାବ କବି ଗଙ୍ଗାଧର ମେହେର କହିଥିଲେ,

"ଯା ଭାଷା ଦୁର୍ବଳା କାହିଁ ତାର ଜ୍ଞାନ ?,
କାହିଁ ତାର ରାଜ ଦୁଆରେ ସଂମ୍ମାନ ?,
ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା."

ଅର୍ଥାତ ଭାଷା ବିନା ମନୁଷ୍ୟ ପଶୁ ପ୍ରାୟ. ଭାଷା ଯୋଗୁଁ ହିଁ ମନୁଷ୍ୟ ଆଜି ପୃଥିବୀର ଶ୍ରେଷ୍ଠ ପ୍ରାଣୀ । ତେଣୁ ଭାଷା ମନୁଷ୍ୟ ପାଇଁ ଶ୍ରେଷ୍ଠ ଅବଦାନ ଓ ଓଡ଼ିଆ ଭାଷା, ଭାଷା ମଧ୍ୟରେ ଶ୍ରେଷ୍ଠ । ତେଣୁ ତ କବି ଲେଖିଛନ୍ତି,

"ଶୁଣି ମୁଁ ଆସିଲି କେତେ କେତେ ଭାଷା,
ସବୁଠାରୁ ମିଠା ମୋର ମାତୃଭାଷା ".

ଦୀର୍ଘ ୩୦୦ ବର୍ଷରୁ ଅଧିକ ସମୟ ଧରି ଓଡ଼ିଆ ଭାଷା ହିନ୍ଦୀ, ବଙ୍ଗଳା, ତେଲେଙ୍ଗାଙ୍କ କବଳରେ ରହିଥିଲା, କିନ୍ତୁ କେତେକ ମହାମନୀଷୀଗଣ ଭାଷାର ଗୁରୁତ୍ୱତାକୁ ଉପଲବ୍ଧି କରିଥିଲେ । ଭାଷା ବିନା ରାଜ୍ୟର ପ୍ରଗତି ସମ୍ଭବ ନୁହଁ, ଏହି ମନ୍ତ୍ରକୁ ବୁଝି ଲଢ଼ିଥିଲେ ଭାଷା ସଂଗ୍ରାମ.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଦାହରଣ—୧୮୬୬ ମସିହାରେ ଓଡିଶା ନଅଙ୍କ ଦୁର୍ଭିକ୍ଷ ଦେଖିଥିଲା କିନ୍ତୁ ହିନ୍ଦିଆ - ବଙ୍ଗାଳି - ମରାଠୀ ମାନେ କହିଲେ ଏହା ଓଡ଼ିଶାର ଘଟଣା ମାତ୍ର । ଦୀର୍ଘ ଦିନ ଧରି ଆଧିପତ୍ୟ ଜାହିର କରୁଥିବା ଶକ୍ତି ମାନେ ବିପତ୍ତି ଆସିଲା ବେଳକୁ ପର କରି ଚାଲିଗଲେ ଓ କହିଗଲେ ଓଡ଼ିଆ ଭାଷା ସହିତ ଆମର ସମ୍ପର୍କ କିଛି ନାହିଁ । ତେଣୁ ମଧ୍ୟ ପ୍ରଦେଶ, ମାନ୍ଦ୍ରାଜ, ବଙ୍ଗରେ ମିଶିଯାଇଥିବା ଅଂଚଳକୁ ଏକତ୍ରିକରଣ କରିବାକୁ ଶଙ୍ଖନାଦ ଶୁଭିଥିଲା ।

Times of India ପତ୍ରିକାରେ ପ୍ରକାଶ ପାଇଥିଲା ଯେ, ଯଜୁର୍ବେଦ ଓଡିଶା ମାଟିରେ ଲେଖାଯାଇଥିଲା. ସେହିପରି ମଧ୍ୟଯୁଗରେ ମଧ୍ୟ ଓଡ଼ିଆ ଭାଷାର ବିକାଶ ଦ୍ରୁତ ଥିଲା. ପଞ୍ଚସଖା ଯୁଗର କାଳଜୟୀ ରଚନା ଆଜି ବି ଗବେଷଣାର ବିଷୟ ହୋଇ ରହିଛି । କିନ୍ତୁ ସମୟ କ୍ରମରେ ଓଡ଼ିଆ ଭାଷାର ଅବନତି ଘଟିଛି. ହିନ୍ଦୀ ଓ ଇରାଜୀ ଭାଷା ପାଇଁ ଅହେତୁକ ଭଲପାଇବା ବୃଦ୍ଧି ଓ ଓଡ଼ିଆ ଭାଷା ପ୍ରତି ଆନ୍ତରିକତାର ଅଭାବ ଯୋଗୁଁ ଓଡ଼ିଆ ଭାଷାର ଅବନତି ଘଟୁଛି. ଏଥିପାଇଁ କବିବର ରାଧାନାଥ ରାୟ କହିଥିଲେ,

"ଦେବି ବୀଣାପାଣି କେଉଁ କୃପା ବଳେ,
କରୁଣା ତୋହର ଊଣା ଏ ଉତ୍କଳେ."

କୋରାପୁଟର କେନ୍ତା ଆଛୁସ ନାନା, ମୟୁରଭଞ୍ଜର ମାରାମ ବୁରୁ, ସମ୍ବଲପୁରର ଜୁହାର ବୋ ଦାଦା, ବ୍ରହ୍ମପୁରର ବୋଇଲେ ଭାଇନା, ବାଲେଶ୍ୱରର ଖାଇତେ, ଯାଇତେ, ଆଇତେ, ପଶ୍ଚିମ ଓଡ଼ିଶାର ଆଉଛନ, ଯାଉଛନ, ଖାଉଛନ ଆଦି ସବୁ ଭାଷା ସୁନ୍ଦର. ପ୍ରତି ସତର କିଲୋମିଟର ଦୂରତାରେ ଏକ ନୂଆ ଭାଷା ଶୁଣିବାକୁ ମିଳେ. ଏଥିପାଇଁ କୁହାଯାଏ,

"कोस-कोस पर पानी बदले,
चार कोस पर वाणी."

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଡ଼ିଶାର ପରମ୍ପରା, ସଂସ୍କୃତି ଭାରି ନିଆରା । ଆଦିବାସୀମାନଙ୍କର ଜାଲେରୁ ପେନୁ, ତାନା ପେନୁ, ମୁରାନି ପେନୁ ଓଡ଼ିଶାର ପରିଚୟ, ଓଡ଼ିଆ ମାନଙ୍କ ପ୍ରାଣ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ମାତା ସୁଭଦ୍ରା ଅଟନ୍ତି ।

ଓଡ଼ିଆ ଭାଷା ୨୨ଟି ରାଜଭାଷା ମଧ୍ୟରୁ ଅନ୍ୟତମ, କିନ୍ତୁ ଆଧୁନିକତାର ସ୍ପର୍ଶରେ ଓଡ଼ିଆ ଭାଷା ପ୍ରତି ରୁଚି କମିବାରେ ଲାଗିଛି । ଏହାର ଅର୍ଥ ନୁହଁ ଓଡ଼ିଆ ଭାଷା ନିଜ ଅସ୍ତିତ୍ୱ ହରାଇ ସାରିଲାଣି, ଆଜି ବି ଡାଲ ଖାଇ ଗୀତରେ ସାରା ବିଶ୍ୱ ନାଚୁଛି । G-20 ବୈଠକରେ ଏହି ଗୀତରେ ବିଶ୍ୱର ପ୍ରମୁଖ ବ୍ୟକ୍ତିମାନେ ଝୁମି ଉଠିଥିଲେ । ରାଜନୀତି ବିଜ୍ଞାନରେ ଭାଷାକୁ ସୁକ୍ଷ୍ମ ଅସ୍ତ୍ର ବା soft power କୁହାଯାଏ । ଓଡିଶାର ବିକାଶ ଓଡ଼ିଆ ଭାଷାର ବିକାଶ ବିନା ପରିକଳ୍ପନା କରିହେବ ନାହିଁ, ତେଣୁ ତ କୁହାଯାଇଛି "ମାତୃଭୂମି ମାତୃ ଭାଷାର ବଦନ, ଦୀପ୍ତ କର ଦେଇ ଧନ, ଧ୍ୟାନ, ମନ ।"

ତନିଷା ବିଶୋଇ


ଘିଉରିଆଗୁଡା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଦେ ଉତ୍କଳଜନନୀ



ସଂଯୁକ୍ତା ସାହୁ

ଉତ୍କଳ ଏକ ପୁଣ୍ୟଭୂମି । ଏହାର ପାଣି ପବନ ଅମୃତମୟ ଆଉ ପରିବେଶ ମଙ୍ଗଳମୟ । ଏହା ଏକ ପୁରାଣ ପ୍ରସିଦ୍ଧ ଦେଶ । ଏହା ଏକ ଧର୍ମପ୍ରାଣ ଦେଶ । ଏଠି ସମସ୍ତଙ୍କ ଜୀବନ ପ୍ରଣାଳୀ ସହଜ ଓ ସରଳ । ଏ ଦେଶ ଆଧ୍ୟାତ୍ମିକ ଭାବରେ ତନ୍ମୟ । ସାମାଜିକ ଜୀବନରେ ଉତ୍କଳର ପର୍ବପ୍ରବାଣୀର ମଧ୍ୟ ଗଭୀର ପ୍ରଭାବ ରହିଛି । ଆମ ଉତ୍କଳର ନିଦାଘର ପ୍ରଚଣ୍ଡ ରୌଦ୍ରତାପ, ବର୍ଷାର ମେଘମେଦୁର ଆକାଶ, ଶ୍ୟାମ ସବୁଜ ଧରଣୀ, କାଶ ହାସ୍ୟମୟୀ ଶରତର ସ୍ନିଗ୍ଧ ଲାବଣ୍ୟ ହେମନ୍ତ, ଶୀତର ପ୍ରାଦୁର୍ଭାବ ଏବଂ କଳକଣ୍ଠ ନିନାଦିତ ପୁଷ୍ପବିତାନ ସୁଶୋଭିତ ବସନ୍ତର ଦୃଶ୍ୟମାନ ମନ ଗହନରେ ସୃଷ୍ଟି କରିଥାଏ ନା ନା ଭାବନା । ବିଶେଷକରି ସଂସ୍କୃତିର ମୂଳ ଉତ୍ସ, ସ୍ୱୟଂ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ଧାମ । ବଡ଼ ମନ୍ଦିର, ବଡ଼ ଦାଣ୍ଡ, ବଡ଼ ରଥ, ବଡ଼ ସମୁଦ୍ର, ବଡ଼ ବାନା ଆଉ ଆମ ଉତ୍କଳର ଆରାଧ୍ୟ ଦେବତା ପତିତପାବନ ନୀଳାଚଳ ବାସୀ ଶ୍ରୀ ଜଗନ୍ନାଥ । ବିଶେଷ କରି ରଥଯାତ୍ରା ଓଡ଼ିଆ ଜାତିର ଏକ ମହାନ୍ ପର୍ବ । ଯାହା କି ସାରା ବିଶ୍ୱରେ ବିଦିତ । ଆମ ଉତ୍କଳରେ ସ୍ୱର୍ଣ୍ଣପ୍ରସୂ କେତେ ନଦ ନଦୀ ବହିଯାଉଛି । ଆମ ଉତ୍କଳର ଅଦ୍ୱିତୀୟ କାରୁକାର୍ଯ୍ୟ କୋଣାର୍କରେ ସୂର୍ଯ୍ୟମନ୍ଦିର । ଆମ ଉତ୍କଳର ରାଜଧାନୀ ମନ୍ଦିର ମାଳିନୀ ନାମରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରସିଦ୍ଧ । ଏଠି ଖଣ୍ଡଗିରି, ଉଦୟଗିରି, ଆହୁରି ଅନେକ ପର୍ବତମାନ ମୁଣ୍ଡ ଟେକି ଛିଡ଼ା ହୋଇଛନ୍ତି । ଆମ ଉତ୍କଳରେ ନନ୍ଦନକାନନ ରହିଅଛି । ସବୁଠାରୁ ବଡ଼ ବନ୍ଦର ପାରାଦ୍ୱୀପ ଅବସ୍ଥିତ । ଏଠି ଅନେକ ମହାପୁରୁଷ, ସାହିତ୍ୟିକ, ବୈଜ୍ଞାନିକ, ସ୍ଥାପତ୍ୟମାନେ ନିଜ ସ୍ଥାନରେ ବହୁତ ପରିଚିତ । ଆମ ଉତ୍କଳରେ ଅନେକ ଦେବା ଦେବୀ, ମଠ ମନ୍ଦିର ବେଷ୍ଟିତ । ଆମ ଉତ୍କଳରେ ବଙ୍ଗୋପସାଗର ବହିଯାଇଅଛି । ଆମ ଉତ୍କଳ ସୌନ୍ଦର୍ଯମୟୀ । ଯେତେ ବର୍ଣ୍ଣନା କଲେ ବି ଭାଷା ପାଇବୁନି ।

ସେଥିପାଇଁ କବି ଲେଖିଛନ୍ତି ।

ବନ୍ଦେ ଉତ୍କଳ ଜନନୀ ବନ୍ଦେ ଉତ୍କଳ ଜନନୀ

ଚାରୁହାସ୍ୟମୟୀ, ଚାରୁ ଲାସ୍ୟମୟୀ, ଜନନୀ ଜନନୀ ଜନନୀ ।

ସଂଯୁକ୍ତା ସାହୁ

ରାହାମା

ଜଗତସିଂହପୁର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବନ୍ଦେ ଉତ୍କଳଜନନୀ



ଜନରଞ୍ଜନ ପ୍ରଧାନ

କାଲିର କଳିଙ୍ଗ ଉତ୍କଳ ସୁନ୍ଦର ଆଜିର ନାମ ଓଡ଼ିଶା

କେତେ ସୁନ୍ଦର ମୋ ଓଡ଼ିଶା ରାଇଜ କି ସୁନ୍ଦର ଆମ ଭାଷା।

ସ୍ୱର୍ଣ୍ଣମୟୀ ଲାସ୍ୟମୟୀ ଓଡ଼ିଶାର କୀର୍ତ୍ତି ଗୌରବ ମହାନ୍ । କଳା ନୈପୁଣ୍ୟରେ ପାରଦର୍ଶିତା ହାସଲ କରିଥିବାରୁ ଓଡ଼ିଶାର ନାଁ ଥିଲା ଉତ୍କଳ । ଏହା ଗଙ୍ଗା ଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ଏହି ପୂର୍ଣ୍ଣଗର୍ଭା ଉତ୍କଳ ଶୋଭା ରାଜିରେ ପରିପୂର୍ଣ୍ଣ । ଏହାର ବନରାଜିର ସବୁଜିମା ସମସ୍ତଙ୍କ ମନକୁ ହରଣ କରିନିଏ । କୋଣାର୍କର ଛୁଞ୍ଚିମୁନର କାରୁକାର୍ଯ୍ୟ ମନେ ପକାଇ ଦିଏ ବାର ବର୍ଷର ବାଳକ ଧର୍ମପଦର ନିଷ୍ଠା ଓ ସାଧନା କାହାଣୀ । ପୁରୀର ବେଳାଭୂମିରେ ସନ୍ଧ୍ୟା କାଳୀନ ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ । ଶ୍ରୀମନ୍ଦିରରେ ବିରାଜିତ ପ୍ରଭୁ ଜଗନ୍ନାଥଙ୍କ ମହିମା ଉତ୍କଳର କାଞ୍ଚି ଅଭିଯାନ କଥାକୁ ଚେତାଇ ଦିଏ ଭକ୍ତ ଆଉ ଭଗବାନର ନିବିଡ଼ ସଂପର୍କକୁ । ଉତ୍କଳର ଭାଷା ସାହିତ୍ୟ ସଂସ୍କୃତି ପରମ୍ପରା ନିଆରା ।

ଯେଉଁ ମାଟିରେ ପାଦ ଦେଲେ ଜଗନ୍ନାଥମୟ ହୋଇଯାଏ ହୃଦୟ । ଯେଉଁ ମାଟି ଚଣ୍ଡାଶୋକକୁ କରିଦିଏ ଧର୍ମାଶୋକ । ଚେତାଇ ଦିଏ ଦୟା ନଦୀ କୂଳର କଳିଙ୍ଗ ଯୁଦ୍ଧର ବିଭିଷିକାର କାହାଣୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଉତ୍କଳର ବୀରା ବିରଙ୍ଗନାଙ୍କ ମଧ୍ୟରେ ବାଙ୍କୀର ରାଣୀ ଶୁକଦେଇଙ୍କ ଗାଥା ଇତିହାସ ପୃଷ୍ଠାରେ ସ୍ଥାନିତ ହୋଇଛି । ବୀର ସୁରେନ୍ଦ୍ର ସାଏ ଜୟୀ ରାଜଗୁରୁ ଗୋପବନ୍ଧୁ ଦାସଙ୍କ ଓ ଅନେକ ବୀରତ୍ୱ ଉତ୍କଳ ମାଟିରେ ଲିପିବଦ୍ଧ ହୋଇଅଛି ।

ବାରମାସରେ ପାଳନ ହୁଏ ତେର ପର୍ବ ପାଳିତ ହୁଏ ଏହି ଓଡ଼ିଶା ରାଇଜରେ । ଦୋଳଯାତ୍ରାରେ ଦୋଳଗୋବିନ୍ଦ ହୋଲିଖେଳରେ ଜାତିଭେଦ ପ୍ରଥା ଉଚ୍ଛେଦ କରି ଦେଇ ସମସ୍ତଙ୍କ ମନରେ ବାଣ୍ଟିଦିଏ ଭାଇଚାରା ପର୍ବ ।

ପର୍ବପର୍ବାଣୀ ଲୋକକଳାରେ ପରିପୂର୍ଣ ଆମର ଏହି ଓଡ଼ିଶା ସଂସ୍କୃତି । ଓଡିଆଣୀର ମାର୍ଗଶୀର ମାସର ଗୁରୁବାରରେ ଝୋଟି ଚିତା କାର୍ତ୍ତିକ ମାସରେ ଚଉରା ମୂଳରେ ମୁରୁଜ ଚିତା ମନେ ପକାଇ ଦିଏ ଓଡିଆଣୀର କଳା ଭାସ୍କର୍ଯ୍ୟର ନୈପୁଣ୍ୟତା । ଓଡିଆଣୀର ଆରିଷା କାକରା ମଣ୍ଡା ଏଣ୍ଡୁରି ଚକୁଳି ଚିତଉ ଓ ପୋଡ଼ପିଠା ମହକ ଅତୁଳନୀୟ । ପୋଡ଼ପିଠା ଖାଇବା ପାଇଁ ପ୍ରଭୁ ଜଗନ୍ନାଥ ଜନ୍ମବେଦୀ ଛାଡି ବଡ ଦେଉଳକୁ ଫେରୁଥିବା ବେଳେ ରଥ ଅଟକି ଯାଏ ମାଉସୀ ମା ମନ୍ଦିର ପାଖରେ । ଏ ହେଉଛି ଉତ୍କଳର ସଂପର୍କର ଡୋରି ।

ନୀଳାମ୍ବୁ ଚିଲିକା ହ୍ରଦର ପ୍ରାକୃତିକ ବିଭବ ମନ୍ଦିର ମାଳିନୀ ଭୁବନେଶ୍ୱର ଗତ ଗୌରବ ଓଡ଼ିଶା ମାଟିକୁ ସୁଚିବନ୍ତ କରି ଦେଉଛି ।

ଲୋକକଥା ଲୋକଗୀତରେ ପରିପୂର୍ଣ ଆମର ଏହି ଓଡ଼ିଶା । ମା ପାଟିରୁ ଝରିପଡେ ଭାଷା ସାହିତ୍ୟ । କିଏ ବା ବର୍ଣ୍ଣନା କରିପାରିବ ମା ତୁଣ୍ଡରୁ ଝରି ପଡୁଥିବା କବିତା ଗୁଚ୍ଛ । ଝିଅ ବିଦାବେଳର ହୃଦୟ ବିଦାରକ ଲୋକ କବିତା ସମସ୍ତ ଆଖିରୁ ଝରାଇ ଦିଏ ଅମିନିଆ ଅଶ୍ରୁଧାର । ଓଡ଼ିଆ ଘରର ବାସୀ ପଖାଳ ସାଗ ଭଜା ବଡ଼ିଚୁରା ସହିତ ଆମର ଉତ୍କଳ ସଂସ୍କୃତି ବନ୍ଧା ହୋଇ ରହିଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉତ୍କଳ ରାଣୀଙ୍କୁ ଯେମିତି ବର୍ଣ୍ଣନା କରିଲେ ବି ଶେଷ ନାହିଁ । ଏହି ମାଟିର ସାଧବପୁଅର ନୌବାଣିଜ୍ୟ କାର୍ତ୍ତିକ ପୂର୍ଣ୍ଣିମାକୁ ମନେ ପକାଇ କଟକରେ ପାଳିତ ହୁଏ ବାଲିଯାତ୍ରା । ପିପିଲି ଚାନ୍ଦୁଆ ହସ୍ତଶିଳ୍ପ କଟକ ର ତାରକସି କାମ ବିଶ୍ୱ ପ୍ରସିଦ୍ଧ ।

ଓଡ଼ିଶାର ନୃତ୍ୟ କଳା ଦେଶ ବିଦେଶରେ ପ୍ରସିଦ୍ଧ ଲାଭ କରିଛି । ଓଡିଶୀନୃତ୍ୟର ହସ୍ତ ପାଦ ଆଖି ଚାଳନା ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଛି ।

ଆମ ଗୀତା ଭାଗବତ ରାମାୟଣ ମହାଭାରତରେ ଭରି ରହିଛି ଭକ୍ତିର ଅମୃତ ଧାରା । ସୁନ୍ଦର ପ୍ରାକୃତିକ ଜଳପ୍ରପାତ ପାହାଡ଼ ପର୍ବତ ଚାରୁ ବିମଣ୍ଡିତ କରିଦିଏ ଉତ୍କଳ ଭୂମିକା ।

ଓଡ଼ିଶାର ଗଳାରେ ହାର ସଦୃଶ୍ୟ କୁଳୁକୁଳୁ ଶବ୍ଦ କରି ବହିଯାଉଛି ମହାନଦୀ ତାର ଇତିହାସ କହି କହି ।

ସବୁର ମୂଳରେ ରହିଛନ୍ତି ଆମର ନୀଳାଚଳରେ ବଡ ଦେଉଳରେ ବସିଥିବା କଳା ଠାକୁର । ସେ ସମସ୍ତଙ୍କ ମନରେ ଆଣିଦିଅନ୍ତି ଉତ୍କଳୀୟ ଭାବ ।

ଚିର ବନ୍ଦିତା ଚିର ଛନ୍ଦିତା ମୋ ଉତ୍କଳ ସବୁବେଳେ ସୁନ୍ଦର । ଏହି ଉତ୍କଳରାଣୀର ଶୋଭାରାଜି ଦେଖି ଭଦ୍ରକ ଜିଲ୍ଲାର ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଲେଖନୀ ଚାଳନା କରି ଅତି ଚମତ୍କାର ଭାଷା ସରଞ୍ଜନା କରି ବର୍ଣ୍ଣନା କରି ଯାଇଛନ୍ତି ଏହି ଉତ୍କଳର ପଞ୍ଚଭୂତକୁ । ଏହା ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୨୦ ମସିହାରେ ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଅଛି ।

ସେ ତାଙ୍କ କାଳଜୟୀ କବିତାରେ ବାରମ୍ବାର ବନ୍ଦନା କରିଛନ୍ତି ପ୍ରକୃତିରାଣୀ ଉତ୍କଳ ଜନନୀଙ୍କୁ । ଉତ୍କଳ ଜନନୀର ହସ ସୁନ୍ଦର ଭାଷା ସୁନ୍ଦର ପ୍ରାକୃତିକ ପରିବେଶ ଅତି ମନୋହର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ସୁନ୍ଦର ମୋ ଉତ୍କଳ ରାଇଜ

କି ସୁନ୍ଦର ତାର ଶୋଭା

ସବୁର ମୂଳରେ କାଳିଆ ସାଆନ୍ତ

ଭାଷାରେ ବାନ୍ଧନ୍ତି ଗଭା ।

ଜୟ ଜଗନ୍ନାଥ ଜୟ ମା ଉତ୍କଳ ଜନନୀ ।

ଜନରଞ୍ଜନପ୍ରଧାନ

ଆଳୋଇ

ବାଲିପାଟଣା

ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବନ୍ଦେ ଉତ୍କଳଜନନୀ



ସବିତା ଜେନା

ଉପକ୍ରମ -: ଚାରୁ ହାସ୍ୟମୟୀ, ଚିର ଲାସ୍ୟମୟୀ, ବୀର ପ୍ରସବିନୀ ଉତ୍କଳ ଭୂମି ଭାରତମାତାର ଏକ ବିଶିଷ୍ଟ ଓ ଶ୍ରେଷ୍ଠ ଅଙ୍ଗ । ଏହାର ବର୍ତ୍ତମାନ ବିକାଶଶୀଳ, ଅତୀତ ଗୌରବମୟ, ସଂସ୍କୃତି ଧର୍ମ ନୀତି କୈନ୍ଦ୍ରିକ । ଏଠାରେ ଶୀତଳ ସମୀରଣ ଉତ୍କଳ ଜନନୀର ସ୍ୱାଗତିକା ଗୀତି ଗାନ କରେ, ବଙ୍ଗୋପସାଗରର ସୁନୀଳ ତରଙ୍ଗମାଳା ନିରନ୍ତର ଉତ୍କଳ ଜନନୀର ପଦ ଧୌତ କରେ । ରତ୍ନଗର୍ଭା, କଳକଳନାଦିନୀ ତଟିନୀ ମେଖଳା ବେଷ୍ଟିତା ଉତ୍କଳ ଜନନୀ ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟ, ପ୍ରାକୃତିକ ସମ୍ପଦ, ଧାର୍ମିକ ଚେତନା, ଉତ୍କଳ ସନ୍ତାନର ବୀରତ୍ୱ, ସାହିତ୍ୟ, ଭାଷା ଓ କଳା କାରୁକାର୍ଯ୍ୟ ପାଇଁ ବିଶ୍ୱରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି ।

ପ୍ରାକୃତିକ ସୌନ୍ଦର୍ଯ୍ୟ:-

ପ୍ରାକୃତିକ ସୁଷମା ଭରା ଉତ୍କଳ ଜନନୀ ଖୁବ୍ ମନଲୋଭା । ସବୁଜିମା ଭରା ବନରାଜି, ଗୁରୁ ଗମ୍ଭୀର ଗିରି ଗୁମ୍ଫା, ସୁନ୍ଦର ଦିଗନ୍ତ ବିସ୍ତୃତ ବେଳାଭୂମି ଏବଂ ଅଗଣିତ ସୁନ୍ଦର ଜଳପ୍ରପାତ ସବୁବେଳେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରି ଆସିଛି । ବିବିଧ ଦେଶୀ ବିଦେଶୀ ବିହଙ୍ଗ ମାଳିନୀ ନୀଳ ଜଳରାଶି ଯୁକ୍ତ ଚିଲିକାର ଅପରୂପ ସୌନ୍ଦର୍ଯ୍ୟରେ ଯେ କେହି ବିମୋହିତ ହୁଅନ୍ତି । କବିବର ରାଧାନାଥ ରାୟଙ୍କ ଭାଷାରେ

ଉତ୍କଳ କମଳା ବିଳାସ ଦୀର୍ଘିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମରାଳ ମାଳିନୀ ନୀଳାମ୍ବୁ ଚିଲିକା ।

ଉତ୍କଳର ପଲ୍ଲୀ ଭୂମି, ସବୁଜ ଶସ୍ୟ କ୍ଷେତ୍ରର ଶୋଭା ମଧ୍ୟ କିଛି କମ୍ ନୁହେଁ।

ଦେଶପ୍ରେମ ଓ ବୀରତ୍ୱ :-

ଇତିହାସ ବଖାଣେ ଉତ୍କଳ ସନ୍ତାନର ବୀର ଗାଥା ଓ ସୌର୍ଯ୍ୟ ବିଷୟରେ । ମହାମେଘବାହନ ଐର ଖାରବେଳଙ୍କ ସୁବିସ୍ତୃତ ସାମ୍ରାଜ୍ୟ, ଇଂରେଜ ଶାସନ ବିରୋଧରେ ପାଇକ ବିଦ୍ରୋହ, ବୀର ସୁରେନ୍ଦ୍ର ସାଏଙ୍କ ଗରିଲା ଯୁଦ୍ଧ କୌଶଳ ତା'ର ମୁକ ସାକ୍ଷୀ ହୋଇ ରହିଛି । ବୀର ଓଡିଆ ଜାତିର ମାତୃଭୂମି ପ୍ରୀତି, ବଳିଦାନ ଚଣ୍ଡାଶୋକ ଅଶୋକଙ୍କୁ ଧର୍ମାଶୋକରେ ରୂପାନ୍ତରିତ ହେବାପାଇଁ ବାଧ୍ୟ କରିଥିଲା । ଏ ଜାତିର ଅତୀତ ମହାନ୍ ଓ ପ୍ରେରଣାଦାୟକ । ଏ ମାଟିର ସାନପିଲା ସୂର୍ଯ୍ୟ ମନ୍ଦିରକୁ ସଂପୂର୍ଣ୍ଣ କରି ତୋଳି ସାରିବା ପରେ ବାରଶହ ବଢେଇ ମହାରଣାମାନଙ୍କ ଜୀବନ ରକ୍ଷା କରିବାକୁ ଯାଇ ଆତ୍ମବଳି ଦେଇଥିଲା । ବାଜି ରାଉତର ଦେଶପ୍ରେମ ଜନିତ ବଳିଦାନ କାହାକୁ ଅଛପା ନାହିଁ ।

ଓଡ଼ିଶାର ଖଣିଜ ସଂପଦ -:

ଅସୀମ ରତ୍ନକୁ ଅତି ଯତ୍ନରେ ଆପଣା ଗର୍ଭରେ ସାଇତି ରଖିଛି ଉତ୍କଳ ଜନନୀ । ତା'ର ଦୃଶ୍ୟମାନ ଅରଣ୍ୟ ସମ୍ପଦ, ଜଳ ସମ୍ପଦ, ଅଦୃଶ୍ୟ ଖଣିଜ ସମ୍ପଦ ଆଦି ପ୍ରଚୁର ପ୍ରାଚୁର୍ଯ୍ୟ ନିମନ୍ତେ ଅନ୍ୟ ରାଜ୍ୟ ଠାରୁ ଭିନ୍ନ ବୋଲି ବାରି ହୋଇପଡେ । ରତ୍ନଗର୍ଭା ଉତ୍କଳ ଗର୍ଭରେ ଭରି ରହିଅଛି ଲୁହା, ମାଙ୍ଗାନିଜ, କୋଇଲା ପରି ମୂଲ୍ୟବାନ ଖଣିଜ ସମ୍ପଦ ।

ପୂଜା ଓ ପର୍ବ ପର୍ବାଣୀ -:

ଓଡ଼ିଶାର ପ୍ରାଣ ବଡ଼ ଠାକୁର ଶ୍ରୀ ଜଗନ୍ନାଥ ଆରାଧ୍ୟ ଦେବତା ରୁପେ ପୁଜା ପାଉଛନ୍ତି । ଏମିତି ଦିଅଁ ଜଗତେ ନାହିଁ ଯିଏ କି ଭକ୍ତଙ୍କୁ ଦର୍ଶନ ଦେବା ନିମନ୍ତେ ମନ୍ଦିରରୁ ବାହାରି ଆସନ୍ତି । ରଥଯାତ୍ରା, ରଜପର୍ବ, ହୋଲି, ଦୀପାବଳୀ ପରି ଭାଇଚାରା ସମ୍ବଳିତ ହସ ଖୁସିର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପର୍ବ ଏ ମାଟିକୁ ଏ ଜାତିକୁ ଭିନ୍ନ ପରିଚୟ ଦିଏ।

ଉତ୍କଳର ଭାଷା ସାହିତ୍ୟ -:

ଉତ୍କଳ ହେଉଛି ଭାରତର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ । ଏ ମାଟିରେ ଆଦିକବି ଶାରଳା ଦାସଙ୍କ ଠାରୁ ଆରମ୍ଭ କରି ପଞ୍ଚସଖା, କବିବର, ସ୍ୱଭାବ କବି, ଭକ୍ତ କବି, ପଲ୍ଲୀ କବି, କାନ୍ତକବି ଏବଂ ଫକୀରମୋହନଙ୍କ ପରି କାଳଜୟୀ ଗାଳ୍ପିକ, ପ୍ରତିଭା ରାୟ, ମନୋଜ ଦାସଙ୍କ ପରି ମହାନ୍ କଥାକାର ଜନ୍ମ ନେଇ  ନିଜର ରଚନା ମାଧ୍ୟମରେ ସମାଜକୁ ଦିଗ୍ ଦର୍ଶନ ଦେଇଛନ୍ତି । ଚିତ୍ରକଳା, ବାଲୁକାକଳା, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଟି କ୍ଷେତ୍ରରେ ଉତ୍କଳର ସନ୍ତାନ ବିଶ୍ୱ ବିଦିତ ହୋଇ ପାରିଛି । ମଧୁସୂଦନ ଦାସଙ୍କ ପରି ବାଗ୍ମୀ, ଗୋପବନ୍ଧୁଙ୍କ ପରି ତ୍ୟାଗୀ ମହାପୁରୁଷଙ୍କୁ ଏ ମାଟି ଜନ୍ମ ଦେଇଛି । ଏଇ ମାଟିର ସନ୍ଥକବି ଭୀମଭୋଇ ପ୍ରାଣୀଙ୍କ ଦୁଃଖ ସହି ନପାରି ସେମାନଙ୍କ ଉଦ୍ଧାର ନିମନ୍ତେ ନର୍କକୁ ଯିବାକୁ ଆଗେଇ ପାରନ୍ତି ।

କଳା ଓ କାରୁକାର୍ଯ୍ୟ -:

କଳାରେ ବିଶେଷ ଉତ୍କର୍ଷତା ହେତୁ ଏ ମାଟିର ନାମ ଉତ୍କଳ ଅଟେ । ମନ୍ଦିର ମାଳିନୀ ଭୁବନେଶ୍ୱର ହେଉ କି ଅର୍କକ୍ଷେତ୍ର କୋଣାର୍କ ସବୁଠି ଉତ୍କଳୀୟ କଳା ନୈପୁଣ୍ୟରେ ବିଶ୍ୱ ହୁଏ ବିଭୋର ଓ ବିସ୍ମିତ । ଅନ୍ୟତମ ସପ୍ତାଶ୍ଚର୍ଯ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଗୁପ୍ତେଶ୍ୱର ମନ୍ଦିର ଉତ୍କଳୀୟ କଳା ପାରଦର୍ଶିତାର ପ୍ରମାଣ ଦିଏ ।

ଶେଷରେ, ଏତିକି କୁହାଯାଇପାରେ ଯେ ସୌନ୍ଦର୍ଯ୍ୟ ଶାଳିନୀ ଉତ୍କଳ ଜନନୀର ସନ୍ତାନ ଭାବେ ଆମେ ନିଜକୁ ଗୌରବାନ୍ୱିତ ମନେ କରିବା ସହିତ ଗର୍ବ ଓ ଆନନ୍ଦରେ ଗାନ କରିବା ବନ୍ଦେ ଉତ୍କଳ ଜନନୀ ଏବଂ ଜୀବନ ଦେଇ ତାର ମାନ ମହତ ରକ୍ଷା କରିବା ।

କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଦେ ଉତ୍କଳଜନନୀ



ପୁଷ୍ପଲତା ମିଶ୍ର

ରତ୍ନଗର୍ଭା ଓଡ଼ିଶା ଯେପରି ଗର୍ବ କରେ ତାର ସଂସ୍କୃତି ଓ ଐତିହ୍ୟକୁ ନେଇ ସେହିପରି ଗୌରବାନ୍ୱିତ ମନେ କରେ ତାର ଭାଷା ଓ ସାହିତ୍ୟ ଉଚ୍ଚ ମର୍ଯ୍ୟାଦାକୁ ନେଇ ଆନନ୍ଦିତ ହୁଏ । ବିଶ୍ୱର ପ୍ରତ୍ୟେକ ଜାତି ତା'ର ଭାଷା ସାହିତ୍ୟକୁ ନେଇ ଗର୍ବ କରେ । କଳା ଓ ସଂସ୍କୃତିରେ ଶ୍ରେଷ୍ଠତ୍ୱ ଲାଭ କରିଛି ବୋଲି ଓଡ଼ିଶାର ନିତ୍ୟ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ, କୋଣାର୍କର କଳା ଭାସ୍କର୍ଯ୍ୟ, ମାଟିର ମହାକବି ସାରଳା ଦାସ, ଭକ୍ତ କବି ଜଗନ୍ନାଥ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବ୍ୟାସ କବି ଫକିର ମୋହନ ସେନାପତି ପୃଥିବୀରେ ବିରଳ ।

ଓଡିଆ ଭାଷା ସାହିତ୍ୟରେ ହଜାର ହଜାର ବର୍ଷ ସଂସ୍କୃତିର ଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠିତ କରି ଯାଇଛନ୍ତି ।

ଆମ ଭାରତୀୟ ସମ୍ବିଧାନ ସ୍ୱୀକୃତ ଭାଷା ଓଡ଼ିଆ । ଏହି ଭାଷା ସଂସ୍କୃତ, ପାଲି, ପ୍ରଭୃତି ମାଧ୍ୟମରେ ପରିଚିତ ହୋଇ ଶେଷରେ ସୁମଞ୍ଜୁଳ ଓଡ଼ିଆ ଭାଷାରେ ଖ୍ୟାତି ଲାଭ କରି ଅଛି । ଏହାର ସର୍ବ ପ୍ରାଚୀନ ଅଭିଲେଖ ବୌଦ୍ଧ ଭିକ୍ଷୁ ତପସ୍ୱୀଙ୍କ ଦ୍ୱାରା ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥିଲା । ସେହି ବୌଦ୍ଧ ସ୍ତୁପରେ ହିଁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ପରିଚୟ ମିଳେ । ମଗଧ ସମ୍ରାଟ ଅଶୋକଙ୍କ ଧାଉଳି ଓ ଜଉଗଡ଼ ଅନୁଶାସନ ଖ୍ରୀପୂ ୩ୟ ଶତାବ୍ଦୀ, ମହାମେଘ ବାହନ ଐର ଖାରବେଳଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତୀ ଗୁମ୍ଫା, ଶିଳା ଲେଖ, ଭାରତ ମୁନିଙ୍କ ନାଟ୍ୟ ଶାସ୍ତ୍ର, ବୌଦ୍ଧାୟନଙ୍କ ଧର୍ମ ଗ୍ରନ୍ଥ ବିବରଣୀରୁ ଓଡ଼ିଆ ଭାଷାର ପ୍ରାଚୀନତା ସହଜରେ ଅନୁମାନ କରିହୁଏ । ଏହା ଯେପରି ଲେଖା ହୋଇଥାଏ  ସେଇପରି ଉଚ୍ଚରିତ କରାଯାଏ । ନଦୀର ଗତି ପରିଭାଷା ସର୍ବଦା ଗତିଶୀଳ ଓ କ୍ରିୟାଶୀଳ । ପ୍ରବାହମାନ ଧାରାରେ ଏହା ଚିର ପରିବର୍ତ୍ତନଶୀଳ ।

ଭାରତ ଇତିହାସ ଓ ସଂସ୍କୃତି ବିଶ୍ୱର ସର୍ବ ପ୍ରାଚୀନ ଦସ୍ତାବିଜ । ପଣ୍ଡିତ କୃପାସିନ୍ଧୁ ମିଶ୍ର ଉତ୍କଳ ଇତିହାସର ନାମ ଛଅ ହଜାର ବର୍ଷ ପୂର୍ବରୁ ପ୍ରମାଣିତ ହୋଇ ସାରିଛି । ବିଶ୍ୱର ଆଦି କାବ୍ୟ ରାମାୟଣ ରଚନାପୂର୍ବରୁ କଳିଙ୍ଗ ଉତ୍କଳର ଲୋକେ ଓଡ଼ିଆଭାଷାକୁ ଅଗ୍ରଗାମୀ କରିଥିଲେ । ହାତୀ ଗୁମ୍ଫା ଶିଳାଲେଖ ସୃଷ୍ଟିକର ଦେବଙ୍କ ଖୋଦିତ ତାମ୍ର ଲିପିରେ ଓଡ଼ିଆ ମାନଙ୍କ ବୀରତ୍ୱ ବିକଶିତ ଉତ୍କଳୀୟ ସଭ୍ୟତାର କଥା ଓ ଗାଥା ଅତୁଳନୀୟ । ଭାଷା ହେଉଛି ରାଷ୍ଟ୍ର ପାଇଁ ମହା ଶକ୍ତିର ଉତ୍ସ ।  ମନୁଷ୍ୟ ଜାତିର ସ୍ଥିତି ଭିତ୍ତି ସାହିତ୍ୟ ସଙ୍ଗୀତର ଆଦ୍ୟ ଝଙ୍କାର ।

ଆମ ଧର୍ମ ସନାତନ, ସଂସ୍କୃତି _ ହିନ୍ଦୁ ପରମ୍ପରା ଭାରତୀୟ ଅତି ପ୍ରାଚୀନ ପରମ୍ପରା । ଧର୍ମ ଭୂମି କର୍ମ ଭୂମି, ପୂଣ୍ୟଭୂମି ଭାରତ ବର୍ଷ ହିମାଳୟ ଠାରୁ କୁମାରିକା ପର୍ଯ୍ୟନ୍ତ ଯେଉଁ ବିଶାଳ ଭୂଭାଗ ଆମେ ଦେଖୁଛୁ ଇଏ ହେଉଛି ଭାରତ ବର୍ଷ ।

"ମାତୃଭୂମି, ପିତୃଭୂମି, ଧର୍ମ ଭୂମି ଭାରତ
କର୍ମ ଭୂମି, ଦେବଭୂମି, ତପୋଭୂମି ଭାରତ । ।

ଏହି ପୁଣ୍ୟ ଭୂମିରେ ଭଗବାନ ମନୁ ଜନ୍ମ ନେଇଥିଲେ ଭଗବାନ ପ୍ରଭୁ ଶ୍ରୀ ରାମ ପ୍ରଜାମାନଙ୍କ ପାଇଁ ନିଜର ସୁଖ ତ୍ୟାଗ କରିଥିଲେ । ଏହି ଭୂମିରେ ଜନ୍ମ ସଂସ୍କାର, ଶିକ୍ଷା, ବିବାହ, ମୃତ୍ୟୁ ସଂସ୍କାର ଆଦି କର୍ମ ଶାସ୍ତ୍ର ଅନୁସାରେ ପାଳନ କରନ୍ତି । ଏହି ଭୂମି ହେଉଛି ଜ୍ଞାନ ବିଜ୍ଞାନର ଉତ୍ପତ୍ତିସ୍ଥଳ । ବେଦ ଉପନିଷଦ, ପୁରାଣ, ଦର୍ଶନ, ଆୟୁର୍ବେଦ, ଜ୍ୟୋତିଷ ଆଦି ଅନେକ ଶାସ୍ତ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ପୁଣ୍ୟ ଭୂମି ଭାରତରୁ ସୃଷ୍ଟି ।

ଏଣୁ ଆମ ସଂସ୍କୃତି ହେଉଛି ମହାନ । ପୂର୍ବେ ମୁନି ଋଷିମାନେ ମନୁଷ୍ୟର ହିତ ସାଧନ ନିମନ୍ତେ ଅନେକ ନିୟମ ଲେଖିଥିଲେ ଯାହାକୁ ପରବର୍ତ୍ତି ସମୟରେ ବିଜ୍ଞାନ ସମ୍ମତି ମଧ୍ୟ ଦେଇଛି । ମନୁଷ୍ୟ ଶଯ୍ୟା ତ୍ୟାଗ କରିବା ଠାରୁ ଆରମ୍ଭ କରି ରାତିରେ ନିଦ୍ରା ଯିବା ପର୍ଯ୍ୟନ୍ତ ସମୟର ନିୟମ ଲେଖା ହେଇଛି।

ସୃଷ୍ଟିରେ ଯହିଁ ପୁଷ୍ପ ବରଷେ, ସେହି ସେ ଆମରି ଦେଶ

ଭଗୱା ଯହିଁ ରଙ୍ଗେ ଉଲ୍ଲସେ, ସେ ଦେଶ ଆମରି ଭାରତ ବର୍ଷ ।

ଆମ ସଂସ୍କୃତିରେ ପଣାସଙ୍କ୍ରାନ୍ତି ଦିନ ଓଡ଼ିଆ ନୂଆ ବର୍ଷ ପାଳନ କରାଯାଏ । ଘରେ ଠେକି ସ୍ଥାପନ କରାଯାଇ ଦୀପ, ଧୂପ, ନୈବେଦ୍ୟ ଆଳତି ସହ ବିଭିନ୍ନ ପ୍ରକାର ପିଠା ପଣା ଭୋଗ ଲାଗି ହୁଏ । ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ତୁଳସୀ ବୃକ୍ଷରେ ଅନେକ ଔଷଧୀୟ ଗୁଣ ଅଛି ସେହି ବୃକ୍ଷ ଗ୍ରୀଷ୍ମ କାରଣରୁ ବଞ୍ଚିବାର ସମ୍ଭାବନା କମ୍ ଥିବାରୁ ଠେକି ବାନ୍ଧିବାର ନିୟମ ରହିଛି । ଆମର ନୂତନ ବର୍ଷ ଆରମ୍ଭ ହୁଏ ପହିଲି ସୂର୍ଯ୍ୟ କିରଣରୁ । ଆମ ସଂସ୍କୃତିରେ ଜନ୍ମଦିନ ସକାଳୁ ଉଠି ଗାଧୋଇ ଷଷ୍ଠୀଙ୍କ ପୂଜା କରାଯାଏ । ନୂତନ ବସ୍ତ୍ର ପରିଧାନ ସହ ଗୁରୁଜନଙ୍କୁ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରାଯାଏ । ଆମ ସଂସ୍କୃତିରେ ଜନ୍ମ ହେଲେ ଦୀପ ଲାଗନ୍ତି ମୃତୁ ହେଲେ ଦୀପ ଲିଭାଯାଏ । ଆମ ସଂସ୍କୃତି କାଟି ଖାଇବା ନୁହେଁ ବାଣ୍ଟି ଖାଇବା ଶିଖୁଛନ୍ତି।

ଆମ ଉତ୍କଳରେ ବାରମାସରେ ତେର ପର୍ବ ପାଳିତ ହୁଏ, ରାକ୍ଷୀ ପୂର୍ଣ୍ଣିମାରେ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ଭାଇର ଶୁଭ ମନାସେ " ରାକ୍ଷୀ ଆସିଛିରେ ଆଜି ଆସିଛି କେତେ ନୂଆ ଆଶା ନେଇ ଆସିଛି ।

ଦୀପ ଲଗାଇବା ଦ୍ୱାରା ବାୟୁ ପ୍ରଦୂଷଣ ହୁଏ । ଆମ ସଂସ୍କୃତି ସବୁଠାରୁ ଉଚ୍ଚ । ଓଡ଼ିଆ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହିତ୍ୟ ଇତିହାସରେ ପଞ୍ଚ ସଖାର ଯୁଗ, ସୁବର୍ଣ୍ଣ ଯୁଗ ଭାବରେ ଅଭିହିତ । ବଳରାମ ଦାସଙ୍କ ଦାଣ୍ଡି ରାମାୟଣ, ଜଗନ୍ନାଥ ଦାସଙ୍କ ଭାଗବତ, ଅଚ୍ୟୁତାନନ୍ଦ ଦାସଙ୍କ ଗବେଷଣାତ୍ମକ ସାହିତ୍ୟ କୃତି ମଣି ମାଣିକ୍ୟ ସଦୃଶ୍ୟ । ରୀତି ଯୁଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ, ଲାବଣ୍ୟ ବତୀ, ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ରସ କଲ୍ଲୋଳ, ଅଭିମନ୍ୟୁ ସାମନ୍ତସିଂହାରଙ୍କ ବିଦଗ୍ଧ ଚିନ୍ତାମଣି ।

ପ୍ରକୃତରେ ବାଣୀ ଭଣ୍ଡାରର ଅମୃତର ଅନ୍ୱେଷା ଓଡ଼ିଆ ସାହିତ୍ୟରେ ଧ୍ୱନି ପ୍ରତିଧ୍ୱନିରେ ସତ୍ୟ, ଶିବ, ସୁନ୍ଦରର ହିରଣ୍ମୟ ଅଭା ସୃଷ୍ଟି କରେ । ଫଳରେ ବନସ୍ପତିର ସ୍ୱର୍ଣ୍ଣ ତଟିନୀର ସୌଧର ତୁଳନା ନାହିଁ ।

ପ୍ରୀତି ଓ ସ୍ୱଦେଶ ପ୍ରୀତି ଭିନ୍ନ ଏକ ଗଙ୍ଗା, ଯାହାର ଶାଶ୍ୱତ ସୌନ୍ଦର୍ଯ୍ୟରେ ଓଡ଼ିଶା ମାଟି ଓ ଓଡ଼ିଆ ଜାତି ବିଶ୍ୱରେ ମହାନ । ଘଞ୍ଚ ବନାନୀ ଓଡ଼ିଶା ଧରଣୀ ନୀଳ ଆକାଶକୁ ଦେଖି କବି ଭାବୁକଙ୍କ ଜ୍ଞାନର ଗରିମାକୁ କିଏ ବା କଳି ପାରିବ । ଜନ୍ମ ମାଟି ଓଡ଼ିଶା ପାଇଁ ସ୍ୱପ୍ନ ବୁଣିଥିବା ଅନେକ କବି ଲେଖକ ନିଜର ଶାଣିତ ଲେଖନୀ ମୁନରେ ଆଜି ଯାଏ ସ୍ରୋତସ୍ୱିନୀ ନଦୀ କରି ବହି ଚାଲିଛି । କବି ସଚି ରାଉତରାୟ ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ଦିଗଦର୍ଶକ ପାଲଟିଛନ୍ତି । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ "ବନ୍ଦେ ଉତ୍କଳ ଜନନୀ" ଓଡ଼ିଶାର ଜାତୀୟ ସଙ୍ଗୀତ ହୋଇପାରିଛି । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ତପସ୍ୱିନୀର ପ୍ରତି ଛନ୍ଦେ ଛନ୍ଦେ ଚିର ଆଦର୍ଶର ସ୍ୱର ଝଙ୍କୃତ ହୋଇଛି । ଓଡ଼ିଶାର ଗୌରବମୟ ଇତିହାସ ଓ ଜାତିର ମାନ ମର୍ଯ୍ୟାଦା ପାଇଁ ଗୋଦାବରୀଶ ମହାପାତ୍ର ଉଠ କଙ୍କାଳ, ନାରୀ କବି କୁନ୍ତଳା କୁମାରୀ ସାବତଙ୍କ ସରଳ, ତରଳ, ଶୀତଳ ମନ ଓ ମୁନ କାନ୍ଦି ଉଠିଛି । ଏଠି ଆକାଶରେ ଚାନ୍ଦ ଜହ୍ନ ତାରା ଯୋଛନାରେ ପୁଳକ ବିଞ୍ଛି ହୁଏ । ପାହାଡ଼ର ଝର ପାଣି ବେଦ ମନ୍ତ୍ର ବାଣୀ ପାଲଟି ଯାଏ । ଓଡ଼ିଆର ଓଡ଼ିଆତ୍ୱ ଶାଣିତ ଝଙ୍କାରରେ ବିପୁଳ କାବ୍ୟ କୁସୁମ ଗୋଲାପ ହୋଇ ଫୁଟି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଥାଏ । କାରୁଣ୍ୟ ତାରୁଣ୍ୟରେ ଭରା ଏଇ ମାଟି ପ୍ରଜ୍ଞା ଓ ପରମ୍ପରାର ମହୋଦଧି ସୃଷ୍ଟି କରେ ।

ମାଆ ଶବ୍ଦଟି ଥରେ ମାତ୍ର ଉଚ୍ଚାରଣ କଲେ ପ୍ରତ୍ୟେକ ସନ୍ତାନର ଶତ ସିଂହର ବଳ ଆସେ । ତା'ର ଚରଣାବିନ୍ଦରେ ମୁଣ୍ଡିଆଟିଏ ମାରି ପାଦ ଧୂଳି ଟିକକ ମୁଣ୍ଡରେ ଥୋଇଲେ ତା ସନ୍ତାନର ବିଶ୍ୱଦର୍ଶନ ପ୍ରାପ୍ତି ହୁଏ । ପାଦ ଧୁଆ ପାଣିକୁ ପାଦୁକା ପରି ପିଇଦେଲେ କୌଣସି ଶକ୍ତିର ବର ପ୍ରାପ୍ତି ଠାରୁ ଯଥେଷ୍ଟ ଗୁରୁତ୍ୱ ରହେ ।

କଥାରେ ଅଛି ମାଆ ଗାଳି ଦାଣ୍ଡ ଧୂଳି, ଉକ୍ତ ଗାଳି ତାର ସନ୍ତାନକୁ ସାମର୍ଥ୍ୟ ଓ ସୁସ୍ଥ କରି ଗଢି ତୋଳେ । ମା କାନି ତଳେ ପୁଅ ଥିଲେ ସୁଦର୍ଶନ ଚକ୍ର ବି ଭୟ କରେ । ମମତାର ମୂଲ୍ କୌଣସି ଅର୍ଥରେ ଆକଳନ କରାଯାଏ ନାହିଁ । ସ୍ନେହର ବାରିଧି - ମହା ସିନ୍ଧୁକୁ ପରିହାସ କରେ, କୌଣସି ଦୁଷ୍ଟ ଶକ୍ତି ମାଙ୍କ ନିକଟରେ ପରାସ୍ତ ହୁଏ ।

ଜୀବନ ତରୀରେ ମାଆଙ୍କ ଆଶୀର୍ବାଦ ଆହୁଲା ହୁଏ । ମା ହେଉଛନ୍ତି ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା ତୃଷ୍ଣା, କ୍ଷାନ୍ତୀ ଜାତି, ଲଜ୍ୟା, ଶାନ୍ତି, ତେଣୁ ପ୍ରତ୍ୟେକ ଦେବୀ ବିଭିନ୍ନ ରୂପରେ ଧରାବତରଣ କରିଥାନ୍ତି ।

"ଜନନୀ ଜନ୍ମ ଭୂମି ସ୍ୱର୍ଗଠୁ ମହାନ
କୋଟି କଣ୍ଠେ ଗାଅ ହେ ଭାଇ
ଜନନୀର ଜୟ ଗାନ । ।

ପୁଷ୍ପଲତା ମିଶ୍ର,, ଭୁବନେଶ୍ୱର
୯୩୪୮୨୯୯୪୬୫୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବନ୍ଦେ ଉତ୍କଳଜନନୀ



ରୀନା ସେଠୀ

ଯାହାର ନାମ ଉଚ୍ଚାରଣରେ ମନରେ ଅପୂର୍ବ ଶାନ୍ତି, ମନରେ ଗର୍ବଭାବ ସୃଷ୍ଟି ହୁଏ ସେଇ ହେଉଛି ମୋର ପ୍ରିୟ ଜନ୍ମଭୂମି "ଉତ୍କଳ" ଯାହାର ବର୍ତ୍ତମାନର ନାମ ଓଡ଼ିଶା । ଓଡ଼ିଶା ହେଉଛି ଦେବଭୂମି, ତ୍ୟାଗଭୂମି, ଚିତ୍ରପୁରୀ ଓ ନୈସର୍ଗ ସୌନ୍ଦର୍ଯ୍ୟର ଗନ୍ତାଘର । ଏହାର ସମୃଦ୍ଧି ଓ ଗୌରବରେ ଏହାର ଅଧିବାସୀମାନେ ଯେତିକି ଉତ୍‌ଫୁଲ୍ଲିତ, ଏହାର ଦୁର୍ଭାଗ୍ୟ ଓ ଅବନତିରେ ମଧ୍ୟ ହୋଇପଡିଛନ୍ତି ମର୍ମାହତ । ଏହି ମହାନ୍ ମହିମାରେ ମହିମା ନିତି ମୋର ପ୍ରିୟ ଜନ୍ମଭୂମି ଓଡିଶା "ଭାରତରେ ଥିବା ଆକାର ଦୃଷ୍ଟିରୁ ଅଷ୍ଟମ ବୃହତ୍ତମ ରାଜ୍ୟ ଏହାର ଅତୀତ ଗୌରବୋଜ୍ଜ୍ୱଳ ଅତୀତ ସୂର୍ଯ୍ୟ ବଂଶର ଥିବା ରାଜା କପିଳେନ୍ଦ୍ର ଦେବ ଏହାର ପରିସୀମା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବଢ଼ାଇଥିଲେ ।

୧୮୦୩ ମସିହାରେ ଏହା ଇଂରେଜ ସରକାର ଅଧୀନକୁ ଚାଲିଗଲା । ବହୁ ସଂଗ୍ରାମୀଙ୍କର ଆତ୍ମ ବଳିଦାନରେ ବହୁ ଦେଶ ଓ ଜାତି ପ୍ରେମୀଙ୍କ ପ୍ରଚେଷ୍ଟାରେ ୧୯୩୬ ଏପ୍ରିଲ ୧ ତାରିଖରେ ଏହା ଏକ ସ୍ୱତନ୍ତ୍ର ପ୍ରଦେଶରେ ଗଠିତ ହେଲା ।

ଏକଦା ଧନଧାନ୍ୟରେ ପରିପୂର୍ଣ୍ଣ ଆମ ରାଜ୍ୟ ନା ନା ଉତ୍ଥାନ ପତନ, ପ୍ରାକୃତିକ ସମ୍ପଦ ସହ, ପ୍ରାକୃତିକ ବିପର୍ଯ୍ୟୟ ନେଇ ଗତି କରୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥାପି ମୋ ଉତ୍କଳ ଧନ୍ୟ । ମୋ ଉତ୍କଳର ପାଣି, ପବନରେ ଏ ଜୀବନ ଉଦ୍‌ଜୀବିତ ହୋଇ ଉଠିଛି ।

ସେଥିପାଇଁ ମୋ ଉତ୍କଳକୁ କୋଟି କୋଟି ପ୍ରଣାମ ।

ବନ୍ଦେ ଉତ୍କଳ ଜନନୀ ।

ରୀନା ଷେଠି
ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବନ୍ଦେ ଉତ୍କଳଜନନୀ



ନଳିନୀପ୍ରଭା ମିଶ୍ର

ଉତ୍କଳ ଉତ୍କର୍ଷ କରିଛି ସାର୍ଥକ

ଶିଳ୍ପୀର କଳା ମହତ୍ତ୍ୱ

ବିଶ୍ୱ ଦରବାରେ ଉତ୍କଳ ମହିମା

ହୋଇଛି ଶ୍ରେଷ୍ଠ ବିଦିତ ।

ଉତ୍କଳର ମହିମା ଉତ୍କଳର ଗାରିମାର ପଟାନ୍ତର ନାହିଁ ଉତ୍କଳର କଳା, ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀ, ଝୋଟିଚିତା, ଓଡିଆଣୀ ଢଙ୍ଗ ଢାଙ୍ଗ ସବୁ ରାଜ୍ୟଠାରୁ ନିଆରା । ମନ୍ଦିରମାଳିନୀ ଓଡ଼ିଶାର ଗାତ୍ରରେ ଓଡ଼ିଆ ଶିଳ୍ପୀ ମାନଙ୍କର ସୂକ୍ଷ୍ମ କାରୁକାର୍ଯ୍ୟ ଆଶ୍ଚର୍ଯ୍ୟ କରିଥାଏ ।

କୋଣାର୍କର ଶିଳ୍ପ କଳା ଚାତୁରୀର ଉତ୍କର୍ଷ ଉତ୍କଳ ନାମକୁ ସାର୍ଥକ କରିଛି । ଖାରବେଳ, ଅଶୋକଙ୍କ ଭଳି ମହାନ୍ ସମ୍ରାଟମାନଙ୍କର ସୁଶାସନର ଇତିହାସ ହାତୀ ଗୁମ୍ଫା ରାଣୀ ଗୁମ୍ଫା, ଜଉଗଡର ଶିଳାଲିପିରେ ଉଲ୍ଲିଖିତ ଇତିହାସର ବିବରଣୀ ପ୍ରଦାନ କରେ । ଉତ୍କଳର ନୌବାଣିଜ୍ୟ ଦିନେ ଗୌରବ ମଧ୍ୟ ଇତିହାସ ବହନ କରିଥିଲା । ଆମ ଓଡ଼ିଆ ପୁଅମାନେ ଇଂରାଜୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ, ଜୟୀ ରାଜଗୁରୁଙ୍କ ଭଳି ଦେଶ ପ୍ରେମୀ ମାନଙ୍କ ଅବଦାନ ଓଡ଼ିଶା ଇତିହାସରେ ଅମ୍ଳାନ ସ୍ୱାକ୍ଷର ହୋଇ ରହିଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଦୀ ନଦୀ, ଗିରି, କାନନରେ ପରିପୂର୍ଣ୍ଣ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ହେଉଛି ଉତ୍କଳ । ଉତ୍କଳ ଜନନୀର ସାହିତ୍ୟ ଭଣ୍ଡାର ଋଦ୍ଧିମନ୍ତ କରି ଯାଇଛନ୍ତି ରାଧାନାଥ ରାୟ, ଗଙ୍ଗାଧର ମେହେରଙ୍କ ଭଳି ବିଶିଷ୍ଟ କବି ଗଣ ।

ଉତ୍କଳ ଜନନୀର ବନ୍ଦନାରେ ଶତ ଜିହ୍ୱ ହୋଇ କବିମାନେ ଉତ୍କଳ ବନ୍ଦନା ରଚନା କରି ଯାଇଛନ୍ତି ।

ଆମ ଦେଶ ଓଡ଼ିଶା ଭାଷା ଓଡ଼ିଆ । ଓଡ଼ିଆ ଭାଷାରେ ରଚିତ ପୁସ୍ତକ ଅନ୍ୟ କେଉଁ ରାଜ୍ୟରେ ଉପଲବ୍ଧ ହୁଏ ନାହିଁ । ସ୍ୱତନ୍ତ୍ର ଓଡ଼ିଶା ଗଠନର ପୃଷ୍ଠ ଭୂମି ପରେ ଜାତୀୟ ଚେତନାର ଭାବ ଓଡ଼ିଶା ବାସୀଙ୍କୁ ଉଦବୁଦ୍ଧ କରି ଆସିଛି । ଓଡ଼ିଆ ଲେଖିବା ଓଡ଼ିଆ ପଢ଼ିବା, ଓଡ଼ିଆ କହିବା ଭିତରେ ଆମ ଓଡ଼ିଶାର ମହା ପରିଚୟ ରହିଛି ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ରଚିତ "ବନ୍ଦେ ଉତ୍କଳ ଜନନୀ" ଦେଶ ପ୍ରେମ ମୂଳକ କବିତା "ବନ୍ଦେ ଉତ୍କଳ ଜନନୀ" ର ପ୍ରତିଟି ଶବ୍ଦରେ ଭରି ରହିଛି ଉତ୍କଳ ମାତାର ଅପୂର୍ବ ଚିତ୍ତାକର୍ଷକ ବନ୍ଦନା, ଉତ୍କଳ ମାତାର ସର୍ବ ସମ୍ପନ୍ନ ବର୍ଣ୍ଣନା । ୨୦୧୨ ମସିହାରେ ବାଲେଶ୍ୱରଠାରେ ଅଧିବେଶନରେ ଏହା ଗାନ କରାଯାଇଥିଲା । ଆମ ଓଡ଼ିଶା ସରକାରଙ୍କ ଅନୁମୋଦନ କ୍ରମେ ୨୦୧୪ ମସିହା ଫେବୃଆରୀ ୧୪ ତାରିଖରେ ମାନ୍ୟତା ପ୍ରାପ୍ତ ହୋଇ ଜାତୀୟ ସଙ୍ଗୀତ ରୂପେ ସ୍ୱୀକୃତି ଲାଭ କରି ଆସିଛି । ବିଦ୍ୟାଳୟରେ ଅପରାହ୍ନ ପାଠ୍ୟ କର୍ମର ଶେଷ କାଳର ଅବ୍ୟବହିତ ପୂର୍ବରୁ ଏହି ସଙ୍ଗୀତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମୂହ ଭାବେ ଗାନ କରିବାପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି ।

ଆଜିର ଛାତ୍ର ଛାତ୍ରୀ ଆଗାମୀ କାଲିର ନାଗରିକ । ରାଜ୍ୟର ଭାଗ୍ୟ ଡୋରି ସେମାନଙ୍କ ଉପରେ ନିର୍ଭର କରେ । ପ୍ରତି ଛାତ୍ରଛାତ୍ରୀମାନଙ୍କ ମନରେ ଜାତୀୟତାରର ମନୋଭାବ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଉଦ୍ରେକ କରିବା ପାଇଁ ଏ ପ୍ରକାର ପଦକ୍ଷେପ ଗ୍ରହଣ କରିବା ସୁନ୍ଦର ପ୍ରୟାସ । ଗୋଟିଏ କବିତାରେ କୋଟିଏ ବର୍ଣ୍ଣନା ବିନ୍ଦୁରେ ସିନ୍ଧୁର ସୃଷ୍ଟି ଭଳି ସେହି ମହାନ୍ କବିଙ୍କୁ ଯୁଗେ ଯୁଗେ ଅମର କରି ରଖିଛି।

ଉତ୍କଳର ପାଣି ପବନ, ମାଟିରେ ଭରି ରହିଛି ଜାତୀୟ ଚେତନା ଜାତୀୟ ମନୋଭାବ । ଏ ମାଟିରୁ ମୁଠାଏ ଗୋଟାଇ ଆଣିଲେ ସେ କହେ କୋଟିଏ କଥା ।

ବନ୍ଦେ ଉତ୍କଳ ଜନନୀ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହରେକୃଷ୍ଣ ମହତାବ



ଆଶୁତୋଷ ନାୟକ

## ଓଡିଶାର ପ୍ରଗତିରେ ହରେକୃଷ୍ଣ ମହତାବଙ୍କ ଅତୁଳନୀୟ ଅବଦାନ

ଓଡିଶାର ସର୍ବପ୍ରଥମ ମୁଖ୍ୟମନ୍ତ୍ରୀ, ହରେକୃଷ୍ଣ ମହତାବଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଥିଲା । ସେ ମିଷ୍ଟଭାଷୀ ଉଦାର, ନିର୍ଭିକ, ନମ୍ର ସାହିତ୍ୟପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ଆଦର୍ଶ ରାଜନେତା ଥିଲେ । ସେ ଓଡିଶାର ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଐତିହାସିକ ଓ ସୁଲେଖକ ଭାବେ ପରିଚିତ । ସେ ୧୮୯୯ ମସିହା ଆଗରପଡାରେ (ବର୍ତମାନ ଭଦ୍ରକ ଜିଲ୍ଲାରେ ଅବସ୍ଥିତ) ଏକ ସମ୍ଭ୍ରାନ୍ତ କ୍ଷତ୍ରିୟ ପରିବାରରୁ ଜନ୍ମଗ୍ରହଣ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ ବହୁବାର କାରାବରଣ କରିଥିଲେ । ବିଭିନ୍ନ ସମୟରେ ବିଭିନ୍ନ ପଦପଦବୀରେ ରହି ବହୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି । ତାଙ୍କର ପ୍ରେରଣା ଓ ସମ୍ପାଦନାରେ ପ୍ରଜାତନ୍ତ୍ର, ମୀନାବଜାର, ଝଙ୍କାର ପ୍ରଭୃତି ପତ୍ରପତ୍ରିକା କଟକରୁ ପ୍ରକାଶିତ ହେଉଛି । ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସେ ସଦାସର୍ବଦା ଜଣେ ସରଳ ନିଷ୍କପଟ, ଉଦାର, ନମ୍ର ରାଜନେତା ଥିଲେ । ଗର୍ବ, ଅହଂଙ୍କାର ତାଙ୍କୁ ତିଳେ ମାତ୍ର ଛୁଇଁ ପାରିନଥିଲା । ଯାହାକି ଏକବିଂଶ ଶତାବ୍ଦୀର ରାଜନେତା ପାଖରେ ଏହା ପରିଲକ୍ଷିତ ହେଉନାହିଁ । ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନ ତାଙ୍କୁ ଉତ୍କଳକେଶରୀର ଆଖ୍ୟା ପ୍ରଦାନ କରିଅଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନବଉତ୍କଳର ନିର୍ମାତା ରୂପେ ସେ ସୁପ୍ରତିଷ୍ଠିତ । "ତୁଳସୀ ଦୁଇ ପତ୍ରରୁ ବାସିଲା ପରି" ବାଲ୍ୟକାଳରୁ ହିଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ମନରେ ଦେଶପ୍ରେମର ବହ୍ନି ପ୍ରଜ୍ଜ୍ୱଳିତ ହୋଇଥିଲା । ଦେଶମାତୃକାର ସେବା ପାଇଁ ପାଠପଢ଼ା ଅଧାରୁ ସମାପ୍ତ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇଥିଲେ । ସେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ସେ ୧୯୨୦ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଓ କୋଲକାତା ଅଧିବେଶନରେ ଯୋଗ ଦେଇଥିଲେ ଏବଂ ଭାରତକୁ ସ୍ୱାଧୀନ କରିବାର ଜିଜ୍ଞାସା ତାଙ୍କ ମନ ମଧ୍ୟରେ ଜାଗ୍ରତ ହୋଇଥିଲା । ସେଥିପାଇଁ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୨୧ ମସିହାରେ ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଯୋଗ ଦେଇଥିଲେ । ସେଥିପାଇଁ ତାଙ୍କୁ ବହୁବାର ଜେଲ୍ ଯିବାକୁ ପଡ଼ିଥିଲା । ୧୯୩୦ ମସିହାରେ ହୋଇଥିବା ଆଇନ ଅମାନ୍ୟ ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା । ୧୯୩୪ ମସିହାରେ ସେ ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଓଡ଼ିଶାର ମନ୍ଦିର ଗୁଡ଼ିକୁ ସବୁ ଲୋକଙ୍କ ପାଇଁ ଖୋଲିବା ପାଇଁ ପଦକ୍ଷେପ ନେଇଥିଲେ । ତାଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚ ଜାତିର ଭେଦ ଭାବ ନଥିଲା । ୧୯୩୩ରୁ ୧୯୩୬ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ଅଗ୍ରପଡ଼ାରେ ଥିବା ଗାନ୍ଧୀ କର୍ମମଣ୍ଡଳ ଆଶ୍ରମରେ ହରିଜନମାନଙ୍କ ଉନ୍ନତି ନିମନ୍ତେ ଅନେକ କାର୍ଯ୍ୟ କରିଥିଲେ । ୧୯୪୨ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନରେ ସେ ଅଂଶଗ୍ରହଣ କରିଥିଲେ ଏବଂ ଇଂରେଜ ମାନଙ୍କୁ ଦୃଢତାର ସହିତ ବିରୁଦ୍ଧ କରିଥିଲେ । ତେଣୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା । ଭାରତର ସ୍ୱାଧୀନତା ସଂଗ୍ରାମରେ ବାରମ୍ବାର ଅଂଶଗ୍ରହଣ କରି ତାଙ୍କୁ ଅନେକ ବାର ଜେଲ୍ ଯିବାକୁ ପଡ଼ିଥିଲା । ଜାତୀୟ ଆନ୍ଦୋଳନରେ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ୭ଥର ଜେଲ୍ ଯିବାକୁ ପଡ଼ିଥିଲା । ସେ ଦୀର୍ଘ ୮ବର୍ଷ ଧରି ଜେଲରେ ସମୟ ଅତିବାହିତ କରିଛନ୍ତି । ଭାରତ ଛାଡ଼ ଆନ୍ଦୋଳନରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ "୧୯୪୨ ରୁ ୧୯୪୫" ମସିହା ପର୍ଯ୍ୟନ୍ତ କାରାଗାରରେ ବନ୍ଦୀ ହୋଇ ରହିଥିଲେ । ଜେଲରେ ବନ୍ଦୀ ଥିବା ସମୟରେ ସେ ୩ଟି ଉପନ୍ୟାସ ଅନେକ କବିତା ଓ ଓଡ଼ିଶାର ଇତିହାସ ଲେଖିଥିଲେ ।

୧୯୪୭ ମସିହା ଏପ୍ରିଲ ୨୩ରେ ସେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ ହୋଇଥିଲେ । ଡକ୍ଟର ହରେକୃଷ୍ଣ ମହତାବଙ୍କ ବିରୁଦ୍ଧରେ ବାରମ୍ବାର ଷଡ଼ଯନ୍ତ୍ର କରା ଯାଇଥିଲେ ମଧ୍ୟ ନିଜର ଦୃଢ଼ ଇଚ୍ଛାଶକ୍ତି, ନିଷ୍ଠା ନିର୍ଭୀକତା, ତ୍ୟାଗ, ସଚ୍ଚୋଟତା, ନମ୍ରତାକୁ ପାଥେୟ କରି ସେ ସବୁ ଷଡ଼ଯନ୍ତ୍ରକୁ ପଶମିତ କରିପାରିଥିଲେ । ତାଙ୍କ ପାଇଁ ଦଳ, ପଦପଦବୀ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା । ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ତଥା ରାଜ୍ୟର ସ୍ୱାର୍ଥକୁ ସଦାସର୍ବଦା ଗୁରୁତ୍ୱ ଦେଉଥିଲେ ଏଥିରେ ତିଳେମାତ୍ର ସଂନ୍ଦେହର ଅବକାଶ ନାହିଁ । ରାଜନୀତିରେ କୌଣସି ବ୍ୟକ୍ତି କିମ୍ବା କୌଣସି ଦଳର ମହିମାମଣ୍ଡନ କରିବାକୁ ସେ ନାପସନ୍ଦ କରୁଥିଲେ । ସେ ସଦାସର୍ବଦା ଆମ ରାଷ୍ଟ୍ର ତଥା ରାଜ୍ୟର ବିକାଶ ପାଇଁ ଚେଷ୍ଟିତ ଥିଲେ । କ୍ଷମତା, ପଦପଦବୀର ଲାଳସା ତାଙ୍କୁ ଗ୍ରାସ କରି ପାରିନଥିଲା । ସେ ସଦାସର୍ବଦା ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା, ସଂସ୍କୃତିକୁ ବଜାଇ ରଖିବା ପାଇଁ ଅପ୍ରାଣ ଉଦ୍ୟମ କରୁଥିଲେ । ସେ ଲାଲବାହାଦୁର ଶାସ୍ତ୍ରୀଙ୍କ ଭଳି ଅତି ସରଳ ନିରାଡ଼ମ୍ବର ଜୀବନ ଅତିବାହିତ କରୁଥିଲେ । ଅସହାୟ ଗରିବ, ମଧ୍ୟବିତ୍ତ ଲୋକଙ୍କର ଦବିଯାଉଥିବା ସ୍ୱରକୁ ନିଜର ଗଳ୍ପ, ଉପନ୍ୟାସ ଏବଂ ଖବରକାଗଜ "ପ୍ରଜାତନ୍ତ୍ର" ରେ ପ୍ରକାଶ କରୁଥିଲେ । ନିରପେକ୍ଷ ଦୈନିକ ଖବରକାଗଜ "ପ୍ରଜାତନ୍ତ୍ର" ସଦାସର୍ବଦା ସାଧାରଣ ଲୋକଙ୍କ ସ୍ୱର ହୋଇ ତାର ଦାୟିତ୍ୱ ସଠିକ ଭାବରେ ନିର୍ବାହ କରୁଛି । ଯେତେବେଳେ ପ୍ରଶାସନ ନେତା,ମନ୍ତ୍ରୀ, ଅଫିସର ମାନେ ଭ୍ରଷ୍ଟାଚାରରେ ଲିପ୍ତ ରୁହନ୍ତି, ଅହଂକାରରେ ବଶବର୍ତ୍ତୀ ହୋଇ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଭୁଲିଯାଆନ୍ତି, ସେବକ ପରିବର୍ତ୍ତେ ନିଜକୁ ମାଲିକ ମନେକରନ୍ତି, ସେତେବେଳେ ନିରପେକ୍ଷ ଖବରକାଗଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଜାତନ୍ତ୍ର ପ୍ରଶାସନକୁ ଚେତାଇ ଦିଏ ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନେତା, ମନ୍ତ୍ରୀ, ଅଫିସର ମାନେ ଜନତାର ସେବକ ହୋଇଥାନ୍ତି ଏବଂ ପ୍ରକୃତରେ ଜନତା ହିଁ ସର୍ବଶକ୍ତିମାନ, ଏହାର ଅର୍ଥ ଆମ ଦେଶର ସମସ୍ତ ଭୋଟର ଅଖଣ୍ଡ କ୍ଷମତାର ଅଧିକାରୀ ।

ନିଜର ଖଣ୍ଡିଏ ଭୋଟ ମାଧ୍ୟମରେ ସରକାର ପରିବର୍ତ୍ତନ କରିବାର କ୍ଷମତା ଜନସାଧାରଣଙ୍କ ପାଖରେ ରହିଛି । ଡ଼କ୍ଟର ହରେକୃଷ୍ଣ ମହତାବଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ସମସ୍ତ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା । ତାଙ୍କର ମତ ଥିଲା ଭାରତ ପରି ବିଶାଳ ଦେଶରେ ସମସ୍ତେ ଆତ୍ମନିର୍ଭରଶୀଳ ହେବା ଉଚିତ । ତାଙ୍କର ଏହି ଆହ୍ୱାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ପାଖରେ ପହଂଚିପାରିଛି । ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ସେ ଦେଶ ପାଇଁ ଚିନ୍ତା କରିଛନ୍ତି । ତାଙ୍କ ପାଇଁ ରାଷ୍ଟ୍ର ସର୍ବାଗ୍ରେ । ବାଲେଶ୍ୱର ଜିଲ୍ଲାରେ ଚେୟାରମ୍ୟାନ ଦାୟିତ୍ୱରେ ଥିବାବେଳେ ସେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବିଦେଶୀ ପୋଷାକକୁ ବିରୋଧ କରିଥିଲେ । ୧୯୩୦ରେ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଜେଲ୍ ଯାଇଥିଲେ । ଏକ ନୂତନ ଓଡିଶା ଗଠନ ଦିଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସର୍ଦ୍ଦାର ବଲ୍ଲବଭାଇଙ୍କ ଆହ୍ୱାନ ଏବଂ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ସହଯୋଗ ଦ୍ୱାରା ଓଡିଶାର ୨୬ଟି ଗଡ଼ଜାତ ରାଜ୍ୟ ଓଡିଶାରେ ମିଶ୍ରଣ ହୋଇଥିଲା । ତାଙ୍କ ରଚିତ "ଗାଁ ମଜଲିସ୍" ଲେଖା ପାଇଁ ତାଙ୍କୁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା । ଏଥିସହ ଇଂରାଜୀ ପତ୍ରିକା "ଦ ଇଷ୍ଟର୍ଣ୍ଣ ଟାଇମସର" ସେ ସମ୍ପାଦକ ଥିଲେ । ସେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ୨ଥର ନିର୍ବାଚିତ ହୋଇଥିଲେ । ପାଖାପାଖି ସାତବର୍ଷ ଧରି ସେ ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ । ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡିଶାର ଅନେକ ଜନମୁଖୀ ପ୍ରଜେକ୍ଟରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା ।

ହୀରାକୁଦ ଡ୍ୟାମ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । କଟକ ଆକାଶବାଣୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେନ୍ଦ୍ରର ପ୍ରତିଷ୍ଠାତା ଭାବେ ସେ ଚିରପରିଚିତ । ବାରବାଟୀ ଷ୍ଟାଡିଅମ ନିର୍ମାଣରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା । ଓଡିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନନ୍ତରିତ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା । ଡ଼କ୍ଟର ହରେକୃଷ୍ଣ ମହତାବ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ ଆଦର୍ଶ ମୁଖ୍ୟମନ୍ତ୍ରୀ, ସାହିତ୍ୟପ୍ରେମୀ, ସମ୍ପାଦକ, ଦକ୍ଷ ପ୍ରଶାସକ ଏବଂ ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ । ରାଜନୀତିର ସଂକୀର୍ଣ୍ଣ ସୀମାକୁ ଅତିକ୍ରମ କରି ଜଣେ ରାଷ୍ଟ୍ରପୁରୁଷ, ମହାନ ଜନନାୟକ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ସଂଘର୍ଷ ମଧ୍ୟ ଦେଇ ତାଙ୍କର ବ୍ୟକ୍ତିତ୍ୱ ଗଢି ଉଠିଥିବାରୁ ସେ ଥିଲେ ଯଥାର୍ଥରେ ବୀରପୁରୁଷ ଓ ନିର୍ଭୀକ । ନବ ଉତ୍କଳର ଅନେକ ପ୍ରଥମଙ୍କ ଭିତରେ ସେ ପ୍ରଥମ । ଓଡିଶାକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରାଇବା ତାଙ୍କ ଜୀବନର ପରମ ଲକ୍ଷ୍ୟ ଥିଲା । ତେଣୁ ଆଧୁନିକ ଓଡିଶାର ସଂସ୍କୃତି ଓ ରାଜନୀତି ଉପରେ ତାଙ୍କର ସାଧନା କାଳକୁ ମହତାବ- ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ । ଗଣତନ୍ତ୍ରକୁ କଳଙ୍କମୁକ୍ତ କରିବା ଓ ରାଜନୀତିକୁ ନିଷ୍ଠାପର ଭାବରେ ଲୋକାଭିମୁଖୀ କରାଇବା, ସମାଜରୁ ଯାବତୀୟ ଜଡ଼ତା ଓ କୁସଂସ୍କାରକୁ ଦୂରେଇ ଦେବା, ସାହିତ୍ୟକୁ ସମାଜ ଅଭିମୁଖୀ କରାଇବା ଏପରି ଅନେକ ଉଲ୍ଲେଖନୀୟ ସଂସ୍କାରମୂଳକ କାର୍ଯ୍ୟକ୍ରମ ଭିତରେ ସେ ନିଜକୁ ଅବିରତ କର୍ମମୁଖର କରି ରଖିଥିଲେ ।

ହରେକୃଷ୍ଣ ମହତାବ ଏପରି ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ରାଜନେତା ଯିଏ ବାରମ୍ବାର ଜେଲ ଯାଇ ମଧ୍ୟ ଭାଙ୍ଗିପଡି ନାହାନ୍ତି । ଘାତ ପ୍ରତିଘାତ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଦେଇ ସେ ଗତି କରିଛନ୍ତି । ତାଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର କରାଯାଇଛି, କମିଶନ ବସାଯାଇଛି କିନ୍ତୁ ସେ ସାହସର ସହିତ ମହାଭାରତର ଅଭିମନ୍ୟୁ ପରି ଏକାକୀ ତାର ମୁକାବିଲା କରିଛନ୍ତି । ରାଜନୀତି ଓ ପ୍ରଶାସନର ଘୂର୍ଣ୍ଣି ଭିତରେ ଜୀବନ ଅତିବାହିତ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଧ୍ୟ ସେ ବାଛି ନେଇଥିଲେ ସାହିତ୍ୟ ଓ ସାମ୍ବାଦିକତାକୁ । ଉଭୟକୁ ସେ ସମାଜ ଓ ରାଷ୍ଟ୍ର ଗଠନରେ ଦୁଇଟି ଅବ୍ୟର୍ଥ ଅସ୍ତ୍ର ରୂପେ ବିବେଚନା କରୁଥିଲେ । ଅସହଯୋଗ ଆନ୍ଦୋଳନ, କନିକା ରାଜ ଅତ୍ୟାଚାର ଓ ଲବଣ ସତ୍ୟାଗ୍ରହ ଏହି ଘଡିସନ୍ଧି ମୁହୂର୍ତ୍ତରେ ପ୍ରଜାତନ୍ତ୍ର ଖବରକାଗଜ ହୋଇଥିଲା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ । "ଗାଁ ମଜଲିସ୍" ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ପରିପକ୍ୱ ଚିନ୍ତା ଓ ଚେତନାର ସାବଲୀଳ ପରିପ୍ରକାଶ । ୧୯୫୦ ମସିହାରୁ ୧୯୮୭ ମସିହା ପର୍ଯ୍ୟନ୍ତ "ପ୍ରଜାତନ୍ତ୍ର" ପୃଷ୍ଠାମଣ୍ଡନ କରି ଏହା ଓଡିଶାର କୋଣ ଅନୁକୋଣରେ ଜନସାଧାରଣଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲା । ସାମାଜିକ ରାଜନୀତିକ, ପ୍ରଶାସନିକ, ସାଂସ୍କୃତିକ, ଆର୍ଥନୀତିକ, ରାଷ୍ଟ୍ରୀୟ, ଧର୍ମୀୟ, କୃଷି, କୁସଂସ୍କାର ଏହିପରି ଅନେକ ସମସ୍ୟା ଏବଂ ତାର ସରଳ ସମାଧାନ ଓ ସେଥିରେ ସାଧାରଣ ଲୋକଙ୍କ ଭୂମିକାକୁ ଡ଼କ୍ଟର ହରେକୃଷ୍ଣ ମହତାବ ଏପରି ସୁନ୍ଦର ଭାବରେ ପରିସ୍ଫୁଟନ କରିଥିଲେ, ଯାହା ଚଳିତ ଚାରି ଦଶନ୍ଧି ଧରି ହୋଇଯାଇଛି ଏକ ଧାରାବାହିକ ଇତିହାସ । ଏକବିଂଶ ଶତାବ୍ଦୀର ସମସ୍ତ ରାଜନେତା କାବୁଅଫିଙ୍ଗା ଶସ୍ତା ରାଜନୀତି ଏବଂ ନିଜର କ୍ଷମତା ଲାଳସାରୁ ନିବୃତ ରହି ମହାନ ରାଜନେତା ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାର ସମୟ ଆସିଛି, ଯାହା ଫଳରେ ଆମ ରାଜ୍ୟ ତଥା ରାଷ୍ଟ୍ର ବିଶ୍ୱର ସର୍ବଶ୍ରେଷ୍ଠ ରୂପେ ପରିଗଣିତ ହେବ ।

ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
୭୦୨୦୬୧୯୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଧାନସୌଧ - ଲୋକସେବା ଭବନ



ପଙ୍କଜ କୁମାର ପାଣିଗ୍ରାହୀ

ମାନବିକତାର ପରିଚୟ ଦେଇ ସର୍ବସାଧାରଣଙ୍କୁ ଲୋକତନ୍ତ୍ରର ଅନୁଭୂତି ପ୍ରଦାନ କରାଯିବା ପାଇଁ ଏହି ଐତିହାସିକ ପରିବର୍ତ୍ତନ, ନା ଅନ୍ୟକିଛି ଉଦ୍ଦେଶ୍ୟ ଜଡିତ ଏକ ହାସ୍ୟାସ୍ପଦ କାର୍ଯ୍ୟ ସମୀକ୍ଷା କରି ଦେଖିବା... !

ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଅସମୀଚୀନ ପ୍ରଶ୍ନବାଚୀ ସୃଷ୍ଟି ହୁଏ ମନରେ, ଯେ ଲୋକତନ୍ତ୍ରରେ ଯଦି ନିର୍ବାଚିତ ଲୋକପ୍ରତିନିଧିଗଣ ଲୋକସେବକ ଭାବେ ପରିଚିତ ହୁଅନ୍ତି ତା ହେଲେ ସେମାନଙ୍କ ତଳେ ରହି ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ସର୍ବସାଧାରଣ ଅର୍ଥର ବେତନଭୋଗୀ ଚାକିରିଆମାନେ ଅଧିକାରୀ, ମୋ ଭଗବାନ, ସଚିବ, ସାର୍, ମହାମହିମ, ପାଳନକର୍ତ୍ତା ଇତ୍ୟାଦି ପଦବାଚ୍ୟ ହେବା ଆଧାର କ'ଣ ? ଓଡିଶା ବିଧାନ ସୌଧର ନାମକୁ ପରିବର୍ତ୍ତନ କରି ଜନନେତାଙ୍କୁ ଲୋକସେବକର ମାନ୍ୟତା ଦିଆଯିବା ପରେ ସେମାନଙ୍କ ନିମ୍ନରେ ରହିଥିବା ମଣିଷଙ୍କୁ ତାହାଠାରୁ ଉଚ୍ଚକୋଟୀର ପଦବାଚ୍ୟ ଏକ ହାସ୍ୟାସ୍ପଦ ସମ୍ବୋଧନ ନା ଆଉ କିଛି, ବିଚାର କରି ଦେଖିବା କଥା ! ଏହି କ୍ରମରେ ଓଡ଼ିଶାର ଲୋକତନ୍ତ୍ର ତଥା ସରକାରୀ ପରିଚାଳନା ବ୍ୟବସ୍ଥାରେ ରହିଥିବା ଇଂରେଜ ନୀତି ଗୁଡିକର କେତେକ କ୍ଷେତ୍ରରେ ପରିବର୍ତ୍ତିତ ସଂକଳନ ଗୁଡିଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖିବାକୁ ମିଳୁଛି ଯାହା କେବଳ ଆମର ଗଣମାନ୍ୟ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ମାତ୍ର । ପୂର୍ବରୁ କେତେଯେ ଜନନେତା, ସାମାଜିକ କର୍ମୀ ଏହି ରାଜ୍ୟରେ ସିଂହାସନ ଆରୋହଣ କରି ଯାଇଛନ୍ତି, କି'ନ୍ତୁ ଏହିସବୁ ମାନବିକ ଚେତନା ଜ୍ଞାନର ଅବଦାନ କାହା ସମୟରେ ଦେଖିବାକୁ ମିଳିନଥିଲା ଯାହା ଆଜି ଆମ ରାଜ୍ୟର ଗୌରବକୁ ଦ୍ୱିଗୁଣିତ କରିବାରେ ସଫଳତା ଆଣିଛି । ଏହି କ୍ରମରେ କେତେକ ପରିବର୍ତ୍ତନ ଯେ ଜନମାନସକୁ ଆଶ୍ୱାସିତ କରିଛି ଯାହା ସାଧାରଣ ଲୋକଙ୍କର ଏକ ଅସାଧାରଣ ଅଭିଳାଷ ଥିଲା । କେତେକ ଉଦାହରଣ ସ୍ୱରୂପ ଓଡିଶା ବିଧାନ ସୌଧର ନାମ ପରିବର୍ତ୍ତନ କରି ଲୋକସେବା ଭବନ କରାଯାଇ ଅଛି । ବସ୍‌ଷ୍ଟାଣ୍ଡ, ସରକାରୀ କାର୍ଯ୍ୟାଳୟ ତଥା ସାଧାରଣ ସ୍ଥାନ ଗୁଡିକରେ ଅନେକ ପ୍ରଚାର ଫଳକ ଲାଗିଛି, ଯେଉଁଥିରେ ଲେଖା ଅଛି, ଯେ ସରକାରୀ ଚାକିରିଆ ମାନେ ଲୋକଙ୍କ ସେବକ । ସେମାନେ ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ମାସିକ ବେତନ ନେଇ କାର୍ଯ୍ୟ କରିଥା'ନ୍ତି । ତେଣୁ ସେମାନେ ସାଧାରଣ ଲୋକଙ୍କ ସେବକ ତଥା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜନହିତକର କାର୍ଯ୍ୟ କରିବାକୁ ବାଧ୍ୟ । କୌଣସି ସରକାରୀ ଚାକିରିଆ ସାଧାରଣ ଲୋକଙ୍କୁ ଅସମ୍ମାନ କରିବା ଅଧିକାର ନାହିଁ କିମ୍ବା ସେମାନଙ୍କ ଠାରୁ କୌଣସି ଉତ୍କୋଚ ନେଇ କାର୍ଯ୍ୟ କଲେ ମୋ ସରକାରଙ୍କୁ ଅଭିଯୋଗ କରିବେ । ଇତ୍ୟାଦି ଆହୁରି ଅନେକ କଥା...

ତାହେଲେ ଏଠାରେ ଗୋଟିଏ କଥା ମନକୁ ଆସୁଛି, ଯେ ଲୋକ ପ୍ରତିନିଧି ହୁଅନ୍ତୁ କିମ୍ବା ସରକାରୀ ଚାକିରିଆ ସେମାନେ ସମସ୍ତେ ନିଶ୍ଚିତ ଭାବେ ଲୋକସେବା ନିୟୋଜିତ ମଣିଷ ସମୂହ ଯେଉଁମାନେ କେବଳ ସାଧାରଣ ଲୋକଙ୍କ ସେବାମୂଳକ କାର୍ଯ୍ୟ କରିବା ପାଇଁ ଲୋକଙ୍କ ସାମୁହିକ ଅର୍ଥରୁ ନିଜର ଗୁଜରାଣ ମେଂଟାଇବା ପାଇଁ ନିୟୋଜିତ ହୋଇଥା'ନ୍ତି । ଏହା କେବଳ ଆମର ଉପସ୍ଥିତ ସମୟର ସ୍ୱଚ୍ଛ ଶାସକ ସରକାର କହୁଛନ୍ତି ଯାହା ଆଗରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆମକୁ କେହି କହି ନଥିଲେ । ହେଲେ ବର୍ତ୍ତମାନ ଆମକୁ ଆଉ କିଛି ଇଂରେଜ ଶାସିତ ନିୟମ ଦେଖିବାକୁ ମିଳୁଛି ସାମାଜିକ କ୍ଷେତ୍ରରେ ଯାହା ସମ୍ମାନୀୟ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରି ଭାରତୀୟ ସାଂସ୍କୃତିକ ପରିଭାଷା ପ୍ରୟୋଗ କଲେ ଯେ ସମଗ୍ର ଓଡ଼ିଆ ତାଙ୍କୁ ଚିରକାଳ ସ୍ମରଣ କରିବେ ସେଇଥିରେ ତିଳେ ହେଲେ ଦ୍ୱିଧା ନାହିଁ ଯାହା ସବୁ ନିମ୍ନରେ ବର୍ଣ୍ଣନା କରାଗଲା । ଆଶା କରୁଛୁ କି, ସେଗୁଡିକ ପ୍ରତି ଆମର ପ୍ରିୟ ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ ନିଶ୍ଚିତ ପ୍ରାଧାନ୍ୟତା ଦେଇ କିଛି ପରିବର୍ତ୍ତନ ଆଣିବେ ଯାହା କାଳ କାଳକୁ ସ୍ମରଣୀୟ ହୋଇ ରହିବ ।

କଥା ହେଲା, ଯଦି ଲୋକପ୍ରତିନିଧି ମାନଙ୍କ ସମେତ ଆମର ଜନନେତା ମୁଖିଆ ଜଣେ ଜନସେବକ ହୁଅନ୍ତି ତାହେଲେ ତାଙ୍କ ନିମ୍ନରେ ସାଧାରଣ ଜନତାଙ୍କ ସାମୁହିକ କାର୍ଯ୍ୟପାଇଁ ନିୟୋଜିତ ସରକାରୀ ଚାକରମାନେ ଅଧିକାରୀ ହେବେ କେମିତି ? ସେମାନେ ବିଭିନ୍ନ ସ୍ତର ଭିତ୍ତିକ ସରକାରୀ ସହାୟକ ହୋଇପାରନ୍ତି, କିଁନ୍ତୁ କୌଣସି ମତେ ଅଧିକାରୀ ନୁହଁ ! ଏହା ଏକ ଦୁର୍ଭାଗ୍ୟପୂର୍ଣ୍ଣ ବିଷୟ ଯେ ବେତନଧାରୀ ସରକାରୀ ଚାକରଙ୍କୁ ଅଧିକାରୀ ବୋଲି ମାନ୍ୟତା ଦିଆଯାଉଥିବା କାରଣରୁ ସେମାନେ ନିଜକୁ ଅବସ୍ଥାପିତ ସ୍ଥାନ ଗୁଡିକର ମାଲିକ ବୋଲି ଭାବି ସେହିଭଳି ପ୍ରଦର୍ଶନ କରୁଛନ୍ତି ସାଧାରଣ ଲୋକଙ୍କୁ ଯାହା ଏକ ଗୁରୁଗାମ୍ଭିର୍ଯ୍ୟ ପୂର୍ଣ୍ଣ ବିଡମ୍ବନା । ଏହି ବିଷୟରେ ସାଧାରଣ ଲୋକଙ୍କ ମତାମତ ନିଆଗଲେ ଯେ ୧୦୦ରୁ ୧୦୦ ଅଭିଯୋଗ ଆସିବ ତାକୁ ନିଶ୍ଚିତ ପରିବର୍ତ୍ତନର ସ୍ୱର ଦେଇ । ଏହାର ପରିବର୍ତ୍ତନ କରାଯିବା ନିତାନ୍ତ ଆବଶ୍ୟକ ଯାହା ମାନ୍ୟବର ମୁଖ୍ୟମନ୍ତ୍ରୀ ଥରେ ବିଚାରକୁ ନେଇ ଦେଖନ୍ତୁ, ଯଦି ସେ ବାସ୍ତବରେ ଲୋକଙ୍କୁ ଭଲ ପାଉଛନ୍ତି ଏବଂ ସେ ଜଣେ ପ୍ରକୃତ ଲୋକ ସେବକ ବୋଲି ନିଜକୁ ସାବ୍ୟସ୍ତ କରି ଜନମାନସରେ ଚିର ସ୍ମରଣୀୟ ହୋଇ ରହିବାକୁ ମନସ୍ଥ କରିଥା'ନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାର୍ ବୋଲି ଗୋଟିଏ ଶବ୍ଦ ଯାହାର ପ୍ରକୃତ ଅର୍ଥ ହୁଏତ କାହାକୁ ଜଣାଥିବ ଯେଉଁମାନେ ତାକୁ ପ୍ରତି କ୍ଷେତ୍ରରେ, ମୁହୂର୍ତ୍ତରେ ବ୍ୟବହାର କରୁଛନ୍ତି ଯାହା ଏକ ଇଂରେଜ ସମ୍ବଳିତ ସମ୍ମାନ ଯାହାକୁ ପାଇବାକୁ ହେଲେ ବିଶ୍ୱସ୍ତରୀୟ ମାନ୍ୟତାର ଅଧିକାରୀ ହେବାକୁ ପଡିଥାଏ ! ବର୍ତ୍ତମାନ ଆମ ସାମାଜିକ କ୍ଷେତ୍ରର ସମସ୍ତ କର୍ମକର୍ତ୍ତାଙ୍କୁ ସାର୍ ବୋଲି ସମ୍ବୋଧନ କରାଯାଉଅଛି ଯାହା ଭାରତୀୟ ତଥା ଗଣତନ୍ତ୍ରର କୌଣସି ସଂଯୋଜିତ ନିୟମ ମଧ୍ୟରେ ନାହିଁ । କାରଣ ସାର୍ ବୋଲି ଗୋଟିଏ ବ୍ରିଟିଶ ସମ୍ବର୍ଦ୍ଧିତ ସମ୍ମାନ ଯାହା ଖୁବ୍ କମ୍ ବ୍ୟକ୍ତିତ୍ୱଙ୍କୁ ଦିଆଯାଉଥିଲା ସେମାନଙ୍କ ଦ୍ୱାରା ! ତେଣୁ ସେହି ସମୟରେ ରବିନ୍ଦ୍ରନାଥ ଟାଗୋର ଏହି ବ୍ରିଟିସ୍ ସମ୍ମାନକୁ ପ୍ରତ୍ୟାଖ୍ୟାନ କରିଥିଲେ । ହେଲେ ଭୋପାଳର ନବାବ, ନବାଜ ସିକନ୍ଦର ବେଗମ୍ ସାହିବା ଆମ ଦେଶରେ ପ୍ରଥମ ନାଇଟ୍ ଗ୍ରାଣ୍ଡ୍ କମାଣ୍ଡର ଉପାଧି ଗ୍ରହଣ କରିଥିଲେ ଯାହା ଇଂରେଜଙ୍କ ଅବଦାନ ଥିଲା । କି'ନ୍ତୁ ଆମର ସମସ୍ତ ସରକାରୀ ଚାକର କେମିତି ସାର୍ ହୋଇଥା'ନ୍ତି ତାହାର କୌଣସି ନିୟାମକ ସଂକଳିତ ସଂଯୋଜନା ନଥାଇ ମଧ୍ୟ ସେମାନଙ୍କୁ ସାର୍ ବୋଲି ନ କହିଲେ ଯେ ବ୍ୟାପକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି ଏକଥା ସମସ୍ତେ ଜାଣନ୍ତି । ତାହାର ଏକ ଦୃଷ୍ଟାନ୍ତ ମୂଳକ ପରିବର୍ତ୍ତନର ଆବଶ୍ୟକତାକୁ ଅନୁଭବ କରି କିଛି ଉଚିତ ପଦକ୍ଷେପ ନିଆଗଲେ ଯେ ସାମାଜିକ କ୍ଷେତ୍ରରେ ଏକ ସଂସ୍କାର ଆସିବ ସେଇଥିରେ କୌଣସି ସନ୍ଦେହ ନାହିଁ । ସରକାରୀ ଚାକରଙ୍କୁ କେତେକ କ୍ଷେତ୍ରରେ ସମ୍ବୋଧିତ କରାଯାଉଥିବା ସାହେବ ପଦ କେବଳ ବ୍ରିଟିଶ ଜୁଲୁମ ସମୟରେ ପ୍ରଚଳିତ ଥିଲା ଯାହାର ଦୃଷ୍ଟାନ୍ତ ମୂଳକ ପରିବର୍ତ୍ତନର ଆବଶ୍ୟକତା ରହିଛି ଆଜି ସମୟରେ ଯାହା ସେମାନଙ୍କୁ ଅତ୍ୟଧିକ କ୍ରୁର କରିବାରେ ସମର୍ଥ ହେଉଛି, ଯେଉଁଭଳି ବ୍ରିଟିଶ ସମୟରେ ହେଉଥିଲା । କାରଣ ଏହିସବୁ ପଦବାଚ୍ୟ ଗୁଡିକ ବ୍ରିଟିଶ ସଂଯୋଜିତ କରି ସମାଜରେ ପ୍ରସାର କରୁଥିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବଳ ଲୋକଙ୍କୁ ଦମନ କରି ରଖିବା ପାଇଁ ଯାହା ଆଜି ସମୟର ଗଣତନ୍ତ୍ରରେ କୌଣସି ମତେ ଗ୍ରହଣୀୟ ନୁହେଁ ।

ଅନ୍ୟ ଏକ ପକ୍ଷରେ ଦେଖିବାକୁ ଗଲେ ଯଦି ବିଧାନ ସୌଧର ନାମକୁ ପରିବର୍ତ୍ତନ କରି ଲୋକସେବା ଭବନ କରାଯିବା ନିଦର୍ଶନ କରୁଛି କି ଏହା ଏକ ଲୋକତନ୍ତ୍ର ଜଡିତ ରାଷ୍ଟ୍ର ଯେଉଁଠି ସାଧାରଣ ଲୋକଙ୍କୁ ମଧ୍ୟ ସମାନ ମର୍ଯ୍ୟାଦା ଦିଆଯାଏ ଯାହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ । କିଂନ୍ତୁ ସେହି କ୍ରମରେ ରାଜ ଭବନର ନାମକୁ ପରିବର୍ତ୍ତନ କରା ନଗଲେ ତାହା କ'ଣ ନିଦର୍ଶନ କରୁଛିକି ଯେ ଏହା ଏକ ଗଣତନ୍ତ୍ର ରାଷ୍ଟ୍ର ବୋଲି ?! କେବେ ମଧ୍ୟ ନୁହେଁ ! କାରଣ ରାଜ ତନ୍ତ୍ର ଆଉ ନଥିବା ଆମେ ଦର୍ଶାଉଛେ ସାଧାରଣ ଲୋକଙ୍କୁ ଯେଉଁଠି ରାଜ ଶବ୍ଦର ବ୍ୟବହାର ଏକ ଅଯୌକ୍ତିକ ବିଚାର ମାତ୍ର । ତେଣୁ ରାଜଭବନକୁ ମଧ୍ୟ ପରିବର୍ତ୍ତନ କରି ଲୋକତନ୍ତ୍ର ଭବନ କରାଯିବା ଅତ୍ୟନ୍ତ ବିଧେୟ କି ନୁହେଁ ବିଚାର କରନ୍ତୁ ଆମର ଜନନେତା ଯିଏ ଆମ ପାଇଁ ଅତ୍ୟନ୍ତ ଗୌରବମୟ ଓଡ଼ିଶା ଗଠନର ସ୍ୱପ୍ନ ଦେଖିଛନ୍ତି, ଦେଖୁଛନ୍ତି ବୋଲି ଆମର ବିଚାର ଓ ଅନୁରୋଧ ।

ଏମିତି କହିବାକୁ ଗଲେ ଆହୁରି ବ୍ୟାପକ ଇଂରେଜ ବ୍ୟବହୃତ ଦମନଶୀଳ କଠୋର ଶବ୍ଦ ମହା ମହିମ, ମୋ ଭଗବାନ ଇତ୍ୟାଦିର ବ୍ୟବହାର ହୁଏତ ସମାଜକୁ ନିମ୍ନମୁଖୀ କରି ରଖି ଏକ ଦମନଶୀଳ ରାଜତନ୍ତ୍ରିକ ପରିବେଶ ସୃଷ୍ଟି କରିବାରେ ସହାୟକ ହେଉଛି ଅଦ୍ୟାବଧି ଆମ ଲାକତନ୍ତ୍ର ଶାସନରେ ଯାହାର ପରିବର୍ତନ କରି ଏକ ମାନବିକ ବାତାବରଣ ସୃଷ୍ଟି କରିବେ ବୋଲି ଆମ ଲୋକ ମୁଖ୍ୟଙ୍କ ଉପରେ ଆମର ଦୃଢ଼ ବିଶ୍ୱାସ ରହିଛି ଯାହା ସେ ନିଶ୍ଚିତ ସମ୍ପୂର୍ଣ୍ଣ କରିବେ ବୋଲି ଆଶା । ଭାରତୀୟତାର ପରିଚୟ ମୂଳକ ଭାବେ ଆମ ସାଂସ୍କୃତିକ ଶବ୍ଦ ସମୂହ ଭ୍ରାତା, ମାନ୍ୟବର, ସମ୍ମାନସ୍ପଦ ଇତ୍ୟାଦିକୁ ବ୍ୟବହାର କରାଗଲେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


ଆମେ ଛୋଟ ନହୋଇ ଅତ୍ୟନ୍ତ ଉଚ୍ଚରେ ରହିବା ବୋଲି ଆମର ବିଚାର ଯାହାସବୁ ଆମ ସରକାରୀ କ୍ଷେତ୍ର ତଥା ସାମାଜିକ ସ୍ଥାନରେ ବ୍ୟବହାର କରାଗଲେ ଏକ ସାଂସ୍କୃତିକ ସମାଜ ଗଠନ କରିବାରେ ଆମେ କ୍ରିୟାଶୀଳ ହୋଇପାରିବା ବୋଲି ଆମର ମତ । ଅଥବା ବିଧାନ ସୌଧର ନାମ ପରିବର୍ତ୍ତନ କରି ଲୋକସେବା ଭବନ କରାଯିବା ଏକ ହାସ୍ୟାସ୍ପଦ ବିଷୟ ହୋଇ ରହିଯିବ ବୋଲି ଆମର ଅନୁମାନ ।

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଅଞ୍ଚଳର କଳାକୃତି



ଗୌରୀ ପଣ୍ଡା

ମୋ ଜିଲ୍ଲା କୋରାପୁଟ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଅନ୍ୟତମ । ଆଦିବାସୀମାନେ ସରଳ, ନିଷ୍କପଟ ଓ ସତ୍ୟବାଦୀ । ୧୯୩୬ ମସିହାରେ ଯେଉଁ ଜିଲ୍ଲା ଗଠନ ହେଲା ସେ ଜିଲ୍ଲା ମଧ୍ୟରେ କୋରାପୁଟ ବି ସାମିଲ ଥିଲା । କୋରାପୁଟ ଜିଲ୍ଲା ୧୯୯୨ ମସିହା ଭାଗ ହୋଇ ୪ଟି ଜିଲ୍ଲାରେ ବିଭାଜିତ ହେଲା । କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା । ବର୍ତ୍ତମାନ ଏହା ଅବିଭକ୍ତ କୋରାପୁଟ ଜିଲ୍ଲା ଭାବେ ପରିଚିତ । ଯେହେତୁ ଏ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ତେଣୁ ଏହା କଳା, ସଂସ୍କୃତି ତଥା ଲୋକ କଳାରେ ଭିନ୍ନତା ରହିଛି । ମୋ ଜିଲ୍ଲାରେ ବିଭିନ୍ନ ପର୍ବପର୍ବାଣୀ ପାଳନ ହୁଏ । ଚଇତ ପରବ ପୁଷ ପରବ, ଦିଆଲି, ଦଶରା, ଶେମି ପରବ, ମକା ପରବ ଇତ୍ୟାଦି । ଯେକୌଣସି ପରବ ପାଳନ ଅବସରରେ ନାଚ ଗୀତର ଆସର ଅନୁଷ୍ଠିତ ହୋଇଥାଏ । ମଲପ, ମହୁଲି ଓ ପେଣ୍ଡମ ପରି ପାନୀୟ ଏ ଅବସରରେ ସବୁ ଗ୍ରାମବାସୀ ପିଅନ୍ତି । ସମସ୍ତେ ଢେମସା ନାଚର ତାଳେ ତାଳେ ନାଚିଥାନ୍ତି । ଘୁଡକି ନାଚ, ଦେଶୀଆ ନାଚ, ବାଘନାଚ ମଧ୍ୟ ଏମାନେ ନାଚନ୍ତି । ଡମବାଇଦ, ସିଂବାଇଦ, ମହୁରୀ, ଢୋଲ ବାଇଦର ତାଳେ ତାଳେ ଅଣ୍ଟାରେ ହାତ ଛନ୍ଦି ଢେମସା ନାଚ କରନ୍ତି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଜିଲ୍ଲାରେ ଗୋବର କଣ୍ଢେଇ ଅତି ସୁନ୍ଦର ଭାବରେ ତିଆରି କରାଯାଏ । ଦିନଥିଲା ଏହାର ଚାହିଦା ଅତି ବେଶି ଥିଲା । କିନ୍ତୁ ଆଧୁନିକ ଯୁଗ ବେଟେରୀ ଖେଳନା, ଚାବି ଦିଆ ଖେଳନା, ରିମୋଟ ଖେଳନାର ପ୍ରଭାବରେ ଏବେ ଏହି ଗୋବର କଣ୍ଢେଇ ଲୁପ୍ତପ୍ରାୟ । କାଁ ଭାଁ ଏ କଳାକାର ଦେଖାଯାଉଛନ୍ତି । ନିଖୁଣ ଭାବରେ ଗୋବରରେ ବର, କନିଆଁ, ଶୁଆ, ହାତୀ, କୁଲା ଇତ୍ୟାଦି କେତେ ରକମର ଖେଳନା ବିକ୍ରୀ ହୁଏ । ମୋ ଜିଲ୍ଲାର କୋଟପାଡ ଠାରେ ହାସ୍ତତନ୍ତ ବୁଣା ଲୁଗା ପ୍ରସ୍ତୁତ ହେଉଛି । ଏହାର ଚାହିଦା ଆଜି କାଲି ବଢୁଛି । ହଳଦୀ, ସୁଆଁ, ପାଳଗୁଣ୍ଡି, ମାଣ୍ଡିଆ, ଝୁଣା, ଏ ଜିଲ୍ଲାରେ ପ୍ରଚୁର ପରିମାଣରେ ମିଳେ । ଡୁଡୁମା ଭଳି ସୁନ୍ଦର ଓ ବହୁ ପୁରାତନ ଜଳପ୍ରପାତ ଏ ଜିଲ୍ଲାର ସୌନ୍ଦର୍ଯ୍ୟ ବୃଦ୍ଧି କରେ । ଗୁପ୍ତରେ ଗୁମ୍ଫା ଭିତରେ ଗୁପ୍ତେଶ୍ୱର ବାବା ଓଡିଶାର ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ଅଳସୀ ଓ ସୋରିଷ ଫୁଲର ଶୋଭା ଫିଲ୍ମ ତାରକା ମାନଙ୍କୁ ଆକୃଷ୍ଟ କରିବା ଦ୍ୱାରା ଅନେକ ଚଳଚିତ୍ର ନିର୍ମାଣ ହେଉଛି ।

ମୋ ଜିଲ୍ଲାର ଶାବର ଶ୍ରୀକ୍ଷେତ୍ର ଆଦିବାସୀମାନଙ୍କ ଭକ୍ତିର ପ୍ରତୀକ । ଏ ଜିଲ୍ଲାର ବାଣିଜ୍ୟ କେନ୍ଦ୍ର ଜୟପୁରଠାରେ ମହାରାଜା ବିକ୍ରମଦେବ ବର୍ମା ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଓଡିଆ ଭାଷାକୁ ସ୍ୱତନ୍ତ୍ର ଭାଷା ରୁପେ ପରିଚିତ କରାଇବାରେ ସେ ଅନ୍ୟତମ ପୁରୋଧା । ଓଡିଶା ଭାଷା ସମ୍ମିଳନୀର ଦଶମ ଅଧିବେଶନ ରାଜା ବିକ୍ରମ ଦେବ ବର୍ମାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥାଲା ।

ମୋ ଜିଲ୍ଲାର ପାଣି, ପବନ ପାହାଡ, ଝରଣାରେ ରହିଛି ମତୁଆଲା କରିଲା ଭଳି ନିଶା । ଓଡିଶାର ବୃହତ୍ତମ ପର୍ବତ ଦେଓମାଳି ମୋ ଜିଲ୍ଲା କୋରାପୁଟର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ ।

ମୋ ଜିଲ୍ଲାର ସୌନ୍ଦର୍ଯ୍ୟ ବଖାଣିବାକୁ ମୋ ପାଖରେ ଥିବା ଭାଷା କମ ପଡିଯିବ । କିନ୍ତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାର ସରଳତା, ସତ୍ୟବାଦୀତା, ନିଷ୍କପଟତା, ସ୍ନେହ ମମତାର ଡୋରିରେ ବାନ୍ଧିବାର ଗୁଣ କେବେ କମ ହେବନାହିଁ।

ସବୁଜ ସୁନ୍ଦର କୋରାପୁଟ ଆମର
ତା ମଧ୍ୟରେ ଶାବର ଶ୍ରୀକ୍ଷେତର ।

ଜୟପୁର
ଜିଲ୍ଲା -କୋରାପୁଟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁନି ପ୍ରତିଭା "ଶେଖର"



ରାମଚନ୍ଦ୍ର ପ୍ରଧାନ

## କୁନି ସାହିତ୍ୟକ /କୁନି ସାହିତ୍ୟ ପ୍ରତିଭା"ଶେଖର"

କିଛି ପିଲା ଭଗବାନଙ୍କ ପ୍ରଦତ୍ତ ସୁଗୁଣ ନେଇ ଜନ୍ମଗ୍ରହଣ କରିଥାନ୍ତି । "ତୁଳସୀ ଦୁଇପତ୍ରରୁ ବାସିଲା ପରି" ପିଲାଟି ଦିନରୁ ସେମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହୋଇଥାଏ । ସେହିଭଳି ଜଣେ ବିସ୍ମୟ ବାଳକ ହେଉଛନ୍ତି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଅଇବିଲି ଗ୍ରାମର ଶେଖର କୁମାର ସ୍ୱାଇଁ । ବୟସ ମାତ୍ର ୧୩ ବର୍ଷ । ସେ ବର୍ତ୍ତମାନ କଟକ ଓ.ଏମ.ପି ଛକ ସ୍ଥିତ ଡ଼ିଏଭି. ଏସ୍.ସି.ବି ମେଡିକାଲ ପବ୍ଲିକ୍ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ତାଙ୍କ ପିତାଙ୍କ ନାମ ତପନ କୁମାର ସ୍ୱାଇଁ ଓ ମାତାଙ୍କ ନାମ ଗାୟତ୍ରୀ ନାୟକ । ମାଆ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଓ ବାପା ଜଣେ ସୁନାମଧନ୍ୟ ଶିଶୁ ସାହିତ୍ୟିକ । ବୟସ କମ୍ ହେଲେ ବି ପୁରସ୍କାର ଆଶାଠୁ ଅଧିକା । କବିତା ଲେଖିବା ହେଉ କି ଗଳ୍ପ ଲେଖିବା, ଚିତ୍ରାଙ୍କନ ହେଉ କି ସୁନ୍ଦର ହସ୍ତାକ୍ଷର; ସବୁଥିରେ ରହିଛି ତାଙ୍କ ସଫଳତାର ଛାପ । ଖାଲି ସମୟରେ ଶେଖର କ୍ୟାରମ ଖେଳିବା ଓ ବିଭିନ୍ନ ପତ୍ର ପତ୍ରିକା ପଢ଼ିବାରେ ରୁଚି ରଖନ୍ତି । ଏତଦ୍ ବ୍ୟତୀତ ସେ ବିଦ୍ୟାଳୟରେ ଜଣେ ମେଧାବୀ ଛାତ୍ର ମଧ୍ୟ । ପାଠ ହେଉ କି ଖେଳ, ସବୁଥିରେ ସେ ଆଗୁଆ । ଖାଲି ବୁଦ୍ଧିରେ ନୁହେଁ ଆଚାର ବ୍ୟବହାରରେ ବି ସେ ପୁରା ମାର୍ଜିତ ଆଉ ସଂସ୍କାରୀ । ତାଙ୍କ ଭଦ୍ର, ନମ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ମେଳାପୀ ସ୍ୱଭାବ ପାଇଁ ସଭିଏଁ ତାଙ୍କୁ ଖୁବ୍ ଭଲ ପାଆନ୍ତି । ଉତ୍ତମ ପାଠପଢା ସାଙ୍ଗକୁ ଏତେ କମ୍ ବୟସରୁ ବିଭିନ୍ନ ସମ୍ବାଦପତ୍ର ଓ ସାହିତ୍ୟ ପତ୍ରିକାରେ ତାଙ୍କ ସ୍ୱରଚିତ ଗଳ୍ପ ଓ କବିତା ପ୍ରକାଶିତ ହୋଇ ପାଠକ ମହଲରେ ଆଦୃତ ହୋଇ ପାରିଛି । ଅଦ୍ୟାବଧି ତାଙ୍କ ଅନେକ ଲେଖା ପ୍ରମେୟ, ସମ୍ବାଦ, ଧରିତ୍ରୀ, ନିତିଦିନ ଭଳି ଓଡ଼ିଶାର ଆଗ ଧାଡ଼ିର ଖବର କାଗଜ ଏବଂ ନାନାବାୟା, ବେଙ୍ଗ ବେଙ୍ଗୁଲି, ସରଗ ଶଶୀ, ସୁନା ଚାନ୍ଦ, ଟିକିଟିକି ସୁନାଫୁଲ ଭଳି ଶିଶୁ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇ ସାରିଲାଣି । ବାପାଙ୍କ ପଦାଙ୍କ ଅନୁସରଣ କରୁଥିବା ଶେଖରଙ୍କ ଏଇ ସୃଜନଶିଳ ସାହିତ୍ୟ କୃତି ବିଦ୍ୟାଳୟ ତଥା ସ୍ଥାନୀୟ ଅଂଚଳ ପାଇଁ ଢେର ସାରା ଗୌରବ ଆଣି ଦେଇଛି । ଏଥିପାଇଁ ସେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହପାଠୀ ମାନଙ୍କ ପ୍ରିୟପାତ୍ର ପାଲଟି ଯାଇଛନ୍ତି । ସୃଜନାତ୍ମକ ସାହିତ୍ୟ କ୍ଷେତ୍ରରେ ପିଲାଟିର ଏଇ ନିଆରା ସଫଳତା ପାଇଁ ପିତାମାତା ଖୁବ୍ ଗର୍ବିତ । ସମସ୍ତଙ୍କ ଇଚ୍ଛା ସେ ଆହୁରି ଆଗକୁ ବଢୁ । ବାପା ତପନ ବାବୁଙ୍କ ଭଳି ଜଣେ ସୁଦକ୍ଷ ସାହିତ୍ୟିକଟିଏ ହୋଇ ତାଙ୍କ ଅଂଚଳର ନାଁ ରଖିବା ସହ ଓଡ଼ିଆ ଭାଷା ସାହିତ୍ୟର ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରୁ ।

ଶେଖରଙ୍କ ଏଇ ସଫଳତା ପଛରେ ତାଙ୍କ ପିତାମାତାଙ୍କ ପ୍ରେରଣାଦାୟୀ ହାତ ରହିଛି । ବାପା ତାଙ୍କ ପ୍ରେରଣାର ଉତ୍ସ ଏବଂ ମାଆ ତାଙ୍କ ଜୀବନର ଆଦର୍ଶ । ବିଭିନ୍ନ ବିଦ୍ୟାଳୟଗୁଡିକରେ ଆୟୋଜିତ ହେଉଥିବା ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ସେ ସବୁବେଳେ ଆଗୁଆ । ଖାଲି ସେତିକି ନୁହେଁ ସେ ଜଣେ ଚମତ୍କାର ଚିତ୍ରକର । ତାଙ୍କ କୁନି ତୂଳୀର ଅନେକ ଚିତ୍ର ଖବର କାଗଜ ପୃଷ୍ଠାରେ ସ୍ଥାନପାଇ ଖୁବ୍ ପ୍ରଶଂସା ଲାଭ କରିଛି । ଏଥିପାଇଁ ବୋଧେ ସ୍ଥାନୀୟ ଅଞ୍ଚଳରେ ସେ କୁନି ଶିଶୁ ସାହିତ୍ୟକ ଭାବେ ପରିଚିତ । ଶେଖରଙ୍କ ଏଇ ସାହିତ୍ୟ ନିଶା ପାଇଁ ସେ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି । ୨୦୧୯ ମସିହାରେ ପିଲାଙ୍କ ଦୁନିଆ 'ନାନାବାୟା' ପତ୍ରିକା ତରଫରୁ ଆୟୋଜିତ ବାର୍ଷିକ ସମ୍ମିଳନୀରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଶିଶୁ ସାହିତ୍ୟକ ସମ୍ମାନରେ ସମ୍ମାନିତ ହୋଇଥିଲେ । ୨୦୨୧ ମସିହାରେ ଷ୍ଟୋରୀ ମୀରରର ଅନ୍ ଲାଇନ୍ ପ୍ରତିଯୋଗିତାରେ ସେ ବିଭୁଦତ୍ତ ସାରଙ୍କ ଠାରୁ ସମ୍ମାନିତ ହୋଇଥିଲେ । ପୁଣି ୨୦୨୧ ମସିହା ଶିଶୁ ଦିବସ ଅବସରରେ କଟକ ମହାନଗର ନାଗରିକ ପରିଷଦ ତରଫରୁ ଶିଶୁ ଲେଖକ ଭାବରେ ସମ୍ମାନିତ ହୋଇଥିଲେ । ୨୦୨୨ ମସିହାରେ କଟକ ଜିଲ୍ଲାସ୍ତରୀୟ ବନ ମହୋତ୍ସବରେ ବନବିଭାଗ ତରଫରୁ ଆୟୋଜିତ କବିତା ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏଥିପାଇଁ ତାଙ୍କୁ ଉକ୍ତ ସଂସ୍ଥା ତରଫରୁ ମାନପତ୍ର ସହ ସ୍ୱର୍ଣପଦକ ମିଳିଥିଲା । ପୁଣି ସେହି ୨୦୨୨ ମସିହାରେ ଜଗତସିଂହପୁର ସାରବାରିଆ ତିର୍ତ୍ତୋଲ ସ୍ଥିତ ଶୁଭଶ୍ରୀ ସାହିତ୍ୟ ସଂସଦ ପକ୍ଷରୁ ତାଙ୍କୁ ଶ୍ରେଷ୍ଠ କୁନି ପ୍ରତିଭା ଭାବରେ ସମ୍ମାନିତ କରାଯାଇଥିଲା । ଖାଲି ସେତିକି ନୁହେଁ ଚଳିତ ବର୍ଷ ୨୦୨୩ରେ ଉତ୍କଳ ସାହିତ୍ୟ ସମାଜ ଓ ଶରତ ସାହିତ୍ୟ ଟ୍ରଷ୍ଟ ତରଫରୁ ସାହିତ୍ୟକୃତି ପାଇଁ ଶେଖରଙ୍କୁ ସମ୍ମାନିତ କରାଯାଇଥିଲା । ବାସ୍ତବରେ ଶେଖରଙ୍କ ଭାଷା ସାହିତ୍ୟ କ୍ଷେତ୍ରରେ ଏଇ ନିଆରା ସଫଳତା ଆମ ଅଂଚଳ ପାଇଁ ଗୌରବ ଆଣି ଦେଇଛି । ମୋଟ ଉପରେ କହିବାକୁ ଗଲେ ସେ କଟକ ଭଳି ଐତିହାସିକ ସହରର ଜଣେ ଜଣାଶୁଣା କୁନି ସାହିତ୍ୟକଟିଏ, ଯିଏ କି ନିଜ ସାହିତ୍ୟ ସାଧନା ବଳରେ ଭବିଷ୍ୟତରେ ନିଜ ନାଁ ଓ ଜନ୍ମମାଟିର ନାଁକୁ ଜାତୀୟ ସ୍ତରରେ ପହଞ୍ଚାଇ ଦେଇ ପାରିବେ ବୋଲି ସଭିଏଁ ମନରେ ଆଶା ବାନ୍ଧିଛନ୍ତି । ସେ ଆଗାମୀ ଦିନରେ ଜଣେ ନାମକରା ଶିଳ୍ପପତିଟିଏ ହୋଇ ନିଜ ବହୁ ପ୍ରତିକ୍ଷୀତ ସ୍ୱପ୍ନକୁ ପୁରା କରିବା ସହ ଓଡ଼ିଆ ଭାଷା ସାହିତ୍ୟିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ମନରେ ଦୃଢ଼ ଆଶା ବାନ୍ଧିଛନ୍ତି । ଆଉ ଶେଖରଙ୍କ ଏଇ ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ତାଙ୍କୁ ଦିନେ ସଫଳତା ଆଣିଦେବ ଏଥିରେ ସନ୍ଦେହର ଦ୍ୱିମତ ନାହିଁ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ, ମୋ: ୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜୀବନର ଅର୍ଥ କଣ !



ଅସିତ ମହାନ୍ତି

ସରଳ ଶବ୍ଦରେ, ଆମ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରାକୁ ଜୀବନ କୁହାଯାଏ । ସମସ୍ତେ ନିଜ ନିଜ ଦୃଷ୍ଟିକୋଣରୁ ଜୀବନକୁ ଦେଖନ୍ତି । କେହି କେହି କୁହନ୍ତି ଜୀବନ ଏକ ଦୌଡ, କେହି କେହି କୁହନ୍ତି ଜୀବନ ହେଉଛି ଏକ ଯାତ୍ରା ଇତ୍ୟାଦି ଏବଂ ଆହୁରି ଅନେକ । ବିଭିନ୍ନ ଲୋକଙ୍କ ଜୀବନରେ ଭିନ୍ନ ଆଭିମୁଖ୍ୟ ଥାଏ । ଆମେ ଏହା ମଧ୍ୟ କହିପାରିବା ଯେ, ଜୀବନ ଜଳର ଏକ ବୁଲ ବୁଲା ପରି ଯାହା ଯେକୌଣସି ସମୟରେ ଶେଷ ହୋଇପାରେ । ଯେଉଁମାନେ ନିଜ ଜୀବନରେ ସଫଳ ହୁଅନ୍ତି, ସେମାନେ ଜୀବନକୁ ଏକ ସକରାତ୍ମକ ଦୃଷ୍ଟିକୋଣରୁ ଦେଖନ୍ତି (ଜୀବନ ପାଇଁ ସକରାତ୍ମକ ମନୋଭାବ), ଏବଂ ଯେଉଁମାନେ ଜୀବନରେ ବିଫଳ ହୁଅନ୍ତି ସେମାନେ ଜୀବନକୁ ନକାରାତ୍ମକ ଦୃଷ୍ଟିକୋଣରୁ ଦେଖନ୍ତି (ଜୀବନ ପ୍ରତି ନକାରାତ୍ମକ ମନୋଭାବ) । ଯଦି ଆମେ ଏହି ଜୀବନ ପାଇଛୁ ତେବେ ଆମେ ଏହାକୁ ଭଲ ଭାବରେ ବ୍ୟବହାର କରିବା ଉଚିତ୍ । ଆମର ଲକ୍ଷ୍ୟ ସ୍ଥିର କରିବା ପରେ, ଆମେ ଏହା ଉପରେ ଧ୍ୟାନ ରଖିବା ଉଚିତ୍ । ଏହା ଆମ ଉପରେ ନିର୍ଭର କରେ ଆମେ ଏହି ସୁଯୋଗର ଲାଭ କିପରି ଉଠାଇବା । ଲୋକମାନେ ଭାବନ୍ତି ଯେ ଭଲ ଜୀବନ ପାଇବା ପାଇଁ ଅର୍ଥ, ଆରାମ ଏବଂ ସମ୍ମାନ ହେଉଛି ଏକମାତ୍ର ଉପାୟ, କିନ୍ତୁ ନା, ଟଙ୍କା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁକିଛି ନୁହେଁ, ଭଲ ଜୀବନ ବିନା ଅର୍ଥରେ ମଧ୍ୟ ବଞ୍ଚିପାରିବ । କିନ୍ତୁ ସେହି ରାସ୍ତା କଠିନ ଏବଂ କଣ୍ଟକମୟ । ଭୌତିକ ସୁଖ ସୁବିଧା, ଟଙ୍କା ପଛରେ ଦୌଡ଼ି ହୁଏ ତ ଅନେକ କିଛି ଆମେ ରୋଜଗାର କରି ପାରନ୍ତି, କିନ୍ତୁ ମନରେ ଶାନ୍ତି'ର ଅଭାବ ଦେଖାଦେଇଥାଏ । ଏହି ପ୍ରସଙ୍ଗରେ ସ୍ୱର କୋକିଳା ଲତା ମଙ୍ଗେଶକରଙ୍କ (୨୮ ସେପ୍ଟେମ୍ବର ୧୯୨୯ - ୬ ଫେବୃଆରୀ ୨୦୨୨) କଥା ମାନେ ପଡେ, ଯିଏ ଏକ ସାମାଜିକ ଜୀବନ ଅତିବାହିତ କରିଥିଲେ । ତାଙ୍କ ମୃତ୍ୟୁ ପୂର୍ବରୁ ସେ ଜୀବନ ବିଷୟରେ କିଛି ମହତ୍ୱପୂର୍ଣ୍ଣ କଥା କହିଥିଲେ । ତାଙ୍କୁ ଅନୁସାରେ - "ବିଶ୍ୱର ସବୁଠାରୁ ମହଙ୍ଗା ଗାଡି ମୋ ଗ୍ୟାରେଜରେ ଛିଡା ହୋଇଛି, କିନ୍ତୁ ମତେ ବର୍ତ୍ତମାନ ହୁଇଲ ଚେୟାରରେ ବସେଇ ଦିଆଯାଇଛି । ମୋ ପାଖରେ ବିଶ୍ୱର ସବୁଠାରୁ ମହଙ୍ଗା ଜିନିଷ ଅଛି, ମୂଲ୍ୟବାନ ଶାଢ଼ୀ, ଜୋତା ଏବଂ ଅନେକ ଜିନିଷ, କିନ୍ତୁ ଆଜି ମତେ ଗୋଟିଏ ଛୋଟ ଗାଉନ ପିନ୍ଧାଇ ଦିଆଯାଇଛି, ଯାହା ମୋତେ ଡାକ୍ତରଖାନା ପକ୍ଷରୁ ଦିଆଯାଇଛି । ମୋର ବ୍ୟାଙ୍କ ଏକାଉଣ୍ଟରେ ଅନେକ ପଇସା ଅଛି, କିନ୍ତୁ ସେହି ସବୁ ମୋର କୌଣସି କାମରେ ଆସୁନାହିଁ । ମୋର ଘର ଏକ ମହଲ ପରି ଦେଖାଯାଏ, କିନ୍ତୁ ଆଜି ମୁଁ ଡାକ୍ତରଖାନାର ଏକ ଛୋଟ ବେଡ଼ରେ ପଡିଛି । ମୁଁ ବିଶ୍ୱର ସବୁଠୁ ବଡ ୫ଟି ୭ ତାରକା ହୋଟେଲରେ ରହିଛି, କିନ୍ତୁ ଆଜି ମୋତେ ଡାକ୍ତରଖାନାର ଗୋଟିଏ ଛୋଟ ରୁମରୁ ଅନ୍ୟ ଏକ ରୁମ୍‌କୁ ସ୍ଥାନାନ୍ତରିତ କରାଯାଇଛି । ଦିନ ଥିଲା ୭ ଜଣ ହେୟାର ଡ୍ରେସର ମୋ ଚୁଟିକୁ ସଜାଉଥିଲେ, କିନ୍ତୁ ଆଜି ମୋ ମୁଣ୍ଡରେ ଚୁଟି ନାହିଁ । ମୁଁ ବିଶ୍ୱର ଅନେକ ୫ ତାରକା ହୋଟେଲରେ ଖାଇବା ଖାଇଛି, କିନ୍ତୁ ଆଜି କେବଳ କିଛି ଔଷଧ ହେଉଛି ମୋର ଆହାର । ମୁଁ ଏରୋପ୍ଲେନରେ ବିଶ୍ୱର ଅନେକ ସ୍ଥାନ ଯାତ୍ରା କରିଛି, କିନ୍ତୁ ଆଜି ଡାକ୍ତରଖାନାରେ ଦୁଇ ଜଣ ନର୍ସ ମୋତେ ସାହାଯ୍ୟ କରୁଛନ୍ତି, କିନ୍ତୁ କୌଣସି ପ୍ରକାର ସୁବିଧା ମୋତେ ସାହାଯ୍ୟ କରିପାରୁନାହିଁ, କୌଣସି ପ୍ରକାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆରାମ ଆଜି ମୁଁ ନେଇ ପାରୁନାହିଁ । କେବଳ ଲୋକମାନଙ୍କର ପ୍ରାର୍ଥନା, ସେମାଙ୍କର ଭଲପାଇବା ଏପର୍ଯ୍ୟନ୍ତ ମୋତେ ବଞ୍ଚାଇ ରଖିଛି । ଏହି ହେଉଛି ଜୀବନ । ମୋ ପାଖରେ ଯେତେ ସମ୍ପତ୍ତି ଥାଉ ନା କାହିଁକି, ମୃତ୍ୟୁ ଛଡା ଦୁନିଆରେ ଆଉ କିଛି ସତ୍ୟ ନୁହେଁ ।

ଅସିତ ମହାନ୍ତି, ଆବାହକ
ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ, ସୁଜନପୁର, ଯାଜପୁର
୯୩୪୮୭୬୮୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# ନାମ



ଗୌତମ ନାୟକ

"ନାମ" ଯାହା ଜଣେ ବ୍ୟକ୍ତି ବିଶେଷ କିମ୍ବା ବସ୍ତୁକୁ ଚିହ୍ନିବାର ଏକ ମାଧ୍ୟମ, ଯାହାକୁ ନିଜ ଅପେକ୍ଷା ଅନ୍ୟମାନେ ଡ଼ାକିବାରେ ବେଶୀ ବ୍ୟବହାର କରନ୍ତି । ସମସ୍ତ ବ୍ୟକ୍ତି, ବସ୍ତୁ, ପଶୁଙ୍କର ସ୍ୱତନ୍ତ୍ର ନାମ ଥାଏ । କୌଣସି ବସ୍ତୁ ଲୋକଲୋଚନକୁ ଆସିବା ପରେ ତା'ର ଏକ ନାଁ ଦେବା ହେଉଛି ପ୍ରଥମ ପଦକ୍ଷେପ ସେ ଜୀବ ହେଉ ଅବା ନିର୍ଜୀବ । ଯଦି ସାରା ସୌରମଣ୍ଡଳରେ ଗୋଟିଏ ଗ୍ରହ ଦେଖିବା ଯେଉଁଠି ଜୀବ-ବସତି ସମ୍ଭବ, ତେବେ ତା'ର ନାମ ପୃଥିବୀ ବୋଲି ଚିହ୍ନିବା । ଏମିତିରେ ବି ପୂର୍ବ ବାକ୍ୟରେ ବ୍ୟବହୃତ ସୌରମଣ୍ଡଳ ନାଁ ଦିଆଯାଇଥିବାରୁ ସହଜରେ ଜାଣିହେଲା କି ଏହା ନକ୍ଷତ୍ର ମାନଙ୍କ ସମଷ୍ଟିକୁ ବୁଝାଏ ।

ଉପରୋକ୍ତ ତଥ୍ୟରୁ ଜାଣିଲେ କି ନାମ ଏକ ବିଶେଷବାଚକ ଶବ୍ଦ, କିନ୍ତୁ ଆପଣ ଜାଣିଛନ୍ତି କି ଏହା କ୍ରିୟା ରୁପେ ବ୍ୟବହାର ମଧ୍ୟ ହୁଏ । ଚାଲନ୍ତୁ ଜାଣିବା ;

ନାମକୁ ଦିଆନିଆ କରାଯାଇପାରେ: ପ୍ରଥମତଃ ନବଜାତ ଶିଶୁ ଅବା ନବନିର୍ମିତ ବସ୍ତୁକୁ ବିଭିନ୍ନ ଲୋକଙ୍କ ଦ୍ୱାରା ଭିନ୍ନ ପ୍ରକାର ନାମ ଦିଆଯାଇଥାଏ । ଦ୍ୱିତୀୟତଃ ହେଲା ଏହି ଅକ୍ସିଜେନ୍ ଯୁକ୍ତ ଏକମାତ୍ର ସ୍ୱାର୍ଥପର ସମାଜରେ ନିଜ ପାଖରେ ଥିବା ଲୋକମାନେ, ଓ୍ୱିକେଟ୍ କିପର୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟାଟସ୍-ମ୍ୟାନକୁ ଷ୍ଟମ୍ପିଂ ଆଉଟ୍ କଲାଭଳି ମଉକା ପାଇଲେ ଜୀବନର ଫୁସ୍-ଫୁସ୍ କୁ ଅଙ୍ଗାରକାମ୍ଳ ମିଶା ବାୟୁ ଯୋଗାଇଦିଅନ୍ତି ଯଦ୍ୱାରା ନା ଭଲସେ ମରିହୁଏ ନା ବଞ୍ଚିହୁଏ ! ଏହାକୁ "ନାମଦେବା" ବୋଲି ଏକପଦରେ କୁହାଯାଏ । ଏତେସବୁ କରିବାରେ ସେହି ପାଖ ଲୋକଟିର କି ଦୋଷ ଅବା "ନିଜର ଊର୍ଦ୍ଧଗତି ଚିନ୍ତା ନକରି ଅନ୍ୟର ଅଧୋଗତି ଚିନ୍ତନ" ଏହି ମାନବ ସମାଜର ଦିହଘଷିଆ ପ୍ରକୃତି ପାଲଟିଗଲାଣି । ଏହି ପରିସ୍ଥିତିରେ କ୍ଷତିଗ୍ରସ୍ତ ଲୋକଟି "ନାମ ନେଇଗଲା" ବୋଲି କୁହାଯାଏ । ପ୍ରକୃତରେ ନାମଦେବା ଲୋକକୁ ସୁଯୋଗ ଏବଂ ସୁଯୋଗ ଦେବା ଲୋକକୁ ନାମ ଦେବା ଉଚିତ୍ ନୁହେଁ ।

ନାମକୁ ପକେଇ ବି ହୁଏ : ଏଇଥର ଗାଁକୁ ଗଲାପରେ ଶୁଣିଲି ଯେ ଚକରା ଚୋରି କରି ଧରା ପଡ଼ି ଚାରି ଲୋକ ଆଗରେ ନିନ୍ଦା ହେଇ ତା ବାପାର ନାଁ ପକେଇଦେଇଛି ଅବଶ୍ୟ ବେଶୀ ତଳକୁ ପକେଇନଥିଲା କିନ୍ତୁ ପରେ ଯେବେ ସେ ସହର ଯାଇ ବଡ଼ଚୋରିର ଚକ୍ରବ୍ୟୂହ ରଚୁଥିଲା, ପୋଲିସ୍ ହାତରେ ଧରାପଡ଼ି ନିଜର ଓ ବାପାର ନାଁକୁ ତଳେ ପକାଇ ମାଟିରେ ମିଶାଇଦେଲା ।

ନାମ ଏକ ସାମାନ୍ୟ ଶବ୍ଦ ହେଲେ ମଧ୍ୟ ବେଳେବେଳେ ଧରିହୁଏନା : ଓଡ଼ିଆମାନଙ୍କ ସଂସ୍କୃତି ଓ ପରମ୍ପରା ଦୃଷ୍ଟିରୁ ଘରର ବୋହୂ ତା ଦେଢ଼ଶୁରର ନାମ ଏବଂ ସାନମନେ ବଡ଼ମାନଙ୍କ ନାମ ଜାଣି ମଧ୍ୟ କେବେ ନିଜେ ପାଟିରେ ଧରିପାରନ୍ତିନି । ନିଯୁକ୍ତି କ୍ଷେତ୍ରରେ ପଦୋନ୍ନତି ଓ ବହିଷ୍କାର ଦୃଷ୍ଟିରୁ ଜଣେ ନିଚ-ପଦସ୍ଥ କର୍ମଚାରୀ ତା'ର ଉଚ୍ଚପଦସ୍ଥ କର୍ମଚାରୀର ନାମ ଧରିପାରେନା ।

ନାମକୁ ରଖାଯାଇପାରେ : କୌଣସି ପ୍ରତିଯୋଗିତାରେ ତାହା ଜାତୀୟ ହେଉ ଅବା ଅନ୍ତର୍ଜାତୀୟ କ୍ଷେତ୍ର ହେଉ, ତାହା କ୍ରୀଡ଼ା ହେଉ ଅବା ଶିକ୍ଷା କ୍ଷେତ୍ର ହେଉ ଅନେକ ପିଲା ନିଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାମ ସହ ନିଜ ଦେଶର ନାମକୁ ଶିଖରରେ ରଖନ୍ତି । ନାମକୁ ଶିଖରତର କରିବା ପାଇଁ କେହି କେହି ପର୍ବତମାଳା ଶିଖରରେ ପହଞ୍ଚନ୍ତି ତ କେହି ସମୁଦ୍ରର ଗଭୀରରେ ପହଞ୍ଚନ୍ତି, କେହି କେହି ଗୋଡ଼ର ଦ୍ରୁତତା ଦେଖାନ୍ତି ତ କିଏ ମସ୍ତିଷ୍କର ତୀବ୍ରତା ଦେଖାଏ ।

କେହି କେହି ନିଜ ନାମକୁ ଶିଖରରେ ପହଞ୍ଚାଇବା ନିଶାରେ ଅନ୍ୟକୁ ନାମ ଦେଇଦିଅନ୍ତି ଏବଂ ଆଉ କେହିକେହି ନିଜର ନାମପଡିଯିବା ଭୟରେ ନିଜ ନାମ ଧରନ୍ତି ନାହିଁ ।

-ଗୌତମ ନାୟକ

-ଫାର୍ମାସୀ ସ୍ନାତକ (ଆର୍.ଆଇ.ପି.ଏସ୍ ,ବ୍ରହ୍ମପୁର)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଫଳତାର ଜୀବନ ଉଆଁସ



ବିଜୟ କୁମାର ସାହୁ

ଯେତେବେଳେ ମୁଁ ଜନ୍ମ ନେଲି ସେତେବେଳେ କଣ ମୁଁ ମୋ ଜୀବନର ଆରମ୍ଭ ଦେଖିବାରେ ସକ୍ଷମ ହୋଇଥିଲି, ନା ଜୀବନର ଅନ୍ତିମ ସୋପାନର ବେଦନା ବହୁଳ ସମୟକୁ ଦେଖିବି ? ଏ ଦୁଇଟିଯାକ ଅବସ୍ଥା ଓ ସମୟର ଆଉ ଜଣେ ଦ୍ରଷ୍ଟା ଅଛି, ଯାହାଙ୍କୁ ମୁଁ ଏତେ ବର୍ଷ ବିତିଗଲା ପରେ ମଧ୍ୟ ଚିହ୍ନି ପାରିଲି ନାହିଁ । ଏହା ମୋ ମଣିଷ ଜନ୍ମର ଓ ମଣିଷ ପଣିଆର ବ୍ୟର୍ଥତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି ? ପାଇବାର ଆଶାରେ ଯାହା ମୁଁ ଶେଷ କରିଦେଲି, ଜୀବନ ଆୟୁଷକୁ । ଆଶା ବା କାମନା ଅନନ୍ତ କାଳରୁ ଉଜ୍ଜୀବିତ ମୋ ମାନସରେ ....................... । କାଇଁ ସବୁ କାମନାର ପୂର୍ତ୍ତି ତ ଦେଖାଗଲାନି ? ଖୋଜିବାର ସାତ୍ତ୍ୱିକତା ଭିତରେ କିଛି ଘୁଣ ରହିଗଲା । ଏଇଥିପାଇଁ - ମୋର ପ୍ରିୟ ଠାକୁରଙ୍କ ଶ୍ରୀଅଙ୍ଗରେ ନିଜକୁ ସମାହିତ କରିବାର ବିଫଳ ପ୍ରଚେଷ୍ଟା କଣ ଦାୟୀ ନୁହଁ ?

ମୋ କଳ୍ପନାର ନାୟିକା କବିତାର ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ, ବାସ୍ନାପୂରିତ କୋଠରୀରେ ତା ଦେହରେ ପ୍ରେମର ଶୀତଳତା ବିଛିଦେବା ପାଇଁ କେମିତି କେମିତି ଭାବରେ ମୋତେ ବେରସିୟା କରିଦେଇଥିଲା - ପୁଣି ଏ ଉତ୍ତର ବୟସରେ ।

କେତେ ସୁନାମଧନ୍ୟ ଆଧ୍ୟାତ୍ମିକ ସନ୍ଥ ଓ ମୁନିଋଷି ନାରୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଲାପୀ ଗୋଲାପୀ ସୌନ୍ଦର୍ଯ୍ୟରେ ଅନାୟାସରେ ବିମୁଗ୍ଧ ହୋଇ ତା ପଛରେ ଧାଇଁବାର ଉଦାହରଣ - ପୁରାଣରେ  ପୃଷ୍ଠା ମଣ୍ଡନ କରିଅଛି । ଦୃଷ୍ଟାନ୍ତ ହେତୁ ଥିଲେ ବି କାହିଁକି ଏ ଦୁର୍ବଳତା ମୋ ଜୀବନକୁ ଅମାବାସ୍ୟାରେ ପରିଣତ କରିଦେଇଛି ? ଆଲୋକ ଯେପରି ଆଖିଠାର ମାରୁଛି । ଜ୍ଞାନର ନା କର୍ମର, ନା ପ୍ରେମର - କୌଣସି ନିର୍ଦ୍ଧିଷ୍ଟ ପଥ ମୋ ପାଇଁ ସ୍ଥିରୀକୃତ ହୋଇପାରୁନି । କେବଳ ଆକର୍ଷଣର କେନ୍ଦ୍ରବିନ୍ଦୁ ମୋ କବିତା । ମୀରା ପାଇଁ କୃଷ୍ଣ, କୃଷ୍ଣ ପାଇଁ ରାଧାର - ପ୍ରେମ ନିଆରା । ଅଥଚ ମୋ ପାଇଁ ନିରୁଦ୍ଧିଷ୍ଟ ସେ ପ୍ରେମର ବଂଶୀସ୍ୱର । ଦେହକୁ ଦେଖୁଛି ଦେହୀଙ୍କୁ ନୁହଁ, ରଥକୁ ଦେଖୁଛି ସାରଥୀଙ୍କୁ ନୁହଁ, ନନ୍ଦିଘୋଷକୁ ଦେଖୁଛି ଜଗନ୍ନାଥଙ୍କୁ ନୁହଁ .............. । ପଥ ପନ୍ଥ ଜଗନ୍ନାଥ ସବୁ ତ ଜଗନ୍ନାଥମୟ .................... । ତାହା ଅନୁଭବରେ ନୁହେଁ - ପ୍ରବଚନରେ, ଭାଷଣରେ ........... । ମୁଁ ପରାସ୍ତ ସାଂଘାତିକ ଭାବରେ ପରାଜିତ ପଥ ପନ୍ଥ ଜଗନ୍ନାଥଙ୍କୁ ବୁଝିବାରେ ................ । କାହିଁକି ଏ ଦୂରାରୋଗ୍ୟ କାହିଁକି ଏ ବିପରୀତ ଧର୍ମୀ ଭାବନା .................. । ଦୋଷ ଦେବାରେ କୁଣ୍ଠାବୋଧ କରୁନି ଲକ୍ଷ କରି କରାଉଥାଏ ମୁହିଁ । ମୋ ବିନା ଅନ୍ୟ ଗତି ନାହିଁ ॥ ହେ ଭଗବାନ ! ମୋ ପୌରୁଷ ମୋର ଅସ୍ମିତା କହୁଛି - ତୁମେ ମୋତେ ରାଧା କରିଦିଅ । ତୁମେ ମୋତେ ମୀରା କରିଦିଅ, ନଚେତ ମୋ ଜୀବନ ହୋଇଯିବ ଉଆଁସୀ ଜୀବନ । ଶେଷ ସାହାନାଇ ଆଉ ବିଳମ୍ବ ନାହିଁ । ବୋଧହୁଏ ଅନତି ଦୂରରୁ ଥାଇ କାଳ ଠାରିଲାଣି ମୋତେ । ଜୟ  ଜଗନ୍ନାଥ ! ଜୟ ଶ୍ରୀକୃଷ୍ଣ ! ଜୟ ଶ୍ରୀରାମ !

ବିଜୟ କୁମାର ସାହୁ , ବିଜିଗୋଳ

ମୋ : ୮୭୬୩୧୪୮୬୭୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଡିସେମ୍ବର ୨୦୨୩

ଲେଖା ପଠାଇବାର ଶେଷ ତାରିଖ : ୩ ଡିସେମ୍ବର ୨୦୨୩

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ଆମକୁ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

**ଆହ୍ୱାନ ଓଡ଼ିଆ ପୋଡ଼କାଷ୍ଟ ସେବା ନିମ୍ନୋକ୍ତ ସମସ୍ତ ପୋଡ଼କାଷ୍ଟ ପ୍ରସାରଣ ସେବାରେ ଉପଲବ୍ଧ ।**
**ବିଶ୍ୱବ୍ୟାପୀ ସମସ୍ତ ପରିଚିତ ଓ ପ୍ରସିଦ୍ଧ ପୋଡ଼କାଷ୍ଟ ପ୍ଲାଟଫର୍ମରେ ଆମ ପୋଡ଼କାଷ୍ଟ ଶୁଣି ପାରିବେ ।**
**ଏଥିରେ ନିଜର ଲେଖା ପ୍ରକାଶିତ କରିବା ପାଇଁ ଆମ ସହ ହ୍ୱାଟସ୍ଆପ୍ ଦ୍ୱାରା ସମ୍ପର୍କ କରନ୍ତୁ ।**

Amazon Music | AntennaPod | Anytime Player | Apple Podcasts | Bullhorn | Castamatic | Castbox | Castro | Curiocaster | Fountain

Goodpods | Google Podcasts | Apple iTunes | Listen Notes | Moon FM | Overcast | Player FM | Pocket Casts | Podbean | Podcast Addict

Podcast Index | Podcast Guru | Podcast Republic | Podchaser | Podfriend | Podknife | podStation | Podverse | Sonnet | Spotify

Steno.fm | Subscribe on Android | Subscribe by email | RSS feed

- Spotify
- Amazon Music
- Apple Music
- Cast Box
- Castro
- Curio caster
- Fountain
- Goodpods
- Google Podcast
- Apple iTunes
- Pocket cast
- Podbean
- Podcast Addict
- Podcast Index
- Podcast Guru
- Podcast republic
- Podchaser
- Podfriend
- Podverse
- Sonnet
- Steno.fm
- Rephonic
- Jio Saavn
- ivoox
- Audacy
- Tune in
- Radio Public

On all the links you can listen to our Podcast, or do a search in Google for Aahwaan Odia Podcast and You will find it on your own podcast player.

You too can Publish your article on our Podcast for a small fee and it will be heard worldwide on different podcast players on mobile phones, audio players, car stereos and much more. The decision to publish any article will be taken by the editorial board. Don't pay any fees before getting confirmation. If you are interested do let us know by sending message on WhatsApp to **9040985463**.

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା